

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ପିଏମ୍ ଫସଲବୀମା ଯୋଜନା ଅବଧି ବୃଦ୍ଧି | ୬

ପାରିଶ୍ରମିକ ବଢ଼ାଇଲେ କାର୍ତ୍ତିକ | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୪ | Vol. 21 No-274 | 2 JANUARY 2025 THURSDAY BHUBANESWAR | ଗୁରୁବାର, ୨ ଜାନୁଆରୀ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଦେଶବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧।୧: ନୂଆ ଆଶା ଓ ନୂଆ ସମ୍ଭାବନା ନେଇ ବୁଧବାର ସକାଳେ ଦିଗ୍‌ବଳୟରେ ଉଇଁଥିଲେ ନୂତନ ସୂର୍ଯ୍ୟ। ଇଂରାଜୀ ନବବର୍ଷ-୨୦୨୫କୁ ମଧ୍ୟରାତ୍ରିରେ ଲୋକେ ସ୍ୱାଗତ କରିଥିବାବେଳେ ଏହି ଅବସରରେ ଦେଶବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଷ୍ଟ୍ରପତି ତାଙ୍କ ସୋସିଆଲ ମିଡିଆ ଜରିଆରେ ଏକ • ପୃଷ୍ଠା ୫ ଦେଖନ୍ତୁ

### ୩ ଆଇପିଏସ୍ ଡିଜି ପାହ୍ୟାକୁ ଉନ୍ନୀତ

ଭୁବନେଶ୍ୱର,୧।୧(ଭାସ୍କର ନ୍ୟୁଜ): ବୁଧବାର ଇଂରାଜୀ ନୂଆବର୍ଷରେ ୩ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ସରକାର ପଦୋନ୍ନତି ଦେଇଛନ୍ତି। ସେମାନେ ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର, ଆର.ପି.କୋଚ୍ଛେ ଏବଂ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୁଶାନ୍ତ ନାଥଙ୍କୁ ପଦୋନ୍ନତି ମିଳିଛି। ବିନୟତୋଷ ଏବେ କ୍ରାଇମବ୍ରାଞ୍ଚର ଏଡିଜି ଭାବେ କାର୍ଯ୍ୟ କରୁଥିବାବେଳେ ଶ୍ରୀ କୋଚ୍ଛେ ଗୁଇନ୍ଦା ନିର୍ଦ୍ଦେଶକ ଅଛନ୍ତି। ସେହିପରି • ପୃଷ୍ଠା ୫ ଦେଖନ୍ତୁ

## ନୂଆ ବର୍ଷରେ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ସାମୂହିକ ଦାୟିତ୍ୱ ସହ କାମ କର



- ନିରାଡମ୍ବର ଭାବେ ନୂଆବର୍ଷ ପାଳନ କଲେ ମୁଖ୍ୟମନ୍ତ୍ରୀ
- ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ କର
- ଦେଇଥିବା ପ୍ରତିଶ୍ରୁତି କରିଛୁ ପୂରଣ

ଭୁବନେଶ୍ୱର,୧।୧(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସାମୂହିକ ଦାୟିତ୍ୱର ସହ କାମ କରି ସରକାରଙ୍କ କାର୍ଯ୍ୟକ୍ରମଗୁଡିକ ସଫଳ କରିବାକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଡଃ ମନମୋହନ ସିଂହଙ୍କ ପରଲୋକ ଯୋଗୁଁ ରାଷ୍ଟ୍ରୀୟ ଶୋକ ପାଳନ ତଥା ଚାଷୀମାନଙ୍କ ଅଦିନିଆ ବର୍ଷା ଜନିତ ଫସଲ ହାନୀ ପାଇଁ ମୁଖ୍ୟମନ୍ତ୍ରୀ ନୂଆ ବର୍ଷକୁ ନିରାଡମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ, ବୁଧବାର ଅଧିକାରୀ ଓ କର୍ମଚାରୀ ମାନେ ବିନା ଫୁଲରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଛଅ, ସାତ ମାସ ମଧ୍ୟରେ ଆମ ସରକାର ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପ୍ରାୟତଃ ପୂରଣ ହୋଇଛି । ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ସଚିବମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଧିକାରୀମାନଙ୍କ ସହଯୋଗରେ ବିଭିନ୍ନ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ କରାଯାଇଛି । ତେଣୁ, ଓଡିଶା ଅନ୍ୟ ରାଜ୍ୟଠାରୁ ଯେପରି ଭଲ ପ୍ରଦର୍ଶନ କରିବ ସେ ଦିଗରେ ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ, ଆମ ପାଖରେ ଅନେକ ଆହ୍ୱାନ ରହିଛି ଓ ସୁଯୋଗ ମଧ୍ୟ ରହିଛି । ସାମୂହିକ ଦାୟିତ୍ୱ ନେଇ ସବୁ ଆହ୍ୱାନର ମୁକାବିଲା କରିପାରିଲେ ସମସ୍ତ କାର୍ଯ୍ୟ ସଫଳତାର ସହ କରାଯାଇପାରିବ । ଓଡିଶାରେ ନୌସେନା ଦିବସ ଏବଂ ଡିଜିପି ସମ୍ମିଳନୀ ଆଦି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ପାଳନ କରାଯାଇଛି । ପ୍ରବାସୀ ଭାରତୀୟ ଦିବସ ପାଳନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ଅନ୍ତର୍ଜାତୀୟ • ପୃଷ୍ଠା ୫ ଦେଖନ୍ତୁ

## ଶ୍ରୀକ୍ଷେତ୍ରରେ ଭକ୍ତ ସମୁଦ୍ର

# ଭାଙ୍ଗିଦେଲେ ବ୍ୟାରିକେଡ୍



ପୁରୀ,୧।୧(ଭାସ୍କର ନ୍ୟୁଜ) : ନବବର୍ଷ-୨୦୨୫ ଅବସରରେ ଦେଶବ୍ୟାପୀ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ଏହିକ୍ରମରେ ଶ୍ରୀକ୍ଷେତ୍ର ପୁରୀରେ ମଧ୍ୟ ଦେଖିବାକୁ ମିଳିଛି ଅସମ୍ଭାଳ ଭିଡ । ଜନସମୁଦ୍ରରେ ପରିଣତ ହୋଇଛି ବଡଦାଣ୍ଡ । ସ୍ଥିତି ଏପରି ହୋଇଛି ଯେ, ଠେଲାପେଲା କରି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ବ୍ୟାରିକେଡ଼ ଭାଙ୍ଗି ଦେଇଛନ୍ତି ଶ୍ରଦ୍ଧାଳୁ । କିଛି ଶ୍ରଦ୍ଧାଳୁ ତଳେ ପଡିଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା । ପୋଲିସ୍ ସେମାନଙ୍କୁ ଉଦ୍ଧାର କରିବା ସହ ସ୍ଥିତି ନିୟନ୍ତ୍ରଣ କରିଥିଲା । ଏଥିରେ କେହି ଆହତ ହୋଇଥିବା ନେଇ ସୂଚନା ମିଳିନି । ବୁଧବାର ପ୍ରାୟ ମଧ୍ୟରାତ୍ରରୁ ବଡଦାଣ୍ଡରେ ଶ୍ରଦ୍ଧାଳୁ ଭିଡ ଆରମ୍ଭ ହୋଇଥିଲା । ଚାରିଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଦର୍ଶନ କରୁଥିଲେ । ତେବେ ବଡଦାଣ୍ଡରେ ମାର୍କେଟ ଛକଠୁ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ହୋଇଥିବା ଅସ୍ଥାୟୀ ବାରିକେଡ ମଧ୍ୟରେ ପ୍ରବଳ ଭିଡ ହୋଇଥିଲା । ଶ୍ରୀମନ୍ଦିର ସମ୍ମୁଖରେ ଥିବା ବ୍ୟାରିକେଡ୍‌ରେ କେବଳ ସେବାୟତ, ଶ୍ରୀମନ୍ଦିର କର୍ମଚାରୀଙ୍କୁ ଯିବା ପାଇଁ ଅନୁମତି ଥିବା ବେଳେ ଶ୍ରଦ୍ଧାଳୁମାନେ ସେହି ବାଟ ଦେଇ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଫଳରେ ଭିଡ ନିୟନ୍ତ୍ରଣ ବାହାରକୁ ଚାଲିଯିବା ସହ ଦଳଚକଟା ପରି ସ୍ଥିତି ସୃଷ୍ଟି ହୋଇଥିଲା । କିଛି ଶ୍ରଦ୍ଧାଳୁ ତଳେ ମଧ୍ୟ ପଡ଼ି ଯାଇଥିଲେ । ମାତ୍ର କେହି ଆହତ ହୋଇନଥିବା ସମସ୍ତଙ୍କୁ ଆଶ୍ୱସ୍ତ କରିଛି । ଏପରି ସ୍ଥିତି ପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ କର୍ମଚାରୀଙ୍କ ଦାୟିତ୍ୱହୀନ ମନୋଭାବକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଦାୟୀ ବର୍ଷ ଶେଷ ସପ୍ତାହରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି । ଗତ ଦୁଇ ଦିନ ତଳେ ଶ୍ରୀମନ୍ଦିର ଭିତରେ ଦର୍ଶନ ବେଳେ ପେଲାଠେଲା ଯୋଗୁ ୧୦ରୁ ଅଧିକ ଭକ୍ତ ଆହତ ହୋଇଥିଲେ । ୩୧ ଡିସେମ୍ବର ଓ ନୂଆବର୍ଷରେ ଶୃଙ୍ଖଳିତ ଦର୍ଶନ ପାଇଁ • ପୃଷ୍ଠା ୫ ଦେଖନ୍ତୁ






କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍ )ଚିଲିକା ର ଅଧିଷ୍ଠାତ୍ରୀ ଦେବୀ ମା କାଳିଜାଇଙ୍କ ପୀଠରେ ନୂଆବର୍ଷରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି । ସକାଳୁ ପାଗ ଅନୁକୂଳ ଯୋଗୁ ଦେଶ ବିଦେଶ ରୁ ପର୍ଯ୍ୟଟକ ଚିଲିକା ର ଅପରୂପ ପ୍ରକୃତି ସୌନ୍ଦର୍ଯ୍ୟ କୁ ଉପଭୋଗ ସାଙ୍ଗକୁ ପକ୍ଷୀ ଅଭୟାରଣ୍ୟ ନଳବଣ ଚିଲିକା ଯାତ୍ରା କରି ମା'ଙ୍କ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇ ଦର୍ଶନ କରିଥିଲେ । ଏବେ ପର୍ଯ୍ୟଟନ ଋତୁ ଥିବାରୁ ରୂପମୟୀ ଚିଲିକାରେ ଦେଶ ବିଦେଶ ର ରଙ୍ଗବେରଙ୍ଗ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ପର୍ଯ୍ୟଟକଙ୍କୁ ବହୁ ଆକର୍ଷିତ କରିଥିଲା । ଏଥିପାଇଁ ପାହାଡ଼ ବୁଲା ସାଙ୍ଗକୁ ବଣଭୋଜିର ଆସର ଜମିଥିବା ଦେଖିବାକୁ ମିଳିଥିଲା । ଲୋକକଥା ଅଛି ଚିଲିକାର ଅଧିଷ୍ଠାତ୍ରୀ ମା' କାଳିଜାଇଙ୍କ ଦର୍ଶନ କଲେ ମାନସ୍କାମନା ପୂରଣ ହୁଏ । ସେଥିଲାଗି ଆଜି ଶ୍ରଦ୍ଧାଳୁମାନେ ପରିବାର ସାଙ୍ଗ ସାଥିଙ୍କ ସହ ଆସି ଏଠାରେ ମା' ଙ୍କ ପାଖେ ମନସ୍କାମନା କରିଥାନ୍ତି । ନୂଆବର୍ଷରେ ମା'ଙ୍କୁ ଦର୍ଶନ କଲେ ବର୍ଷସାରା ସୁଖ ଶାନ୍ତି ପ୍ରାପ୍ତିହୁଏ ।



# ପୀରଜାହାନିଆ ସ୍ୱର୍ଣ୍ଣାଭ ବେଳାଭୂମିରେ ବର୍ଷର ପ୍ରଥମ ସୂର୍ଯ୍ୟଉଦୟ ଦର୍ଶନ ପାଇଁ ପର୍ଯ୍ୟଟକଙ୍କ ଭିଡ଼

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ନୂଆବର୍ଷର ନୂଆ ସକାଳ। ସୂର୍ଯ୍ୟଙ୍କ ପହିଲି ସ୍ୱର୍ଣ୍ଣ ପରେ ମନରେ ଉତ୍ସାହ ଓ ଉଦ୍ଦୀପନା। ଆଜିର ଦିନ ସହିତ ପୁରା ବର୍ଷ ଯେଭଳି ଭଲରେ କଟିବ ସେଥିପାଇଁ ସକାଳୁ ସକାଳୁ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଛି । ପରିବାର ତଥା ସମାଜର ମଙ୍ଗଳକାମନା କରି ପୂଜାର୍ଚ୍ଚନା କରିଛନ୍ତି ଲୋକେ। ନୂଆ ଆଶା ସମ୍ଭାବନା ନୂଆ ଉଦ୍ଦୀପନା ନେଇ ଆସିଛି ନୂଆ ବର୍ଷ ୨୦୨୫ । ପୁରୁଣା ବର୍ଷକୁ ବିଦାୟ ଦେଇ ବିଦାୟୀ ବର୍ଷର ଦୁଃଖ, ଖରାପ ସ୍ମୃତି କୁ ଭୁଲି କିଛି ଅଭୁଲା ଅନୁଭୂତିକୁ ସାଥିରେ ନେଇ ନୂଆବର୍ଷର ନୂଆ ଆରମ୍ଭ କରିବାକୁ ସମସ୍ତେ ସଂକଳ୍ପ ନେଇଛନ୍ତି । ନୂତନ ବର୍ଷର ପ୍ରଥମ ସୂର୍ଯ୍ୟ ଉଦୟ ଦର୍ଶନ କରିବାକୁ ରାଜ୍ୟର କୋଣ ଅନୁକୋଣ ରୁ ଅସ୍ତରଙ୍ଗ ପୀରଜାହାନିଆ ସ୍ୱର୍ଣ୍ଣାଭ ବେଳାଭୂମିରେ ଶତାଧିକ ଲୋକଙ୍କ ସମାଗମ। ଏହା ସହ ଦେବାଦେବୀଙ୍କୁ ଦର୍ଶନ କରି ବର୍ଷର ପ୍ରଥମ ଦିନ ଆରମ୍ଭ କରିଛନ୍ତି ଲୋକମାନେ।ପୁରା ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଧିଷ୍ଠାତ୍ରୀଦେବୀ ମା ଉକୁଳେଇଙ୍କ ମନ୍ଦିର ରେ ସ୍ଥାନୀୟ ଭକ୍ତ … ଙ୍କ ସହ ରାଜ୍ୟର କୋଣ ଅନୁକୋଣ ରୁ … ଭକ୍ତ ସମାଗମ ଜମିଥିଲା । ମନ୍ଦିର କମିଟି ତରଫରୁ ଭକ୍ତଙ୍କ ସୁବିଧା ପାଇଁ ଧାଡିରେ ଯାଇ ସମସ୍ତେ ମା'ଉକୁଳେଇ ଙ୍କୁ ଦର୍ଶନ କରିଛନ୍ତି। ଯଦିଓ ଏହି ନୂଆ ବର୍ଷ କୁ ଇଂରାଜୀ ନବବର୍ଷ ବୋଲି କୁହାଯାଇଥାଏ ତଥାପି ଲୋକେ ଏହାକୁ ବର୍ଷର ଆରମ୍ଭ ହିସାବରେ ଗ୍ରହଣ କରିଥାନ୍ତି। ତେଣୁ ମନ୍ଦିର ଯାଇ ନିଜ ପରିବାର ତଥା ସମାଜର ମଙ୍ଗଳ ପାଇଁ କାମନା କରିଛନ୍ତି। ମା ଉକୁଳେଇ ମନ୍ଦିର ସହ ଅସ୍ତରଙ୍ଗ ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀ ମନ୍ଦିର ସମେତ ବିଭିନ୍ନ ଗ୍ରାମ ମନ୍ଦିର ରେ ଭିଡ଼ ଦେଖିବାକୁ ମିଳିଛି। ବୁଧବାର ନୂଆ ବର୍ଷ ହୋଇଥିବାରୁ ମା ଉକୁଳେଇ ଙ୍କ ନିକଟରେ ସ୍ୱତନ୍ତ୍ର ଅମିଷ ଭୋଗ ଲାଗି କରାଯାଇଛି।



ଅନ୍ୟ ପଟେ ପୀରଜାହାନିଆ, ଗଙ୍ଗାଦେବୀ ଙ୍କ ନିକଟରେ ହଜାର ହଜାର ପର୍ଯ୍ୟଟକ ଙ୍କ ଭିଡ଼ ଜମିଥିଲା। ସୂର୍ଯ୍ୟ ଭୋଜନ ସହ ବଣଭୋଜିର ନିଆରା ମଜାନେଇ … ନୂତନ ବର୍ଷ ପାଳନ କରିଥିଲେ। ଏସେହ ସମାଜରେ ଥିବା ଗରିବ, ଅସହାୟଙ୍କ ଦୁଃଖ ମା ଉକୁଳେଇ ଦୂର କରିବେ ବୋଲି ମା ଉକୁଳେଇ ମନ୍ଦିର ସେବାୟତ କହିଛନ୍ତି। ନୂଆ ବର୍ଷ ସମସ୍ତ ଙ୍କ ପାଇଁ ମଙ୍ଗଳମୟ ହେଉ, ସମସ୍ତ ଙ୍କ ଜୀବନ ରେ ସୁଖ, ସମୃଦ୍ଧି ଭରି ଦେଉ।

# ବ୍ୟାସ ଲର୍ଣ୍ଣିଂ ଏକାଡେମୀ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଆଗାମୀ ନବବର୍ଷ(୨୦୨୫) ଉପଲକ୍ଷେ ବ୍ୟାସନଗର କଲେଜ ନିକଟସ୍ଥ ବ୍ୟାସ ଲର୍ଣ୍ଣିଂ ଏକାଡେମୀ କୋଚିଂ ସେଣ୍ଟର ତରଫରୁ ଅସହାୟ ଓ ନିରାଶ୍ରୟ ବ୍ୟକ୍ତି ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବ୍ୟାସ ନଗର ସ୍ଥିତ ଗାୟତ୍ରୀ ବିହାର, ରେଳ ଷ୍ଟେସନ,ବସ ଷ୍ଟାଣ୍ଡ,ଗୋପବନ୍ଧୁ ଛକ, ସାପଗଡ଼ିଆ,ଚୋରଦା ଏବଂ ଦଳା ସ୍ଥାନ ମାନଙ୍କରେ ଥିବା ଗରିବ ଓ ଅସହାୟ ବୃଦ୍ଧ, ବୃଦ୍ଧା ମାନଙ୍କୁ ଏକାଡେମୀର ଛାତ୍ର,କର୍ମକର୍ତ୍ତା ଓ ଏହାର ମୁଖ୍ୟ ମାନସ କୁମାର ମହାପାତ୍ର, ଖିତିଶ୍ କୁମାର ମହାପାତ୍ର,ଚନ୍ଦନ କୁମାର ବାରି,ଅଜୟ କୁମାର ସାହୁ,ଚିତ ରଞ୍ଜନ ଜେନା,ସୁଶାନ୍ତ କୁମାର ଦାସ,ସୌମ୍ୟ ରଞ୍ଜନ ମଲ୍ଲିକ,ଚିରଞ୍ଜିବୀ ସାହୁ, କଲ୍କୀ ରାମ ଜଟ, ଓ ବିଜୟ କୁମାର ପୃଷ୍ଟି ପ୍ରମୁଖ ଛାତ୍ର ମାନେ କମ୍ବଳ ବଣ୍ଟନ କରିଥିଲେ।

# ଧ୍ୱଂସମୁଖରେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ବିଭିନ୍ନ ଜଙ୍ଗଲ

## ■ ବନାଞ୍ଚଳ ଜାଳକାଠ ନାଁରେ ବ୍ୟାପକ ଜଙ୍ଗଲ ଧ୍ୱଂସ





କେନ୍ଦୁଝର(ଭାସ୍କର ନ୍ୟୁଜ୍): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ବିଭିନ୍ନ ଜଙ୍ଗଲରୁ ଦୈନିକ ବହୁ ପରିମାଣର ଜାଳେଣି କାଠ,ବଲା,ଦାନ୍ତ କାଠି ଆଦି କେନ୍ଦୁଝର ସହରକୁ ଆସି ବଜାରରେ ବିକ୍ରୀ ହେଉଥିଲେ ହେଁ ଧରପଗଡ ହେଉନାହିଁ। ଏଭଳି ଦୃଶ୍ୟ ପ୍ରାୟ ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି । ଫଳରେ ଜଙ୍ଗଲ ଧୀରେ ଧୀରେ ନଷ୍ଟ ହେବାକୁ ବସିଛି । ଏହି ପ୍ରକ୍ରିୟା ଚାଲୁ ରହିଲେ ଆଉ ମାତ୍ର କିଛି ବର୍ଷ ପରେ ଏହି ଅଞ୍ଚଳର ଜଙ୍ଗଲ ସଂପୂର୍ଣ୍ଣ ଧ୍ୱଂସ ପାଇବା ସହ ଏଠାରେ ଥିବା ଅନେକ ବନ୍ୟଜନ୍ତୁ ଓ ମୂଲ୍ୟବାନ ବନ୍ୟଜାତ ଦ୍ରବ୍ୟ ଲୋପ ପାଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ବିଶେଷ କରି କାମଧନ୍ଦା ପାଉନଥିବାରୁ ଆଦିବାସୀ ମାନେ ଏଭଳି ଜଙ୍ଗଲ କାଟି ସହରରେ ବିକ୍ରୀ କରୁଛନ୍ତି। ଏହାର ପ୍ରତିକାର ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ । ଆଦିବାସୀମାନେ ସିଦ୍ଧମଠ ପାହାଡ଼ ଦେଇ କେନ୍ଦୁଝର ସହର କୁ ଆସୁଛନ୍ତି। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଏହା ଜାଣି ଧରପଗଡ କରୁନଥିବାରୁ ଦୈନିକ ବହୁ ଲୋକ ଜାଳେଣି ଏବଂ ବଲା କାଠ ଆଣି ବିକ୍ରୀ କରୁଛନ୍ତି। ଏହିପରି ଭାବେ ଅବିଚାରିତ ଭାବେ କାଠ ବିକ୍ରୀ ହେଲେ ଆଗାମୀ କିଛି ବର୍ଷ ମଧ୍ୟରେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ବିଭିନ୍ନ ଜଙ୍ଗଲ ଲୋପ ପାଇବ। ଜଙ୍ଗଲ ମାନଙ୍କରୁ ଶାଳ, ପିଆଶାଳ, ଶିଶୁ, ଅସନ, ଗମ୍ଭାରୀ, ଆମ୍ବ, ପଣସ, ନିମ୍ବ ଆଦି କିସମର ବୃକ୍ଷ କଟାଯିବା ଫଳରେ ଜଙ୍ଗଲରେ ରହୁଥିବା ଜୈବ ମଣ୍ଡଳ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଛି । ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ଅବଲୁପ୍ତ ହେଉଥିବା ସୃଷ୍ଟିର ବିଶାଳକାୟ ପ୍ରାଣୀ ହାତୀଙ୍କ ଜୀବନ ବିପନ୍ନ ହୋଇପଡିଛି । ଖାଦ୍ୟ ଅନ୍ୱେଷଣରେ ଗାଁକୁ ହାତୀପଲ ପଶୁଥିବାରୁ ମଣିଷ ଓ ହାତୀ ସଂଘର୍ଷ ଦିନକୁ ଦିନ ବଢୁଛି । କେବଳ ଜଙ୍ଗଲ ନୁହେଁ ଜଙ୍ଗଲ ମଧ୍ୟରେ ରହୁଥିବା ବନ୍ୟ ପ୍ରାଣୀ ଓ ଜଙ୍ଗଲ ଜାତ ଦ୍ରବ୍ୟ ଏଠାରେ ସର୍ବାଧିକ ଉପଲବ୍ଧ ହେଉଥିଲା । ଜଙ୍ଗଲ ନଷ୍ଟ ଯୋଗୁଁ ବନ୍ୟପ୍ରାଣୀ ଗାଁ ମୁହାଁ ହୋଇ ଲୋକଙ୍କ ଶିକାର ହେଉଛନ୍ତି । ଜଙ୍ଗଲ କାଟିବା ଏକ ଅକ୍ଷମଣୀୟ ଅପରାଧ ହୋଇଥିଲେ ସୁଦ୍ଧା ସତେ ଯେପରି ଏହି କାଠ କାଟୁଥିବା ଲୋକଙ୍କ ପାଇଁ ଚାରି ଖଣ୍ଡି ମାଫ୍ ସେହି ନୀତିରେ ରାଜ ଚଳାଇ ଜଙ୍ଗଲ ଧ୍ୱଂସ କରିବାରେ ଲାଗିଥିଲେ ସୁଦ୍ଧା ଜଙ୍ଗଲ ବିଭାଗ ସବୁ ଜାଣି ନଜାଣିଲା ଭଳି ଅଭିନୟ କରିବା ପରିବେଶବିତ୍‌ଙ୍କୁ ଆଶ୍ଚର୍ଯ୍ୟ କରିଛି । ଏଠାରେ ଅବସ୍ଥାପିତ ଥିବା ବିଭାଗୀୟ ସରକାରୀ କର୍ମଚାରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିବା ଭଳି ଅଭିନୟ କରିବା ଫଳରେ ଜଙ୍ଗଲ ସଫା କରିବା ପାଇଁ ପରୋକ୍ଷରେ ସମର୍ଥନ ମିଳି ଯାଉଥିବା ଅଭିଯୋଗ ହେଉଛି । ହେଲେ ଏହି ଅଞ୍ଚଳରେ ଥିବା ଜଙ୍ଗଲ ଏବେ କାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । କେନ୍ଦୁଝରେ ସହର ଚାରିପଟେ ଦିନେ ବଣଜଙ୍ଗଲ ସାଙ୍ଗକୁ ଶାଳ ପିଆଶାଳ ଗଛ ଘେରି ରହିଥିଲା । ସହର ବୃଦ୍ଧି ସାଙ୍ଗକୁ ବ୍ୟାପକ ବୃକ୍ଷଲତା ଧ୍ୱଂସ କାରଣରୁ ଖରାଦିନେ ମଧ୍ୟ ଥଣ୍ଡା ଅନୁଭୁତ ହେଉଥିବା କେନ୍ଦୁଝର ପାଇଁ ପରିବେଶ ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି । ଘଂଚ ଜଙ୍ଗଲ ପାଇଁ ସାରା ରାଜ୍ୟରେ ଥିବା କେନ୍ଦୁଝର ଜିଲା ଏବେ ଉତ୍ତପ୍ତ ଜିଲାରେ ପରିଣତ ହୋଇଥିବାବେଳେ ଜିଲାର ସର୍ବାଧିକ ଜଙ୍ଗଲିଆ ଅଞ୍ଚଳ ଭାବେ ପରିଗଣିତ ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳ ଧ୍ୱଂସ ମୁଖକୁ ଚାଲିଯାଉଥିବା ହେତୁ ଆଗାମୀ ଦିନରେ ପରିବେଶ ଉପରେ ଏହାର କୁପ୍ରଭାବ ପଡିବ ବୋଲି ପରିବେଶ ପ୍ରେମୀମାନେ ମତପୋଷଣ କରୁଛନ୍ତି । ବିଜେପି ରେଞ୍ଜ ଅଧିନରେ ଅଞ୍ଜର ଆଏର୍‌ଏଫ୍, ଚମ୍ପେଇ ପିଆରଏଫ୍, ଦଅାଁଳା ପିଆର୍‌ଏଫ୍, ଦିଗଚମ୍ପେଇ ପିଆର୍‌ଏଫ୍, ଡୁମୁରିଡିହା ପିଆର୍‌ଏଫ୍, ଗଡଗଡେଇ ପିଆର୍‌ଏଫ୍, ଗନ୍ଧମାର୍ଦ୍ଦନ ପିଆର୍‌ଏଫ୍, ଗୌଡଚମ୍ପେଇ ପିଆର୍‌ଏଫ୍, ଜାଗର ଆର୍‌ଏଫ୍, କାଞ୍ଜିପାଣି ଆର୍‌ଏଫ୍, ଖଜୁରିମୁଣ୍ଡି ଆର୍‌ଏଫ୍, ଲୁଣଝର(୧) ପିଆର୍‌ଏଫ୍, ଲୁଣଝର (୨) ପିଆର୍‌ଏଫ୍, ମୁଣ୍ଡୁଳା ଆର୍‌ଏଫ୍, ଶୁଆକାଟୀ(୧) ପିଆର୍‌ଏଫ୍, ଶୁଆକାଟୀ(୨) ପିଆର୍‌ଏଫ୍ ରହିଛି । ଏହି ୧୯ଟି ସଂରକ୍ଷିତ ଜଙ୍ଗଲ ଏବଂ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ପେଟ୍ରୋଲିଂ ଠିକ୍ ଭାବରେ ହେଉନଥିବାରୁ ବେଧଡକ ଜଙ୍ଗଲ ନଷ୍ଟ ହେଉଥିବାରୁ ଜଙ୍ଗଲର ଘନତ୍ୱ କମୁଛି। ପ୍ରତ୍ୟେକ ବର୍ଷ ଯେତିକି ଚାରାରୋପଣ ହେଉଛି ତାର ୧୦ ଗୁଣ ଗଛ କଟୁଛି। ଯଦି ଏହିପରି ଭାବେ ଗଛ କଟା ହୁଏ ଖୁବ୍ କମ ବର୍ଷରେ ଜଙ୍ଗଲ ପଦା ହେବାର ସମ୍ଭାବନାକୁ ଏଡାଇ ଦିଆ ନଯାଇପାରେ । ତେବେ ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ଯଥାଶୀଘ୍ର ଜଙ୍ଗଲ ନଷ୍ଟ କରୁଥିବା ଲୋକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଦାବି ହୋଇଛି ।

# ମାଛ କାଉଣ୍ଟର ନାଁରେ ଚାଲୁଥିଲା ଅସଲି ନକଲି ମଦ କାରବାର

ରାଜନଗର(ଭାସ୍କର ନ୍ୟୁଜ୍): ଦୀର୍ଘବର୍ଷ ହେଲା କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ କୁରୁଣ୍ଟି ଛକରେ ଆଜି ଘଟିଛି ଅଘଟଣ।ମାଛ କାଉଣ୍ଟର ନାଁରେ ଚାଲୁଥିଲା ଅସଲି ନକଲି ଅନିୟମିତ ବିଦେଶୀ ମଦ କାଉଣ୍ଟର। ଦିନକୁ ବିକ୍ରୀ ହେଉଥିଲା ଲକ୍ଷଲକ୍ଷ

## ଭାଙ୍ଗିଦେଲେ ମହିଳା

ଟଙ୍କା,ପଥ ଭ୍ରଷ୍ଟା ହେଉଥିଲେ ଯୁବପିଢି ଛାତ୍ରଛାତ୍ରୀ, ଅଶାନ୍ତିରେ ପରିବାର ହେଉଥିଲା ଛିନ୍ନଭିନ, ସବୁ ଜାଣି ନ ଜାଣିଲା ପରି ଆଖି ବୁଜି ଚାଲିଥିଲେ ପୋଲିସ ଓ ଅବକାରୀ ବିଭାଗ । ରାଜନଗର ଗୋପାଳପୁର ଓ ଜରିମୂଳ ବିଦେଶ ମଦ କାଉଣ୍ଟରରୁ ଚୋରାରେ ଆସୁଥିଲା ମଦ ଏହି ମଦକୁ ରାଜନଗରର ମଙ୍ଗୁଳି ସ୍ୱାଇଁ ପ୍ରଶାସନକୁ ହାତକରି ଡେରା, କ୍ୱଇଥା, ଜୁଣୁପଙ୍ଗରା ହାତିନା ,ନାଉକଣା, ବ୍ରାହ୍ମଣ ସାହି ଆଦି ତଳ ଅଞ୍ଚଳକୁ ଯୋଗାଇ ଦିଆଯାଉଥିଲା ମଦ।କାର୍ଟୁନ ପିଛା ହଜାର ଟଙ୍କା କମିଶନ ପାଉଥିବା ଆଜି ମହିଳାମାନେ କହିଛନ୍ତି। ଅଭିନବ ଉପାୟରେ କାରରେ ମଦ ଗୋପାଳପୁରୁ କାଉଣ୍ଟରରୁ ଆସୁଥିଲା କୁରୁଣ୍ଟି ସମେତ ତଳିଆ ଅଞ୍ଚଳ ଗ୍ରାମକୁ ଯୋଗାଇ ଦିଆଯାଉଥିଲା। ଦିନକୁ ଦିନ ଚୋରାମଦ କାରବାର ସମେତ ମଦୁଆଙ୍କ ଉତ୍ପାତ ବୃଦ୍ଧି ପାଇବା ସହ କେତେକ ମୃତ୍ୟୁମୁଖର ସମ୍ମୁଖିନ ହୋଇଥିବା ନଜିର ରହିଛି। ମଙ୍ଗୁଳିଙ୍କ ଚୋରା ମଦ କାଉଣ୍ଟର ପ୍ରତି ଅବକାରୀ କି ପୋଲିସ ଅଙ୍ଗୁଳି ନିର୍ଦ୍ଦେଶ କରିବା କର୍ତ୍ତୃତ୍ୱ ନଥିଲା।ତାଙ୍କ ସହିତ ମଧୁର ସମ୍ପର୍କ ରଖି ବ୍ୟବସାୟ ବୃଦ୍ଧି ପାଉଥିଲା। ବାହାର ସ୍କ୍ୱାର୍ଡଙ୍କ ଦ୍ୱାରା ଗିରଫ ହୋଇ ଜେଲ ମଧ୍ୟ ଯାଇଛନ୍ତି, ତଥାପି ଏ ପେସା ଛାଡି ନଥିଲେ। ହେଲେ ପୂର୍ବ ପରି ଏତେଟା ମଦ ବେପାର ପ୍ରତି ଗୁରୁତ୍ୱ ଦେଉନଥିଲେ। ଏହି ଦୁଇ ତିନି ବର୍ଷ ହେବ ପ୍ରଶାସନର ଏତେ ଲଗାମ ଛଡା ହେଲା ଯେ ରାଜନଗର ବଜାରରେ ଗଳିକନ୍ଦିରେ ମଦ ବେପାର ଚାଲିଲା। ଏହି ମଦ ବେପାରକୁ ନେଇ ହଣାକଟା ମଧ୍ୟ ଘଟିଥିବା ପ୍ରଶାସନ ନିକଟରେ ଖବର ରହିଛି। ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ପକେଟରେ ସ୍କୁଟିରେ ଧରି ମଦ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ଯାହାଫଳରେ ତିନିବର୍ଷରେ ସର୍ବାଧିକ ଚୋରାମଦ ରାଜନଗର ବଜାରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାଲୁଥିବା ଏବଂ ଏଥିରେ ମଙ୍ଗୁଳିର ହାତ ଥିବା ଲୋକମାନେ ସଫେଇ ଦେଇଛନ୍ତି। କୁରୁଣ୍ଟିଛକରେ ମଙ୍ଗୁଳିଙ୍କର ସରକାରୀ ସ୍ୱୀକୃତି ନଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ମଦ କାରବାରକୁ ପ୍ରଶାସନ ଦେଖି ନ ଦେଖିବା ପରି ଫେରି ଆସେ। ବାରମ୍ବାର ମଙ୍ଗୁଳି ଓ ପ୍ରଶାସନକୁ ସ୍ଥାନୀୟ ମହିଳା ବାରଣ କରି ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ବେଳେ ମଙ୍ଗୁଳି ମଦ ବେପାର ବଢାଇ ବେଖାତିରି କରୁଥିଲା କୁରୁଣ୍ଟି ଗ୍ରାମବାସୀଙ୍କୁ। ଯାହାକୁ ପୋଲିସ ଓ ଅବକାରୀ ବିଭାଗ କରି ପାରି ନଥିଲେ ତାହା ପୋଲିସକୁ ଚାଲେଞ୍ଜ ଦେଇ ମହିଳାମାନେ ଆଜି ମଙ୍ଗୁଳୀର ମଦ କାଉଣ୍ଟର ଭାଙ୍ଗିବା ସହ ନୂଆବର୍ଷ ପାଇଁ ରଖିଥିବା ମଦକୁ ଫିଙ୍ଗି ଭାଙ୍ଗିଦେଇଥିଲେ। ଅନ୍ୟଜଣେ ବେନୀୟମ ଭାବେ ଛୋଟ ମଦ କାଉଣ୍ଟର କରିଥିବା ସ୍ଥାନୀୟ ପ୍ରଦୀପ କୁମାର ନରେନ୍ଦ୍ର ମହିଳାମାନେ ମଙ୍ଗୁଳି କାଉଣ୍ଟର ଭାଙ୍ଗିବା ସମୟରେ ସମସ୍ତ ମଦ ନେଇ ସେଠାରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି।ଆଜି କୁରୁଣ୍ଟି ଗ୍ରାମର ଅନିରୁଦ୍ଧ ସ୍ୱାଇଁ(ପିଣ୍ଟୁ) ୨୭ ବର୍ଷ କୁରୁଣ୍ଟି ଛକରେ ପାନ ଦୋକାନ କରି ପରିବାର ପୋଷଣ କରି ଗାଁ ଛାଡି ଗୋବିନ୍ଦ ସାରଙ୍କ ଘରେ ରହୁଥିଲା,ପନ୍ଦର ଦିନ ପୂର୍ବରୁ ମଣ୍ଟୁ ମଙ୍ଗୁଳିଙ୍କ ମଦ କାଉଣ୍ଟରରୁ ଅସଲି କି ନକଲି ମଦ ପିଇ ତାର ଭଡା ଘରକୁ ଯାଉଥିବା ବେଳେ ଗଛନିକଟରେ ପଡି ଯାଇ ଗୁରୁତର ଭାବେ ରକ୍ତ ଶ୍ରାବ ହୋଇଥିଲା।ତାକୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଆଜି ହସ୍ପିଟାଲରେ ତାର ମୃତ୍ୟୁ ହୋଇଥିଲା।ମୃତ୍ୟୁଖବର ପାଇ ଗ୍ରାମରେ ଶୋକର ଛାଇ ଖେଳିଯାଇଥିଲା।ଛକରୁ ମଦ ଦୋକାନ ଉଠାଇବାକୁ ଗାଁ ଲୋକ ଏବଂ ଶତାଧିକ ମହିଳା ରୁଣ୍ଡ ହୋଇ ପ୍ରଥମେ ମଙ୍ଗୁଳି କାଉଣ୍ଟର ଆଡକୁ ଆସୁଥିବା ବେଳେ ମଙ୍ଗୁଳି ଫେରାର ହୋଇଯାଇଥିଲା। ତେବେ ନାଉକଣା ନିବାସୀ ତାର ଶଶୁର କାଉଣ୍ଟରେ ଥିଲେ ମଧ୍ୟ ଉତ୍ୟକ୍ତ ମହିଳାଙ୍କୁ ଦେଖି କାଉଣ୍ଟର ଛାଡି ଚାଲି ଯାଇଥିଲେ। ଅସହ୍ୟ ଉତ୍ୟକ୍ତ ମହିଳାମାନେ ମଙ୍ଗୁଳିର ବେନିୟମ ମଦ କାଉଣ୍ଟର ଭାଙ୍ଗିବା ସହ ନୂଆବର୍ଷ ପାଇଁ ଗଛିତ ରଖିଥିବା ଶହଶହ ପେଟି ଦେଶୀ ମଦକୁ ଭାଙ୍ଗି ରାସ୍ତାରେ ଫିଙ୍ଗି ଦେଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେମାନେ ଦାବି ରଖିଥିଲେ ଦୁଇ ଚୋରା ମଦ ମାଫିଆଙ୍କୁ ଗିରଫ କରିବା ସହ କୁରୁଣ୍ଟି ଛକରେ ମଦ ଦୋକାନ ଉଚ୍ଛେଦ ପାଇଁ ଜିଦ୍ କରିଥିଲେ। ଖବର ପାଇ ରାଜନଗର ଆଇଆଇସି ଶ୍ରୀ ଅଜୟ କୁମାର ଜେନା ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଁଚି ଲିଖିତ ଅଭିଯୋଗ ପରେ ଗିରଫ କରାଯିବ ବୋଲି ପ୍ରତିଶୃତି ଦେଇ ଆନ୍ଦୋଳନ କାରୀଙ୍କୁ ଉଠାଇଥିଲେ। ଦେଖାଯାଉ ପୋଲିସ କିମ୍ବା ଅବକାରୀ ବିଭାଗ କି ପଦକ୍ଷେପ ନେଉଛି ଦେଖିବା ବାକି ରହିଛି।



# ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ଉଦ୍‌ଘାଟିତ

ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚୋରଦା କାଳୀ ମେଳଣ ପଡିଆ ଠାରେ ୯ ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ପୁସ୍ତକ ମେଳା କମିଟିର ଅଧକ୍ଷ ତଥା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦଘାଟନ କରିଥିଲେ । ପୁସ୍ତକ ମେଳା କମିଟିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଡ଼ କୁଶଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭା ପ୍ରାରମ୍ଭରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ ମନମୋହନ ସିଂ ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାରୁ ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୁସ୍ତକ ମେଳା କମିଟିର ମୁଖ୍ୟ ଉପଦେଷ୍ଟା ସବିତା ରାଉତ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି, ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ଉପସଭାପତି ହୃଷିକେଶ ସାହୁ, ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ଅକ୍ଷୟ କୁମାର ଦେଓ, ଅଜୟ କୁମାର ପଣ୍ଡା, ବରିଷ୍ଠ ସଭ୍ୟ ଚନ୍ଦ୍ରମଣି ସାମଲ, ମଧୁସୂଦନ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ସିଂ, ଚଣ୍ଡୀ କ୍ଲବର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ଶିଶିର ରାଉତ, ସାମ୍ବାଦିକ ପ୍ରଦ୍ୟୁମ୍ନ ବୋଇତାଇ, ଅଧକ୍ଷ ହିମାଂଶୁ ଦିବେଦୀ, ଅଧ୍ୟାପକ ବିବେକାନନ୍ଦ ଜେନା, ଜ୍ଞାନରଞ୍ଜନ ରାଉତ, ଧୀରେନ୍ଦ୍ର କୁମାର ସାହୁ, ଅଶ୍ୱିନୀ କୁମାର ଦାସ, ରାଜୀବ ଲୋଚନ ରାଉତ, ପଦ୍ମାକର ଗୁରୁ, ସୌମେନ୍ଦ୍ର ଜେନା,ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ସନାତନ ଦାସ. ଇଂ ଶଶଧର ଦାସ. ପ୍ରଶାନ୍ତ କୁମାର ପାତ୍ର. ମମତା ସାମଲ. ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ନାଟ୍ୟକାର ବିକାଶ ଦାସ ଏବଂ ସାଥୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ । ଶେଷରେ ଉପସଭାପତି ଡ଼ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ଆମ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ )ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ଥାନା ପରିସର ମଧ୍ୟରେ ଆମ ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଥାନା ଆଇଆଇସି ବସନ୍ତ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ରକ୍ତର କୌଣସି ବିକଳ୍ପ ନାହିଁ ଯେଉଁମାନେ ନିୟମିତ ବ୍ୟବଧାନରେ ରକ୍ତଦାନ କରିଥାନ୍ତି । ଏହି ଶିବିରରେ ବ୍ରହ୍ମପୁର ମେଡିକାଲ ରକ୍ତଦାନ କର୍ତ୍ତୃପକ୍ଷ ଉପସ୍ଥିତ ରେ ରକ୍ତ ନମୁନା ପରୀକ୍ଷା କରାଯାଇ ୧୨୫ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା । ଏହି ରକ୍ତଦାନ ଶିବିରକୁ ଏ ଏସ ଆଇ ସୁବ୍ରତ ନାୟକ ଏ ଏସ ଆଇ ସୁଜିତ ସାହୁ ପୋଲିସ କର୍ମଚାରୀ ଅଭୟ ବିଶ୍ୱାଳ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।



# ଜମୁଛି ନୂଆବର୍ଷରେ ଭୋଜିଭାତର ଆସର

## ମନମୋହୁଛି ପର୍ଯ୍ୟଟନ ସ୍ଥଳୀର ପ୍ରାକୃତିକ ସୌନ୍ଦର୍ଯ୍ୟ

ବାଲିମେଳା (ଭାସ୍କର ନ୍ୟୁଜ୍): ନୂଆବର୍ଷ ସମସ୍ତଙ୍କ ପାଇଁ ଏକ ନୂଆ ଆଶା ନେଇ ଆସିଥାଏ ବୋଲି ସମସ୍ତେ ଏହି ଦିନକୁ ବଡ ଧୂମଧାମରେ ପାଳନ କରନ୍ତି । ଆଜି ଚଳଚଞ୍ଚଳ ହୋଇପଡିଛି ବାଲିମେଳା ଆଖପାଖ ରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡିକ । ବାଲିମେଳା ଆଖପାଖ ଅଂଚଳ ରେ ଥିବା ପିକନିକ ସ୍ପଟ ଗୁଡିକରେ ଭିଡ ଦେଖିବାକୁ ମିଳିଥିବା ବେଳେ କିଛି ବାହାର ଜିଲ୍ଲା ର ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳିଛି ବାଲିମେଳା ଓ ଚିତ୍ରକୋଣ୍ଡା ଅଂଚଳରେ । ଏହି ଅଂଚଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ବଣଭୋଜି ବେଶ ଅନନ୍ଦଦେଇଥାଏ ପର୍ଯ୍ୟଟକଙ୍କୁ। ଏହି ଅଂଚଳର ସବୁଜ ବନାନୀ ଓ ପାହାଡର ପାଦ ଦେଶରେ କଳକଳ କରି ବୋହିଯାଉଥିବା ଝରଣା ମନମୁଗ୍ଧ କରେ ପର୍ଯ୍ୟଟକଙ୍କ । ପୁରୁଣା ବର୍ଷର ସମସ୍ତ ଦୁଃଖ କୁ ପଛରେ ଛାଡି ନିଜ ପରିବାର ଓ ସାଙ୍ଗସାଥିଙ୍କ ସହ ବଣଭୋଜି କରିବାକୁ ବାଲିମେଳା ପୋଟେରୁ ଜଳସେଚନ ବିଭାଗର ଥିବା ବ୍ୟାରେଜ ନିକଟକୁ ଏହା ବ୍ୟତିତ ବାଲିମେଳା ନାକାମାମୁଡି ମୁଖ୍ୟ ରାସ୍ତାର ମଝିରେ ପଡେ ଖଡିକାଝୁଡ଼ି ଯାହାକି ଘଞ୍ଚଜଙ୍ଗଲରେ ଘେରା ଏହି ସ୍ଥଳ ସମସ୍ତଙ୍କୁ ଟାଣିଆଣିଥାଏ ନିଜ ପାଖକୁ । ସେହିଭଳି ଚିତ୍ରକୋଣ୍ଡା ର ଇକୋପାର୍କ , ଗୁରୁପ୍ରିୟା ସେତୁ , ସାରକୁବନ୍ଧା ଝୁଲା ପୋଲ , ଏବଂ ଓଡିଶା ସୀମାନ୍ତ ରେ ଥିବା ତାରାଭୁ ଜଳପ୍ରପାତ , ଲୁଚାପାଣି, ହନ୍ତାଳଗୁଡା ଭିଉପଏଂଟ ଭଳି ଜାଗାକୁ ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି । ଖାଲି ନୂଆବର୍ଷ ନୁହେ ଡିସେମ୍ବର ମାସ ଆରମ୍ଭରୁ ଏହି ସବୁ ଅଂଚଳକୁ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥାଏ । ଯେହେତୁ ଏହିସବୁ ଜାଗା ଗୁଡିକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଅଛି ଏଥିସହିତ ଏହି ଅଂଚଳର ଶାନ୍ତ ସ୍ନିଗ୍ଧ ପରିବେଶ ତଥା ସହରଠାରୁ ଦୂରରେ ଥିବାରୁ ଅଧିକରୁ ଅଧିକ ଆନନ୍ଦଦାୟକ ହୋଇଥାଏ ବୋଲି କିଛି ପର୍ଯ୍ୟଟକ ମତବ୍ୟକ୍ତ ମଧ୍ୟ କରିଥାନ୍ତି । କିଛି ପର୍ଯ୍ୟଟକଙ୍କ କହିବା ଅନୁସାରେ ଯଦି ସରକାର ଏହିସବୁ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ରହିବା ଓ ଭୋଜନାଳୟର ସୁବିଧା କରନ୍ତେ, ତାହାଲେ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବହୁତ ସୁବିଧା ହୋଇପାରିଥାନ୍ତା । ଏଥିସହିତ ଏସବୁ ସୁବିଧା ନଥିବାରୁ ପ୍ରାୟ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଦେଖିବାକୁ ମିଳିଥାଏ ଏବଂ ଚିତ୍ରକୋଣ୍ଡା ଓ ବାଲିମେଳା ର ସମସ୍ତ ପର୍ଯ୍ୟଟନ ସ୍ଥଳୀ ଦେଖିବା କଷ୍ଟକର ହୋଇପଡ଼ିଥାଏ । ତେଣୁ ସରକାର ଯଦି ଏଥିପ୍ରତି ଦୃଷ୍ଟି ଦିଅନ୍ତେ ତାହେଲେ ଲୋକେ ବାହାର ରାଜ୍ୟକୁ ଯେଉଁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ବହୁତ ଟଙ୍କା ଖର୍ଚ୍ଚ କରିଥାନ୍ତି ସେହି ସୌନ୍ଦର୍ଯ୍ୟ ବାଲିମେଳା ଓ ଚିତ୍ରକୋଣ୍ଡାରେ ଉପଭୋଗ ମଧ୍ୟ କରିପାରିଥାନ୍ତେ । ନିକଟରେ ବହୁ ଚର୍ଚ୍ଚିତ ଚଳଚିତ୍ର ପୁଷ୍ପା -୨ ଏବଂ ଆଗକୁ ଆସୁଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର ସନାତନି ଏହି ଚିତ୍ରକୋଣ୍ଡା ଅଞ୍ଚଳରେ ମଧ୍ୟ ସୁଟିଂ ହେଇଅଛି ବୋଲି କୁହାଯାଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ ଅଛି ବୋଲି ପର୍ଯ୍ୟଟକ ମତବ୍ୟକ୍ତ କରିଛନ୍ତି ।




# ସଂକେତ ମୋ ଭାଷା-ର ୫ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମୂକ ବଧିର ବିଭିନ୍ନ ବିଦ୍ୟାଳୟ ଏବଂ ଅଂଚଳରେ ଅଛନ୍ତି। ଏହିମାନେ ମୂକ ବଧିର ହୋଇଥିବାରୁ ଅନ୍ୟର ଭାଷା କିମ୍ବା ସଂକେତ ଜାଣିପାରନ୍ତି ନାହିଁ। ଏଣୁ ଏମାନେ କିପରି ସଂକେତ କିମ୍ବା ଭାଷା ମାଧ୍ୟମରେ ଶିକ୍ଷା ଗ୍ରହଣ ଠାରୁ ଆରମ୍ଭ କରି ନିଜ ପରିବାର ସହିତ ସଂକେତ ମାଧ୍ୟମରେ କଥା ବୁଝିପାରିବେ ଏବଂ ସଂକେତ ମାଧ୍ୟମରେ କହିପାରିବେ ସେ ସମ୍ବନ୍ଧରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନାୟକଗୁଡା ମୂକ ବଧିର ବିଦ୍ୟାଳୟରେ ୫ ଦିନିଆ ସଂକେତ ମୋ ଭାଷା କାର୍ଯ୍ୟକ୍ରମର ଆଜି ଉଦ୍ ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଶକ୍ତିକରଣ ବିଭାଗ ଅଧିକାରୀ ନିର୍ମଳ ଧାରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ଏହି କାର୍ଯ୍ୟକ୍ରମ ସରକାରୀ ଅନୁସୂଚିତ ଜାତି ଓ ଜନଜାତି, ରାଇଜିଙ୍ଗ ଲାଙ୍ଗୱେଜ ସୋସାଇଟି ଙ୍କ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ। ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ବିଦ୍ୟାଳୟ ଓ ସେହି ଅଂଚଳରେ ମୂକ ବଧିରମାନଙ୍କୁ ସାଙ୍କେତିକ ଭାଷା ରେ ତାଲିମ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ରାଜିବ ପୂଜାରୀ ଉପସ୍ଥିତ ଥିବା ବେଳେ, ଟ୍ରେନର ଭାବେ ସ୍ମିତାଲିନି ପଟ୍ଟନାୟକ, ଏ. ପ୍ରକାଶ, ଦିଲିପ ପଟେଲ, ଅଜୟ ସିଂ ରାବତ, ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଦାୟ ନେଇଛି ୨୦୨୪ । ପୁରୁଣା ବର୍ଷକୁ ବିଦାୟ ଦେଇ ଇଂରାଜୀ ନବବର୍ଷ ୨୦୨୫କୁ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର କୁନି କୁନି କୁନି ବିଦ୍ୟାର୍ଥୀମାନେ ହର୍ଷ ଉଲ୍ଲାସରେ ସ୍ୱାଗତ କରିଛନ୍ତି । ସ୍ମାର୍ଟ ନଗରୀ ଭୁବନେଶ୍ୱର ଠାରୁ ଅଳ୍ପ ଦୂରରେ ଥିବା ଏହି ପଲ୍ଲୀର ବିଦ୍ୟାର୍ଥୀମାନେ ନବବର୍ଷକୁ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି । ଗ୍ରାମବାସୀଙ୍କ ସହ ଗ୍ରାମର ବିଦ୍ୟାର୍ଥୀମାନେ ପାରମ୍ପରିକ ନାଚ, ଗୀତ ସହ ବେଲୁନ୍ ଫୁଟାଇ ନବବର୍ଷକୁ ପାଳନ କରିଥିଲେ । ସାମାଜିକ ଅନୁଷ୍ଠାନ 'ବୁଲ୍ସଆଇ' ପକ୍ଷରୁ ଆୟୋଜିତ ସ୍ୱାଗତମ୍-୨୦୨୫ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରିୟବ୍ରତ ପଣ୍ଡା, 'ବୁଲ୍ସଆଇ'ର ଚେୟାରମ୍ୟାନ୍ ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ଏବଂ ସବୁଜିମାମୟ ହେଉ ବୋଲି ଆଶା ପ୍ରକଟ କରିଥିଲେ ।



## ନବବର୍ଷ ୨୦୨୫କୁ ସ୍ୱାଗତ

# ନାଚଗୀତ ସହ ଭୋଜିଭାତର ଆସର ଜମିଲା






ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୪ ମସିହାକୁ ସମସ୍ତେ ବିଦାୟ ଦେଇ ନୂତନ ବର୍ଷ ୨୦୨୫କୁ ସ୍ୱାଗତ କରିଛନ୍ତି । ଏଥିପାଇଁ ରାଜ୍ୟବାସୀଙ୍କ ମନରେ ଅସରନ୍ତି ଆନନ୍ଦ ଖେଳିଯାଇଛି । ସବୁଠି ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଉତ୍ସାହ ଓ ଉଦ୍ଦୀପନା ଲାଗିରହିଥିଲା । ନାଚଗୀତ ସାଙ୍ଗକୁ ଭୋଜିଭାତର ଆସର ଜମାଇ ସମସ୍ତେ ମସଗୁଲ୍ ହୋଇଥିଲେ । କିଏ ବଣଭୋଜି କରିଥିଲା ତ ଆଉ କିଏ ତାରକା ହୋଟେଲରେ ଡିଜେ ସାଉଣ୍ଡରେ ମଜ୍ଜି ରହିଥିଲା । ସୁସ୍ୱାଦ୍ୟ ଖାଦ୍ୟ ସାଙ୍ଗକୁ ପରସ୍ପରକୁ ଶୁଭେଚ୍ଛା ଜଣାଇ ନୂଆବର୍ଷକୁ ସ୍ୱାଗତ କରିଥିଲେ । ବୁଧବାର ପ୍ରାତଃ ସମୟରେ ରାଜ୍ୟବାସୀ ନୂଆ ବର୍ଷର ନୂତନ ସୂର୍ଯ୍ୟକୁ ଦର୍ଶନ କରିବା ପରେ ବିଭିନ୍ନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ମଧ୍ୟ କରିଥିଲେ । ପରେ ସପରିବାର ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ସହ ସେଠାରେ ବଣଭୋଜିର ଆସର ଜମାଇଥିଲେ । ରାଜଧାନୀର ଧଉଳି, ଖଣ୍ଡଗିରି, ଉଦୟଗିରି, ଗୁଆଝର, ଡେରାସ, ଚନ୍ଦକା ଅଭୟାରଣ୍ୟ, ଜୟଦେବ ବାଟିକା ଏବଂ ନନ୍ଦନକାନନରେ ସମସ୍ତେ ବଣଭୋଜି କରି ନୂଆବର୍ଷକୁ ସ୍ୱାଗତ କରିଥିଲେ । ଅପରପକ୍ଷରେ ସୋସିଆଲ ମିଡିଆରେ ପରସ୍ପରକୁ ନବବର୍ଷର ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ଏହା ଥିଲା ସମସ୍ତଙ୍କ ପାଇଁ ମୁଖ୍ୟ ମାଧ୍ୟମ । ଏଥିପାଇଁ କିଛି ସମୟ ସୋସିଆଲ ମିଡିଆ ଅର୍ଥାତ୍ ମୋବାଇଲ୍ ନେଟୱାର୍କ ବାଧାପ୍ରାପ୍ତ ହୋଇଥିଲା । ତେବେ ବିଗତ ଦିନରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଗ୍ରିଟିଙ୍ଗସ୍ କାର୍ଡକୁ ବ୍ୟବହାର କରାଯାଉଥିବା ବେଳେ ଏବେ ସୋସିଆଲ ମିଡିଆ ପାଇଁ ଏହା ଆଉ ବ୍ୟବହାର କରାଯାଉନଥିବା ଦେଖିବାକୁ ମିଳିଛି । ପୂର୍ବରୁ ଗୋଟିଏ କାଗଜ କାର୍ଡ ମଧ୍ୟମରେ ନୂଆବର୍ଷର ଅଭିନନ୍ଦନ ଜଣାଉଥିଲେ । ଏବେ ଡିଜିଟାଲ ଯୁଗରେ ଏହା ଏକରକମ ଲୋପ ପାଇଯାଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଛି । ଏହିପରି ଢଙ୍ଗରେ ଆଜି ନୂଆବର୍ଷକୁ ସାରା ରାଜ୍ୟବାସୀ ସ୍ୱାଗତ କରୁଛନ୍ତି । ନୂଆବର୍ଷ ଅବସରରେ କୌଣସି ଅଘଟଣ ନ ଘଟିବା ନିମନ୍ତେ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ଏଥିପାଇଁ ସହରରେ ୩୬ ସେକ୍ସନ ପୋଲିସ ଫୋର୍ସ୍ ମୁତୟନ କରାଯାଇଥିଲା । ସେହିପରି କଟକ ସହରର ବିଭିନ୍ନ ସ୍ଥାନରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ପ୍ରବଳ ଗହଳି ଲାଗିରହିଥିଲା । କଟକର ନୌବାଣିଜ୍ୟ ସଂଗ୍ରହାଳୟ ଏବଂ ସିଲଭର ସିଟି ନୌକା ବିହାରରେ ପ୍ରବଳ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ଶୁକ୍ରବାର ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିବା ଡକ୍ଟର ହରିବାବୁ କମ୍ଭମପତି ଗୁରୁବାର ଓଡ଼ିଶାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ସେ ଶୁକ୍ରବାର ଅର୍ଥାତ୍ ୩ ତାରିଖରେ ନୂଆ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ । ରାଜଭବନରେ ଆୟୋଜିତ ଏକ ସମାରୋହରେ ଡକ୍ଟର କମ୍ଭମପତି ଶପଥ ନେବାର ସ୍ଥିର କରାଯାଇଛି । ସେ ୨୦୨୧ ଜୁଲାଇ ୧୯ ତାରିଖରେ ମିଜୋରାମର ରାଜ୍ୟପାଳ ଭାବେ ଶପଥ ନେଇଥିଲେ । ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଡକ୍ଟର କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ଆନ୍ଦୋଳନରେ ଯୋଗଦେଇ ଗିରଫ ହେବା ସହ ୬ ମାସ ଜେଲ ଯାଇଥିଲେ । ୧୯୯୯ ମସିହାରେ ସେ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରେ ୨୦୧୪ରେ ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ । ୧୯୫୩ ମସିହା ଜୁନ୍ ୧୫ ତାରିଖରେ ଆନ୍ଧ୍ର ପ୍ରକାଶମ ଜିଲ୍ଲାର ଟିମାସମୁଦ୍ରମ୍ ଗାଁରେ ଜନ୍ମିତ କମ୍ଭମପତି ଆନ୍ଧ୍ର ୟୁନିଭରସିଟିରୁ ଇଲେକ୍ଟ୍ରିକାଲ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ କଣ୍ଟ୍ରୋଲ ସିଷ୍ଟମରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି । ସେ ଆନ୍ଧ୍ର ୟୁନିଭରସିଟି ଅଧୀନରେ ଥିବା ଇଞ୍ଜିନିୟରିଂ କଲେଜରେ ୨୪ ବର୍ଷ ଧରି ଆସୋସିଏଟେଡ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ । ରାଜ୍ୟପାଳ ଥିବା ରଘୁବର ଦାସ ଇସ୍ତଫା ଦେବାପରେ ଡକ୍ଟର କମ୍ଭମପତିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଥିଲେ ।



ନୂଆବର୍ଷ ପାଇଁ ଭୁବନେଶ୍ୱରର ବିଭିନ୍ନ ଫୁଲ ଦୋକାନରେ ଭିନ୍ନ ଭିନ୍ନ ଫୁଲର ପସରା...

## ନୂତନ ବର୍ଷରେ ଚାରାରୋପଣ

କଟକ(ଭାସ୍କର ନ୍ୟୁଜ୍): ଇଂରାଜୀ ନବବର୍ଷ ଉପଲକ୍ଷେ ତ୍ରିନାଥ ସେବା ସଂଗଠନ ପକ୍ଷରୁ ସଭାପତି ତୀର୍ଥାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଜଗତପୁର ୪୮ନଂ ୱାର୍ଡ ଅନ୍ତର୍ଗତ ଭୁବନପୁର ଗ୍ରାମର ନୂତନ ଉଦ୍ୟାନ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଗଠନର ସଦସ୍ୟ ତଥା ଅଞ୍ଚଳର ମୁରବୀମାନେ ଯୋଗଦେଇଥିଲେ । 'ଗଛ ଆମର ପରମ ବନ୍ଧୁ' ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତାମାନେ ଗଛର ଉପକାରିତା ସମ୍ପର୍କରେ କହିବା ସହ ଗଛର ସୁରକ୍ଷା କିପରି ଜୀବନ ରକ୍ଷା ସେ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କରୁଣାକର ଦାସ, କାମପାଳ ଶତପଥୀ, ବୟୋଜ୍ୟେଷ୍ଠ ମୁରବୀ ନିର୍ମଳ ଚନ୍ଦ୍ର ପଣ୍ଡା, ୪୮ନଂ ୱାର୍ଡ କର୍ପୋରେଟରଙ୍କ ପ୍ରତିନିଧି, ସଂଗଠନର ସମ୍ପାଦକ ଦୟାନିଧି ବିଶ୍ୱାଳ, ସଂଯୋଜକ ସୁବାଷ ମିଶ୍ର, କୋଷାଧ୍ୟକ୍ଷ ଯଶୋବନ୍ତ ପଣ୍ଡା, ଉପଦେଷ୍ଟା ଚିରୟ ବେହେରା, ମାନସ ପରିଡ଼ା, ଚିତ ରଞ୍ଜନ ପଣ୍ଡା, ରବି ନାରାୟଣ ଦାସ, ଦିବାକର ବେହେରା, ବ୍ରଜ କିଶୋର ବସ୍ତିଆ, ଲକ୍ଷ୍ମୀଧର ମହାରଣା, ଅମର ସାହୁ, ପ୍ରକାଶ ବେହେରା, କେ.ସୂର୍ଯ୍ୟ ନାରାୟଣ, ଅନନ୍ତ ବରାଳ, ଦେବାଶିଷ ଦାସ, ଯୋଗେନ୍ଦ୍ର ବାରିକ,ସପନ ଡାକୁଆ, ନଟବର ବେହେରା, କୃପାସିନ୍ଧୁ ନାୟକ, ଜଗବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିବା ସହ ନୂତନ ଉଦ୍ୟାନ ଟିର ନାମ 'ତ୍ରିନାଥ ଶିଶୁ ଉଦ୍ୟାନ' ରଖାଯିବାକୁ ସ୍ଥାନୀୟ କର୍ପୋରେଟ ଙ୍କ ଜରିଆରେ ସିଏମସିକୁ ଅନୁରୋଧ କରାଯାଇଥିଲା । ଚାରା ରୋପଣ କାର୍ଯ୍ୟକ୍ରମରେ ବଉଳ, ଅଶୋକ, ପଣସ, ଅଁଳା, ବେଲ, ଚାରା ଆଦି ରୋପଣ କରାଯାଇଥିଲା ।

## ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନୂଆବର୍ଷ ଶୁଭେଚ୍ଛା

# ବିକଶିତ ଓଡ଼ିଶା ଗଠନରେ ବିଭାଗର କ୍ରିୟାଶୀଳତାକୁ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଶ୍ରେଷ୍ଠ ବିଭାଗ ଭାବେ ପରିଣତ କରିବା ପାଇଁ ଅଧିକାରୀ ଓ କର୍ମଚାରୀବୃନ୍ଦ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଆହ୍ୱାନ ଜଣାଇଛନ୍ତି । ବୁଧବାର ପୂର୍ବାହ୍ଣରେ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନୂତନ ବର୍ଷର ଶୁଭକାମନା ଜ୍ଞାପନ କରି ମନ୍ତ୍ରୀ ଡ. ମହାପାତ୍ର ଏହି ମର୍ମରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ନିର୍ମାଣରେ ବିଭାଗର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଖାରବେଳ ଭବନ ସମ୍ମିଳନୀ କକ୍ଷରେମନ୍ତ୍ରୀ ଡା. ମହାପାତ୍ର ଇଂରାଜୀ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । ସରକାର ଗଠନର ଗୋଟିଏ ବର୍ଷ ପୂରଣ ହେଉଥିବା ଦୃଷ୍ଟିରୁ ଚଳିତ ବର୍ଷଟି ଗୁରୁତ୍ୱପୂର୍ଣ୍ଣ ଏବଂ ନିକଟରେ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମାରୋହ ମଧ୍ୟ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ ଦର୍ଶାଇଥିଲେ । ଏହି ସମାବେଶ ପାଳନର ସଫଳତା ଆମ୍ଭମାନଙ୍କ ପାଇଁ ସମ୍ମାନର କଥା ବୋଲି ଉଲ୍ଲେଖ କରି ମନ୍ତ୍ରୀ କହିଲେ ଯେ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ଆୟୋଜନ ଅପେକ୍ଷା ଓଡ଼ିଶାର ଆୟୋଜନ ଯେପରି ସର୍ବୋତ୍କୃଷ୍ଟ ହେବ ଏବଂ ଓଡ଼ିଆ ସ୍ୱାଭିମାନ ତଥା ଅସ୍ମିତାର ପରାକାଷ୍ଠା ପ୍ରଦର୍ଶନ କରିବ, ସେଥିପାଇଁ ବିଭାଗ ଉଲ୍ଲେଖନୀୟ କାର୍ଯ୍ୟ କରିବା ଉପରେ ସମସ୍ତେ ଧ୍ୟାନ ଦେବେ ବୋଲି ତାଙ୍କର ଆଶା । ରାଜ୍ୟର ଗରିବ ଲୋକମାନଙ୍କ ନ୍ୟାୟୋଚିତ ଅଧିକାର ପୂରଣରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଶକ୍ତ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଡା. ମହାପାତ୍ର ଆଶାପ୍ରକାଶ କରିଥିଲେ । ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ । ସେ ବିଭାଗର କାର୍ଯ୍ୟାବଳୀ ଉପରେ ବିସ୍ତୃତ ସୂଚନା ଦେବା ସାଙ୍ଗକୁ ବିକଶିତ ଓଡ଼ିଶା ନିର୍ମାଣରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଦର୍ଶାଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠାପର ଓ ଶୃଙ୍ଖଳିତ ହୋଇ ମିଶନ୍ ମୋଡ୍‌ରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ଦେବାଶିଷ ସିଂହଙ୍କ ସମେତ ବିଭାଗର ସମସ୍ତ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀବୃନ୍ଦ ସମବେତ ହୋଇଥିଲେ ।

## ଆୟୁଷ୍ମାନ ଭାରତରେ ମହିଳାଙ୍କୁ ମିଳିବ ୧୦ଲକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଫେବୃଆରୀରେ ଆୟୁଷ୍ମାନ ଲାଗୁ ହେଉଥିବାରୁ ସରକାରଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଆଇଟି ଇଂଟିଗ୍ରେଟ ଉପରେ ବିଭାଗ କାର୍ଯ୍ୟ କରୁଛି । ନିକଟରେ କେନ୍ଦ୍ରୀୟ ଟିମ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଫେରିଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ୩୦ ହଜାର ହସ୍ପିଟାଲରେ କାର୍ଡ ଦ୍ୱାରା ଚିକିତ୍ସା ସୁବିଧା ମିଳିବ । ପ୍ରତି ପରିବାରର ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ଇ-କେୱାଇସି ଡାଟାବେସକୁ ଆଧାର କରି ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦିଆଯିବ । ଯେଉଁ ମାନଙ୍କର ଇ-କେୱାଇସି ହୋଇନାହିଁ ସେମାନଙ୍କ କଥା ମଧ୍ୟ ସରକାର ବିଚାରକୁ ନେବେ । ୧ କୋଟି ପରିବାରର ତଥ୍ୟ ସରକାରଙ୍କ ପାଖରେ ରହିଛି । ସେମାନଙ୍କ ନାମକୁ ସରକାର ବିଚାରକୁ ନେବେ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ସରକାରଙ୍କ ପାଇଁ ଚଳିତ ବର୍ଷ ଗୁରୁତ୍ୱପୁର୍ଣ ବର୍ଷ । ୨୦୨୫ ଶେଷ ବେଳକୁ ଟିବି ବା ଯକ୍ଷ୍ମା ମୁକ୍ତ ହେବ ଓଡ଼ିଶା ଓ ସାରା ଦେଶ । ସ୍ୱାସ୍ଥ୍ୟ ବିଭାଗ ପାଇଁ ଗୁରୁତ୍ୱପୂର୍ଣ୍ଣ । ନୂଆ ମେଡିକାଲ କଲେଜ ଖୋଲିବା ଓ ଡାକ୍ତର ନିଯୁକ୍ତି ଓ ଆୟୁଷ୍ମାନ ଲାଗୁ ହେବ ।

## ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ୨୦୨୫ର ହାର୍ଦ୍ଦିକ ଶୁଭେଚ୍ଛା ! ନୂଆ ବର୍ଷ ଆପଣମାନଙ୍କ ଜୀବନରେ ଖୁସି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣିଦେଉ ।

## ରାମକୃଷ୍ଣ କୁଟୀରରେ କଳ୍ପତରୁ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ୧୨୨ତମ କଳ୍ପତରୁ ଉତ୍ସବ ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଧାତ୍ମିକ ସଭାକୁସ୍ୱାମୀ ଗୁରୁକୃପାନନ୍ଦ ଗିରି ଉଦ୍‌ଘାଟନ କରି ଆଧାତ୍ମିକ ପଥରେ ଗଲେ ନିଜର ତଥା ସମାଜର କଲ୍ୟାଣହେବ ବୋଲି କହିଥିଲେ । ମୁଖ୍ୟବକ୍ତା ଅଧାପକ ସର୍ବେଶ୍ୱର ସାହୁସମାଜ ଉପରେ ରାମକୃଷ୍ଣଙ୍କ ବାଣୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ ।ସମ୍ମାନିତ ଅତିଥି ଭାବେ ରବିନାରାୟଣ ମହାନ୍ତି ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ମିଶ୍ରଙ୍କୁ ଡ଼ବିଷ୍ଣଚରଣ ଜେନା ଶିକ୍ଷକ ଗୌରବ ସମ୍ମାନଡ଼ ପ୍ରଦାନ କରାଯାଇଥିଲା । ସହତତ୍ତ୍ୱାବଧାରକ ଲକ୍ଷ୍ମୀନାରାୟଣ ଦାଶ ମାନପତ୍ର ପାଠ କରିଥିଲେ । କୁଟୀରର ଉପସଭାପତି ଡ଼ଃ ସତ୍ୟ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ଉପସଭାପତି ଡଃ ରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଗୋକୁଳାନନ୍ଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠକରିଥିଲେ । ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଯୁକ୍ତି ଆୟୋଗ ଅଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରଙ୍କ ଲୋକବଳ ବଢ଼ିଲେ, ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେଇପାରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷଙ୍କ ସହିତ ଆଲୋଚନାରେ କହିଛନ୍ତି । ବୁଧବାର ବର୍ଷର ପ୍ରଥମ ଦିନରେ ରାଜ୍ୟରେ ସରକାରୀ ବିଭାଗ ଗୁଡ଼ିକରେ ଖାଲି ଥିବା ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷଙ୍କ ସହ ଏକ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ବୈଠକରେ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ, ନିରପେକ୍ଷ ଓ ତ୍ୱରାନ୍ୱିତ ଭାବେ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଅତ୍ୟାବଶ୍ୟକୀୟ ସେବା ଯୋଗାଉ ଥିବା ବିଭାଗ, ଯଥା- ସ୍ୱାସ୍ଥ୍ୟ, ଗୃହ, ଶିକ୍ଷା ଓ କୃଷି ବିଭାଗର ପଦବୀଗୁଡ଼ିକୁ ଖାଲି ନ ରଖି ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଆଗାମୀ ୫ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସ୍ତରରେ ଦେଢ଼ ଲକ୍ଷ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି । ୨ ବର୍ଷ ମଧ୍ୟରେ ୬୫ ହଜାର ସରକାରୀ ପଦବୀରେ ନିଯୁକ୍ତି ପାଇଁ ସ୍ଥିରୀକୃତ ହୋଇଛି । ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ବିଭାଗରେ ୧,୧୦,୫୫୭ଟି ପଦବୀ ଖାଲି ରହିଛି । ଏଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ନିଯୁକ୍ତି ଆୟୋଗ ଗୁଡ଼ିକୁ ପ୍ରସ୍ତାବ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବିଭିନ୍ନ ବିଭାଗରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଖାଲି ଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱତନ୍ତ୍ର ରିକ୍ରୁଟମେଣ୍ଟ ଡ୍ରାଇଭ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଗ୍ରୁପ-ବି ବର୍ଗର ପଦବୀ ପୂରଣ ପାଇଁ ଏମ୍ପାୱାର୍ଡ କମିଟିର ଅନୁମୋଦନ ଦରକାର ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ । ଭିନ୍ନକ୍ଷମ ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଯାଞ୍ଚ ଓ ସଂରକ୍ଷଣ ପାଇଁ ଅର୍ଥ ବିଭାଗରେ କାର୍ଯ୍ୟରତ ଥିବା ଏମ୍ପାୱାର୍ଡ କମିଟିକୁ ପୁନର୍ଗଠନ କରି ସେଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହିତ ଅବିଭକ୍ତ କୋରାପୁଟ ଜିଲ୍ଲାର ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ଜୟପୁର ଠାରେ ଲୋକସେବା ଆୟୋଗର ଏକ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ବର୍ତ୍ତମାନ ଲୋକସେବା ଆୟୋଗର ୫ଟି ପରୀକ୍ଷା କେନ୍ଦ୍ର ରହିଛି । ବୈଠକରେ ଓଡ଼ିଶା ସର୍ଭିସ କମିଶନର ଅଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀ, ଓଡ଼ିଶା ସର୍ଭିସ କମିଶନର ଅଧ୍ୟକ୍ଷ ଶ୍ରୀ ଅଭୟ, ଓଡ଼ିଶା ସବ ଅଁଡିନେଟ ସର୍ଭିସ କମିଶନର ଅଧ୍ୟକ୍ଷ ଲଳିତ ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଆୟୋଗ ଗୁଡ଼ିକର ସଦସ୍ୟବୃନ୍ଦ ଏବଂ ସଚିବ ମାନେ ଉପସ୍ଥିତ ଥିଲେ ।

## ରାଜଧାନୀରେ ବଢ଼ିଛି ସିନ୍ଧି ଚୋରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ବଢ଼ିଛି ସିନ୍ଧି ଚୋରୀ । ୨୦୨୩ଅପେକ୍ଷା ୨୦୨୪ରେ ବଢ଼ିଛିଚୋରୀ । ୨୦୨୩ରେ ୧୦୦୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏହା ୧୩୧୪ଟି ମାମଲା ରୁଜୁ ହୋଇଛି ବୋଲି ପୋଲିସ କମିଶନର ଏସ. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି । ସେହିପରି ପାରିବାରିକ କଳହ ମାମଲା ୨୦୨୪ରେ ବୃଦ୍ଧି ପାଇଛି । ୨୦୨୩ରେ ୬୯୨୬ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୯୩୭୯ଟି ମାମଲା ରୁଜୁ ହୋଇଛି । ସେହିପରି ହତ୍ୟାକାଣ୍ଡ ୨୦୨୩ରେ ରାଜଧାନୀରେ ୫୨ଟି ହତ୍ୟାକାଣ୍ଡ ଜନିତ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୬୬ଟି ହତ୍ୟାକାଣ୍ଡ ମାମଲା ରୁଜୁ ହୋଇଛି । ତେବେ ୨୦୨୪ରେ ଡକାୟତି, ଚୋରୀ କମିଥିବା ବାର୍ଷିକ ରିପୋର୍ଟରେ ସ୍ପଷ୍ଟ କରିଛି ପୋଲିସ ।

# ସଡକ ଦୁର୍ଘଟଣା କ୍ଷେତ୍ରରେ ଭାରତ ବିଶ୍ୱରେ ଆଗୁଆ


କଟକ(ଭାସ୍କର ନ୍ୟୁଜ): ଜାନୁୟାରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଓଡିଶାରେ ରାଜ୍ୟ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି । ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସଡକ ଦୁର୍ଘଟଣାକୁ କିପରି ହ୍ରାସ କରାଯାଇପାରିବ । ଏ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ସହ ଟ୍ରଫିକ୍ ନିୟମ ପାଳନ କରିବାକୁ ମଧ୍ୟ ଉପଦେଶ ଦିଆଯାଉଛି । ସେହିପରି ଜାନୁୟାରୀ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ମଧ୍ୟ ଦେଶରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଅବଧି ମଧ୍ୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ, ସରକାରୀ ସ୍ତରରେ ସଡକ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ଏଯାବତ ଅଶାନୁରୁପକ ଫଳ ମିଳିପାରିନାହିଁ । ସଚେତନତାର ଅଭାବ କାରଣରୁ ଗାଡି ଚାଳକ ଦୃତ ଗତିରେ ଗାଡି ଚଳାଇବା ଫଳରେ ଦୁର୍ଘଟଣା ଘଟୁଛି । ଅଧିକାଂଶ ସଡକ ଦୁର୍ଘଟଣା କ୍ଷେତ୍ରରେ ଗାଡି ଚାଳକର ଅସାବଧାନତାରୁ ଏଭଳି ଦୁର୍ଘଟଣା ଘଟୁଅଛି । ଘଣ୍ଟା ପ୍ରତି ୮୦ କିଲୋମିଟର ବେଗ ଅଥବା ଅଧିକ ବେଗରେ ଗାଡି ଚଳାଇବା ଯୋଗୁ ଅଧିକ ଦୁର୍ଘଟଣା ଘଟିବା ସହ ମୃତ୍ୟୁର ଆଶଙ୍କା ରହିଥାଏ । ଏଣୁ ଦୃତ ଗତିରେ ଗାଡି ଚାଳନାଠାରୁ ଦୁରେଇ ରହିବା ଜରୁରୀ । ଆଜିର ଆଧୁନିକ ସଡକ ପରିବହନ ବ୍ୟବସ୍ଥା ଉନ୍ନତମାନର କାରଣରୁ ଦୁରତା ହ୍ରାସ ପାଇଛି ଯାହାଫଳରେ ଦୃତ ଗତିରେ ଗାଡି ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟୁଅଛି । ସଡକ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରସଙ୍ଗ ହୋଇଥିବାବେଳେ ସଡକ ସମ୍ପର୍କୀୟ ଦୁର୍ଘଟଣାରେ ସର୍ବାଧିକ ଲୋକ ପ୍ରାଣ ହରାଉଛନ୍ତି । ଦିନକୁ ଦିନ ସଡକ ଦୁର୍ଘଟଣା ଏବଂ ସଡକ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତଥ୍ୟ ମୁତାବକ ବିଶ୍ୱରେ ସଡକ ଦୁର୍ଘଟଣା କ୍ଷେତ୍ରରେ (ଉଭୟ ଗୁରୁତର ଆଘାତ ଓ ଆଘାତ) କ୍ଷେତ୍ରରେ ଭାରତ ସବୁଠାରୁ ଆଗୁଆ । ବିଶ୍ୱରେ ପ୍ରତିବର୍ଷ ୧.୩୫ ନିୟୁତ ଲୋକ ସଡକ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ସେହିପରି ବିଶ୍ୱରେ ପ୍ରତିଦିନ ୩ ହଜାରରୁ ଅଧିକ (ଶିଶୁ, ଯୁବକ, ଲୋକ) ଗୁରୁତର ଭାବେ ଆଘାତ ହେଉଛନ୍ତି । ୨୦ରୁ ୫୦ ନିୟୁତ ଲୋକ ମଧ୍ୟ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଅକର୍ମଣ୍ୟ ହୋଇଯାଉଛନ୍ତି । ବିଶ୍ୱ ଅର୍ଥନୈତିକ ମୂଲ୍ୟାଙ୍କନ ଅନୁଯାୟୀ ସଡକ ଦୁର୍ଘଟଣାଜନିତ କ୍ଷୟକ୍ଷତି ବାର୍ଷିକ ୫୧୮ ବିଲିୟନ ଡଲାର ଅଟେ । ଓଡିଶାରେ ଗତ ୨୦୧୪ ମସିହାରୁ ୨୦୧୯ ମସିହା ମଧ୍ୟରେ ବହୁ ପରିମାଣରେ ଦୁର୍ଘଟଣା ଘଟିଥିଲା । ଓଡିଶାରେ ଦୃତ ଗତିର ଯାନ ବାହନ ଚାଳନା ଯୋଗୁ ୬୯ ପ୍ରତିଶତ ଦୁର୍ଘଟଣା ଘଟିଛି । ୨୦୧୯ ମସିହା ଅପେକ୍ଷା ଗତ ୨୦୨୦ରେ କୋଭିଡ୍ -୧୯ ଯୋଗୁ ଲକ୍‌ଡାଉନ, ସଟ୍‌ଡାଉନ ଆଦି କାରଣରୁ ଦୁର୍ଘଟଣା ୧୧ ପ୍ରତିଶତ ହ୍ରାସ ପାଇଥିଲା । ୨୦୨୦ ମସିହାରେ ଓଡିଶାରେ ଦୁର୍ଘଟଣାରେ ୪୭୩୮ ଜଣଙ୍କର ମୃତ୍ୟୁ ଘଟିଥିଲା । ରାଜ୍ୟରେ ୨୦୨୨ ମସିହାରେ ୫୪୬୭ ଜଣ ଲୋକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୨୦୨୩ ମସିହାରେ ୫୭୩୯ ଜଣ ଲୋକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ୨୦୨୩ ମସିହାରେ ପୂର୍ବ ବର୍ଷ ଅପେକ୍ଷା ୪.୮ ପ୍ରତିଶତ ଅଧିକ ଦୁର୍ଘଟଣା ଘଟିଥିଲା । ତେବେ ୨୦୨୪ ମସିହାର ପ୍ରଥମ ୬ ମାସ ମଧ୍ୟରେ ଓଡିଶାରେ ୭ ପ୍ରତିଶତ ଅଧିକ ସଡକ ଦୁର୍ଘଟଣା ଘଟିଥିଲା । ଚଳିତ ବର୍ଷ ଏହି ଅବଧି ମଧ୍ୟରେ ରାଜ୍ୟରେ ୬୩୬୩ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୩୧୯୮ ଜଣ ଲୋକ ପ୍ରାଣ ହରାଇଥିବାବେଳେ ୫୭୩୫ ଜଣ ଲୋକ ଗୁରୁତର ଆହତ ହୋଇଥିଲେ । ୨୦୨୦ ଷ୍ଟକ୍‌ହୋମ୍ ଅଧିବେଶନରେ ମିଳିତ ଜାତିସଂଘର ଅନୁମତିକ୍ରମେ ୨୦୨୧-୨୦୩୦ ପର୍ଯ୍ୟନ୍ତ ଗ୍ଲୋବାଲ୍ ପ୍ଲାନର୍ ଯୋଜନା ମୁତାବକ ମଇ ୧୭ ତାରିଖରୁ ୨୩ ପର୍ଯ୍ୟନ୍ତ ଷଷ୍ଠ ଜାତିସଂଘ ଗ୍ଲୋବାଲ୍ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି । ଏହାର ଆଭିମୁଖ୍ୟ ହେଉଛି ୨୦୩୦ ସୁଦ୍ଧା ୫୦ ପ୍ରତିଶତ ସଡକ ଦୁର୍ଘଟଣା ହ୍ରାସ କରିବା । ଏପରିସ୍ଥିତିରେ ସଡକର ଉଚିତ୍ ପରିକଳ୍ପନା, ସଡକ ସୁରକ୍ଷା ନିୟମକୁ ଠିକ୍ ଭାବେ ପାଳନ କରିବା ଓ ଗାଡିର ବେଗକୁ କମ୍ ସଚେତନ ହୋଇ ଗାଡି ଚଳାଇ ସଡକ ଦୁର୍ଘଟଣାକୁ ଏଡାଇବା ଜରୁରୀ ହୋଇପଡିଛି ।

# ସଡ଼କ ସୁରକ୍ଷା ମାସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୫ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ମାସେବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ପରିପ୍ରେକ୍ଷୀରେ ଗତକାଲି ମଙ୍ଗଳବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲବା ବେଳେ ଏ ବର୍ଷ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜ ପଥ ମନ୍ତ୍ରାଳୟ ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ନିମନ୍ତେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି । ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିବା ବେଳେ ଲୋକସେବା ଭବନରେ ରାଜ୍ୟ ପୋଲିସ୍ ମହା ନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ପୋଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଅମିତାଭ ଠାକୁରଙ୍କ ସମେତ ପରିବହନ ବିଭାଗର ଅନ୍ୟ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ , ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସଡକ ଦୁର୍ଘଟଣା କମାଇବା ସହିତ ଏବଂ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଦେଖାଯାଇଛି ଯେ, ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ପ୍ରତିବର୍ଷ ପାଖାପାଖି ୫ ହଜାର ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି । ପୃଥିବୀରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ସଂଖ୍ୟା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟାଠାରୁ ଅଧିକ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଇଛି । ଦ୍ରୁତ ବେଗରେ ଗାଡ଼ି ଚଳାଇବା, ମାଦକ ଦ୍ରବ୍ୟ ସେବନ, ଭୁଲ ରାସ୍ତାରେ ଏବଂ ଟ୍ରାଫିକ ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି । ରାଜ୍ୟ ସରକାରଙ୍କ ତରଫରୁ ବର୍ଷ ସାରା ସଡ଼କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିକବା ବେଳେ ଏହି ମାସରେ ସଚେତନତା କାର୍ଯ୍ୟକୁ ବ୍ୟାପକ କରାଯିବାକୁ ଆଲୋଚନା କରାଯାଇଛି । 'ସଡ଼କ ସୁରକ୍ଷା, ପରିବାର ରକ୍ଷା', 'ସୁରକ୍ଷିତ ଭାବେ ଘରକୁ ଫେରିବା' ଚଳିତ ବର୍ଷ ସଡ଼କ ସୁରକ୍ଷା ମାସ ପାଳନର ପ୍ରମୁଖ ଅଭିଯାନ ହେବ । ସଡ଼କ ସୁରକ୍ଷା ପ୍ରସଙ୍ଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସମସ୍ତ ଅଂଶୀଦାରମାନେ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଉଦ୍ଦେଶ୍ୟ ରହିଛି । ଏଥି ପାଇଁ ସମସ୍ତ ଆଂଚଳିକ ପରିବହନ ଅଧିକାରୀମାନଙ୍କୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ପାଣ୍ଠି ଦିଆଯାଇଛି । ଜିଲ୍ଲା ସଡ଼କ ସୁରକ୍ଷା ସମିତି ସହାୟତାରେ ସବୁ ଜିଲ୍ଲାରେ ସଡକ ସୁରକ୍ଷା ସଚେତନତା ରଥ ପରିକ୍ରମା କରିବ । ସେଥିରେ ଏଲଇଡି ବା ଟିଭି ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ସଂପର୍କିତ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହେବ । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ପାଇଁ ସଡ଼କ ସୁରକ୍ଷା ସଂପର୍କିତ ସ୍ଲୋଗାନ, ପେଂଟିଂ, କୁଇଜ୍ ଆଦି ପ୍ରତିଯୋଗିତା ଯଥା ଇତ୍ୟାଦି ଅନୁଷ୍ଠିତ ହେବ । ବିଭିନ୍ନ ପିକନିକ୍ , ପର୍ଯ୍ୟଟନ ସ୍ଥଳ ଓ ଦର୍ଶନୀୟ ସ୍ଥାନରେ ସଡ଼କ ସୁରକ୍ଷା ବାର୍ତ୍ତା ଦର୍ଶାଉଥି ବା ବ୍ୟାନର ଲଗାଯିବା ସହ ପ୍ରଚାରପତ୍ର ବଂଟାଯିବ । ବେଆଇନ ଭାବେ ରାଜପଥରେ ପାର୍କିଂ କରିଥିବା ଗାଡିକୁ ତୁରନ୍ତ ହଟାଯିବ । ଟ୍ରାଫିକ ନିୟମ ଉଲଙ୍ଘନ କରୁଥିବା ଗାଡ଼ି ଚାଳକମାନଙ୍କୁ ଛାତ୍ର ଟ୍ରାଫିକ୍ ସ୍ୱେଚ୍ଛାସେବୀ(ଷ୍ଟୁଡେଂଟ ଟ୍ରାଫିକ୍ ଭଲ୍ୟୁଂଟିୟର ) ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରାମର୍ଶ ଦିଆଯିବ । ବିଶେଷ କରି ପିକ୍‌ନିକ୍ ସ୍ଥାନରେ ଓ ଦର୍ଶନୀୟ ସ୍ଥଳରେ ଏନ୍‌ଫୋର୍ସମେଂଟ ଦଳ ମୁତୟନ ରହିବେ । ଗୁରୁତ୍ୱପୂର୍ଣ୍ଣ ପିକ୍‌ନିକ୍ ସ୍ପଟ୍ ଗୁଡିକରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ମଦୁଆ ଡ୍ରାଇଭରମାନଙ୍କ ପ୍ରତି ନଜର ରଖିବା ପାଇଁ ପୁଲିସ ମୁତୟନ ରହିବେ । ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜ ଜିଲ୍ଲାର ସଡ଼କ ଦୁର୍ଘଟଣା ସ୍ଥିତି, କାରଣ ଓ ସେଥିପାଇଁ ନିଆଯାଉଥିବା ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ଅବଗତ କରିଥିଲେ । ବିଭିନ୍ନ ପଦକ୍ଷେପ ନିଆଯାଇ ବିଭିନ୍ନ ଜିଲ୍ଲାରେ ସଡକ ଦୁର୍ଘଟଣାକୁ କମାଇବା, ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା, କମ୍ ବୟସ ପିଲାମାନଙ୍କୁ ଡ୍ରାଇଭିଂରୁ ନିବୃତ୍ତ କରାଇବା, ଟ୍ରାଫିକ ନିୟମ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା, ସଡ଼କ ନିୟମ ନମାନି ଗାଡି ଚଳାଇବା ଯୋଗୁଁ କିପରି ଜୀବନ ହାନି ଘଟି ସମାଜର କ୍ଷତି ଘଟିବା ସଙ୍ଗେ ସଙ୍ଗେ ପରିବାର ପାଇଁ ଦୁଃଖର କାରଣ ହେଉଛି, ସେଥିରପାଇଁ ଭାରତ ସରକାରଙ୍କ ତରଫରୁ ରହିଥିଗବା ସଡ଼କ ସୁରକ୍ଷା ଅଭିଯାନ 'ପର୍ବାହ' ଭାବପ୍ରବଣ ଅଭିଯାନ ମାଧ୍ୟମରେ ସଚେତନତାକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦିଆଯାଇଛି ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ମଣିପୁର ହିଂସା ଓ ସଂଘର୍ଷ

# ମୁଖ୍ୟମନ୍ତ୍ରୀଙ୍କ ବିଳମ୍ବରେ ନିଦ୍ରାଭଙ୍ଗ

ଆମ ଦେଶର ଉତ୍ତର-ପୂର୍ବାଞ୍ଚଳରେ ଅବସ୍ଥିତ ମଣିପୁର ଗତ ଦେଢ଼ବର୍ଷରୁ ଅଧିକ ସମୟ ଧରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ରାଜ୍ୟରେ ଦୀର୍ଘଦିନ ହେଲା ଜାରି ରହିଥିବା ଜାତିଆଣ ଦଙ୍ଗା ଯୋଗୁଁ ବହୁ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଗତ ୨୦୨୩ ମସିହା ମଇ ୩ ତାରିଖରୁ କୁକି-ମୈତେଇ ସଂପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ସଂଘର୍ଷ ଏବେ ମଧ୍ୟ ଅବ୍ୟାହତ ରହିଛି। ମଝିରେ ମଝିରେ ସାମୟିକ ଭାବରେ ଶାନ୍ତିପୂର୍ଣ୍ଣ ବାତାବରଣ ଦେଖିବାକୁ ମିଳିଥିଲେ ହେଁ ପରବର୍ତ୍ତୀ ସମୟରେ ପୁଣି ଥରେ ସଂଘର୍ଷ, ରକ୍ତପାତ ଓ ଲୁଟ୍‌ପାଟ୍‌ର ବିଭୀଷିକାମୟ ଚିତ୍ର ଗଣମାଧ୍ୟମ ପୃଷ୍ଠା ମଣ୍ଡନ କରିଥାଏ। ମଣିପୁର ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନଥିବା ଅଭିଯୋଗ କରି ବିରୋଧୀ ଦଳ ବହୁ ସମୟରେ କେନ୍ଦ୍ରକୁ ଟାର୍ଗେଟ୍ କରି ଆସିଛନ୍ତି। ବିଶେଷ କରି ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂହଙ୍କ ଅପାରଗତା ଓ ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ଜାତିଆଣ ଦଙ୍ଗା ବଢ଼ି ଚାଲିଥିବା ଅଭିଯୋଗ କରି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ମଣିପୁର ହିଂସା ଏକ ଜାତୀୟ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ହୋଇଥିଲେ ହେଁ ପ୍ରଧାନମନ୍ତ୍ରୀ ଏହି ରାଜ୍ୟକୁ ଗସ୍ତ କରିନଥିବାରୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ତୀବ୍ର ସମାଲୋଚନା କରିଛନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ ଏବେ ମଣିପୁର ମୁଖ୍ୟମନ୍ତ୍ରୀଙ୍କ ନିଦ୍ରାଭଙ୍ଗ ହେଲା ଭଳି ମନେ ହେଉଛି ଏବଂ ବିଦାୟୀ ବର୍ଷ-୨୦୨୪ର ଅନ୍ତିମ ମୁହୂର୍ତ୍ତରେ ସେ ରାଜ୍ୟରେ ଲାଗି ରହିଥିବା ହିଂସାକାଣ୍ଡ ପାଇଁ ରାଜ୍ୟବାସୀଙ୍କ ପାଖରେ କ୍ଷମା ପ୍ରାର୍ଥନା କରିଛନ୍ତି। ଜାତିଆଣ ଦଙ୍ଗା ଓ ହିଂସାକାଣ୍ଡ ଯୋଗୁଁ ଅନେକ ଧନ ଓ ଜୀବନ ହାନି ହେବା ସହ ହଜାର ହଜାର ଲୋକ ବାସହରା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂହ ଗଭୀର ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ରାଜ୍ୟବାସୀ ଦେଢ଼ବର୍ଷରୁ ଅଧିକ ସମୟ ଧରି ସହିଥିବା ଦୁଃଖ ଯନ୍ତ୍ରଣା ପାଇଁ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ୨୦୨୩ ମଇ ୩ ତାରିଖରୁ ମଣିପୁରରେ ଯାହାସବୁ ଘଟିଲା, ସେଥିପାଇଁ ମୁଁ ଖୁବ୍ ମର୍ମାହତ ଏବଂ ଏହି କାରଣରୁ ସମସ୍ତ ମଣିପୁର ବାସିନ୍ଦାଙ୍କୁ କ୍ଷମା ମାଗୁଛି। ଅନେକ ଲୋକ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ଏବଂ ନିଜ ନିଜର ବାସସ୍ଥାନ ହରାଇ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି। ଜାତିଆଣ ହିଂସାକୁ ନେଇ ରାଜ୍ୟରେ ଏଭଳି ସ୍ଥିତି ଉପୁଜିଥିବାରୁ ମୁଁ ବାସ୍ତବରେ ଖୁବ୍ ଅନୁତପ୍ତ ବୋଲି ଶ୍ରୀ ସିଂହ ଉଲ୍ଲେଖ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଗତ ୩/୪ ମାସ ମଧ୍ୟରେ ରାଜ୍ୟରେ ଗୁଳିକାଣ୍ଡ ଘଟଣା ପୂର୍ବାପେକ୍ଷା ହ୍ରାସ ପାଇଛି। ୨୦୨୩ ମଇରୁ ଅକ୍ଟୋବର ମାସ ମଧ୍ୟରେ ମଣିପୁରରେ ୪୦୮ଟି ଗୁଳିକାଣ୍ଡ ଘଟଣା ଘଟିଥିଲେ ହେଁ ଗତ କିଛି ମାସ ମଧ୍ୟରେ ଏହା ୧୧୨କୁ କମି ଆସିଛି। ବିଦାୟୀ ବର୍ଷରେ ମଣିପୁରରେ ହିଂସାକାଣ୍ଡ ଉଗ୍ରରୂପ ନେବା ସହିତ ୨୫୦ରୁ ଅଧିକ ଲୋକ ଏଥିରେ ପ୍ରାଣ ହରାଇଥିଲେ। ରାଜ୍ୟରେ ମହିଳାମାନଙ୍କ ପ୍ରତି ଅସଦାଚରଣ ବିଶେଷ କରି ଜଣେ ଯବାନଙ୍କ ପତ୍ନୀଙ୍କ ସମେତ ଦୁଇଜଣ ମହିଳାଙ୍କୁ ଉଲଗ୍ନ କରାଯାଇ ରାସ୍ତାରେ ଚଳାଇ ଚଳାଇ ନିଆଯିବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ହଇଚଇ ସୃଷ୍ଟି କରିଥିଲା। ନୂତନ ବର୍ଷ ୨୦୨୫ରେ ରାଜ୍ୟରେ ସ୍ୱାଭାବିକ ସ୍ଥିତି ଓ ଶାନ୍ତି ଫେରିବ ବୋଲି ଆଶା ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ବିଭିନ୍ନ ସଂପ୍ରଦାୟ ସେମାନଙ୍କ ଅତୀତର ତ୍ରୁଟିକୁ ଭୁଲି ଯାଇ ଏକ ନୂଆଜୀବନ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ପରସ୍ପର ପ୍ରତି ବିଶ୍ୱାସ ଓ ସହଯୋଗ ହିଁ ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବ ବୋଲି ମତବ୍ୟକ୍ତ କରିଛନ୍ତି। ଦୀର୍ଘଦିନର ନୀରବତା ପରେ ଏହି ହିଂସାପ୍ରବଣ ରାଜ୍ୟର ମୁଖ୍ୟମନ୍ତ୍ରୀ ମୁହଁ ଖୋଲିବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ମାତ୍ର ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିବା ଦୃଷ୍ଟିରୁ ତାଙ୍କର କ୍ଷମାପ୍ରାର୍ଥନା ଓ ଶାନ୍ତି ଫେରାଇ ଆଣିବା ପାଇଁ ନିବେଦନ ରାଜ୍ୟବାସୀଙ୍କ ଦ୍ୱାରା କେତେଦୂର ଗ୍ରହଣୀୟ ହେବ, ତାହା ଭବିଷ୍ୟତ ହିଁ କହିବ।

# ମୋ ରାଇଜ ସବୁଠୁ ସୁନ୍ଦର



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଓଡ଼ିଶା ମୋ ଓଡ଼ିଶା, କେଡେ ସୁନ୍ଦର ରାଇଜ ମୋର କେଡେ ମିଠା ମୋ ଭାଷା -ଏହି ଗୀତଟି ଶୁଣିଲେ ତନୁମନରେ ଶିହରଣ ଆସେ। ମାତୃଭୂମି ଓ ମାତୃଭାଷା ପ୍ରତି ଆନ୍ତରିକତା ଭାବ ଆସେ। ସେହିପରି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ- ମାତୃଭୂମି ମାତୃଭାଷାରେ ମମତା ଯାହୃଦେ ଜନମି ନାହିଁ ତାଙ୍କୁ ଯେବେ ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କାହିଁ। ସେହିପରି ଭକ୍ତକବି ମଧୁସୂଦନଙ୍କ ଭାଷାରେ - ମାତୃଭୂମି ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ଏଥିରୁ ମାତୃଭୂମି ଓ ମାତୃଭାଷା ଆମ ଅସ୍ମିତାର ପ୍ରତୀକ ସ୍ପଷ୍ଟରୂପେ ବାରି ହୋଇପଡ଼େ। ଗତ ଏପ୍ରିଲ ୧ ତାରିଖରେ ଆମେ ଓଡ଼ିଶା ପ୍ରଦେଶ ଗଠନର ୮୯ତମ ପୂର୍ତ୍ତିଦିବସ ପାଳନ କରିଛେ। ଏହି ଅବସରରେ ସ୍ୱତଃ ମନେପଡ଼ିଯାଆନ୍ତି ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଥା ସମ୍ରାଟ ଫକୀର ମୋହନ, କର୍ମବୀର ଗୌରୀଶଙ୍କର, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ, ଆର୍ଯ୍ୟ ହରିହର, ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ, ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଆହୁରି ଅନେକ। ଯେଉଁମାନଙ୍କ ଅକ୍ଲାନ୍ତ ପରିଶ୍ରମ, ଚରମ ତ୍ୟାଗ ଓ ନିଷ୍ପାପର ଉଦ୍ୟମ ଫଳରେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା। ସେମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ଅତୀତର ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ।

ଭାରତବର୍ଷରେ ଭାଷାଭିତ୍ତିକ ପ୍ରଦେଶ ଗଠନ କ୍ଷେତ୍ରରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରାଯାଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ତାହା ସଫଳ ହୋଇଥିଲା ୧୯୩୬ ମସିହା ଏପ୍ରିଲ ପହିଲାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତତ୍କାଳୀନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ - ଏହି ଛଅଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ଛଅଟି ଜିଲ୍ଲାକୁ ନେଇ ଓଡ଼ିଶାର ସୀମା ସଙ୍କୁଚିତ ହୋଇରହିଲା ୧୯୪୭ ମସିହା ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ। ୧୯୪୮ ମସିହାରେ ଗଡଜାତ ଅଞ୍ଚଳ ମିଶ୍ରଣ ସହ ପରେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଓ ୧୯୪୯ ମସିହା ଜାନୁୟାରୀ ପହିଲାରେ ମୟୂରଭଞ୍ଜ ଜିଲ୍ଲା ମିଶିବା ପରେ ମୋଟ ୧୩ଟି ଜିଲ୍ଲାକୁ ନେଇ ଗଢାହେଲା ଆଧୁନିକ ଓଡ଼ିଶା ପ୍ରଦେଶ। ଏହି ଜିଲ୍ଲା ସଂଖ୍ୟା ଏବେ ୩୦ରେ ପହଞ୍ଚିଛି। ଏସବୁ ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ ରହିଯାଇଛି। ୧୯୩୬ ମସିହାରୁ ଅଦ୍ୟାବଧି ୮୮ବର୍ଷ ବିତିଯାଇଥିଲେ ମଧ୍ୟ ଏସବୁ ଅଞ୍ଚଳର ଏକତ୍ରୀକରଣ ନାନା ରାଜନୈତିକ କାରଣରୁ ହୋଇପାରିଲା ନାହିଁ। ଫଳସ୍ୱରୂପ, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ପୂର୍ଣ୍ଣାଙ୍ଗ ଉତ୍କଳ ଗଠନର ସ୍ୱପ୍ନ ଏବେ ମଧ୍ୟ ସୁଦୂର ପରହାଟ।

ଆମ ଅତୀତ ଇତିହାସ ଗୌରବମୟ। ଦିନ ଥିଲା ଆମ ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଆମ ସାଧବପୁଅ ସାତ ସମୁଦ୍ର ତେର ନଈ ପାରିହୋଇ ସୁଦୂର ଜାଭା, ସୁମାତ୍ରା, ବାଲି ଦୀପପୁଞ୍ଜରେ ବେପାର ବଣିଜ କରି ଏ ରାଜ୍ୟକୁ ସମୃଦ୍ଧ କରିଥିଲେ। ମାଟିର ମହାକବି ସାରଳା ଦାସ, କବିସୂର୍ଯ୍ୟ ବଳଦେବ ରଥ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସୃଷ୍ଟି ସମ୍ଭାର ଅନ୍ୟ ଭାଷା ସାହିତ୍ୟରେ ଦୁର୍ଲଭ। କଟକର ସୁନାରୁପାର ତାରକସି କାମ, ପିପିଲିର ଚାନ୍ଦୁଆ, ସମ୍ବଲପୁରୀ ଶାଢ଼ୀର ଦେଶ ବିଦେଶରେ ବହୁତ ଆଦର ଥିଲା। ଓଡ଼ିଆ ଶିଳ୍ପୀର ନିହାଣ ମୁନରୁ ସୃଷ୍ଟି ହୋଇଥିଲା ମହାନ୍ କଳାର ନିଦର୍ଶନ କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀର ଜଗନ୍ନାଥ ମନ୍ଦିର। ଆମ ରାଜ୍ୟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। ଆମ ରାଜ୍ୟର ୧୨ ବର୍ଷର ପୁଅ ଧରମା କୋଣାର୍କ ମନ୍ଦିରର ଚୂଳ ବସାଇଥିଲା।

ଏହି ସମୟ ମଧ୍ୟରେ ରାଜ୍ୟରେ ବହୁତ ଗୁଡ଼ିଏ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଶିଳ୍ପ, କୃଷି, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଓ ଅନ୍ୟାନ୍ୟ ଦିଗରେ ଓଡ଼ିଶା ଆଜି ଆଗେଇଛି ପୂର୍ବାପେକ୍ଷା। କିନ୍ତୁ ଆମ ପୂର୍ବସୁରୀଙ୍କ ସ୍ୱପ୍ନ ଏବେ ବି ଅଧୁରା ରହିଛି। ଆମର ସମୃଦ୍ଧ ପରମ୍ପରା, ମହାନ୍ ସଂସ୍କୃତି, ଆମାପ ପ୍ରାକୃତିକ ସମ୍ପଦ ଆମ ବିକାଶରେ ସହାୟକ ହୋଇପାରିନାହିଁ। ସେ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ବେଳ ନାହିଁ। ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଓଡ଼ିଶା ଏବେ ବି ପଛୁଆ ରାଜ୍ୟ, ଅବହେଳିତ ମଧ୍ୟ। ଅଦ୍ୟାବଧି ରାଜ୍ୟର ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ। ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ନକହିଲେ ଭଲ। ଅନାହାର ମୃତ୍ୟୁ ଅଭିଯୋଗ ଏବେ ମଧ୍ୟ ଆମ ରାଜ୍ୟରେ ଶୁଣାଯାଏ। ଏପରିକି ଶିଶୁ ବିକ୍ରି ଭଳି ଅଭାବନୀୟ ଘଟଣା ମଧ୍ୟ ଏଠି ଘଟେ। ମାଓବାଦୀ ଓ ନକ୍ସଲବାଦୀଙ୍କ ଆକ୍ରମଣରେ ଜର୍ଜରିତ ଓଡ଼ିଶାବାସୀ।

ବହୁ ପ୍ରତୀକ୍ଷାର ଅନ୍ତପରେ ଓଡ଼ିଆ ଭାଷାକୁ ୨୦୧୪ମସିହାରେ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଷଷ୍ଠ ଭାରତୀୟ ଭାଷା ଭାବେ ଓଡ଼ିଆ ଏହି ଗୌରବର ଅଧିକାରୀ ହୋଇପାରିଛି। ଓଡ଼ିଶାର ଏହି ଐତିହାସିକ ସଫଳତା ଓଡ଼ିଆଙ୍କୁ ଗୌରବାନ୍ୱିତ ଓ ଉତ୍ସାହିତ କରିଛି। ଏହି ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୧୧ ତାରିଖକୁ ରାଜ୍ୟ ସରକାର ଶାସ୍ତ୍ରୀୟ ଭାଷା ଦିବସ ପାଳନ କରଆସୁଛନ୍ତି। ଏପରିକି ବିଧାନ ସଭାରେ ସରକାର ଆଣୁଥିବା ବିଲ୍ ଗୁଡ଼ିକୁ ଓଡ଼ିଆ ଭାଷାରେ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ଏବର ସରକାର ୧୯୫୪ ଓଡ଼ିଆ ଭାଷା ଅଧିନିୟମକୁ କାର୍ଯ୍ୟକାରୀ କରିବା ସହ ଗତ ୨୦୧୬ ଅଗଷ୍ଟ ୧୫ ତାରିଖଠାରୁ ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ପୁଣି ଥରେ ଏକ ଯୁଗାନ୍ତକାରୀ ନିଷ୍ପତି ନେଇଥିଲେ। ଇତିମଧ୍ୟରେ ୮ବର୍ଷ ବିତିଗଲାଣି। କିନ୍ତୁ ନିକଟରେ ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ୩ରୁ ୫ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିଲେ। ଏପରିକି ଜିଲ୍ଲାସ୍ତରରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେବଳ ସରକାରୀ ସ୍ତରରେ ପଦକ୍ଷେପ ଯଥେଷ୍ଟ ନୁହେଁ ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଦରକାର। ଏସବୁ ସତ୍ତ୍ୱେ ଯେଉଁ ଅନ୍ଧାରିଆ ଦିଗଟି ରହିଛି ତାହା ହେଉଛି ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଅନାଦର। ଏଭଳି ଦୁଃଖଦ ପରିସ୍ଥିତି ଭାରତରେ ଅନ୍ୟ କୌଣସି ଭାଷାଭାଷୀ ଅଞ୍ଚଳରେ ଦେଖିବାକୁ ମିଳେନାହିଁ। ସେଥିପାଇଁ ତ ବାଲେଶ୍ୱରରେ ବଙ୍ଗଳା ଭାଷା ଯେତିକି ପ୍ରିୟ, ମୟୂରଭଞ୍ଜ, ସୁନ୍ଦରଗଡ଼, ବରଗଡ଼, କଳାହାଣ୍ଡି ଇତ୍ୟାଦିରେ ହିନ୍ଦୀ ଭାଷା ମଧ୍ୟ ସେଭଳି ଲୋକପ୍ରିୟ। ଗଜପତି, ଗଞ୍ଜାମ ଓ କୋରାପୁଟରେ ତେଲଗୁ ଭାଷାର ପ୍ରାଧାନ୍ୟ କମ୍ ନୁହେଁ। ଏପରି ଅବସ୍ଥାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ କଥା ଆହୁରି ତଦ୍ରୁପ। ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରାୟ ବିଲୁପ୍ତ ହେବାକୁ ବସିଲାଣି।

ଗୋଟିଏ ଜାତିର ଉତ୍‌ଥାନ ପଛରେ ଥାଏ ତା'ର ଭାଷା। ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲୁ। ଏସବୁ କଥାକୁ ଆମକୁ ବୁଝିବାକୁ ହେବ। ହେ ଓଡ଼ିଆ ! ଏବେ ବି ସମୟ ଅଛି, ନିଦ୍ରାଭଙ୍ଗ କରି ଜାଗ୍ରତ ହେବା ପାଇଁ, ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଚିହ୍ନି ନିଜ ଜାତିର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ। ତାହେଲେ ଯାଇ ଆମ ପୂର୍ବସୂରୀମାନଙ୍କର ପ୍ରକୃତ ଦାୟାଦ ବୋଲି ଆମେ ସଗର୍ବେ କହିପାରିବା !

# ପିଲାଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ନୂଆବର୍ଷ



ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪

ଗତାନୁଗତିକ ଭାବରେ ପରିବର୍ତ୍ତିତ ହୋଇଛି ଆଉ ଗୋଟିଏ ବର୍ଷ। ନୂଆ କ୍ୟାଲେଣ୍ଡରଟି କାନ୍ଥରେ ଲାଗିଛି। ନୂତନ ବର୍ଷର ଶୁଭ ମନାସିବା ପାଇଁ ଦେବାଳୟ ଦର୍ଶନ ଓ ଭୋଜିଭାତ ଭିତରେ କିନ୍ତୁ ପ୍ରାୟତଃ ଗୋଟିଏ ପ୍ରସଙ୍ଗ ଅଧିକାଂଶ କ୍ଷେତ୍ରରେ ଅଣଦେଖା ହୋଇଯାଏ। ସେ କ୍ଷେତ୍ରଟି ହେଉଛି ପିଲାମାନଙ୍କ ସ୍ୱାସ୍ଥ୍ୟଗତ ଦିଗ। ଅଭିଭାବକମାନେ ଯେ ପିଲାଟିର ସ୍ୱାସ୍ଥ୍ୟ ପାଇଁ ଅବହେଳା କରନ୍ତି ତାହା ଏହି ଆଲୋଚନାର ପ୍ରସଙ୍ଗ ନୁହେଁ କିନ୍ତୁ ଚିକିତ୍ସା ସେବା ପରି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ପ୍ରତ୍ୟୋହ ଶହ ଶହ ନିରୀହ ନିଷ୍ପାପ ପିଲାମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଛି ପ୍ରସଙ୍ଗ ମୋ ପରି ଚିକିତ୍ସକ ପାଇଁ ଆନ୍ଦୋଳିତର ପ୍ରସଙ୍ଗ ହୋଇଥାଏ। ଏହି ଦେଖନ୍ତୁ ବାପାମାଆ ମାନେ ବେଶ୍ ଉଚ୍ଚଶିକ୍ଷିତ, ପ୍ରତିଷ୍ଠିତ, ଜ୍ଞାନଗୁଣ ସମ୍ପନ୍ନ ଏବଂ ପଇସାର ବି କେଉଁ ଅଭାବ ନାହିଁ। କିନ୍ତୁ ପିଲାଟିର ଜନ୍ମରୁ ଟୀକା ଦିଆ ହୋଇନଥିବ। ଚିକିତ୍ସକଟି ଏ ପ୍ରସଙ୍ଗ ଉତ୍ଥାପନ କଲେ କେହି କେହି ସମ୍ପୃକ୍ତ ଚିକିତ୍ସକଙ୍କର ନିଜ ସ୍ୱାର୍ଥ ବୋଲି କେହି ବିଚାର କରୁଥିବାବେଳେ କେହି କେହି ଅବହେଳା ହୋଇଯାଇଛି ବୋଲି ଜିଭ କାମୁଡି ଦେଇଥାନ୍ତି ! ପରବର୍ତ୍ତୀ ସମୟରେ ଏହି ଛୋଟିଆ ଅବହେଳାଟି ପିଲା ପାଇଁ ପୋଲିଓ ଠାରୁ, ଧନୁଷଟଙ୍କାର, ହେପାଟାଇଟିସ୍ ପରି ଭୟାନକ ଯନ୍ତ୍ରଣାଦାୟକ ରୋଗର ଯେ କାରକ ନହେବ ତାହା କିଏ କହିବ ? ଦ୍ୱିତୀୟ ପ୍ରସଙ୍ଗ ହେଉଛି ପିଲାମାନଙ୍କ ଜନ୍ମ ପଞ୍ଜୀକରଣ।

ଅଧିକାଂଶ ପିତାମାତା ବେଶ୍ ସଚେତନ ହୋଇ ବି ବର୍ଷ ବର୍ଷ ଧରି ପିଲାମାନଙ୍କ ପଞ୍ଜୀକରଣ ସାର୍ଟିଫିକେଟ ପାଇନଥାନ୍ତି। ଯେତେବେଳେ ପରିସ୍ଥିତିର ଚାପ ପଡ଼େ ସେତେବେଳେ ମୁଣ୍ଡକୁ ବିଛା କାମୁଡ଼ିଲା ପରି ଦଉଡନ୍ତି ଏହି ସାର୍ଟିଫିକେଟଟି ପାଇବା ପାଇଁ। ଚିକିତ୍ସା ସେବା କହୁଛି ନିୟମିତ ବ୍ୟବଧାନରେ ପିଲାମାନଙ୍କ ସ୍ୱାସ୍ଥ୍ୟର ନିଦାନ ଠାରୁ ଆବଶ୍ୟକୀୟ ପରାମର୍ଶ ଶିଶୁ ରୋଗ ବିଶେଷଜ୍ଞଙ୍କ ଠାରୁ ନିଅନ୍ତୁ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଦିଗକୁ ଗୁରୁତ୍ୱ ବିଚାର କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ହସ୍ପିଟାଲ ଠାରୁ ରାଜ୍ୟର ସର୍ବବୃହତ୍ ବଡ଼ମେଡ଼ିକାଲ ଓ ଶିଶୁଭବନରେ ଶିଶୁରୋଗ ବିଶେଷଜ୍ଞ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ବିନା ମୂଲ୍ୟରେ ନିଦାନ ଓ ଆବଶ୍ୟକୀୟ ପରାମର୍ଶ ପାଇଁ ଉପସ୍ଥିତ ଥିଲେ ବି ପିଲାଟିକୁ ବିଧିବଦ୍ଧ ରୋଗ ନ ହେଲା ପର୍ଯ୍ୟନ୍ତ କେତେକ ପିତାମାତା ଏ ଦିଗକୁ ଅଣଦେଖା କରିଥାନ୍ତି। ପିଲାଟି ବଦହଜମର ଶିକାର ହେଉ ବା ଅପପୃଷ୍ଟି, ଭଲ ଭାବରେ ଭୋକ ନଲାଗୁ ବା କୌଣସି ପେଟ ଭିତର ଯନ୍ତ୍ରଣା ଯାହାକୁ ସେ ବର୍ଣ୍ଣନା କରିପାରିନଥାଏ। କିନ୍ତୁ ପିତାମାତା ମାନେ ସେ ଦିଗଟିକୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ଏପରି ଅନେକ ସବୁଠାରୁ ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ରହିଛି ଯାହାକୁ ସଚେତନ ବାପାମାଆ ମାନେ ନିଜ ଦୈନନ୍ଦିନ ଜୀବନର ରୁଟିନ୍ ଭାବେ ବିଚାର କରି ପିଲାଟିର ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ପିଲାଟିର ସ୍ୱାସ୍ଥ୍ୟ ଭଲ ରୁହଅନ୍ତା ଆଉ ଆପଣଙ୍କ ପିଲାଟି ଭବିଷ୍ୟତର ଏକ ସୁସ୍ଥ ଓ ଦିବ୍ୟମୟ ନାଗରିଗଟିଏ ଭାବେ ତିଆରି ହୋଇ ସମାଜର ସେବା କ୍ଷେତ୍ରରେ ନିଜର ସ୍ୱାକ୍ଷର ବହନ କରିପାରନ୍ତା।

ନୂଆବର୍ଷରେ ଅନେକ ବାପମାଆ ନିଜ ନିଜ ପାଇଁ ଅନେକ ପ୍ରତିଜ୍ଞା, ଶପଥ ରଖିଥାନ୍ତି। କିନ୍ତୁ ସେମାନଙ୍କ ପାଇଁ ବଡ଼ ଦାୟିତ୍ୱ ହେଉଛି ପିଲାମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟଗତ କ୍ଷେତ୍ର। କାରଣ ସେମାନେ ଭୁଲିଯିବା କଥା ନୁହେଁ ଯେ ପିଲାଟି ନିରୋଗ ଓ ସୁସ୍ଥ ସବଳ ତଥା ସ୍ୱାସ୍ଥ୍ୟବାନ ରହିଲେ ସେ ନିଜ ଦୈନନ୍ଦିନ ଜୀବନ ସ୍ୱାସ୍ଥ୍ୟପ୍ରଦ ଭାବେ ଗଢ଼ି ତୋଳିବାକୁ ସମର୍ଥ ହୋଇପାରିବ। ପିଲାମାନଙ୍କ ଜନ୍ମ ପଞ୍ଜିକରଣ ନହୋଇଥିଲେ ସରକାରୀ ବ୍ୟବସ୍ଥାରେ ତୁରନ୍ତ କରାଇ ନିଅନ୍ତୁ, ସରକାରୀ ସୁଯୋଗରେ ଥିବା ନିୟମିତ ସମୟ ବ୍ୟବଧାନର ଟୀକା ପିଲାକୁ ତୁରନ୍ତ ଦିଅନ୍ତୁ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବାର ସୁଯୋଗ ସୃଷ୍ଟି କରନ୍ତୁ ନାହିଁ। ପିଲାଟିର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି କି ବୁଝି ତୁରନ୍ତ ସରକାରୀ ଡାକ୍ତରଖାନାର ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। କୌଣସି କ୍ଷେତ୍ରରେ ତୁଟୁକା ତୁଟୁକି ବା ବେସରକାରୀ କ୍ୱାକ୍, ଗୁଣିଗାରେଡ଼ିର ଆଶ୍ରୟ ନିଅନ୍ତୁ ନାହିଁ। ପିଲାଟି ପାଇଁ ଏକ ଭଲ ଦୈନନ୍ଦିନ ଜୀବନର ରୁଟିନ୍ ପିଲାଟିର ଓ ନିଜର ପରିପାର୍ଶ୍ୱିକ ସ୍ଥିତିକୁ ଦେଖି ତିଆରି କରନ୍ତୁ। ପିଲାଟିର ବିଶ୍ରାମ ଠାରୁ ଖାଇବା ପିଇବା, ପାଠପଢ଼ା ଠାରୁ ଖେଳକୁଦ ଏପରିକି ପିଲାଟିର କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହ ଥିଲେ ଆପଣ ତାକୁ ପ୍ରୋତ୍ସାହିତ କରନ୍ତୁ। କେତେକ ପିଲା ନିଜ ସ୍ୱାସ୍ଥ୍ୟଗତର ଅସୁବିଧା ବୁଝିପାରି ନଥାନ୍ତି ଏ କ୍ଷେତ୍ରରେ ମାଆ ମାନଙ୍କ ଦାୟିତ୍ୱ ସବୁଠାରୁ ବଡ଼ଗୁରୁତ୍ୱପୂର୍ଣ୍ଣ।

ପିଲାଟିର କଥା ବୁଝିବା ପାଇଁ ଚେଷ୍ଟା କରନ୍ତୁ ତା ସହିତ ସୁଖଦୁଃଖ ହେବାପରି ଜଣେ ବନ୍ଧୁଟିଏ ହୁଅନ୍ତୁ। ପିଲାଦିନରୁ ସେମାନଙ୍କୁ ଅନୁଶାସନ ଶିଖାଇବା ଭଲ କିନ୍ତୁ ଏହା ହନୁ ଶାସନ ନହେଉ। କାରଣ ଦିଅଁ ଗଡ୍ଡୁ ଗଡ୍ଡୁ ମାଙ୍କଡଟିଏ ସୃଷ୍ଟି ନହେଉ। ପିଲାମାନେ ଅଧିକାଂଶ ସମୟରେ ଡାକ୍ତରଖାନା ଯିବାକୁ ଏକପ୍ରକାର ଭୟ କରନ୍ତି। ଆମ୍ଭେମାନେ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ସେମାନଙ୍କ ମନସ୍ତାତ୍ତ୍ୱିକ ଦିଗକୁ ଦୃଷ୍ଟିରେ ରଖି ପରାମର୍ଶ ଦେଇଥାଉ। ପିଲାଟି ପାଇଁ ନୂଆବର୍ଷରେ କିଛି ଉପହାର ଦେଇଦେଲେ ବା କୌଣସି ଜାଗା ବୁଲାଇ ଆଣିଲେ ବା ତାହାର କୌଣସି କଥା ରଖି ସମ୍ପୃକ୍ତ ଜିନିଷଟିଏ ଯୋଗାଇଦେଲେ ତାହା ପାଇଁ ଏହା ନୂଆବର୍ଷର ଏକ ସାମୟିକ ଉପହାର ହୋଇପାରେ ସତ କିନ୍ତୁ ଏହା ଦୀର୍ଘସ୍ଥାୟୀ ସବୁଦିନର ନୁହେଁ। ଆପଣମାନେ ଭୁଲିଯାଆନ୍ତୁ ନାହିଁ ଆପଣଙ୍କ ପିଲାଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ଏ ସମାଜ ଏ ସଂସାରର ଭାବି ବଂଶଧର ସେମାନେ। ସେମାନଙ୍କୁ ଅନ୍ତତଃ ନୂଆବର୍ଷରେ ଏକ ସ୍ୱାସ୍ଥ୍ୟପ୍ରଦ ଶିକ୍ଷା ଦିଅନ୍ତୁ ଯାହାକି ତା'ର ପରବର୍ତ୍ତୀ ସମୟରେ ତା' ପାଇଁ ଆନନ୍ଦମୟ ଓ ଦିବ୍ୟ ସ୍ୱାସ୍ଥ୍ୟମୟ ଭାବେ ଗଢ଼ି ତୋଳିବାକୁ ସମର୍ଥ ହେବ।


# ଉତ୍ତପ୍ତ ବର୍ଷ ୨୦୨୪



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ବିଦାୟ ନେଇଛି ୨୦୨୪। ୨୦୨୩ ପରି ୨୦୨୪ ଏକ ଉତ୍ତପ୍ତ ବର୍ଷରେ ପରିଣତ ହୋଇଥିବା ବହୁ ପାଣିପାଗ ସଂସ୍ଥା ଚେତାବନୀ ଦେଇଥିବା ବେଳେ ୟୁରୋପୀୟ ସଂଘର କୋପରନିକସ୍ ଜଳବାୟୁ ପରିବର୍ତ୍ତନ ସେବା (ସିଥ୍ରୀଏସ) ଯେଉଁ ତଥ୍ୟ ଜାରି କରିଛି, ତାହା କେବଳ ଚିନ୍ତାଜନକ ନୁହେଁ, ମାନବ ସମାଜ ପାଇଁ ଭୟଙ୍କର ବିପର୍ଯ୍ୟାୟର ସଂକେତ ପ୍ରଦାନ କରିଛି ବୋଲି କୁହାଯାଇପାରିବ। ଏହାର ତଥ୍ୟ ଦର୍ଶାଇଛି ଯେ, ଗତ ୧୭ମାସ ମଧ୍ୟରେ ଗତ ନଭେମ୍ବର ମାସ ଥିଲା ୧୬ତମ ମାସ ଯେତେବେଳେ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ପ୍ରାକ୍-ଶିଳ୍ପ ବିପ୍ଳବଠାରୁ ୧.୫ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା ରେକର୍ଡ କରାଯାଇଛି। କହିବା ବାହୁଲ୍ୟ ଯେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟର ପ୍ରଭାବକୁ ମୁକାବିଲା କରିବା ତଥା ସୀମିତ କରିବା ପାଇଁ ବିଶ୍ୱ ତାପମାତ୍ରାକୁ ୧.୫ ଡିଗ୍ରୀ ସେଲସିୟସରୁ କମ୍ ରଖିବା ପାଇଁ ଗତ ୨୦୦୫ରେ ପ୍ୟାରିସ ଜଳବାୟୁ ଚୁକ୍ତିନାମାରେ ୧୯୬ଟି ଦେଶ ସ୍ୱାକ୍ଷର କରି ସଂକଳ୍ପ ଘୋଷଣା କରିଥିଲେ। ମାତ୍ର ଏହି ଚୁକ୍ତି ଭଙ୍ଗର ଦ୍ୱାରଦେଶ ନିକଟରେ ଗତବର୍ଷ ବିଶ୍ୱ ପହଞ୍ଚି ଯାଇଥିଲା। ଯାହାର ପରିଣତି ସ୍ୱରୂପ ୨୦୨୪ର ପ୍ରଥମ ୧୧ମାସ ମଧ୍ୟରେ ତାପମାତ୍ରା ୧.୬ ସେଲସିୟସ୍‌କୁ ଅତିକ୍ରମ କରିଥିଲା। ସିଥ୍ରୀଏସ ପ୍ୟାରିସ ଚୁକ୍ତିରେ ଧାର୍ଯ୍ୟ କରାଯାଇଥିବା ସୀମା ଲଂଘନ ନେଇ ଚେତାବନୀ ଦେଇଥିବା ସତ୍ତ୍ୱେ ଏହାର ମୁକାବିଲା ପାଇଁ ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ବିଶ୍ୱ ସମୁଦାୟ ଗ୍ରହଣ କରିନାହିଁ। ନିକଟରେ ଉଜବେକିସ୍ଥାନର ରାଜଧାନୀ ବାକୁ ଠାରେ ଅନୁଷ୍ଠିତ ୨୯ତମ ବିଶ୍ୱ ଜଳବାୟୁ ସମ୍ମିଳନୀ ଏହାର ଜ୍ୱଳନ୍ତ ଉଦାହରଣ। ବିଶ୍ୱ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ଦୀର୍ଘ ଏକ ଦଶନ୍ଧି ତଳେ ସ୍ୱାକ୍ଷରିତ ବିଶ୍ୱ ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ପାଇଁ କିଛି ନ୍ୟସ୍ତ ସ୍ୱାର୍ଥ ଯୋଗୁଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତେ ପଛଘୁଞ୍ଚା ଦେଇଥିବା କୁହାଯାଇପାରେ। ଫଳସ୍ୱରୂପ ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ଏବେ କେବଳ ଲକ୍ଷ୍ୟରେ ସୀମିତ ରହିଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବନାହିଁ। ତେବେ ୨୦୨୩ର ଉତ୍ତପ୍ତ ବର୍ଷ ତୁଳନାରେ ବିଶ୍ୱ ତାପମାତ୍ରା ଲା-ନିନା ପ୍ରଭାବରେ ହ୍ରାସ ପାଇପାରେ ବୋଲି କେତେକ ପାଣିପାଗ ସଂସ୍ଥା ଆଶଙ୍କା କରିଥିଲେ। ପାଣିପାଗ ବିଶାରଦଙ୍କ ମତରେ ଯଦି ସାମୁଦ୍ରିକ ନିନୋ ଇଣ୍ଡେକ୍ସ କ୍ରମାଗତ ୦.୫ ଡିଗ୍ରୀ ସେଲସିୟସ୍ ଖସେ ତେବେ ଲା-ନିନା ଏହାକୁ ନିଶ୍ଚିତ କରିପାରିବ। ଏହା ନିଃସନ୍ଦେହ ଯେ, ଲା-ନିନାର ଆଗମନ ଉପରେ ଏହା ନିର୍ଭର କରେ। ଲା-ନିନା ସାଧାରଣତଃ ଜୁଲାଇ ଓ ପରେ ଅକ୍ଟୋବର ମାସରେ ଜଳବାୟୁକୁ ଶୀତଳ କରିଥାଏ। କିନ୍ତୁ ଗତ ୭୫ବର୍ଷରେ ଲା-ନିନା ଦୁଇ ଥର ଅକ୍ଟୋବର ପରେ ଆସିଥିବାବେଳେ ଦୁର୍ବଳ ହୋଇଯାଇଥାଏ। କିନ୍ତୁ ଅଷ୍ଟ୍ରେଲିଆର ପାଣିପାଗ ବିଶାରଦ୍ ଆକଳନ କରିଛନ୍ତି ଯେ, ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ଏହା ବିଳମ୍ବ ହୋଇପାରେ। କିନ୍ତୁ ୨୦୨୪ରେ ଗତ ନଭେମ୍ବରରେ ବିଶ୍ୱ ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଇଛି। ନଭେମ୍ବରରେ ତାପମାତ୍ରା ବୃଦ୍ଧି ନେଇ ସିଥ୍ରୀଏସର ଘୋଷଣା ପୂର୍ବରୁ ସୁଇସ୍‌ରେ ଇନଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ଜଳବାୟୁ ଓ ପାଣିପାଗର ଅନିୟମିତତା ଯୋଗୁଁ ଚଳିତ ବର୍ଷ ବିଶ୍ୱରେ ୩୨୦ ବିଲିୟନ ଡଲାରର କ୍ଷୟକ୍ଷତି ଘଟିଛି। ଯାହା ଗତ ଦଶନ୍ଧିରେ ହୋଇଥିବା କ୍ଷୟକ୍ଷତିର ୨୫ପ୍ରତିଶତ ବା ଏକ ଚତୁର୍ଥାଂଶ। ପାଣିପାଗର ଅସ୍ୱାଭାବିକତା ଓ ଉଗ୍ରରୂପ ଦିନକୁ ଦିନ ବଢ଼ିଚାଲିଛି। ଯାହାର ଫଳସ୍ୱରୂପ ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନିୟମିତ ଏବଂ ବାଦଲଫଟା ବର୍ଷା, ଅନିୟମିତ ଶୀତର ପ୍ରକୋପ ବୃଦ୍ଧି ଅନୁଭୂତ ହେଉଛି। କେବଳ ଏତିକି ନୁହେଁ, ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟାୟର ବଢ଼ିଚାଲିଛି। ବର୍ଷର ବିଭିନ୍ନ ସମୟରେ ସାମୁଦ୍ରିକ ଝଡ ବିଶ୍ୱର ବିଭିନ୍ନ କୋଣରେ ବଢ଼ିଚାଲିଛି। ଏହା କେବଳ ଅସ୍ୱାଭାବିକ ଭାବେ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରତିଫଳନ ବୋଲି କୁହାଯାଇପାରେ। ଏହା ନିଃସନ୍ଦେହ ଯେ, ବିଶ୍ୱକୁ ଜଳବାୟର ଅସ୍ୱାଭାବିକତା ଓ ଉଗ୍ରତାକୁ ରୋକିବା ପାଇଁ ସବୁଜ ଗୃହ ବାଷ୍ପ (ଜିଏଚ୍‌ଜି) ନିର୍ଗମନ ହ୍ରାସ କରିବା ଜରୁରି ହୋଇପଡ଼ିଛି ଯାହା ୨୦୧୨ ପ୍ୟାରିସ ବିଶ୍ୱ ଜଳବାୟୁ ସମ୍ମିଳନୀର ସଂକଳ୍ପ ଥିଲା। ଏହି ସଂକଳ୍ପର କାର୍ଯ୍ୟକାରିତା ପାଇଁ ବିଶ୍ୱ ସମୁଦାୟ ଯତ୍ନବାନ ହେବା ଜରୁରି। ଅନ୍ୟଥା ବିଶ୍ୱ ଧ୍ୱଂସ ହେବା ସାର ହେବ।

# ଚର୍ଚ୍ଚିତ ମହିଳା ବ୍ୟକ୍ତିତ୍ୱ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ବର୍ଷଟି ବଦଳିଛି। ଏହି ବିଦାୟୀ ବର୍ଷରେ ଅନେକ ମହିଳା ଚର୍ଚ୍ଚା ସୃଷ୍ଟି କରିବା ସହ ସମାଜରେ ନିଜ ସ୍ୱତନ୍ତ୍ରତା ଜାହିର କରିପାରିଛନ୍ତି। କ୍ରୀଡ଼ା ଠାରୁ ସୃଜନଶୀଳତା, କୃଷି ଠାରୁ ରାଜନୀତି, ସମାଜ ସେବା ଠାରୁ ଶିକ୍ଷା କ୍ଷେତ୍ର ସବୁଠି ମହିଳା ମାନଙ୍କ ପ୍ରତିଭାର ସ୍ୱତନ୍ତ୍ରତା ଭିତରେ ବିଦାୟ ନେଇଛି ୨୦୨୪। ଏହିପରି କିଛି ପ୍ରମୁଖ ମହିଳା ବ୍ୟକ୍ତିତ୍ୱଙ୍କ ସୃଜନ ନୈପୁଣ୍ୟତା ସମ୍ପର୍କରେ ଆଲେଖ୍ୟ। **କ୍ରିଷ୍ଟିନା ମିସ୍ ୱାର୍ଲ୍ଡ ଏବଂ ଭିକ୍ଟୋରିଆ ମିସ ୟୁନିଭର୍ସ:** ଚେକ ରିପବ୍ଲିକର କ୍ରିଷ୍ଟିନା ପିସ୍‌କୋଭା ଚଳିତ ବର୍ଷର ମସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇଛନ୍ତି। ସେହିଭଳି ଚଳିତ ବର୍ଷ ମିସ ୟୁନିଭର୍ସ ମୁକୁଟ ପିନ୍ଧିଥିଲେ ଡେନମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର। ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଡେନମାର୍କର ଏହା ଥିଲା ପ୍ରଥମ ବିଜୟ। ମେକ୍ସିକୋର ମାରିଆ ଫର୍ନାଣ୍ଡା ବେଲଟ୍ରାନ ପ୍ରଥମ ରନର ଅପ୍ ହୋଇଥିଲେ। **ଓଡ଼ିଶା କୁଇନ୍ ମୁକୁଟ ପିନ୍ଧିଲେ ରାମିୟା ହୁଇ :** ଆର.ଆର.ଇଭେଣ୍ଟସ ଆଣ୍ଡ ସିନେ ପ୍ରଡ଼କ୍ସନ ପକ୍ଷରୁ ଚଳିତ ବର୍ଷ ଓଡ଼ିଶା କୁଇନ ୨୦୨୪ର ଗ୍ରାଣ୍ଡ ଫିନାଲେ ରେଳ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରର ରାମିୟା ହୁଇ ବିଜୟିନୀ ହୋଇ ଓଡ଼ିଶା କୁଇନ ମୁକୁଟ ପିନ୍ଧିଥିଲେ। **ଆମେରିକାର ଧ୍ରୁବୀ ପଟେଲ ମିସ ଇଣ୍ଡିଆ ୱାର୍ଲ୍ଡୱାଇଡ଼ :** ଆମେରିକାର କମ୍ପ୍ୟୁଟର ଇନଫର୍ମେସନ ସିଷ୍ଟମ ଛାତ୍ରୀ ଧ୍ରୁବୀ ପଟେଲ ହୋଇଥିଲେ ଚଳିତ ବର୍ଷର ମିସ ଇଣ୍ଡିଆ ୱାର୍ଲ୍ଡ ୱାଇଡ ବିଜେତା। ଏହି ପ୍ରତିଯୋଗିତାରେ ସୁରିନାମର ଲିସା ଆବଡୋଲହକ୍ ପ୍ରଥମ ରନରଅପ ହୋଇଥିଲେ। ମିସେସ ବର୍ଗରେ ତ୍ରିନିଦାଦ ଏବଂ ଟବାଗୋର ସୁ ଆନ ମୌଜେଟ ବିଜେତା ହୋଇଥିବା ବେଳେ ସ୍ନେହ ନାମ୍ବିଆର ପ୍ରଥମ ଏବଂ ପୱନଦ୍ୱୀପ କୌର ଦ୍ୱିତୀୟ ରନରଅପ ହୋଇଥିଲେ। **ପ୍ରଥମ ମିସ ଏଆଇ ମୁକୁଟ:** ମରକ୍କୋର ଲାଇଫ ଷ୍ଟାଇଲ ଇନଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ ମଡ଼େଲ କେନଜା ଲେଲି ବିଶ୍ୱର ପ୍ରଥମ ମିସ ଏଆଇ ମୁକୁଟ ପିନ୍ଧିଛନ୍ତି। ସେ ୧୫୦୦ରୁ ଅଧିକ କମ୍ପ୍ୟୁଟରାଇଜଡ଼ ପ୍ରତିଯୋଗୀଙ୍କୁ ପରାସ୍ତ କରି ଏହି ଟାଇଟଲ ହାସଲ କରିଛନ୍ତି। **ଭିନେଶ ଫୋଗଟ୍ :** ଅଲମ୍ପିକ୍ସ ଖେଳାଳୀ ଭିନେଶ ଫୋଗଟଙ୍କୁ ନେଇ ଏ ବର୍ଷ ଖୁବ ଚର୍ଚ୍ଚା ହୋଇଥିଲା। କୁସ୍ତିଯୋଦ୍ଧା ବର୍ଗରେ ଏ ବର୍ଷ ଭାରତର ପ୍ରଥମ ମହିଳାଭାବେ ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିଥିଲେ ବି ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। **ଓଡ଼ିଶାର ନାଇମା ଏଏମୟୁର ପ୍ରଥମ ମହିଳା କୁଳପତି :** ଉତ୍ତର ପ୍ରଦେଶରେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ଏଏମୟୁର ପ୍ରଥମ ମହିଳା କୁଳପତି ଭାବେ ଏ ବର୍ଷ ନିଯୁକ୍ତି ପାଇଥିଲେ ନାଇମା ଖାତୁନ ଗୁଲରେଜା। ଯାଜପୁର ଜିଲ୍ଲାରେ ତାଙ୍କ ଘର। ଏଏମୟୁର ୧୦୦ ବର୍ଷ ଇତିହାସରେ ସେ ହୋଇଛନ୍ତି ପ୍ରଥମ ମହିଳା କୁଳପତି। ସେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ୧୯୮୮ରେ ସେହି ବିଭାଗରେ ଅଧ୍ୟାପକ ଭାବରେ ଚାକିରି ଆରମ୍ଭ କରିଥିଲେ। ୨୦୦୬ରେ ପ୍ରଫେସର ପଦକୁ ପଦୋନ୍ନତି ପାଇଥିଲେ। ତେବେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରେ ବହୁ ପ୍ରଶାସନିକ ପଦବୀରେ ସେ କାର୍ଯ୍ୟ କରିଛନ୍ତି। **ରଚେଲ ଗୁପ୍ତା 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ' :** ଭାରତର ରଚେଲ ଗୁପ୍ତା ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ଟାଇଟଲ ହାସଲ କରି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ବିବିସି ତାଲିକାରେ ପୂଜା : ବେସାରାହାଙ୍କ ଅନ୍ତିମ ସଂସ୍କାର କରି ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସଂଗ୍ରାମ କରୁଥିବା ପୂଜା ଶର୍ମା ଚଳିତ ବର୍ଷ ବିବିସିର ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସମାଜରେ ପରିବର୍ତ୍ତନ ପାଇଁ ପୂଜାଙ୍କ ଯୋଗଦାନ ଅନ୍ୟ ମହିଳାଙ୍କୁ ପ୍ରେରଣା ଦେଇପାରିଛି। ସେଥିପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। **ପ୍ରଥମଥର ଏମ୍‌ପି :** ବହୁ ଚର୍ଚ୍ଚିତ ଗାନ୍ଧୀ ପରିବାରର ଲଳନା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏ ବର୍ଷ ସକ୍ରିୟ ରାଜନୀତିକୁ ଓହ୍ଲାଇ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। **ସୃତି ହେଗଡେ ଭାରତର ପ୍ରଥମ ମିସ ୟୁନିଭର୍ସାଲ ପେଟ୍ରିଟ କ୍ରାଉନ :** କର୍ଣ୍ଣାଟକର ହୁବୁଲିସ୍ଥିତ ଏକ ହସ୍ପିଟାଲରେ ୨୦୧୮ରୁ ଡାକ୍ତର ଭାବେ କାର୍ଯ୍ୟରତ ସୃତି ହେଗଡେ ଭାରତର ପ୍ରଥମ ମିସ ୟୁନିଭର୍ସାଲ ପେଟିଟ୍ କ୍ରାଉନ ଜିତିଛନ୍ତି। ଏହି ବିଜୟକୁ ନେଇ ସୃତିଙ୍କ ପରିବାର ଓ ଦେଶବାସୀ ଉଲ୍ଲସିତ ହୋଇଛନ୍ତି। **ପ୍ରଭାବଶାଳୀ ମହିଳା ସାମାଜିକ କର୍ମୀ ଅରୁଣା :** ବିବିସି ପକ୍ଷରୁ ଚଳିତ ବର୍ଷର ପାୱାରଲିଷ୍ଟରେ ସ୍ଥାନ ପାଇଥିବା ଭାରତୀୟଙ୍କ ମଧ୍ୟରେ ଅଛନ୍ତି ସାମାଜିକ କର୍ମୀ ଅରୁଣା ରାୟ। ନିଜର ସିଭିଲ ସର୍ଭିସ କ୍ୟାରିୟର ଛାଡ଼ି ଗ୍ରାମୀଣ ତଥା ଆର୍ଥିକ ଅନଗ୍ରସର ଲୋକଙ୍କ ଅଧିକାର ଓ ବିକାଶ ପାଇଁ ଦୀର୍ଘଦିନ ଧରି କାମ କରୁଛନ୍ତି ଅରୁଣା ରାୟ। ମଜଦୁର କିଷାନ ଶକ୍ତି ସଙ୍ଗଠନ ମାଧ୍ୟମରେ ଶ୍ରମିକମାନଙ୍କ ପାଇଁ ଅରୁଣା ଚାରି ଦଶନ୍ଧି ଧରି କାମ କରିଆସୁଛନ୍ତି।



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ପ୍ରଣବ ଏଜୁକେସନ୍ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱର ସର୍ବାଧିକ ଓ ପ୍ରଥମ ଥର ପାଇଁ ବିଭିନ୍ନ ଭାଷାରେ ହସ୍ତ ଲିଖିତ ଦୁଇ ଲକ୍ଷ୍ୟ ପଚିଶି ହଜାର ଶ୍ରୀ ହନୁମା ଚାଳିଶାର ଉନ୍ମୋଚନ କରାଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇ କରକମଳରେ ଏହି ହସ୍ତ ଲିଖିତ ହନୁମାନ ଚାଳିଶାକୁ ଉନ୍ମୋଚନ କରିଛନ୍ତି । ପିଲାଙ୍କ ବୌଦ୍ଧିକ ଓ ମାନସିକ ଶିକ୍ଷାର ଉନ୍ନତି ପାଇଁ ସମର୍ପିତ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଣବ କୁମାର ରଥ ଯୋଗ ଏକାଗ୍ରତା ସହ ଛାତ୍ରଛାତ୍ରୀମାନଙ୍କୁ ଆଧାତ୍ମିକ ପଦ୍ଧତିରେ ଶିକ୍ଷା ପ୍ରଦାନ କରିବା ସହ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସ ମଧ୍ୟ ଆରମ୍ଭ କରିଛନ୍ତି । ହଜାର ହଜାର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଭାଷାର ହନୁମାନ ଚାଳିଶାକୁ ଲେଖାଇ ଆଜି ଏତେ ଅଧିକ ମାତ୍ରାରେ ଚାଳିଶା ସଂଗ୍ରହ କରିପାରିଛନ୍ତି । ବର୍ତ୍ତମାନ ଏହା ବିଶ୍ୱ ରେକର୍ଡ଼ ହେବାକୁ ଯାଉଛି । ଏହି ପବିତ୍ର ପ୍ରକ୍ରିୟା ମାଧ୍ୟମରେ ଲକ୍ଷ ଲକ୍ଷ ପିଲାଙ୍କର ବିଚକ୍ଷଣ ଭାବେ ଶାରିରୀକ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ହୋଇ ପାରିଛି । ତାର ପ୍ରମାଣ ସ୍ୱରୂପ ବୁଧବାର ଗଂଜାମ ଜିଲ୍ଲାର ଆସିକା ସ୍ଥିତ ପ୍ରଣବ ଏଜୁକେସନ୍ ଟ୍ରଷ୍ଟରେ ବିଶ୍ୱର ସର୍ବାଧିକ ହସ୍ତଲିଖିତ ଶ୍ରୀହନୁମାନ ଚାଳିଶା ସଂଗ୍ରହ କରାଯାଇଛି। ଏହି ପବିତ୍ର ଉତ୍ସବ ପାଳନ ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତିଗଣ ଶ୍ରୀହନୁମାନ ଚାଳିଶା ପରିକ୍ରମା କରି ଶ୍ରୀମହାବୀରଙ୍କ କୃପା ଲାଭ କରି ନିଜକୁ ଧନ୍ୟ ମନେ କରିଛନ୍ତି । ଟ୍ରଷ୍ଟର ଏପରି ପବିତ୍ର ଯୁଗାନ୍ତକାରୀ ପଦକ୍ଷେପ ସମସ୍ତଙ୍କୁ ପ୍ରେରଣା ଯୋଗେଇଛି ।

# ନବବର୍ଷରେ ଗୋରେଖନାଥଙ୍କୁ ଦର୍ଶନ କଲେ ୩୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ



ରଘୁନାଥପୁର(ଭାସ୍କର ନ୍ୟୁଜ): ଇଂରାଜୀ ନବବର୍ଷ ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥଙ୍କୁ ଘୋର ଅବ୍ୟବସ୍ଥା ମଧ୍ୟରେ ଦର୍ଶନ କଲେ ୩୦ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ। ଭୋର ୫ଟାରୁ ପ୍ରଭୁଙ୍କ ପହୁଡ ନିତି ଓ ସକାଳ ନିତି ସମାପନ ହେବା ପରେ ପିଠମଧକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଭକ୍ତଙ୍କ ଭିଡକୁ ଲକ୍ଷକରି ପ୍ରଶାସନ ପକ୍ଷରୁ ସେଭଳି ପଦକ୍ଷପ ନିଆଯାଇନଥି ବାରୁ ଘୋର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଭକ୍ତ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପିଠରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ମାଜିଷ୍ଟ୍ରେଟ ଭାବେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଉପସ୍ଥିତ ଥିବାବେଳେ ତିର୍ତ୍ତୋଲ ପୋଲିସ ପକ୍ଷରୁ ମାତ୍ର କେତେଜଣ କର୍ମଚାରୀ ନିୟୋଜିତ ଥିବାରୁ ଭିଡକୁ ସମ୍ଭାଳିବା କାଠିକର ପାଠ ହୋଇଥିଲା। ଯାହାଫଳରେ ସ୍ଥାନୀୟ ଗ୍ରାମର ଜୀବନ ବଲ୍ଲଭ ମହାନ୍ତି, ରମେଶ ମହାନ୍ତି, ପ୍ରଶାନ୍ତ ଭୂୟାଁ ଟ୍ରାଫିକ ନିୟନ୍ତ୍ରଣରେ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଭିଡକୁ ଦେଖି ମନ୍ଦିର ପରିଷରରେ ମାନସିକ ରୋଷେଇ ମନ୍ଦିର ପକ୍ଷରୁ ବନ୍ଦ କରାଯାଇଥିଲେ ବି ଠାଆକୁ ଠାଆ ବେଢା ପରିସରରେ ରୋଷେଇ ହେଉଥିବାରୁ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଥିଲା। ଅପରପକ୍ଷରେ ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଭକ୍ତଙ୍କ ଅଧିକ ଭିଡକୁ ଦେଖି ବାହାର ଭୋଗ ଦୋକାନୀ ଭୋଗ ବିକ୍ରି କରିବାରୁ ଭିତର ଭୋଗ ନିଲାମଧାରୀଙ୍କ ଭୋଗ ବିକ୍ରି ଏକ ପ୍ରକାର ଠପ ହୋଇଯାଇଥିଲା। ଏହାକୁ

**ଟ୍ରାଫିକ୍ ସମସ୍ୟାରେ ଫସିଲେ ଶ୍ରଦ୍ଧାଳୁ**

ପ୍ରଶାସନ ଦେଖୁଥିଲେ ବି ବାରଣ ନ କରିବାରୁ ନିଲାମଧାରୀ ରମେଶ ଚନ୍ଦ୍ର ସାହୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଶାରଳାଙ୍କ ପୀଠରେ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇ ଥିବାବେଳେ ପ୍ରଭୁ ଗୋରେଖନାଥଙ୍କ ପୀଠରେ ଏଭଳି ଅବ୍ୟବସ୍ଥାକୁ ନେଇ ଭକ୍ତମାନେ କ୍ଷୋଭ ପ୍ରକାଶ କରିଥିଲେ।

# ନୂଆବର୍ଷରେ ମା' ମଙ୍ଗଳାଙ୍କୁ ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ



କାକଟପୁର(ଭାସ୍କର ନ୍ୟୁଜ): ଇଂରାଜୀ ନବବର୍ଷ ଉପଲକ୍ଷେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଥିଲା । ନବବର୍ଷର ପ୍ରଥମ ଦିନରେ ମା'ଙ୍କୁ ଦର୍ଶନ କରି ପରିବାରର ଶୁଭ ମଙ୍ଗଳ ସହିତ ବର୍ଷତମାମ ସୁଖ ସମୃଦ୍ଧିରେ କଟିବା ପାଇଁ ପୂଜାର୍ଚ୍ଚନା ଓ ଆଶୀର୍ବାଦ ଭିକ୍ଷା କରିଥିଲେ । ରାତ୍ର ୩ ଘଟିକାରୁ ମଙ୍ଗଳ ଆଳତି, ସ୍ନାନ ମାର୍ଜନା ପରେ ନୂତନ ବସ୍ତ୍ର ଓ ଆଭୂଷଣରେ ମା'ଙ୍କୁ ସଜ୍ଜିତ କରାଯାଇଥିଲା । ପରେ ବଲ୍ଲଭ ଓ ପହିଲି ଭୋଗ ନୀତି କରାଯିବା ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା । ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ମା'ଙ୍କୁ ଦର୍ଶନ କରିଥିଲେ । ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିରର ଚାରିଦ୍ୱାରକୁ ଫୁଲରେ ସୁସଜ୍ଜିତ କରାଯାଇଥିଲା । କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

# ଆତ୍ମସମର୍ପଣ କଲା ୩ ଲକ୍ଷ ଇନାମି ମାଓବାଦୀ




ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନରେ ଆକର୍ଷିତ ହୋଇ ୩ ଲକ୍ଷ ଇନାମି ମାଓବାଦୀ ହୁରା ସୋଡି ବୀଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛି। ସୂଚନା ଅନୁଯାୟୀ ହୁରା ସୋଡି ନାମକ ଏହି ମାଓବାଦୀ ମାଓ ସଙ୍ଗଠନରେ ରହି ଅନେକ ବଡ ବଡ ହିଂସାକାଣ୍ଡରେ ଜଡିତ ଥିଲା। ମାଓ ସଙ୍ଗଠନର ପ୍ଲାଟୁନ୍ ନମ୍ବର ୧୨ର ଡେପୁଟି କମାଣ୍ଡର ଭାବେ ସେ କାର୍ଯ୍ୟ କରୁଥିବା ବେଳେ ମାଓ ସଙ୍ଗଠନ ନିଜର ନୀତି ଆଦର୍ଶକୁ ଭୁଲି ଯାଉଥିବା ସହ ଅମାନୁଷିକ, ଭିତ୍ତିହୀନ ଆଦର୍ଶ ଏବଂ ସେମାନଙ୍କର ଶୋଷଣ, ସ୍ଥାନୀୟ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର, ହିଂସା ଦେଖି ହୁରା ମାଓ ସଙ୍ଗଠନ ଛାଡି ଆତ୍ମସମର୍ପଣ ପାଇଁ ନିଷ୍ପତ୍ତି ନେଇଥିଲା। ସମାଜର ମୁଖ୍ୟ ସ୍ରୋତରେ ଯୋଗଦେବାକୁ ସ୍ଥିର କରି ହୁରା ବୀଜାପୁର ଜିଲ୍ଲାର ଦନ୍ତେୱାଡା ପୋଲିସ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛି। ସରକାରୀ ନୀତି ଅନୁଯାୟୀ ତାଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ନୂଆବର୍ଷ ସନ୍ଧ୍ୟାରେ ୪ରୁ ଉର୍ଦ୍ଧ୍ୱ ଦୁର୍ଘଟଣା

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ନୂତନ ବର୍ଷକୁ ନେଇ ସବୁଠି ଉତ୍ସାହ ଓ ଆନନ୍ଦ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ନୂତନ ବର୍ଷର ସନ୍ଧ୍ୟା ସମୟରେ ଦୁର୍ଘଟଣାରେ ୩ରୁ ଉର୍ଦ୍ଧ୍ୱ ଗୁରୁତର। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ର ଅସ୍ତରଙ୍ଗ ମୁଖ୍ୟ ରାସ୍ତା ବିଲୁଆମଣ୍ଡୁଳି ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର । ୩ ଜଣ ଗୁରୁତର ହେଉଛନ୍ତି ଶରତ ମହାନ୍ତି (୫୫), ବିକାଶ ବେହେରା (୨୫), ଦୁର୍ଯ୍ୟୋଧନ ଦାସ (୨୫)ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନ୍ୟ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଯାହା ପ୍ରାପ୍ତ ସୂଚନା ଅନୁଯାୟୀ ୩ ଜଣ ଗୁରୁତର ବ୍ୟକ୍ତି ଅତ୍ୟଧିକ ନିଶାସେବନ କରି ଦ୍ରୁତ ଗତିରେ ଗାଡି ଚଳାଉଥିବା ବେଳେ ବିଲୁଆମଣ୍ଡୁଳି ନିକଟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଶରତ ମହାନ୍ତିଙ୍କ ମୁହଁ, ମୁଣ୍ଡରେ ଆଘାତ ହୋଇଥିବା ବେଳେ ଆଖିରେ ଗଭୀର ଆଘାତ ଲାଗିଛି । ସେହିପରି ବିକାଶ ବେହେରାଙ୍କ ମୁଣ୍ଡ ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ବେଳେ ଦୁର୍ଯ୍ୟୋଧନ ଦାସଙ୍କ ଶରୀର ମଧ୍ୟ ଦୁର୍ଘଟଣାରେ ଆଘାତ ହୋଇଛି। ଯାହାକି ୩ ଜଣଙ୍କ ଅବସ୍ଥା ସମ୍ପୂର୍ଣ୍ଣ ସଙ୍କଟାପନ୍ନ ଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡକ୍ଟର ଅନ୍ୟ ମେଡିକାଲ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ଅନ୍ୟ ଏକ ସ୍ଥାନରେ ଦୁର୍ଘଟଣାର ଶିକାର ହୋଇଛନ୍ତି ଗୌତମ ଗୋଛାୟତ (୨୧) । ତାଙ୍କ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ଯାହାକି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟରତ ଡକ୍ଟର ଶୁଭ୍ରଜିତି ମାହାରୀ। ତେବେ ନୂତନ ବର୍ଷ ଆରମ୍ଭରୁ ଏମିତି ଏକ ଅଘଟଣ ହୋଇଛି।

# ପାରାଦୀପ ବନ୍ଦରାଧକ୍ଷଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଲେ କାର୍ଯ୍ୟରତ ସାମ୍ବାଦିକ





ପାରାଦୀପ(ଭାସ୍କର ନ୍ୟୁଜ): ନୂତନ ବର୍ଷ ୨୦୨୫ ପରିପ୍ରେକ୍ଷୀରେ ବନ୍ଦର ସହର ପାରାଦୀପ ରେ ବିଭିନ୍ନ ସଂଗଠନ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନେ ପରସ୍ପର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଉପଲକ୍ଷେ ଜାନୁୟାରୀ ୧ ତାରିଖ ବୁଧବାର ନୂଆବର୍ଷର ପ୍ରଥମ ସକାଳରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକମାନେ ପ୍ରେସ ଛକଠାରେ ଏକତ୍ରିତ ହୋଇ ପରସ୍ପର ଆଲିଙ୍ଗନ କରି ନିଜ ମଧ୍ୟରେ ଶୁଭେଚ୍ଛା ଜଣାଇଥିଲେ । ଏହାପରେ କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ସୁଧାଂଶୁ ନାୟକ, ରାକେଶ ପଟ୍ଟନାୟକ, ଦୀପକ ଦାସ, ପ୍ରୀତିରଞ୍ଜନ ମହାପାତ୍ର ପ୍ରମୁଖ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏବଂ ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ସେହିପରି କାର୍ଯ୍ୟରତ ସାମ୍ବାଦିକମାନେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ଶ୍ରୀକାନ୍ତ ରାଏ, ଅଭିମନ୍ୟୁ ବେହେରା, ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ପ୍ରମୁଖଙ୍କୁ ଭେଟି ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପାରାଦୀପର ଉନ୍ନତି ଓ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ସହାୟକ ହେବା ନିମନ୍ତେ କାମନା କରିଥିଲେ ।

# ବେକାରୀଙ୍କୁ ରୋଜଗାରକ୍ଷମ କରିଛି ସକ୍ଷମ



ଭାପୁର(ଭାସ୍କର ନ୍ୟୁଜ): ରାଜ୍ୟରେ ଶିକ୍ଷିତ ବେକାରୀ ଯୁବକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ଏହାକୁ ରୋକ୍ ଲଗେଇବା ପାଇଁ ପଦକ୍ଷେପ ନେଇଛି ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ସକ୍ଷମ ଓଡ଼ିଶା । ଭୁବନେଶ୍ୱରରେ କାର୍ଯ୍ୟ କରିଥିବା ଏହି ଅନୁଷ୍ଠାନ ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ପ୍ରବେଶ କରି ବେକାରୀ ଯୁବକଙ୍କୁ ଦେଇଛି ସାହାରା । ଏହି ଅନୁଷ୍ଠାନ ପ୍ରପର୍ ଡକ୍ୟୁମେଣ୍ଟ ଦେଇ ସବସିଡି ରେ ଋଣ ଆଣି ବେକାରୀ ଯୁବକଯୁବତୀଙ୍କୁ କୁଟୀର ଶିଳ୍ପ କରିବାପାଇଁ ପ୍ରୋତ୍ସାହନ ଦେଇଛି । ଅର୍ଥାତ୍, ମେସିନ୍ ଦ୍ୱାରା ଡାଇରୀ, ନୋଟ୍ ବୁକ୍, ଖାତା, ନୁଡୁଲ, ଚାଓମିନ୍, କୁରୁକୁରି, ମିକ୍ସଚର, ପେନ୍ସିଲ, ଇରେଜର ତିଆରି କରି ସେହି କମ୍ପାନୀକୁ ବିକ୍ରି କରି ଲାଭ ପାଉଛନ୍ତି ବେକାର ଯୁବକଯୁବତୀ ମାନେ । ଏହି ପରିପ୍ରେକ୍ଷୀରେ, ନୟାଗଡ ଜିଲ୍ଲା ଭାପୁର ବ୍ଲକ ନୀମାଣି ଗ୍ରାମର ଅର୍ଜୁନ ବେହେରା ଖାତା ଓ ନୋଟ୍ ତିଆରି ମେସିନ୍ ବସେଇ ନୂଆବର୍ଷର ପ୍ରଥମ ଦିନରେ ନିଜର କେରିୟରକୁ ଆରମ୍ଭ କରିଛନ୍ତି । ଏହି କୁଟୀର ଶିଳ୍ପକୁ ରାଜ୍ୟ ସଂଯୋଜିକା ତୃପ୍ତି ପଟ୍ଟନାୟକ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ, ଭାପୁର ଅଞ୍ଚଳରେ ଏହା ପ୍ରଥମ କରି କାର୍ଯ୍ୟ କରୁଥିବାରୁ ବେକାର ଯୁବକମାନଙ୍କୁ ପ୍ରୋତ୍ସାହନ ଦେଇପାରିବ ବୋଲି ଆଶା କରାଯାଉଛି ।

## ମାଧବ ପଞ୍ଚାୟତରେ ଭୟାବହ ଅଗ୍ନିକାଣ୍ଡ
# ଜଳିଗଲା ୧୨ ବଖରା, ୭ପରିବାର ସର୍ବସ୍ୱାନ୍ତ



ନିଆଳି(ଭାସ୍କର ନ୍ୟୁଜ): ଗତ ମଙ୍ଗଳବାର ରାତିରେ ବିଦ୍ୟୁତ ସର୍ଟ୍‌ସର୍କିଟ୍ ଯୋଗୁ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୧୨ ବଖରା ଜଳିଯିବା ଶହ ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଥିବା ବେଳେ ୭ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ନିଆଳି ତହସିଲ ଅଧିନସ୍ଥ ମାଧବ ପଞ୍ଚାୟତ ପ୍ରଧାନ ସାହି ଗ୍ରାମର ପଦ୍ମ ଚରଣ ସାହୁ, ସୋମନାଥ ସାହୁ, କେଦାର ନାଥ ସାହୁ, ଚୈତନ୍ୟ ସାହୁ, କୃଷ୍ଣ ସାହୁ, ପୂର୍ଣ୍ଣ ସାହୁଙ୍କର ୪୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ ସହିତ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସ୍ଥାନୀୟ ଗ୍ରାମବାସୀମାନେ ଓ ଦମକଳ ବାହିନୀ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ନିଆଁର ପ୍ରକୋପ ଏତେ ଥିଲା ଯେ ବିଦ୍ୟୁତ ତାର ଗୁଡିକ ଜଳୁଥିଲା। ଘଟଣା ସ୍ଥଳରେ ବୁଧବାର ନିଆଳି ବିଧାୟକ ଛବି ମଲିକ, ବ୍ଲକ ଅଧକ୍ଷ ଉମେଶ ବେହେରା ଓ ନିଆଳି ତହସିଲଦାର ଲେଲିନ ପ୍ରସାଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ରନ୍ଧାଖାଦ୍ୟ, ପଲିଥିନ ଯୋଗାଇବା ସହ ପ୍ରତି ପରିବାରକୁ ପାଞ୍ଚ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଅନ୍ୟାନ୍ୟ ସରକାରୀ ସହାୟତା କିଭଳି ମିଳିପାରିବ ସେ ନେଇ ପ୍ରତିଶୃତି ଦେଇଥିଲେ।

# ଉତ୍ସର୍ଗ ପରିବାର ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ



ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକର ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାରର ୭ମ ବାର୍ଷିକ ଉତ୍ସବ ବୁଧବାର ଗୋପ ବାୟାକୁଦାଠାରେ ଥିବା ମା' ନାରାୟଣୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋପ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ସମ୍ମାନିତ ଅତିଥି ଭାବେ ଗୋପର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ରାମକୃଷ୍ଣ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ପରିଡା, ମାନସୀ ସାହୁ, ବରିଷ୍ଠ ସାମ୍ବାଦିକ ଭାରତୀ ଭୂଷଣ ଉପାଧ୍ୟାୟ, ସଚ୍ଚିଦାନନ୍ଦ ଗୋଛାୟତ, ଶତ୍ରୁଘ୍ନ ସେନାପତି, ପ୍ରଶାନ୍ତ କୁମାର ରାୟ, ପଦ୍ମଲାଭ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଂଗଠନର ନିସ୍ୱାର୍ଥପର ମନୋଭାବ ଓ କାର୍ଯ୍ୟକାରିତା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ନେଇ ଅତିଥିମାନେ ପ୍ରଶଂସା କରିଥିଲେ । ପରେ ଗୋପ ଅଞ୍ଚଳର ଜଣାଶୁଣା ଟ୍ୱିଟର ଆକ୍ଟିଭିଟିସ ସନ୍ତୋଷ କୁମାର ନାୟକ, ଚାହାଳୀ ଶିକ୍ଷୟିତ୍ରୀ ରେବତୀ ଦାସ, ସମାଜସେବୀ ଯୋଗେନ୍ଦ୍ର ସେନାପତି, ତପୁନା ଭୋଇ, ବାପୁନି ଭୋଇଙ୍କୁ ସଂଗଠନ ପକ୍ଷରୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ସଂଗଠନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟରୁ ରକ୍ଷା କରିବା ପାଇଁ ଗୋପ ତାର ଆଖପାଖ ଅଞ୍ଚଳରେ ଚଳିତ ବର୍ଷ ୫ ହଜାରରୁ ଉର୍ଦ୍ଧ ତାଳ ଗଛ ଲଗାଇବେ ବୋଲି ନିଷ୍ପତ୍ତି ନେଇଥିଲେ । ପ୍ରଥମେ ସଚେତନତା ହେବା ଆଉ ଅନ୍ୟକୁ ମଧ୍ୟ ସଚେତନତା କରାଇବା ଏବଂ ସବୁ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ସାମ୍ନା କରାଯାଇପାରିବ ଓ ପ୍ରତିକୂଳ ପରିସ୍ଥିତିରେ ନିଜକୁ କିପରି ସୁରକ୍ଷିତ ରଖା ଯାଇପାରିବ ସେଥି ନିମନ୍ତେ ସେମାନେ ଚେଷ୍ଟିତ ରହିବା ସହ ଜନସଚେତନତା ସୃଷ୍ଟି କରିବା ପାଇଁ ଗୋପ ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବ ସଂଗଠନ ଉତ୍ସର୍ଗ ପରିବାରର ସମସ୍ତ ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ । ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆବର୍ଷ ପାଳନରେ ନୂତନ ପରମ୍ପରା ଗଢ଼ିଲେ ମାଲକାନଗିରି ଓଏସ୍‌ଆରଟିସି କର୍ମଚାରୀ

ମାଲକାନଗିରି(ଭାସ୍କର ନ୍ୟୁଜ୍): ବୁଧବାର ନୂତନ ବର୍ଷରେ ଯୁବପିଢିଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକେ ବିଭିନ୍ନ ପ୍ରକାରରେ ଏହାକୁ ଆନନ୍ଦ ଓ ଉତ୍ସାହ ସହ ପାଳନ କରୁଥିବା ବେଳେ ମାଲକାନଗିରି ଓଏସଆରଟିସି କର୍ମଚାରୀମାନେ ଏକ ଅଲଗା ଉଦ୍ୟମ କରି ନୂଆ ବର୍ଷରେ ସମାଜକୁ ଦେଇଛନ୍ତି ସ୍ୱଚ୍ଛତାର ବାର୍ତ୍ତା।



ମାଲକାନଗିରି ବସ୍ ଷ୍ଟାଣ୍ଡ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନର ଅଂଶ ହୋଇ କର୍ମଚାରୀମାନେ ସଫା ସୁତରା କାର୍ଯ୍ୟ ଚାଲାଇଥିଲେ। ଏହି କାର୍ଯ୍ୟର ମାଧ୍ୟମରେ ସେମାନେ ବସ୍ ଷ୍ଟାଣ୍ଡ ପରିସରକୁ କେବଳ ସ୍ୱଚ୍ଛ କରିବା ନୁହେଁ, ବରଂ ସ୍ୱଚ୍ଛତାର ମାହାତ୍ମ୍ୟ ବିଷୟରେ ସାରା ସମାଜରେ ଜନଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟ ରଖିଥିଲେ। ଏଥି ସହିତ ବସ୍ ଷ୍ଟାଣ୍ଡ ପରିସରରେ ଥିବା ସମସ୍ତ ଦୋକାନମାନଙ୍କୁ ଡଷ୍ଟବିନ୍ ବ୍ୟବହାର କରିବାକୁ ଏବଂ ଆବର୍ଜନାକୁ ଏଣେ ତେଣେ ନପକାଇବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିବହନ ପରିଚାଳକ ଗୁରୁଦତ୍ତ ଦୋରା, ଜିଲ୍ଲା ପରିବହନ ପରିଚାଳକ (ଡିପୋ) ଅରୋଶ୍ରୀ ସାହୁ, ସହାୟକ ପରିଚାଳକ ନିଖିଲ ଓଝା, ଜିଲ୍ଲା ପରିବହନ ବିଭାଗର ଟ୍ରାଫିକ୍ ଇନ୍‌ସପେକ୍ଟର ଦୀପକ ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଭଡ଼ାରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇ ତେଜୁଛି ଅସନ୍ତୋଷ: ଲୋକାୟୁକ୍ତଙ୍କ ନିକଟରେ ହେବ ମାମଲା




ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଅଙ୍ଗନୱାଡ଼ି ସେବା ବାଟ ବଣା ହୋଇଥିବା ବେଳେ ସୂଚନା ଆଇନ ଦେବାରେ ଅଧିକାରୀଙ୍କ ତାଳ ମେଳ ରହୁ ନାହିଁ। ଦୁଇଟି ସୂଚନାରେ ଭିନ୍ନ ଭିନ୍ନ ଭାବେ ଲେଖା ଯାଇଥିବାରୁ ଏଥିରୁ ଜଣାପଡୁଛି ନିମାପଡ଼ା ବ୍ଲକ୍‌ରେ କେତେ ଅଙ୍ଗନୱାଡ଼ି ଘର ନିର୍ମାଣ ସରିଛି, ଆଉ କିଛି ରହିଯାଇଛି । ମାତ୍ର ଅଙ୍ଗନୱାଡ଼ି ସେବା କର୍ମୀଙ୍କ ଘର ବାରଣ୍ଡାରେ ଚାଲିଥିବା ବେଳେ ଏହି ବାବଦରେ ଘର ଭଡ଼ା ୫ ଲକ୍ଷରୁ ଉର୍ଦ୍ଧ୍ୱ କାହାକୁ ଦିଆଯାଉଛି ତାହାକୁ ନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ସୂଚନା କର୍ମୀ ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ସୂଚନା ମାଗିଥିଲେ । ଦୁଇଟି ସୂଚନାରେ ତାଳମେଳ ରହିନଥିବା ଜଣାପଡ଼ିଛି । ତିନିଶହ ଅଣାଅଶୀ ଅଙ୍ଗନୱାଡ଼ି ଘର ରହିଥିବା ବେଳେ ୩୭ଟି ଘର ନିର୍ମାଣ ହୋଇନାହିଁ ବୋଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କହିଛନ୍ତି । ୫ ଲକ୍ଷ ୫୦ ହଜାର ଟଙ୍କା ଘର ଭଡ଼ା ବାବଦରେ ଅର୍ଥ ଦିଆଯାଉଛି ବୋଲି ସୂଚନା ଆଇନରେ ଦର୍ଶାଯାଇଛି । ମାତ୍ର କେଉଁ କେଉଁ ସ୍ଥାନରେ ଅଙ୍ଗନୱାଡ଼ି ଭଡ଼ାରେ ଚାଲିଛି ତାହାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ ହୋଇଛି । ଏ ସଂପର୍କରେ ସାତପୁରୀ ଗ୍ରାମର ଜଣେ ସୂଚନା କର୍ମୀ ସୂଚନା ହାସଲ କରିଛନ୍ତି । ସରକାରଙ୍କ ଶିଶୁ ବିଭାଗ ଅର୍ଥ ବାଟମାରଣା ହେଉଥିବା ସନ୍ଦେହ ପ୍ରକଟ କରି ଏ ସଂପର୍କରେ ଲୋକାୟୁକ୍ତଙ୍କୁ ଅଭିଯୋଗ କରାଯିବ ବୋଲି କହିଛନ୍ତି । କର୍ମୀମାନଙ୍କ ବାରଣ୍ଡା ଓ କୋଠଘର ବାରଣ୍ଡାରେ ଅଙ୍ଗନୱାଡ଼ି ଚାଲିଥିବା ବେଳେ କେଉଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଭଡ଼ା ଟଙ୍କା ଦିଆଯାଉଛି ତାହାର ତଦନ୍ତ ଆବଶ୍ୟକ ରହିଛି । ବ୍ଲକ୍ ପ୍ରଶାସନ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ଦଳୀୟ କର୍ମୀଙ୍କୁ ଦେଇ ନିର୍ମାଣ କରିଥିବା ବେଳେ ଅନେକ ଅଙ୍ଗନୱାଡ଼ିର ଗୃହ ନଥିବାରୁ ବାରଣ୍ଡାରେ ପାଠପଢ଼ା ଚାଲିଛି । ଅନ୍ୟ କେତେକ ଅଙ୍ଗନୱାଡ଼ି ଗୃହ ପୂର୍ଣ୍ଣାଙ୍ଗ ହୋଇଥିଲେ ମଧ୍ୟ ତାହା ଚାଲିପାରି ନାହିଁ । ଏହି ଘଟଣାରୁ ଜଣାପଡୁଛି ଚଞ୍ଚକତା କରାଯାଉଛି ବୋଲି । ବର୍ତ୍ତମାନର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ମତ ନେବାକୁ ଉଦ୍ୟମ କରାଯାଇଥିବା ବେଳେ ଅଧିକାରୀ କାର୍ଯ୍ୟାଳୟରେ ନଥିବା ଦେଖିବାକୁ ମିଳିଛି । ଅଧିକାରୀଙ୍କର ସିଟ୍ ଖାଲି ପଡ଼ିଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅନୁପସ୍ଥିତ ଥିବାବେଳେ କେତେଜଣ କର୍ମଚାରୀ ଦୀର୍ଘଦିନ ହେବ ଏଠାରେ ରହି ଅଧିକାରୀଙ୍କୁ ସୁରକ୍ଷା ଯୋଗାଉ ଥିବାବେଳେ ବର୍ତ୍ତମାନ ମ୍ୟାଡ଼ାମ୍ ପଳେଇଲେ କେବେ ଆସିବେ ଏପରି ଘଟଣା ଶୁଣିବାକୁ ମିଳୁଛି ।

# ଉପଜିଲ୍ଲାପାଳଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ସଡକ ସୁରକ୍ଷା ସଚେତନ ମାସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଜୀବନ ରକ୍ଷା ନିମନ୍ତେ ଏକ ସଚେତନ ରଥ ଆଜି ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହେଉଛି। ଏହି ସଚେତନ ରଥକୁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ସଚେତନ ରଥରେ ଗାଡି ଚାଳକ ମାନଙ୍କୁ ସଡକ ସୁରକ୍ଷା ନିମନ୍ତେ ବିଭିନ୍ନ ନିୟମକୁ ଅବଗତ କରିବା ସହିତ ନିୟମ ଉଲ୍ଲଙ୍ଘନ କଲେ କଣ ଦଣ୍ଡ ବିଧାନ ଅଛି ତାହା ଜଣାଇବା ନିମନ୍ତେ ଏହି ରଥ ବୁଲିବ। ଟ୍ରାଫିକ ନିୟମ ନ ମାନିବା, ବେପରୁଆ ଗାଡି ଚଳାଇଲେ ଅର୍ଥଦଣ୍ଡର ବ୍ୟବସ୍ଥା ରହିଛି ବୋଲି ସଚେତନ ରଥର ସୂଚିତ କରାଯାଉଛି । ଏହା ସାଙ୍ଗକୁ ମଦ୍ୟପାନ କରି ଗାଡ଼ି ଚାଳନା, ଦୃତ ଗତିରେ ଗାଡ଼ିଚାଳନା, ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଇଲେ, ଟ୍ରାଫିକରେ ଲାଲି ବତି ଜଳୁଥିଲେ ଗାଡ଼ି ଚାଳନା କଲେ, ସିଟ ବେଲ୍ଟ ନ ବାନ୍ଧି ଗାଡି ଚଳାଇଲେ ମଧ ଦଣ୍ଡ ବିଧାନ ସଂପର୍କରେ ରଥରେ ସୁଚିତ କରାଯାଉଛି। ତେଣୁ ସମସ୍ତ ନିୟମ ମାନି ଗାଡ଼ି ଚଳାଇବା ନିଜ ଜୀବନ ବଞ୍ଚାଇବା ସହିତ ଅନ୍ୟ ଜୀବନ ବଞ୍ଚାଇବାକୁ ସଚେତନ କରାଯାଉଛି।

# ମୁକ୍ତମଞ୍ଚ କବିତା ପାଠୋତ୍ସବ ଓ ସାହିତ୍ୟ ଆସର



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଇଂରାଜୀ ନବ ବର୍ଷ ୨୦୨୫କୁ ସ୍ୱାଗତ ଜଣାଇବା ନିମନ୍ତେ ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବାର ଆନୁକୂଲ୍ୟରେ ଏକ ମୁକ୍ତମଞ୍ଚ କବିତା ପାଠୋତ୍ସବ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାହିତ୍ୟ ଆସରରେ ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାରସ୍ୱତ ସଙ୍ଗଠକ ତଥା ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବିରୁପାକ୍ଷ ରାୟ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାରସ୍ୱତ ପ୍ରତିଭା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜବାହାରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳର ଓଡିଆ ବିଭାଗ ମୁଖ୍ୟ ଡ. ନିଖିଳେଶ ମହାନ୍ତି, ସାହିତ୍ୟିକ ବିପିନ ବିହାରୀ କର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାରଦା ପ୍ରସାଦ ମିଶ୍ର, ଉର୍ବୀ ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ଶିକ୍ଷାବିତ ଭାବଗ୍ରାହୀ ରାଉତ, ଅଧାପିକା ଜ୍ୟୋତିର୍ମୟୀ ମହାନ୍ତି, ନାରୀକବି ରବେୟା ସରୱର ପ୍ରମୁଖ ଯୋଗଦାନ କରି ଲେଖକ ଓ ସାହିତ୍ୟିକମାନେ ନିର୍ଭିକଭାବେ କଲମ ଚାଳନା କଲେ ସମାଜର ଅଶେଷ କଲ୍ୟାଣ ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଶିଶୁ କବି ମହେନ୍ଦ୍ର ଘଡାଇ ଓ କ୍ଷୀରୋଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଖଗେଶ୍ୱର ମହାନ୍ତି, କୁଳମଣୀ ସାହୁ, ପ୍ରଫୁଲ୍ଲ କୁମାର ସିଂ, ଚୌଧୁରୀ ପ୍ରଭାତ ପ୍ରହରାଜ, ପ୍ରଭାତ ରାଉତ, ସୁଶାନ୍ତ ସାହୁ, ରଞ୍ଜନ କୁମାର ବେହେରା, ଦୀପାଞ୍ଜଳୀ ମିଶ୍ର, ସ୍ନେହମୟୀ ବାରିକ, ଜହୁରଉଦ୍ଦିନ, ସେକ୍ ମୁଜାଫିର ଅହମ୍ମଦ, ରାଜକିଶୋର ମିଶ୍ର, ଗୀତାଞ୍ଜଳୀ ନାୟକ, ନିଗମ ପ୍ରସାଦ ଭଟ୍ଟ, ଶରତଚନ୍ଦ୍ର ରାଉତ, ରାମଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ଲେଙ୍କା, ଫକୀର ଚରଣ ନାୟକ, ମାନସ ଦାସ, ଗୌତମ ଜେନା ପ୍ରମୁଖ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଓ ଶେଷରେ ସଙ୍ଗଠକ ପ୍ରତାପ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ କବିପ୍ରସାଦ ନାୟକ, ଅଜୟ ବେହେରା, ଜୟରାମ ବେହେରା, ବିଷ୍ଣୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ମୋହନ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ




ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶଙ୍କର ୩୦ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଯାଇଛି । ବିଭିନ୍ନ ସଂଗଠନ ପକ୍ଷରୁ ମୋହନ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଏକ ଶୋଭାଯାତ୍ରା କରାଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଜାନୁୟାରୀ ୧ ତାରିଖ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶଙ୍କର ୩୦ ତମ ଶ୍ରାଦ୍ଧ ବାର୍ଷିକୀ ନିମାପଡ଼ା ପତିତପାବନ ସେବା ସଂଘ ଠାରେ ଅନୁଷ୍ଠିତ ହୋଇଯାଇଛି । ମୋହନ ଦାଶ ସ୍ମୃତି ସଂସଦ ପତିତପାବନ ସେବା ସଂଘ ଓ ନିମାପଡ଼ା ଶହୀଦ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ଯୋଗ ଦେଇ କହିଛନ୍ତି, ମୋହନ ଦାଶ କେବଳ ନିମାପଡ଼ାର ନୁହେଁ ସମଗ୍ର ଓଡ଼ିଶାର ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱ । ଯିଏ କି, ସମାଜର ସାମଗ୍ରୀକ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ଖଟିଖିଆ ମଣିଷର ଆର୍ତ୍ତ ନାଦରେ ଚିତ୍କାର କରି ଉଠିଥିଲା । ସାରା ଜୀବନ ସମସ୍ତ ସଂଚିତ ଅର୍ଥକୁ ବନ୍ୟା ପ୍ରପୀଡ଼ିତ ଗରୀବଙ୍କ ପାଇଁ ବିନିଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପତିତପାବନ ସେବା ସଂଘର ସଂପାଦକ ଜଗତ ପ୍ରସାଦ ସାବୁତ ସଭାପତିତ୍ୱ କରିଥିଲେ । ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ଉପାଧକ୍ଷ ତଥା ମୋହନ ଦାଶ ସ୍ମୃତି କମିଟିର ସଂପାଦକ ସନ୍ତୋଷ କୁମାର ଦାଶ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଦସ୍ୟ ଦେବେନ୍ଦ୍ର ସାହୁ, ପୁରୀ ଜିଲ୍ଲା କମ୍ୟୁନିଷ୍ଟ ପାର୍ଟି ସଂପାଦକ କୃଷ୍ଣଚନ୍ଦ୍ର ରାଉତ, ନିମାପଡ଼ା ଶହୀଦ ସ୍ମୃତି ସଂସଦର ସଂପାଦକ ବେଣୁଧର ସେନାପତି, ଜୀବନାନନ୍ଦ ମହାପାତ୍ର, ନିମାପଡ଼ା ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂଗଠନର ସଂପାଦକ ବସନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶ ନିମାପଡ଼ା-କାକଟପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀର ସର୍ବ ପ୍ରଥମ ବିଧାୟକ, ଗରୀବ ଖଟିଖିଆ ମେହନତି ମଣିଷର ଦରଦି ବନ୍ଧୁ, କୃଷକ ଆନ୍ଦୋଳନ ଓ ଭୂଦାନ ଆନ୍ଦୋଳନର ପ୍ରଚଣ୍ଡ କର୍ଣ୍ଣଧାର, ଚିର ସ୍ମରଣୀୟ ଜନ ନାୟକ ବିପ୍ଲବୀ ମୋହନ ଦାଶଙ୍କୁ ନିମାପଡ଼ା ମାଟି ସମେତ ସାରା ରାଜ୍ୟ ମନେ ରଖି ଆସିଛି । ଏହି ପରିପ୍ରେକ୍ଷୀରେ ମୋହନ ଦାଶଙ୍କ ଅଣନାତି ଆଦର୍ଶ ଦାଶ, ସମୀର ରଂଜନ ରାଉତରାୟ, ଦେବାଶିଷ ଦାଶ, ରାଜେଶ କୁମାର ସ୍ୱାଇଁ, ଅନୁକୂଳ ସ୍ୱାଇଁ, ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ବୁଧବାର ସକାଳୁ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଅଣନାତି ଆଦର୍ଶ ଦାଶ ଆଶୀର୍ବାଦ ଭିକ୍ଷା କରିଥିଲେ ।



କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ସତ୍ତା ସାହିତ୍ୟ ସଂସଦ ପକ୍ଷରୁ ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ସଭାପତି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମନାଭ ସେଠୀ ଯୋଗଦେଇ ଆମ ଭାଷା ସାହିତ୍ୟର ସ୍ଥିତି ଶୀର୍ଷକ ଆଲୋଚନାଚକ୍ରରେ ନିଜ ମତ ରଖି ସାମାଜିକ ପ୍ରଗତିରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ଜଗବନ୍ଧୁ ସାମଲ, ବିଜୟ ଉପାଧ୍ୟାୟ ଓ ରବି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଅଧିବେଶନରେ ଆମ ଭାଷା ସାହିତ୍ୟର ସ୍ଥିତି ଓ ପ୍ରଗତି ଶୀର୍ଷକ ଉପରେ ମତ ରଖାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଏକ କବିତା ଆସର ହୋଇଥିଲା। କବିତା ସଂଯୋଜନା କରିଥିଲେ ସ୍ୱାତି ଚାଟାର୍ଜି ଓ ଅଶୋକ ମହାନ୍ତି । ମହାଦେବ ଶତପଥୀ, ସମାଲୋଚକ ଶ୍ରୀଧର ପରିଡା, ସମ୍ମାନିତ ଅତିଥି ଚକ୍ରଧର ପାଣି ପରିଛା ଯୋଗ ଦେଇଥିଲେ । ଅଧ୍ୟାପକ ରବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଅଚଂଳରୁ ଆସିଥିବା କବୟିତ୍ରୀ ଓ କବିମାନେ କବିତା ପାଠ କରିଥିଲେ ।



# ଚିକିତ୍ସା ସେବାରୁ ରାଜନୈତିକ ସଫଳତା ପାଇଛି: ଫକିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରଥମଥର ପାଇଁ ଡା. ଫକିର ମୋହନ ନାଏକ (୫୦) ବିଧାୟକ ହୋଇଛନ୍ତି। ଭାଜପା ଟିକେଟରୁ ଲଢ଼ି ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ମାଧବ ସର୍ଦ୍ଦାରଙ୍କୁ ୯,୪୩୯ ଭୋଟରେ ପରାସ୍ତ କରିଥିଲେ। ସେ ୮୩,୮୧୮ ଭୋଟ ପାଇଥିବା ବେଳେ ମାଧବ ୭୪,୩୭୯ ଭୋଟ ପାଇଥିଲେ। ଏହି ଆସନରେ ବିଜେଡିରୁ ଯାଇ ଭାଜପାରେ ମିଶି ଥିବା ୨ ପୂର୍ବତନ ବିଧାୟକ ପ୍ରେମାନନ୍ଦ ନାୟକ ଓ ବେଦବ୍ୟାସ ନାୟକ ଟିକେଟ ପାଇବା ସମ୍ଭାବନା ଥିଲା। ହେଲେ ଶେଷ ମୁହୂର୍ତ୍ତରେ ଫକିର ଟିକେଟ ପାଇ ବିଜୟୀ ହୋଇଥିଲେ। କେନ୍ଦୁଝର ଜିଲାର କୋଲିମାଟି ଭଳି ଛୋଟ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଜନ୍ମ ହୋଇଥିବା ଫକିର ଲୋକସେବାକୁ ନିଜର ବ୍ରତ ଭାବରେ ଗ୍ରହଣ କରିନେଇଥିଲେ। ପିତା ନିରାକର ନାଏକ (୬୭) ଅଧାପକ ଓ ମାତା ସାବିତ୍ରୀ ନାଏକ (୬୧) ଥିଲେ ଜଣେ ଗୃହିଣୀ। ଫକିର ଘରର ଦ୍ୱିତୀୟ ସନ୍ତାନ ହୋଇଥିବା ବେଳେ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ପରେ ମେଧା ବଳରେ ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ନାମ ଲେଖାଇବାକୁ ସୁଯୋଗ ପାଇଥିଲେ। ୧୯୯୨ରେ ବିଜ୍ଞାନରେ ଦ୍ୱାଦଶ ଶେଷ କରିବା ପରେ ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ, ଆଲ୍ଲାହାବାଦରେ ନାମ ଲେଖାଇଥିଲେ। ହେଲେ ଲୋକଙ୍କ ପ୍ରତି ସେବା ମନୋଭାବ ରଖିଥିବାରୁ ବୈଷୟିକ ଶିକ୍ଷାରେ ସନ୍ତୁଷ୍ଟ ନ ଥିଲେ। ତେଣୁ ସେ ପ୍ରବେଶିକା ପରୀକ୍ଷା ଦେଇ ମେଡିକାଲ ପାଠ ପଢ଼ିଲେ। ୧୯୯୪ରେ ବ୍ରହ୍ମପୁରସ୍ଥିତ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରେ ନାମ ଲେଖାଇଥିଲେ। ୨୦୦୧ରେ ଡାକ୍ତରୀ ପାଠ ସରିବା ପରେ ୨୦୦୩ରେ ପ୍ରଥମ ନିଯୁକ୍ତି ଯୋଡ଼ା ବ୍ଲକ୍ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଇଥିଲେ। ଭଲ କାମ କରି ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ। ଫକିରଙ୍କ ଆଗରେ ମାଲେରିଆ ନିରାକରଣ ଏକ ବଡ଼ ଆହ୍ୱାନ ଥିଲା। ସେ ପରିଶ୍ରମ କରି ଓ ଲୋକଙ୍କ ସହଯୋଗରେ ଏହାର ସଫଳ ମୁକାବିଲା କରିପାରିଥିଲେ। ୨୦୧୭ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ରେ ସାମିଲ ହୋଇଥିଲେ। ଚାକିରି ସାଙ୍ଗକୁ ଲୋକଙ୍କ ସେବା କରିବାର ମନୋବୃତି ଓ ଦେଶ ପାଇଁ କିଛି କରିବାର ଦକ୍ଷତାକୁ ଦେଖି ଆର୍‌ଏସ୍‌ଏସ୍ ପକ୍ଷରୁ ତାଙ୍କୁ ଜିଲା ସହ ସଂଘଚାଳକ ଭଳି ଗୁରୁଦାୟିତ୍ୱ ଦିଆଯାଇଥିଲା। ଦୀର୍ଘ ୧୭ ବର୍ଷ ଧରି ଆଦିବାସୀ ଓ ଖଣି ପ୍ରଭାବିତ ଯୋଡ଼ା ଅଞ୍ଚଳରେ କାମ କରିବାକୁ ସୁଯୋଗ ପାଇଥିଲେ। ୨୦୨୦ରେ ତାଙ୍କର ବଦଳି ସେଠାରୁ ୧୧୦ କି.ମି. ଦୂର ତେଲକୋଇକୁ ହୋଇଥିଲା। କରୋନା ମହାମାରୀ ଆତଙ୍କ ଖେଳାଇଥିବା ବେଳେ ସେ ଗାଁ ଗାଁ ବୁଲି ଲୋକଙ୍କ ସେବା କରି ତେଲକୋଇବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜନୈତିକ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ତାଙ୍କର ବଦଳି କଳାହାଣ୍ଡି ଜିଲା ଭବାନୀପାଟଣାକୁ ହୋଇଥିଲା। ବିଧାୟକ କହନ୍ତି; ଦୂର ସ୍ଥାନକୁ ବଦଳି ହେବାପରେ ପରିବାରର ସ୍ଥିତି, ମାତାପିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ତେଲକୋଇ ଲୋକଙ୍କ ଭଲପାଇବାକୁ ଦେଖି ୨୦୨୩ରେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା କହିଛନ୍ତି। ସରକାରୀ ଚାକିରିରୁ ମୁକ୍ତ ହେବାପରେ ୨୦୨୩ ନଭେମ୍ବର ୮ରେ ଭାଜପାରେ ବିଧିବଦ୍ଧ ଭାବରେ ଯୋଗଦେଇଥିଲେ। ଅବସର ପରେ ମଧ୍ୟ ସେ ଗାଁ ଗାଁ ବୁଲି ରୋଗୀ ସେବା କରି ଆସୁଥିଲେ। ପରେ ତାଙ୍କ କାମ ଓ ଦଳ ପ୍ରତି ଆନୁଗତ୍ୟକୁ ଦେଖି ଭାଜପା ତାଙ୍କ ଉପରେ ଆସ୍ଥା ରଖି ନିର୍ବାଚନ ଲଢ଼ିବାର ସୁଯୋଗ ଦେଇଥିଲା। ତାଙ୍କ ସ୍ତ୍ରୀ ଷ୍ଟାଫ୍ ନର୍ସ ଥିବା ବେଳେ ଏକମାତ୍ର ପୁଅ ଯୁକ୍ତ ୨ ବିଜ୍ଞାନରେ ପଢୁଛନ୍ତି। ଲୋକଙ୍କ ଚିକିତ୍ସା ସେବାରୁ ରାଜନୈତିକ ସଫଳତା ପାଇଥିବା କହିଛନ୍ତି।

## ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ

# ଜିଲ୍ଲା ଆପତ କାଳୀନ ବୈଠକ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ବାର୍ଷିକ ଜିଲ୍ଲା ଆପତ କାଳୀନ ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ କାରଖାନା ଏବଂ ବାଷ୍ପିତ ବିଭାଗ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆୟୋଜିତ ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଏହି ଜିଲ୍ଲାରେ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ସଜାଗ ଓ ସତର୍କ ରହିଛନ୍ତି। କିନ୍ତୁ ଏହାଛଡ଼ା ଜିଲ୍ଲାର ପାରାଦ୍ୱୀପଠାରେ ଗଢ଼ିଉଠିଥିବା ବୃହତ୍ ଶିଳ୍ପାନୁଷ୍ଠାନ ମାନଙ୍କରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି, ସୁରକ୍ଷା ବନ୍ଦୋବସ୍ତ ଆଦି କରିବା ପାଇଁ ଜିଲ୍ଲା ଆପତ କାଳୀନ ଗ୍ରୁପ୍ କାର୍ଯ୍ୟ କରୁଛି। ଜଗତସିଂହପୁରରେ ୯ ଟି ମୁଖ୍ୟ ଦୁର୍ଘଟଣା ପ୍ରବଣ ବିପଦ ପୂର୍ଣ୍ଣ ଶିଳ୍ପାନୁଷ୍ଠାନ, ୭ଟି ଦୁର୍ଘଟଣା ପ୍ରବଣ ଶିଳ୍ପାନୁଷ୍ଠାନ ଓ ୨୮ଟି ବିପଦ ପୂର୍ଣ୍ଣ ଶିଳ୍ପାନୁଷ୍ଠାନ କାର୍ଯ୍ୟ କରୁଛି, ଯେଉଁଠାରେ ଅମୋନିଆ, କ୍ଲୋରିନ ଭଳି ବିଷାକ୍ତ ଗ୍ୟାସ ଲିକ୍ ହେବାର ସମ୍ଭାବନା ରହିଛି। ଅଫସାଇଟ୍ ଇମର୍ଜେନ୍ସି ପ୍ଲାନ୍ ପ୍ରସ୍ତୁତ ରଖିବା, ଆଧୁନିକ ତଥା ଅବିଚ୍ଛିନ୍ନ ଭାବରେ ରାସାୟନିକ ଦୁର୍ଘଟଣାର ପରିଚାଳନା କରିବା, ରାଜ୍ୟ ଓ କେନ୍ଦ୍ର କ୍ରାଇମ୍ସ ଗ୍ରୁପକୁ ସୂଚନା ଦେବା, ମକ୍ ଡ୍ରିଲ୍ ଅନୁଷ୍ଠିତ କରାଇବା ସହ ସର୍ବୋପରି ଆଖପାଖର ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ଜିଲ୍ଲାପାଳ ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ରାସାୟନିକ ଗ୍ୟାସ ତଥା ପେଟ୍ରୋଲିୟମ ପଦାର୍ଥ ଗୁଡ଼ିକର ଟ୍ୟାଙ୍କ ବାହୀ ଟ୍ରକ୍ ଡ୍ରାଇଭର ମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରିବାକୁ ସେ ଉପଦେଶ ଦେଇଥିଲେ। ଏହାଛଡ଼ା ପାରାଦ୍ୱୀପରେ ଲୋକାଲ ଆପାତ୍‌କାଳୀନ ଗ୍ରୁପ୍ ଏବଂ ସେମାନଙ୍କର ବୈଠକ ସମୟ ସମୟରେ ଅନୁଷ୍ଠିତ କରି ଆବଶ୍ୟକୀୟ ସାବଧାନତା ପାଇଁ ପ୍ରସ୍ତୁତି କରିବା ସହ ସଚେତନତା ଆଣିବାକୁ ସେ କହିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ଶ୍ରୀ ନିରଞ୍ଜନ ବେହେରା ବୈଠକ ସଂପର୍କିତ ସୂଚନା ଦେଇଥିଲେ। ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ଉପ ନିର୍ଦ୍ଦେଶକ, କଟକ ଡିଭିଜନ ମନୋଜ କୁମାର ପଣ୍ଡା ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡ଼ିକ ସହ ସମ୍ଭାବ୍ୟ ବିପଦ ତଥା ସେମାନଙ୍କ ତରଫରୁ ଏଥି ନିମନ୍ତେ ନିଆଯାଇଥିବା ଉପାୟ ଗୁଡ଼ିକର ବିଷଦ ଆଲୋଚନା କରିଥିଲେ। ଫ୍ୟାକ୍ଟ୍ରି ଓ ବଏଲର ବିଭାଗ ସହକାରୀ ନିର୍ଦ୍ଦେଶକ ଶ୍ରୀ ଚନ୍ଦ୍ର ଶେଖର ବେହେରା ଜିଲ୍ଲାରେ ଶିଳ୍ପାନୁଷ୍ଠାନର ସଂକ୍ଷିପ୍ତ ଦୃଶ୍ୟକ୍ରମ ଏବଂ ଜିଲ୍ଲା କ୍ରାଇସିସ ଗ୍ରୁପର କର୍ଯ୍ୟାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡେପୁଟି ଏନ୍‌ଭରେନମେଣ୍ଟାଲ ଇଞ୍ଜିନିୟର ଡି. ଏଲ୍. ମହାପାତ୍ର, ପୌର ନିର୍ବାହୀ ଅଧିକାରୀ, ପାରାଦୀପ ଶ୍ରୀ ଅଭିଷେକ ପଣ୍ଡା, ଡିଏସ୍‌ସିର ଜେନେରାଲ ମ୍ୟାନେଜର ଜଗମୋହନ ପତି, ଉପ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର, ଶ୍ରୀ ପ୍ରଦୀପ କୁମାର କେରକେଟା, ଉପ ଆରକ୍ଷୀ ଅଧିକ୍ଷକ, ପାରାଦୀପ, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଜଳସମ୍ପଦ, ସନାତନ ଦାସ, ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ସଂଧ୍ୟାଞ୍ଜଳି ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଟୀ ତନୟା ମହାନ୍ତି, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଶ୍ୱଜିତ୍ ପଣ୍ଡା, ଡକ ଇନ୍ସପେକ୍ଟର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ, ବିଭିନ୍ନ ଶିଳ୍ପାନୁଷ୍ଠାନ ଯଥା ଇଫ୍‌କୋ, ପିପିଏଲ, ଆଇଓସିଏଲ, ଏଚ୍‌ପିସିଏଲ, ଆଇଓସିଏଲ ପାଇପ୍ ଲାଇନ୍, ବିପିସିଏଲ୍, ଆର୍ସେଲର ମିତ୍ତଲ- ନିପ୍ପନ୍ ଷ୍ଟିଲ୍, ଆଇଓସିଏଲ୍ ଟର୍ମିନାଲର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶିଳ୍ପାନୁଷ୍ଠାନର କର୍ମକର୍ତ୍ତାମାନେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ଜରିଆରେ ସେମାନଙ୍କର ବିପତ୍ତି ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ସୁରକ୍ଷା ପଦକ୍ଷେପ ଏବଂ ମକ୍ ଡ୍ରିଲ୍‌ର ପ୍ରସ୍ତୁତି ସମ୍ପର୍କରେ ପ୍ରଦର୍ଶନ କରିଥିଲେ।



# ପ୍ରେମଲତାଙ୍କ ଦ୍ୱାଦଶାହ ଦିବସରେ ସ୍ମୃତି ଚାରଣ



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ଇପିଙ୍ଗ ଗ୍ରାମର ବିଶିଷ୍ଟ ସମାଜ ସେବୀ ପଶୁପ୍ରେମୀ ପରିବେଶବିତ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ଧର୍ମପତ୍ନୀ ସ୍ୱର୍ଗତ ପ୍ରେମଲତା ବାରିକଙ୍କ ଦ୍ୱାଦସାହ ଦିବସ ଉତ୍ସବ ବଡ଼ ପୁଅ କବି ମନୋଜ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି ସ୍ମୃତି ସଭାରେ ଆମ ପୁସ୍ତକ ମେଳାର ସମ୍ପାଦକ ଶିକ୍ଷାବିତ ଉପସ୍ଥାପକ କବି ବିଷ୍ଣୁ ପ୍ରସାଦ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାରିକୁଦ ମାଲୁଦ ଅଞ୍ଚଳର ବହୁ ଶିକ୍ଷାବିତ କବି ଲେଖକ ପ୍ରାବନ୍ଧିକ ଗାଳ୍ପିକ ଯୋଗଦେଇ ସ୍ୱରଚିତ ସ୍ମୃତି ପ୍ରେମାମୃତ ବହି ଉନ୍ମୋଚନ କରିଥିଲେ। ନିମନ୍ତ୍ରିତ ସମସ୍ତ ଅତିଥି ସମସ୍ତ ବନ୍ଧୁ ପରିଜନ ଟିପୁ ମାନଶୀ ଶୁଚିସ୍ମିତା ନିବି ଅମନ ମନୋରଞ୍ଜନ ସୁକାନ୍ତ ସୁନୀଲ କୀର୍ତ୍ତିମୟୀ ସମୀର ପ୍ରକାଶ ଶୁଭମ ଓ ସୁଟୁନ ଶ୍ରଦ୍ଧାଞ୍ଜଳି ଦେଇ ଶୋକ ବ୍ୟକ୍ତ କରିଥିଲେ। ନିମନ୍ତ୍ରିତ ଅତିଥି ମାନେ ସ୍ୱର୍ଗତ ପ୍ରେମଲତା ବାରିକଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ ପ୍ରଖ୍ୟାତ ସମାଜସେବୀ ପଶୁପ୍ରେମୀ ଭାବେ ଅଞ୍ଚଳରେ ପରିଚିତ। ଦୁଃଖୀ ଦରିଦ୍ର ଲୋକଙ୍କ ସେବାକ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ।

# କଲେଜ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ



ଗୋପ, (ଭାସ୍କର ନ୍ୟୁଜ୍) : ଗୋଟିଏ ନୁହେଁ କି ଦୁଇଟି ନୁହେଁ । ୩ କୋଟି ୨୫ ଲକ୍ଷରୁ ଉର୍ଦ୍ଧ ଟଙ୍କାର ୪ ଟି କଲେଜର ନୂତନ ଗୃହ ନିର୍ମାଣ ନିମନ୍ତେ ଗୋପ ବ୍ଲକ ଅଧିନ ବେଦପୁର ପଂଚାୟତର ଜଣେ ଠିକାଦାର କାର୍ଯ୍ୟ ନେଇଛନ୍ତି । ଏହି କାର୍ଯ୍ୟ ପାଇଁ ଗୋପ ବ୍ଲକ ପକ୍ଷରୁ ଟେଣ୍ଡର ହୋଇଥିବା ବେଳେ ଏହାର ତଦାରଖ ଦାୟିତ୍ୱରେ ଗୋପ ବ୍ଲକର ଜଣେ ଜଣେ କନିଷ୍ଠଯନ୍ତ୍ରୀ ରହିଛନ୍ତି । ଆସନ୍ତା ଫେବୃଆରୀ ଓ ମାର୍ଚ୍ଚ ମାସରେ +୨ ଏବଂ +୩ ପରୀକ୍ଷାକୁ ଲକ୍ଷ୍ୟ କରି କଲେଜ ଭିତ୍ତିଭୂମି ସଜାଡିବା ସହ ଗୃହ ଅଭାବ ଦୂର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଗୃହ କାର୍ଯ୍ୟ କରି ୬ ମାସ ମଧ୍ୟରେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିବାବେଳେ ଅବଧି ଶେଷ ପରେ ମଧ ଏହା ଏଯାବତ୍ ଅଧା ହୋଇନଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ସଂପୃକ୍ତ ଠିକାଦାର ଏହି କାର୍ଯ୍ୟକୁ ଅତ୍ୟନ୍ତ ନିମ୍ନମାନର କରୁଥିବାରୁ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅତ୍ୟନ୍ତ ନିମ୍ନମାନର ଇଟା, ରଡ୍‌ରେ କାର୍ଯ୍ୟ କରୁଥିବାବେଳେ ଲୁହା ଛଡ ମଧ୍ୟରେ ବ୍ୟବଧାନ ଠିକ୍ ରହୁନଥିବା, ସିମେଣ୍ଟ-ବାଲି, ସିମେଣ୍ଟ-କଂକ୍ରିଟ ମିଶ୍ରଣ ଚୁକ୍ତି ଅନୁଯାୟୀ ହେଉନଥିବା ବେଳେ ସଠିକ୍ କାର୍ଯ୍ୟ ନକରି ତାର ମର୍ଜିରେ କରୁଥିବା ଅଭିଯୋଗ ହେଉଛି । ଯାହାକୁ ନେଇ ଏହି ଗୃହ ଅଳ୍ପ ଦିନରେ ଭୁଷୁଡି ପଡିବାର ଆଶଙ୍କା ଦେଖାଦେଇଛି । ସଂପୃକ୍ତ ଠିକାଦାର ୧କୋଟି ଟଙ୍କା ବ୍ୟୟ ବରାଦରେ ଗୋପ କଲେଜ ଗୃହ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ୧ କୋଟି ଟଙ୍କା ବ୍ୟୟ ବରାଦରେ ବଇରାପୁର ରାଧାବଲ୍ଲଭ ମହା ବିଦ୍ୟାଳୟ କାର୍ଯ୍ୟ, ୧ କୋଟି ଟଙ୍କା ବ୍ୟୟବରାଦରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଏବଂ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବାଲିଘାଇ ବେଲେଶ୍ୱର ମହାବିଦ୍ୟାଳୟ କାଯ୍ୟ କରୁଛି । ମାତ୍ର ସମସ୍ତ ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଏପରିକି ଅଧାରେ ଛାଡି ଠିକାଦାର ଏବେ କିଛିଦିନ ହେଲା ବିଭିନ୍ନ ବାହାନା କରି ଲୁଚୁଥିବା ଶୁଣିବାକୁ ମିଳୁଛି । ଆଗାମୀ ପରୀକ୍ଷାକୁ ଆଖିଆଗରେ ରଖି ଏହି କାର୍ଯ୍ୟକୁ ସଠିକ୍ ଭାବେ ଶିଘ୍ର ଶେଷ କରିବାକୁ କିଛି ଦିନ ତଳେ ଗୋପ କଲେଜ ଅଧକ୍ଷା ବିଡିଓ ଛବିରାଣୀ ସାହୁଙ୍କୁ ଲିଖିତ ଅଭିଯୋଗ କରିଥିବାବେଳେ ଆଜି ବନ୍ଧୁଲିଗ୍ରାମ ସରପଂଚ ମହେଶ୍ୱର ସ୍ୱାଇଁ ମଧ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ, ସୁଦୀପ ଭେସେରାଙ୍କୁ ପଚାରିବାରେ ସେ କହିଥିଲେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେବାପରେ ଆମେ ସଂପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିଛୁ ଏବଂ ଶିଘ୍ର କାର୍ଯ୍ୟ ଶେଷ କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଛୁ। ସେହିପରି ବିଡିଓ ଛବିରାଣୀ ସାହୁ କହିଛନ୍ତି ଶିଘ୍ର କାର୍ଯ୍ୟ ଶେଷ ନକଲେ ଠିକାଦାରଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ, ନିମ୍ନମାନର କାର୍ଯ୍ୟ ଉପରେ ତଦନ୍ତ କରାଯିବା, ଚୁକ୍ତି ଅନୁଯାୟୀ କାର୍ଯ୍ୟ ହୋଇନଥିଲେ ସଂପୃକ୍ତ ଠିକାଦାରଙ୍କ ବିଲ୍ ବନ୍ଦ କରାଯିବ ।

# ମିଳନୀରେ ବର୍ଷାନ୍ତ ସାହିତ୍ୟ ଆସର




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଅପର ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠାନର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ସଂପାଦକ ଡକ୍ଟର ଚିତ୍ତ ରଞ୍ଜନ ମିଶ୍ର ସମସ୍ତଙ୍କୁ ବର୍ଷ ତମାମ ସୃଜନ ମୁଖର ହେବା ପାଇଁ ଆହ୍ୱାନ ଦେଇଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଶୁଭସ୍ମିତା ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ମିଳନୀ ବନବୀଣାର ଫୁଂଖାନୁଫୁଂଖ ଆଲୋଚନା କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ସଭାପତୀୟ ଅଭିଭାଷଣ ଦେଇ ଲାଭ ଓ ଲୋଭର ଉର୍ଦ୍ଧ୍ୱରେ ରହି ସୃଷ୍ଟିଶିଳ ହେବାପାଇଁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ବିଜୟ ଲକ୍ଷ୍ମୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଇନ୍ଦୁମତି ପାତ୍ର, ମମତା ରାଣୀ ଦାସ, ଭାରତୀ ବେହେରା, ରିତାଞ୍ଜଳି ସାହୁ, ନରହରି ମିଶ୍ର, ଚିନ୍ତାମଣି ମହାଳିକ, ଡକ୍ଟର ସୁମନ୍ତ ନାଏକ, ଉମାକାନ୍ତ ବେହେରା, ପିନାକୀ ମିଶ୍ର, ଶାନ୍ତନୁ କୁମାର ମହାପାତ୍ର, ଅମୂଲ୍ୟ ମିଶ୍ର, ଦେବଦତ୍ତ ଦେହୁରୀ, ମନ୍ଦାକିନୀ କର, ଭାବିପ୍ରିୟା ସାହୁ, ବିରଞ୍ଚି ନାରାୟଣ ସାମନ୍ତରାୟ, ଶରତ କୁମାର ରାଉତ,ଦେବଦର୍ଶନ ଦାଶ, ସୁରେଶ କୁମାର ଜେନା, ଧୃବାନନ୍ଦ ରାଉତ, କ୍ଷେତ୍ରବାସୀ ମହାନ୍ତ, ରଙ୍ଗାଧର ବେହେରା ପ୍ରମୁଖ ବହୁ କବି କବିତା ପାଠ କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ ସୁଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଚୟନ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପ୍ରକୃତି ଶୋଭାରେ ପରିପୂର୍ଣ୍ଣ ବନବିହାର ଠାରେ ରୋଟାରୀ କ୍ଲବର ଚଳିତବର୍ଷର ପରିବାର ବଣଭୋଜି ସହ ଆଗାମୀ ବର୍ଷ ୨୦୨୫-୨୬ର କର୍ମକର୍ତ୍ତା ସଭାପତି ବସନ୍ତ କୁମାର ପାତ୍ର ଓ ସମ୍ପାଦକ ବିଶ୍ୱଜିତ ପୃଷ୍ଟିଙ୍କ ଉପସ୍ଥିତିରେ ଘୋଷଣା କରାଯାଇଛି। ଏଥିରେ ରଂଜିତ କୁମାର ବାରିକ-ସଭାପତି, ଗୁପ୍ତେଶ୍ୱର ସୁବୁଦ୍ଧି-ସମ୍ପାଦକ, ସୁଧୀର କୁମାର ପାଣିଗ୍ରାହୀ-ଉପସଭାପତି, ସୁଶାନ୍ତ କୁମାର ବେହେରା- କୋଷାଧକ୍ଷ, ଦିବ୍ୟ ରଞ୍ଜନ ଦାସ-ଯୁଗ୍ମ ସମ୍ପାଦକ, ସୁମନ ପୃଷ୍ଟି-କ୍ଲବ ଫାଉଣ୍ଡେସନ ଚେୟାରମ୍ୟାନ୍, ଦିଲ୍ଲୀପ କୁମାର ସାହୁ-ମେମ୍ବରସିପ ଚେୟାରମ୍ୟାନ, ରାମଚନ୍ଦ୍ର ମିଶ୍ର-ପବ୍ଲିକ ଇମେଜ ଚେୟାରମ୍ୟାନ, ମହେନ୍ଦ୍ର କୁମାର ମହାରଣା- ସର୍ଭିସ ପ୍ରୋଜେକଟ ଚେୟାରମ୍ୟାନ, ସୁଶାନ୍ତ କୁମାର ସାହୁ- ସ୍କିଲ ଡେଭଲପମେଣ୍ଟ ଚେୟାରମ୍ୟାନ ରୂପେ ଘୋଷଣା କରାଯାଇଛି। ଏଥିସହ କ୍ଲବରେ ନୂତନ ଭାବେ ପାଞ୍ଚ ଜଣ ସଦସ୍ୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଣଭୋଜି ସହ, ନାଚ, ଗୀତ, ପ୍ରଶ୍ନ ଉତ୍ତର ଓ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ମଞ୍ଚ ସଂଯୋଜନା ଶ୍ରୀରାମ ପ୍ରସାଦ ପାଳ କରିଥିବାବେଳେ ପ୍ରଦ୍ୟୁମ୍ନ କୁମାର ମଳିକ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଆଗାମୀ ବର୍ଷ ସଭାପତି ରଂଜିତ କୁମାର ବାରିକ କାର୍ଯ୍ୟକ୍ରମର ରୂପରେଖ ଉପରେ ମତବ୍ୟକ୍ତ କରିଥିଲେ। କ୍ଲବର ସମସ୍ତ ସଭ୍ୟ ସହଯୋଗ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସନ୍ତୋଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

# କର୍କଟ ପୀଡିତ ଯୋଗେନ୍ଦ୍ରଙ୍କୁ ଆର୍ଥିକ ସହାୟତା



ଏରସମା, (ଭାସ୍କର ନ୍ୟୁଜ୍ ) : ଇଂରାଜୀ ନବବର୍ଷ ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ମାଣପୁର ଗ୍ରାମର କର୍କଟ ପୀଡିତ ଯୋଗେନ୍ଦ୍ର ରାଉତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ଯୋଗେନ୍ଦ୍ର କିଛି ବର୍ଷ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ସେ ଜଣେ ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଏବଂ ତିନି ଝିଅ। ବର୍ତ୍ତମାନ ଅର୍ଥାଭାବରୁ ଯୋଗେନ୍ଦ୍ର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ଯୁବ ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ପରାମର୍ଶଦାତା ସରୋଜ କୁମାର ବେହେରା, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ପ୍ରକାଶ ମହାନ୍ତି, ପ୍ରବୀର ସ୍ୱାଇଁ, ନନ୍ଦନନ୍ଦନ ଜୟସିଂ, ବାବାଜୀ ରାଉତ ଓ ସତ୍ୟବ୍ରତ ଦାସ ପ୍ରମୁଖ ଯୋଗେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କା ଏବଂ ଏକ ମାସର ରାସନ୍ ସାମଗ୍ରୀ ଯୋଗାଇ ଦେବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଯୋଗେନ୍ଦ୍ର ଓ ତାଙ୍କ ପତ୍ନୀ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।

# ଗୋଷ୍ଠୀଗତ ଜଙ୍ଗଲ ଜମିପଟ୍ଟା ବଣ୍ଟନ



ମାଲକାନଗିରି (ଭାସ୍କର ନ୍ୟୁଜ୍): କୁଡୁମୁଲୁଗୁମ୍ମା ତହସିଲ କାର୍ଯ୍ୟାଳୟ ଠାରେ ଗତକାଲି ଗୋଷ୍ଠୀଗତ ଜଙ୍ଗଲ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର କୃଷ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ଖଇରପୁଟ ବିଡିଓ ଉମାଶଙ୍କର କୋୟା, ଡିଡାଇ ସ୍ୱତନ୍ତ୍ର ଅଧିକାରୀ କିରାଣି ନାୟକ, ସମାଜସେବୀ ଅଶୋକ କୁମାର ପରିଡ଼ା, ଲ୍ୟାମ୍ପସ୍ ସଭାପତି ଗୋପୀ ପାଙ୍ଗୀ, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ପରକନମାଳା ସରପଞ୍ଚ ମେନକାଶ୍ରୀ ଶିଶା, ସମିତିସଭ୍ୟ ରାମଚନ୍ଦ୍ର ମଲଲି, ବରିଷ୍ଠ କିରାଣି ସୋମନାଥ ପାତ୍ର, ସୁପରଭାଇଜର ବିଭୁଦତ୍ତ ଗୌଡ, ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ନାକା ମାମୁଡି ପଞ୍ଚାୟତ ଆମଲିବେଡା ଓ ଭାଟାଗୁଡା ଗାଁର ୨୭ ଜଣ, ସୋମନାଥପୁର ପଞ୍ଚାୟତ କାଡାମଗୁଡା ଗାଁର ୬ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା, କୁଡୁମୁଲୁଗୁମ୍ମା ଓ ପରକନମାଳା ପଞ୍ଚାୟତର ୧୨ ଗାଁର ପ୍ରମୁଖଙ୍କୁ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଉକ୍ତ ଜଙ୍ଗଲ ଜମିର ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମକୁ ତହସିଲର ବରିଷ୍ଠ କିରାଣି ପ୍ରଶାନ୍ତ କୁମାର ପୃଷ୍ଟି ପରିଚାଳନା କରିଥିବା ବେଳେ ପରିବର୍ତ୍ତନ ସଂସ୍ଥାର ତହସିଲ ସଂଯୋଜକ ଏସ୍.କେ ରାଜେନ୍ଦ ବକ୍ସ ସହାୟତା କରିଥିଲେ ।

# ଗରିବ ମହିଳାଙ୍କୁ ନୂତନ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ





ଛତ୍ରପୁର,(ଭାସ୍କର ନ୍ୟୁଜ୍ ) : ଛତ୍ରପୁର ସହରରେ ଥିବା ରାଧେଶ୍ୟାମ ଫାଉଣ୍ଡେସନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୂତନ ବର୍ଷ ପାଳନ କରାଯାଇଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସହରରେ ବସବାସ କରୁଥିବା ଗରିବ ମହିଳାଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି। ଟ୍ରଷ୍ଟର ସଭାପତି ତଥା ଛତ୍ରପୁର ଏନ୍‌ଏସି ୧୦ ନଂ ୱାର୍ଡର କାଉନସିଲର ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି.ପାପା ରାଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଟ୍ରଷ୍ଟର ସମ୍ପାଦିକା ଝିଲିବାଳା ରାଉତ, ସଦସ୍ୟ ପ୍ରଶାନ୍ତ କୁମାର ମହାରଣା, ପ୍ରଶାନ୍ତ ଶତପଥି ପ୍ରମୁଖ ଯୋଗଦେଇ ପ୍ରାୟ ୫୦ରୁ ଉର୍ଦ୍ଧ ଗରିବ ମହିଳାଙ୍କୁ ନୂତନ ବସ୍ତ୍ର ବଣ୍ଟନ କରିଥିଲେ। ଏହି ଚାରିଟେବଲ ବିଭିନ୍ନ ସମୟରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଗରିବ ଝିଅର ବାହାଘର ସମୟରେ ଆର୍ଥିକ ରାଶି ସହାୟତା ପ୍ରଦାନ, ବିଭିନ୍ନ ଗ୍ରାମରେ ଶୀତରତୁରେ ବୃଦ୍ଧବୃଦ୍ଧାଙ୍କୁ କମଳ ବଣ୍ଟନ ଭଳି କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଟ୍ରଷ୍ଟର ଏଭଳି ପ୍ରୟାସକୁ ସହରରେ ବିଭିନ୍ନ ମହଲରେ ପ୍ରଶଂସାର ପାତ୍ର ହୋଇପାରିଛି।



ବେତନଟୀ (ଭାସ୍କର ନ୍ୟୁଜ୍) :ବେତନଟୀ ବ୍ଲକର ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ଗ୍ରାମ ପଞ୍ଚାୟତର ଦାରିହା ଗ୍ରାମରେ ଥିବା ଗୀତାପାଠ ଶାଳାର ପ୍ରଥମ ବାର୍ଷିକ ଉତ୍ସବ କୃଷ୍ଣଚନ୍ଦ୍ର ଶିକ୍ଷାନିକେତନର ବରିଷ୍ଠ ଶିକ୍ଷକ ତଥା ଇକୋ କ୍ଲବର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଭାରତ ସରକାରଙ୍କ ସ୍ଥଳସେନା ବାହିନୀର ଜୁନିୟର କମିଶନ ଅଫିସର ଚନ୍ଦନକୁମାର ପ୍ରଧାନଙ୍କର ପୂଜନୀୟା ମାତା କନକଲତା ପ୍ରଧାନ, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଦାରିହା ଗ୍ରାମର ବରିଷ୍ଠ ନାଗରିକ କବି ଦାମୋଦର ପ୍ରଧାନ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ ଏବଂ ସୁନାମଣୀ ମାତା। ମୁଖ୍ୟବକ୍ତା ଭାବରେ ପ୍ରାକୃତିକ ଚିକିତ୍ସକ ଧ୍ରୁବ ଚରଣ ପ୍ରଧାନ, ସ୍ୱେଚ୍ଛାସେବୀ ବିକେ ଦୀପକ କୁମାର ସମ୍ମାନିତ ବକ୍ତା ଭାବରେ ବିକେ ମମତା, ବିକେ ହେମଲତା, ଯୋଗଦାନ କରିଥିଲେ। ଏହି ଅବସରରେ ତିନିଜଣ ବରିଷ୍ଠ ନାଗରିକ ବିକେ ଭାସ୍କର, ବିକେ ମାୟାଧର, ବିକେ ସୁବାଷଙ୍କୁ ଆଧ୍ୟାତ୍ମିକ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିଥି ଏବଂ ସଂଗଠନର ପରିଚୟ ପ୍ରଦାନ କରିଥିଲେ କୃଷ୍ଣଚନ୍ଦ୍ର ଶିକ୍ଷାନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପାଟଳିପୁରାର ପ୍ରାକ୍ତନ ତଥା ଛାତ୍ର ଦାରିହା ଗୀତା ପାଠଶାଳାର ନିମିତ୍ତ ଭାଇ ବିକେ ଶରତ କୁମାର କ୍ଷ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ବିକେ ରେବତୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବିକେ ମାମା ଅପା ।

# ଦୈନିକ ଖବରକାଗଜ 'ଆଗେଇବା'ର ଲୋକାର୍ପଣ ଉତ୍ସବ




ତାଳଚେର (ଭାସ୍କର ନ୍ୟୁଜ୍): ରାଜ୍ୟର ଶିଳ୍ପ ରାଜଧାନୀ ଭାବେ ପ୍ରସିଦ୍ଧି ଲାଭ କରିଥିବା ତାଳଚେରରୁ ପ୍ରକାଶ ପାଉଥିବା ସାପ୍ତାହିକ ଖବରକାଗଜ 'ଆଗେଇବା' ଦୈନିକ ହେବାପରେ ଲୋକଙ୍କ ଉଦେଶ୍ୟରେ ହାଟତୋଟା ସ୍ଥିତ ପ୍ରେସ କ୍ଲବ ଠାରେ ଏହାର ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ରଙ୍କ ସଭାପତିତ୍ୱରେ ଅତିଥି ଭାବେ ପ୍ରେସ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ନଗରପାଳ କେଶବ ଭୁତିଆ, ପରଜଙ୍ଗ ବ୍ଲକର ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଆମ ପ୍ରତିଭା ଆମ ପରିଚୟର ସଭାପତି ଇଂ ରମେଶ ଚନ୍ଦ୍ର ବେହେରା ଓ ଆଗେଇବାର ପରିଚାଳନା ସମ୍ପାଦକ ଗଦାଧର ସାହୁ ମଞ୍ଚାସିନ ଥିଲେ । ତେବେ ଆଗେଇବାର ସମ୍ପାଦକ ତଥା ପୂର୍ବତନ ସାଂସଦ ମହେଶ ସାହୁ କାହିଁକି ଆଗେଇବାର ପରିକଳ୍ପନା କରାଯାଇଥିଲା ଓ ବିଶେଷ କରି ସମସ୍ୟା ବହୁଳ ତାଳଚେରରୁ ଏହାର ଆରମ୍ଭ ସମ୍ପର୍କରେ ଉପସ୍ଥିତ ନିମନ୍ତ୍ରିତ ଅତିଥିଙ୍କୁ କହିଥିଲେ। ଏବଂ ତାଳଚେର ଆଜିର ଦିନରେ ଦେଶ ସହ ମିଶି ସ୍ୱାଧୀନ ଭାରତରେ ସାମିଲ ହୋଇଥିବାରୁ ଆଜି ତାଳଚେରରେ ସ୍ୱାଭିମାନ ଦିବସ ପାଳନ କରାଯାଇଛି ତେଣୁ ଏହି ଖବରକାଗଜ ଟି ତାଳଚେରରୁ ପ୍ରକାଶ ପାଇବା ସହ ଏହି ସ୍ୱାଭିମାନ ଦିବସରେ ଏହାର ଲୋକାର୍ପଣ କରାଯାଇଛି ବୋଲି ସମ୍ପାଦକ ଶ୍ରୀ ସାହୁ କହିବା ସହିତ ଏଥିରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସେହିପରି ଏହି ଅଂଚଳ ରାଜ୍ୟ ଓ ସାରା ଦେଶକୁ ଦେଉଥିବା ଅବଦାନ ଓ ତାର ପ୍ରତିବଦଳରେ ଅବହେଳିତ ହୋଇ ରହିଯାଉଥିବା ତାଳଚେରରେ ଏହି ଖବରକାଗଜ 'ଆଗେଇବା' ନିଶ୍ଚିତଭାବେ ତାଳଚେର ସମେତ ଅବିଭକ୍ତ ଢେଙ୍କାନାଳ-ଅନୁଗୁଳ ଜିଲ୍ଲାର ସମସ୍ୟାର ସମାଧାନ ପାଇଁ ସଂଗ୍ରାମ ଜାରି ରଖିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । 'ଅଗାଇବା' ଯେଉଁ ଅଗାଇବା ପାଇଁ ପ୍ରୟାସ ଜାରି ରଖିଛି ସେଥିପାଇଁ ଅଗାଇବା ପରିବାରକୁ ଅତିଥିମାନେ ଧନ୍ୟବାଦ ଦେଇଥିଲେ ଓ ଏହାର ଦୀର୍ଘ ଜୀବନ କାମନା କରିଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥି ଶୋଭାଗିନୀ ଦେବୀ, ଡ଼ଃ ରଶ୍ମି ରଞ୍ଜନ ମିଶ୍ର, ଅଧ୍ୟାପକ ସନାତନ ସାହୁ, ପ୍ରଫୁଲ ସ୍ୱାଇଁ ପ୍ରମୁଖ ଅଗାଇବା ଖବରକାଗଜ ସମ୍ପର୍କରେ ନିଜର ମତାମତ ପ୍ରଦାନ କରିଥିଲେ। ଆଗେଇବାର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଡ଼ଃ ନିମେଇଁ ଚରଣ ପ୍ରଧାନଙ୍କ ଉଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ତେବେ ଖବରକାଗଜ ପ୍ରକାଶ କରିବା ଏତେ ସହଜ ନୁହେଁ ବୋଲି ଜାଣିବା ପରେ ମଧ୍ୟ ଅଗାଇବାର ସମ୍ପାଦକ ମହେଶ ସାହୁ ଯେଉଁ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି ସେଥିପାଇଁ ସାଧାରଣରେ ପ୍ରଶଂସା କରାଯାଇଥିଲା । ଶେଷରେ ଆଗେଇବାର ପରିଚାଳନା ସମ୍ପାଦକ ଗଦାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ ଓ ତହସିଲରୁ ବଦଳିଲେ ପୁରୁଣା କର୍ମଚାରୀ

## ■ ନୂଆ ସରକାରଙ୍କ ନୂଆବର୍ଷରେ ଉପହାର



ଧାମନଗର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂଆ ସରକାର ଆସିବା ପରେ ବିଗତ ସରକାରଙ୍କ ସମୟରେ ଯେଉଁ କର୍ମଚାରି ଥିଲେ ସେମାନଙ୍କୁ ଏ ସରକାର ବଦଳି କରୁଥିବା ବେଳେ ଏବେ ଧାମନଗର ବ୍ଲକ ଓ ତହସିଲ ଉପରେ ନଜର ପଡିଛି ନୂଆବର୍ଷରୁ ଧାମନଗରକୁ ନୂଆ ଉପହାର ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧାମନଗର ବ୍ଲକ ଓ ତହସିଲର ଅଧିକାରୀ ଓ କର୍ମଚାରୀ ମାନଙ୍କର ବଦଳି କରିଛନ୍ତି। ଧାମନଗର ତହସିଲରେ ଏସ୍ଆର୍ଏ ଥିବା ନିତ୍ୟାନନ୍ଦ ନାୟକଙ୍କ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଅଭିରାମ ବେହୁରିଆ ଓ ମାମିନା ଦେହୁରୀଙ୍କର ବନ୍ତ ତହସିଲ ଓ ବ୍ଲକକୁ ଏବଂ ରବିନ୍ଦ୍ର ସାହୁଙ୍କର ଚାନ୍ଦବାଲି ତହସିଲକୁ ବଦଳି ହୋଇଛି। ସେହିପରି ଧାମନଗର ତହସିଲରେ ଏସ୍ଓ ଥିବା ଅରଣ୍ୟ ପହିଙ୍କର ଜିଲ୍ଲାପାଳ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଖଗେନ୍ଦ୍ର ମଢେଇଙ୍କର ଭଣ୍ଡାରିପୋଖରୀ ତହସିଲକୁ ଏବଂ ଧାମନଗର ବ୍ଲକରେ ଥିବା ପୂର୍ଣ୍ଣଚନ୍ଦ୍ର ପୁହାଣଙ୍କର ଚାନ୍ଦବାଲି ବ୍ଲକକୁ ବଦଳି ହୋଇଛି। ଭଣ୍ଡାରିପୋଖରୀ ତହସିଲରେ ଏସ୍ଆର୍ଏ ଥିବା ତାପସ ପଣ୍ଡା, ଲଛମନ ସୋରେନ, ରାଜେଶ ମାଝୀ ଓ ଚାନ୍ଦବାଲି ବ୍ଲକର ଏସ୍ଆର୍ଏ ଚିତ୍ତରଞ୍ଜନ ମାଇକଙ୍କର ଧାମନଗର ତହସିଲକୁ ବଦଳି ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏସ୍ଓ କେତନ ସିଂ, ଭଣ୍ଡାରିପୋଖରୀ ତହସିଲର ମଇରାଜ ଅଲ୍ଲୀ ସାହାଙ୍କ ଧାମନଗର ତହସିଲ ଓ ଭଣ୍ଡାରିପୋଖରୀ ବ୍ଲକରେ ଥିବା ସୟଦ ଫିର୍ଦୋସ ଆଲାମଙ୍କର ଧାମନଗର ବ୍ଲକକୁ ବଦଳି ହୋଇଛି। ସେହିପରି ଧାମନଗର ତହସିଲର ଆରଆଇ ମନୋରମା ଧଳ, ନମିତା ମଲ୍ଲିକଙ୍କର ଭଦ୍ରକ ତହସିଲକୁ ବଦଳି ହୋଇଥିବା ବେଳେ ରମାକାନ୍ତ ମହାନ୍ତି, ଭାଗିରଥି ଜେନା, ଚନ୍ଦ୍ରକାନ୍ତ ନାୟକଙ୍କର ବାସୁଦେବପୁର ତହସିଲ, ବିଜୟଲକ୍ଷ୍ମୀ ମାଝୀଙ୍କର ଭଣ୍ଡାରିପୋଖରୀ ତହସିଲ, ପ୍ରଭାଂଶୁ ନାୟକଙ୍କର ଚାନ୍ଦବାଲି ତହସିଲ ଓ ସୁଜାତା ଦାସଙ୍କର ତିହିଡ଼ି ତହସିଲକୁ ବଦଳି ହୋଇଛି। ଚାନ୍ଦବାଲି ତହସିଲର ଆରଆଇ ଶୁଭଶ୍ରୀ ନାୟକ, ବିକ୍ରମ କୁମାର ଦାସ, ଶକ୍ତି ରଞ୍ଜନ ମଲ୍ଲିକ, ଦଇତାରୀ ମୁଣ୍ଡା ଓ ଭଣ୍ଡାରିପୋଖରୀ ତହସିଲର ଦେବୀପ୍ରସନ୍ନ ବାରିକ ନଗେନ୍ଦ୍ର ଦାସ ଏବଂ ଭଦ୍ରକ ତହସିଲର କିଶୋର ମଲ୍ଲିକଙ୍କ ଧାମନଗର ତହସିଲକୁ ବଦଳି ହୋଇଛି। ତେବେ ଦୀର୍ଘ ବର୍ଷ ଧରି ଏମାନେ ଉକ୍ତ ଅଫିସରେ କାର୍ଯ୍ୟ କରିଥିବା ବେଳେ ଜଣେ ଦୁଇ ଜଣଙ୍କ ନାମରେ ବିଭିନ୍ନ ସମୟ ଅଭିଯୋଗ ଥିଲା ତେବେ ନିୟମ ଅନୁଯାୟୀ ବଦଳି ହୋଇଛନ୍ତି। ନୂଆ ଅଧିକାରୀ ଓ କର୍ମଚାରୀ ମାନେ ଆଜି ଧାମନଗର ବ୍ଲକ ଓ ତହସିଲରେ ଯୋଗ ଦାନ କରିଛନ୍ତି।

# ୪୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ରିକ୍ଲାମେସନ୍ ରାଇଜିଂ କ୍ଲବ ଆନୁକୂଲ୍ୟରେ ୨୦୨୪ ବିଦାୟ ଓ ୨୦୨୫ ସ୍ୱାଗତ ନିମନ୍ତେ ଜିରୋ ନାଇଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରିକ୍ଲାମେସନ୍ କଲୋନୀର ସମସ୍ତ ମା ମାଉସୀଙ୍କ ଦ୍ୱାରା ଝୋଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଏବଂ ସନ୍ଧ୍ୟା ସମୟରେ ରିକ୍ଲାମେସନ୍ କଲୋନୀର ସମସ୍ତ ବୟୋଜ୍ୟେଷ୍ଠ ୪୦ ଜଣ ଅବସର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କୁ ସିଲ୍ ଓ ବୁକେ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ସମାଜ ଓ ନିଜନିଜ ଅଞ୍ଚଳ ପ୍ରତି ବଳିଦାନକୁ ସ୍ମରଣ କରାଗଲା ଓ ରିକ୍ଲାମେସନ୍ କଲୋନୀର କୁନି କୁନି ଛୁଆଙ୍କ ଦ୍ୱାରା ନୃତ୍ୟ ସଂଗୀତ ବୁଗି ଓ୍ୱଗି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଝୋଟି ପ୍ରତିଯୋଗିତା ଓ କୁନି କୁନି ଛୁଆଙ୍କ ଦ୍ୱାରା ନୃତ୍ୟ ସଂଗୀତ ବୁଗିଓ୍ୱଗିରେ ଅଂଶଗ୍ରହଣ କରିଥିବା ସମସ୍ତ ମା ମାଉସୀ ଭଉଣୀ, କୁନି କୁନି ଛୁଆଙ୍କୁ ରିକ୍ଲାମେସନ୍ ରାଇଜିଂ କ୍ଲବ ପକ୍ଷ୍ୟରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରିକ୍ଲାମେସନ୍ ରାଇଜିଂ କ୍ଲବ ସଭାପତି ମନୋଜ କୁମାର ସାହା, ସମ୍ପାଦକ କେ ରାହୁଲ କୋଷାଧ୍ୟକ୍ଷ ବିକାଶ କୁମାର ଦାସ, ଉପୋଦେଷ୍ଟା ଲକ୍ଷ୍ମୀ ନାରାୟଣ ସେଠୀ , ଉପୋଦେଷ୍ଟା ତପନ କୁମାର ବିଶ୍ୱାସ, ଲକ୍ଷ୍ମୀନାଥ ମହାରଣା, ବାବଲୁ ଭଟ୍ଟାଚାର୍ଯ୍ୟ, ପ୍ରଶାନ୍ତ କୁମାର ଶତପଥି , ଏକ୍‌ଜିକ୍ୟୁଟିଭ ମେମ୍ବର ସୁବ୍ରତ ଗନ୍ତାୟତ, ସତ୍ୟଜିତ ଗୌଡ଼, ବାଦଲ ଦେବନାଥ, ବଳରାମ ଶୁଣାଣି, ସଞ୍ଜୀବ ପାଣିଗ୍ରାହୀ, ସୂର୍ଯ୍ୟ ରେଡ୍ଡୀ, ପ୍ରମୁଖ ଉପସ୍ଥିତ ଥିଲେ ।

# ଘନ କୁହୁଡ଼ି ଚାଦରରେ କନ୍ଧମାଳ



କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲାରେ ଶୀତ ସହିତ ଘନ କୁହୁଡିର ଚାଦର ଚାରିଆଡେ ସକାଳ ୯ ଘଂଟିକା ପର୍ଯ୍ୟନ୍ତ ରହିଥାଉଛି। ଏହାରି ଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖିନ ଜନସାଧାରଣଙ୍କୁ ହେବାକୁ ପଡୁଛି। ଏହାସହିତ ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଶୀତ ବୃଦ୍ଧି ପାଇବା ସହ ଚାରିଆଡ଼େ କୁହୁଡ଼ି ଓ ପର୍ଯ୍ୟଟନ ମାନେ ମଜା ନେଉଥିବାର ଦେଖାଯାଉଛି। ଲଘୁଚାପ ବର୍ଷା ପରେ ଶୀତ ମଧ୍ୟ ବୃଦ୍ଧି ପାଇବା ଓ ଘନ କୁହୁଡି ବଢିଚାଲିଛି। ଦିନ ସାଢେ ୯ଟା ପର୍ଯ୍ୟନ୍ତ କୁହୁଡ଼ି ମଧ୍ୟ ଛାଡୁନାହିଁ । ୨୦ରୁ ୩୦ ମିଟର ମଧ୍ୟରେ କିଛି ଦେଖା ହେଉନାହିଁ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଧିକ ଘନ କୁହୁଡ଼ି ଫଳରେ ଜନସାଧାରଣ ସଠିକ୍ ସମୟରେ କାମ ଧନ୍ଦାକୁ ଯାଇ ପାରୁନାହାନ୍ତି ଯଦି ଯାଆନ୍ତି ବଡ କଷ୍ଟରେ ଶୀତ ପୋଷାକ ପିନ୍ଧି ଯାଆନ୍ତି। ଏହିପରି ସମସ୍ତ ପ୍ରକାର ଜିଲ୍ଲାରେ ଏବେ ଦୁଇଦିନ ହେଲା ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଇଅଛି।

# ପାରାଦୀପଗଡରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ନୂଆବର୍ଷ ଅବସରରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାରାଥନ ଉଦ୍ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ କରିଛନ୍ତି। ପ୍ରଥମେ ଚକ୍ରଧରପୁର ନୃସିଂହ ମହାପ୍ରଭୁଙ୍କ ପୀଠ ସ୍ଥଳୀ ଠାରେ ସୁଗମ ସଭାସ୍ଥଳିର ଉଦ୍ଘାଟନ ଓ ସୁଗମ ଗାଧୁଆ ତୁଠର ଭୂମିପୂଜା, ପାରାଦ୍ୱୀପ ଗଡ ନୂଆ ସକାଳ ସାଂସ୍କୃତିକ ପରିଷଦ ଓ ଶ୍ରୀଲୋକନାଥ ମନ୍ଦିର ପରିସରରେ ଗୋଷ୍ଠି ଶୌଚାଳୟର ଶୁଭ ଉଦ୍ଘାଟନ ଓ ପାରାଦ୍ୱୀପ ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହ ଓ ଗୋଦାମ ଘର ନିର୍ମାଣ ପାଇଁ ଭୂମିପୂଜା ଓ ଶିଳାନ୍ୟାସ ଏବଂ କତକୁଲା ହନୁମାନ ପୀଠ ପରିସରରେ ଭାଗବତ ଟୁଙ୍ଗିର ଭୂମିପୂଜା କରିଛନ୍ତି। ବର୍ତ୍ତମାନ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତରେ ଟ୍ରିପିଲି ଇଞ୍ଜିନ ସରକାର ଚାଲୁଥିବାରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ପଞ୍ଚାୟତରେ ବକେୟା ଥିବା ସମସ୍ତ କାର୍ଯ୍ୟକୁ ସାରି ଦିଆଯିବ ବୋଲି ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥୀ, ପ୍ରଭାତ କୁମାର ସାହୁ, କୁଳମଣି ମହାପାତ୍ର, ପ୍ରଦୀପ କୁମାର ସ୍ୱାଇଁ, ଗୋଲାପି ବେହେରା, ଓ୍ୱାର୍ଡ ସଭ୍ୟା କଳ୍ପନା ଖଟୁଆ, ଶକୁନ୍ତଳା ସ୍ୱାଇଁ ଓ ରେବତୀ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଉଦ୍‌ଘାଟନ ହେବ ଅଟେଇ ଜଙ୍ଗଲ ସଫାରୀ

## ଓ୍ୱାଚ ଟାଓ୍ୱାର, ଭିୟୁ ପଏଣ୍ଟ, ମୟୁର ଭ୍ୟାଲି, ଦରଗଡିଶିଳା ଡ୍ୟାମ ମୁଖ୍ୟ ଆକର୍ଷଣ



କେନ୍ଦୁଝର (ଭାସ୍କର ନ୍ୟୁଜ୍) :କେନ୍ଦୁଝର ଡିଭିଜନ ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ଆଜି ଠାରୁ ଜଙ୍ଗଲ ସଫାରୀ ଆରମ୍ଭ ହେବ। ପର୍ଯ୍ୟଟକମାନେ ଘଂଚ ଜଙ୍ଗଲ ବୁଲି ପ୍ରକୃତିକୁ ଉପଭୋଗ କରିବେ। କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏବଂ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଏହି ଜଙ୍ଗଲ ସଫାରୀକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜଙ୍ଗଲ ସଫାରୀରେ ବୁଲିବା ପାଇଁ ୩ଟି ସ୍ୱତନ୍ତ୍ର ଯାନର ବ୍ୟବସ୍ଥା କରାଯାଇଛି। ୨ଟି ଗାଡିରେ ୧୨ ଜଣ ପର୍ଯ୍ୟଟକ ଏବଂ ଗୋଟିଏ ବଡ ଗାଡିରେ ୨୦ ଜଣ ପର୍ଯ୍ୟଟକ ବୁଲିବା ମଜା ଉଠାଇବେ। ଜଙ୍ଗଲ ସଫାରୀ ବୁଲିବା ପାଇଁ ନନ୍ ଏସି ପାଇଁ ଜଣକ ପିଛା ୨୦୦ ଟଙ୍କା ଏବଂ ଏସି ଗାଡିରେ ୨୫୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଛି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଗାଇଡମାନେ ପ୍ରତି ଗାଡିରେ ପର୍ଯ୍ୟଟକମାନଙ୍କୁ ନେଇ ଜଙ୍ଗଲ ବୁଲାଇବେ। ପ୍ରତି ଯାତ୍ରା ପାଇଁ ୨ରୁ ୩ ଘଣ୍ଟା ସମୟ ଲାଗିବ। ମା' ତାରିଣୀ ପୀଠରେ ଏହି ସଫାରୀର ବୁକିଂ କାଉଣ୍ଟର କରାଯାଇଛି। ସେଠାରେ ବୁକିଂ କରିବା ପରେ ଜଙ୍ଗଲ ସଫାରୀ ଗାଡିରେ ମୁର୍ଗାପାହାଡ ଗେଟ ଦେଇ ଦରଗଡିଶିଳା-କାଦବାହାଳି-ମେଲାଣ ଗେଟ ଦେଇ ଘଟଗାଁ ପର୍ଯ୍ୟନ୍ତ ୪୦ କିଲୋମିଟର ଦୂରତ୍ୱ ଜଙ୍ଗଲ ବୁଲିବାର ବ୍ୟବସ୍ଥା କରାଯାଇଛି। ବୈତରଣୀ ନଦୀ ଦରଗଡିଶିଳାର ମନୋରମ ଡ୍ୟାମ, ଜଙ୍ଗଲ ଭିତରେ ତିନି ନାଳିଆସ୍ଥିତ ଓ୍ୱାଚ ଟାଓ୍ୱାର, ପିକକ ଭ୍ୟାଲି, ତୃଣ ଭୋଜି ବନ୍ୟପ୍ରାଣୀଙ୍କ ପାଇଁ ଘାସ ପଡିଆ, ବାଘ ନୀରିକ୍ଷଣ ବ୍ୟବସ୍ଥା, ବନ୍ୟପ୍ରାଣୀ ନୀରିକ୍ଷଣ ପାଇଁ ଲଗାଯାଇଥିବା ଟ୍ରାପ କ୍ୟାମେରା ଲଗାଯାଇଛି ତାହା ବୁଲି ଦେଖାଇବେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ବନ କର୍ମଚାରୀ। ଅଟେଇ ସଂରକ୍ଷିତ ଜଙ୍ଗଲ ଭିତରେ ହରିଣ, ଗୟଳ, ସମ୍ବର ଆଦି ବିରଳ ପ୍ରଜାତିର ବନ୍ୟପ୍ରାଣୀ ଏବଂ ପକ୍ଷୀ ଦେଖିବାକୁ ମିଳିବ। ଏହି ଜଙ୍ଗଲରେ ଅନେକ ଔଷଧିୟ ଓ ବିରଳ ଗୁଳ୍ମ, ବୃକ୍ଷ ରହିଥିବାରୁ ପର୍ଯ୍ୟଟକମାନଙ୍କୁ ଗଛ ଗୁଡିକୁ ଦେଖିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ତିନିଗୋଛିଆ ଠାରେ ଏକ ଭିଉ ପଏଣ୍ଟ ସମଗ୍ର ଅଟେଇ ଜଙ୍ଗଲକୁ ଦେଖିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଗଛରେ ନାମଫଳକ ବା କେଉଁ ପ୍ରଜାତିର ଗଛ ତାହା ସୂଚିତ କରାଯିବ। ଏହା ସହିତ ଟ୍ରି ହାଉସ, ଶୌଚାଳୟ ଏବଂ ପ୍ରବେଶ ପଥରେ ଥିବା ଫାଟକ ନିକଟରେ ଶୁଖିଲା ଖାଦ୍ୟର ଷ୍ଟଲ କରାଯାଇଛି ।

# ନିଆରା ଢଙ୍ଗରେ ନୂଆବର୍ଷ ପାଳିଲେ ଉଚ୍ଚଶିକ୍ଷା ଓ କ୍ରୀଡା ମନ୍ତ୍ରୀ




ଧାମନଗର(ଭାସ୍କର ନ୍ୟୁଜ୍) : ରାଜ୍ୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ଥିବା ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରିଡା ଓ ଯୁବସେବାର ନବାଗତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଚିରାଚରିତ ଢଙ୍ଗରୁ ବାହାରକୁ ଯାଇ ନିଆରା ଢଙ୍ଗରେ ଇଂରାଜୀ ନବବର୍ଷକୁ ନିଜ ନିର୍ବାଚନ ମଣ୍ଡଳୀରେ ପାଳନ କରିଛନ୍ତି। ମନ୍ତ୍ରୀ ଧାମନଗର ସ୍ଥିତ ଜରା ନିବାସ (ବୃଦ୍ଧାଶ୍ରମ)ରେ ପହଞ୍ଚିଥିଲେ । ପରିବାର ଓ ସମାଜର ମୁଖ୍ୟ ସ୍ରୋତରୁ ଅଲୋଡ଼ା ହୋଇ ଜୀବନ ବିତାଉ ଥିବା ଅସହାୟ ବୃଦ୍ଧ ବୃଦ୍ଧାଙ୍କ ସହ ମିଶି ସେମାନଙ୍କ ସୁଖଦୁଃଖ ବୁଝିଥିଲେ । ଜରା ନିବାଶ ପରିସରରେ ଥିବା ଅନ୍ଧ, ମୁକ, ବଧିର ଏବଂ ମାନସିକ ବିକାର ଗ୍ରସ୍ତ ଅନ୍ତେବାସୀ ମାନଙ୍କ ସହ ମଧ୍ୟ ଅନ୍ତରଙ୍ଗ ଭାବେ କିଛି ସମୟ ବିତାଇ ଥିଲେ। ଏବଂ ସମସ୍ତ ଅନ୍ତେବାସୀଙ୍କୁ ଭୋଜନ ବ୍ୟବସ୍ଥା ମଧ୍ୟ ମନ୍ତ୍ରୀ କରାଇ ଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଯାଇ ସେ ଉତ୍ସବ ଆଡମ୍ବରକୁ ଆଡେଇ ଯାଇ ନିରାଡ଼ମ୍ବର ଭାବରେ ଶୁଭେଚ୍ଛୁ ଓ ସମର୍ଥକଙ୍କ ସହ ଜରା ନିବାସ ପରିସରରେ ନୂଆ ବର୍ଷ ପାଳିଥିଲେ। ଯେଉଁ ଶୁଭେଚ୍ଛୁ ମାନେ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବାକୁ ଯାଇ ଥିଲେ ମନ୍ତ୍ରୀଙ୍କୁ ଫୁଲ ଗଛ ଓ ବିଭିନ୍ନ ଫଳ ଚାରା ଉପହାର ପ୍ରଦାନ କରିଥିଲେ ସେଗୁଡିକୁ ସେହି ପରିସରରେ ରୋପଣ କରିଥିଲେ। ତେବେ ମନ୍ତ୍ରୀଙ୍କ ଏପରି ନିଆରା ଢଙ୍ଗରେ ଜରା ନିବାସରେ ଦିନ ତମାମ ରହି ସେମାନଙ୍କ ସହ ସୁଖ ଦୁଃଖ ହେବା ସେମାନଙ୍କୁ ଖାଦ୍ୟ ଦେବା ଓ ଚାର ରୋପଣ କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଧାମନଗର ନଗର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ଯୁବନେତା ଅରବିନ୍ଦ ପତି, ସମିତି ସଭ୍ୟ ବିଦ୍ୟାଧର ରାଉତ, ନାରୀନେତ୍ରୀ ସଂଯୁକ୍ତା ଦାସ , ପୂର୍ବତନ ସମିତି ସଭ୍ୟ ହରେକୃଷ୍ଣ ପାଢ଼ୀଙ୍କ ସମେତ ବହୁ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ।

# ରାଶିଫଳ


ଗୁରୁବାର, ୦୨ ଜାନୁଆରୀ ୨୦୨୫



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ।




**ବୃଷ:** କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ୍ୟ ଅଛି। ପିଲାମାନଙ୍କ ପାଇଁ ଚିନ୍ତା ଯୋଗୁଁ, ମନରେ ଚିନ୍ତା ହେବ।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।




**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ। କଠିନ ପରିଶ୍ରମ ଅପେକ୍ଷା ସଫଳତାର ଅଭାବ ହେତୁ ଅର୍ଥନୈତିକ ସଙ୍କଟ ବିଷୟରେ ଚିନ୍ତା ହେବ।




**କନ୍ୟା:** ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ବିଶେଷକରି ଭାଇଭଉଣୀଙ୍କ ସହ ସମ୍ପର୍କ ଭଲ ରହିବ। ସ୍ୱଳ୍ପ ଖର୍ଚ୍ଚ ହେବାର ସମ୍ଭାବନା ମଧ୍ୟ ଅଛି।



**ତୁଳା:** ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ। ଧାର୍ମିକ ପରିଦର୍ଶନ କରିବାର ସମ୍ଭାବନା ଅଛି। କ୍ରୋଧରେ ସଂଯମ ରଖନ୍ତୁ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।



**ଧନୁ:** ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ। ଟଙ୍କା ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଶ୍ରୀପତିଙ୍କ ଗ୍ରହ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ): ମୋ ଭାରତ ଦ୍ୱାରା ଆୟୋଜିତ ୨୪-୨୫ କ୍ରୀଡ଼ା ଉତ୍ସବ ନେହେରୁ ଯୁବା କେନ୍ଦ୍ର ଜିଲ୍ଲା ସଂଗଠନ ନିର୍ଦ୍ଦେଶକ ବି.ରମେଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବ୍ଲକ ପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ ନଳିନୀ ରଞ୍ଜନ ମିଶ୍ର, ମହେଶ୍ୱର ବେହେରା, ସନ୍ତୋଷ ଶତପଥୀ, କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମିନି ଷ୍ଟାଡିୟମ ଠାରେ ସ୍ଲୋ ସାଇକେଲ ରେସ, ଶଟ ପିଟର ଦୌଡ, ବେଡ଼ ମିଣ୍ଟନ, ଫୁଟବଲ,କବାଡି ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଲୋ ସାଇକେଲ ରେସରେ ପ୍ରଥମ ସ୍ଥାନରେ ସାରା ସାନ୍ତା, ଦ୍ୱିତୀୟରେ ମମାଲ ଭତ୍ରା, ତୃତୀୟରେ ସରିତା ମାଝୀ ସେହିଭଳି ଶଟ ପିଟର ଦୌଡ଼ରେ ପ୍ରଥମ ସ୍ଥାନରେ ସୁରେନ୍ଦ୍ର ସାନ୍ତା, ଦ୍ୱିତୀୟ ପ୍ରଫୁଲ୍ଲ କଲାର,ତୃତୀୟ ସୁରଜ ମଡାଙ୍ଗୀ ରହିଥିଲେ, ବ୍ୟାଡ଼ ମିଣ୍ଟନ ଖେଳରେ ବିଜେତା ସୁମି ଦଣ୍ଡସେନା ଉପ ବିଜେତା ଇପ୍ସିତା ପଟ୍ଟନାୟକ , ଫୁଟବଲ ପ୍ରତିଯୋଗିତାରେ ବିଜେତା ଚନ୍ଦନ ଇଲେଭେନ ଏବଂ ଉପ ବିଜେତା ଚିଚ୍ଚି ଇଲେଭେନ ସେହିଭଳି କବାଡି ମହିଳା ବିଭାଗରେ ବିଜେତା ବିମଳା ୭, ଉପ ବିଜେତା ଦେବକୀ ଷ୍ଟାରକୁ ପୁରସ୍କୃତ କରାଯାଇଥିଲା। ବ୍ଲକରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଯୋଗ ଦେଇଥିଲେ। ବ୍ଲକସ୍ତରରୁ ଯେଉଁ ମାନେ ବିଜୟ ଲାଭ କରିଛନ୍ତି ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେବେ ବୋଲି ସୂଚନା ମିଳିଛି। ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାକୁ କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ,ମନୋଜ ମାଝୀ,ଏମ ବିଜୟ କୁମାର,ନକୁଳ ସାନ୍ତା , ସୁବାସ ସାନ୍ତା, ପ୍ରଫୁଲ୍ଲ କଲାର ହେମନ୍ତ ହରିଜନଙ୍କ ପ୍ରମୁଖ ଭୂମିକା ରହିଥିଲା।କାର୍ଯ୍ୟକ୍ରମରେ ଚନ୍ଦନ ମଲିକ ମଞ୍ଚ ପରିଚାଳନା କରିଥିଲେ।

# ବାପା ଦେଇଥିବା ଜମିକୁ ଝିଅଠାରୁ ଛଡାଇ ନେବାକୁ ପ୍ରୟାସ

## ■ ଜବରଦଖଲକାରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଝିଅ

ମାଲକାନଗିରି (ଭାସ୍କର ନ୍ୟୁଜ): ନିଜ ବାପାଙ୍କ ନାମରେ ଥିବା ଜମିକୁ ଅନ୍ୟ ଜଣେ ହଡପ କରି ନେଇଥିବା ବେଳେ ଉକ୍ତ ଜମିକୁ ଫେରି ପାଇବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଝିଅ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲାର ଏମଭି ୧୮ଗ୍ରାମର ସୋମା ରାୟ ନିଜ ବାପା ସୁବୋଧ ରାୟଙ୍କ ଏକମାତ୍ର କନ୍ୟା ଅଟନ୍ତି। ତେବେ ନିଜ ପିତାଙ୍କ ଶେଷ ସମୟରେ ମଧ୍ୟ ସୋମା ସମସ୍ତ ଦେଖାଶୁଣା କରୁଥିବା ବେଳେ ପିତା ସୁବୋଧ ତାଙ୍କୁ ନିଜ ନିକଟରେ ଥିବା ଜମି ଦେଇଥିଲେ। ଜମିର ସମସ୍ତ କାଗଜ ତଥା ପଟ୍ଟା ସୋମଙ୍କୁ ପ୍ରଦାନ କରିଥିବା ବେଳେ ଇତି ମଧ୍ୟରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ଏହାପରେ ଝିଅ ସୋମା ନିଜ ସ୍ୱାମୀ ମଧୁସୂଦନ ଦାଶଙ୍କ ସହ ନିଜ ବାପା ଦେଇଥିବା ଜମିକୁ ଯାଇ ଦେଖନ୍ତି ତ କିଛି ବ୍ୟକ୍ତି ତାହାକୁ ମାଡି ବସିଥିଲେ। ତେବେ ସେମାନଙ୍କୁ ସେଠାରୁ ହଟିବା ପାଇଁ କହିଥିଲେ ମଧ୍ୟ ଜବରଦଖଲ କାରୀ ମାନେ ସୋମାକୁ ମନା କରିଥିବାରୁ ସୋମା ମାଲକାନଗିରି ସିଭିଲ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାହାପରେ ସୋମାଙ୍କ ବିଜୟ ହୋଇଥିଲା ଓ ସୋମା ହିଁ ସେହି ଜମିର ମାଲିକ ଭାବେ ନିଷ୍ପତ୍ତି ନିଆଯାଇଥିଲା। ତଥାପି, ଆଦାଲତର ଆଦେଶ ସତ୍ତ୍ୱେ ଜମିକୁ ହଡପ କରିଥିବା ବ୍ୟକ୍ତି ମାନେ ଜମିରେ ପକ୍କା ଘର ତିଆରି କରିବା ଆରମ୍ଭ କରିଛନ୍ତି ଏବଂ ଜମିକୁ ହାତେଇବା ପାଇଁ ପ୍ରୟାସ କରୁଛନ୍ତି। ତେବେ କେବଳ ଏତିକି ନୁହେ ଚଞ୍ଚକତା କରି ତାଙ୍କ ଜମିକୁ ଡି. ଭେଙ୍କଟ ରାଓଙ୍କ ନାମରେ ଥିବା ଭଳି ପଟ୍ଟା ପ୍ରସ୍ତୁତ କରାଯାଇଥିବା ମଧ୍ୟ ସୋମା ଅଭିଯୋଗ କରିଛନ୍ତି। ଗୋଟିଏ ଜମିର ଦୁଇ ଦୁଇଟି ପଟ୍ଟା ଓ ଭିନ୍ନ ମାଲିକ କିପରି ହେଲେ, ଯାହାକୁ ନେଇ ସେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇ ନ୍ୟାୟ ଭିକ୍ଷା କରିଛନ୍ତି। ଆଦାଲତର ଆଦେଶକୁ ପାଳନ କରି ଜମି ଜବର ଦଖଲକୁ ଖାଲି କରିବା ସହ ମୋର ଅଧିକାରିକ ସମ୍ପତ୍ତିକୁ ଫେରାଇ ସୁରକ୍ଷା ପ୍ରଦାନ ପାଇଁ ସୋମା ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ସେହିପରି ଗୋଟିଏ ଜମିକୁ କିପରି ଦୁଇଜଣ ବ୍ୟକ୍ତିଙ୍କ ନାମରେ ପଟ୍ଟା କରାଯାଇଛି ଓ ଏଥିରେ ଜଡିତ ଅଧିକାରୀଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସୋମା ଅନୁରୋଧ କରିଛନ୍ତି।

# ଅଦିନିଆ ବର୍ଷାରେ ଭାଙ୍ଗିଲା ଘର



ଉମରକୋଟ (ଭାସ୍କର ନ୍ୟୁଜ): ବୈଶାଖର ତାତି ହେଉ କି ଶ୍ରାବଣ ର ଝଡି ଆଉ ଶୀତ ଋତୁର ଛାଞ୍ଚଣ କାକର, ପରବାଏ ନାହିଁ ବୋଲି ଏକ ଜରିପାଲ ଟଣା କୁଡ଼ିଆ ଭିତରେ ଏକ କୋମଳମତି ଶିଶୁଙ୍କୁ ନେଇ ଜୀବନ କାଟୁଛନ୍ତି ଛଅ ପ୍ରାଣୀ। ଏ ହେଉଛି ଦାରିଦ୍ର୍ୟତା ର ଦାରୁଣ ଦୃଶ୍ୟ, ଘର ନାହିଁ ଦ୍ୱାର ନାହିଁ କି ରୋଜଗାର ନାହିଁ। ଯେଉଁ ଜରିପାଲ ଏମାନଙ୍କ ପାଇଁ ଆଶ୍ରୟସ୍ଥଳ ଥିଲା ସେତକ ମଧ୍ୟ ଏ ଅଦିନିଆ ବର୍ଷାରେ ଧୋଇଗଲା। ଏବେ ଏ ଛଅ ପ୍ରାଣୀଙ୍କୁ ମୁଣ୍ଡ ଗୁଞ୍ଜିବା ଲାଗି ଜାଗା ନାହିଁ। ବର୍ଷାରେ ସବୁ ଚାଉଳ ପତ୍ର ଓଦା ହୋଇଗଲା ଖୋଲା ଆକାଶ ତଳେ ଭିଜିଯାଇଥିବା ଚୁଲିରେ ଆଉ ନିଆଁ ଧରୁନି କେଉଁଠୁ ପାଇ ଆଣି ଭିଜା ମାଟିରେ ବିଛେଇ ରାତ୍ରି ଯାପନ କରିବେ ଏଇ ପରିବାର। ଜୀବିକା କହିଲେ ଗାଈ ଗୋଠ ରେ ଗାଈ ବର୍ଣ୍ଣିକ ଯାହା ମିଳେ ସେଥିରେ ପରିବାର ର ଲୁଗାପଟା ହେଉ କି ଭରଣମ ଚଳିଥାଏ। ତେବେ ଘରଟିଏ ଗଢ଼ିବା ଲାଗି ଏତେ ଟଙ୍କା ଆସିବ କେଉଁଠୁ। ଏମିତି ଏକ ପରିବାର ଯେଉଁ ପରିବାର କି ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ କୃତ୍ରିଛାପର ଗ୍ରାମପଂଚାୟତ ର କଲେଗାଁ ଗ୍ରାମର ବାସହରା ସ୍ଥାୟୀ ବାସିନ୍ଦା ଅମର ଗୌଡ଼ ଏବଂ ତାଙ୍କ ପରିବାର। କଲେଗାଁ ହେଉଛି କୃତ୍ରିଛାପର ଗ୍ରାମପଂଚାୟତ ଠାରୁ ମାତ୍ର ଦେଢ଼ କିଲୋମିଟର ଦୂର। ତେବେ ସରକାରୀ ଯୋଜନାର ଭରସା ଦୂରରେ। ଯାହାକି ଏହି ଗରିବ ଗାଈ ଚରାଳି ଅମର ଗୌଡ଼ଙ୍କ ପରିବାରର ଦୁଃଖ ଏହାର ସବ୍ୟ ପ୍ରମାଣ। ପରିବାର କହିଲେ ମୋଟ ଛଅ ଜଣ ପ୍ରାଣୀ ଚାରିଛୁଆ ପିଲା ଙ୍କ ସମେତ ବାପା ମାଁ। ସକାଳ ପାହିଲେ ଗାଈ ଚରା ଧରି ଜଙ୍ଗଲ ମୁହାଁ ହୁଅନ୍ତି ବାପା ମା, ଯାହା ମିଳେ ସେତକ କେବଳ ଦାନା କନାକୁ ନିଅଣ୍ଟ। ସେଇ ଭଙ୍ଗା ଜରିପାଲ ଟଣା କୁଡ଼ିଆ ଏମାନଙ୍କ ଭରସା। ସମ୍ପତ୍ତି କହିଲେ ରନ୍ଧାବଡା ପାଇଁ କେଇଖଣ୍ଡ ବାସନ ଆଉ ଲୁଗାପଟା। ଏତକକୁ ଆଉଖ ଥିଲା ଏକ ଜରିକବାଟ। ଆଉ ତାରି ଭିତରେ କାଁଳା ଦୁଇ ଶିଶୁ ଏବଂ କୋମଳମତି ଆଉ ଦୁଇ ପାଠୁଆ ଛୁଆ ଙ୍କ ରାତ୍ରୀ ଏବଂ ପ୍ରତିକ୍ଷଣ ବିପଦ ଘଟିଛି। କବାଟଟିଏ ନାହିଁ ବୋଲି ବାପା ମା କାମରେ ଗଲିଗଲେ ପାଠୁଆ ଝିଅକୁ ଘର ଜଗିବାକୁ ହୁଏ। ଏହି ଭଙ୍ଗା କୁଡ଼ିଆରେ ସଞ୍ଜ ହେଲେ କାଠକାଳି ଗଡୁଥିବା ଏହି ପରିବାରର ପିଲାଙ୍କ ପାଠ ପଢ଼ିବାର ଆଗ୍ରହତା ମଧ୍ୟ ସୂର୍ଯ୍ୟାଲୋକ ସରିଗଲେ ଅନ୍ଧାର ମଧ୍ୟରେ ସୀମିତ ହୋଇ ରହିଯାଉଛି। ଖରା ବର୍ଷା ଆଉ ଶୀତ କାକରରେ ଏହି ଜରିପାଲ ତଳେ ଜୀବନ କାଟି ଆସୁଥିଲେ ଅମର ଗୌଡ଼ଙ୍କ ପରିବାର। ହେଲେ ଏବେ ସେତକ ପୁଣି ଅଦିନିଆ ବର୍ଷା ଧୋଇନେଲା।ନିଜର ଦୁଃଖ କୁ ପ୍ରକାଶ କରିବା ପାଇଁ ବାରମ୍ବାର ସରକାରୀ ଦପ୍ତରକୁ ଯାଇ ନିରାଶ ହେବା ପରେ ତତ୍କାଳୀନ ସରକାରଙ୍କ ଆଉ ଭରସା ନକରି ପୁଣି ନିଜ ପରିବାର ପାଇଁ ଦାନା ଯୋଗାଡ଼ କରିବା ରେ ଲାଗିପଡିଛନ୍ତି ଅମର। ଆବାସ ଯୋଜନାରେ ଯୋଗ୍ୟ ଥାଇବି ତତ୍କାଳୀନ ସରକାର ରେ ଅନେକ ହିତାଧିକାରୀ ଘର ପାଇନଥିବା ତ ଜାଣିଛୁ। କିନ୍ତୁ ଏହି ଅମର ଗୌଡ଼ ଙ୍କ ଭଙ୍ଗା କୁଡ଼ିଆ ଟା ଫନି ବାତ୍ୟା ବେଳେ ଭାଙ୍ଗି ଭୁଶୁଡ଼ି ପଡ଼ିଥିଲା। ହେଲେ ସେ ବେଳର ନେତା କହନ୍ତୁ କି ଅଧିକାରୀ କାହାରି ଆଖିକୁ ଏମାନଙ୍କ ଦୁଃଖ ଦେଖାଯାଇନଥିଲା କି ଜାଣିଶୁଣି ଅସହାୟ ପରିବାରକୁ ଅଣଦେଖା କରାଯାଇଥିଲା। ଯାହାର ପରିଣାମ ଏଯାବତ ଏହି ଶିଶୁମାନଙ୍କୁ ଭୋଗିବାକୁ ପଡୁଛି। ଆଜକୁ ଦୁଇ ଦୁଇ ଥର ଜରିପାଲ ସିନା ମିଳିଗଲା ହେଲେ ଆବାସ ସାତ ସପନ। ଝରୀଗାଁ ବ୍ଲକ କୃତ୍ରିଛାପର ପଞ୍ଚାୟତ ଯେଉଁଠି ଗଠନ ମୂଳକ କାମକୁ ନେଇ ହୋଇଥିବା ଦୁର୍ନୀତି କୁ ନେଇ ଗତଦିନ ଭିଜିଲାନ୍ସ ତଦନ୍ତ ହୋଇଥିବା ବେଳେ ଏବେ ଆବାସ କଳେଙ୍କାରୀ କୁ ନେଇ ସନ୍ଦେହ ସ୍ୱାଭାବିକ ହୋଇପଡିଛି।

# ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ଗିରଫ

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଙ୍କୁ ଗିରଫ କଲା ଛତିଶଗଡ ପୋଲିସ। ମିଳିଥିବା ସୂଚନା ମୁତାବକ ଏକ ଓଡ଼ିଶା ରେଜିଷ୍ଟ୍ରେସନ ସ୍କୁଟିରେ ଗଞ୍ଜେଇ ଆସୁଥିବା କୌଣସି ସୂତ୍ରରୁ ଖବର ପାଇ ଥିଲେ ଛତିଶଗଡ ର ଫରସ ଗାଁ ପୋଲିସ। ସୂଚନାକୁ ଆଧାର କରି ଅପେକ୍ଷା କରିଥିଲେ ଛତିଶଗଡ ପୋଲିସ। ଏହି ସମୟରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଥାନା ଅନ୍ତର୍ଗତ ସିଲାଟି ଗ୍ରାମର ମଣି ଶଙ୍କର ବନିକ ୨୭ ବର୍ଷ,ସ୍କୁଟି ରେଜିଷ୍ଟ୍ରେସନ ନମ୍ବର ଓଡ଼ି୨୪ ଖ ୨୨୭୪ ରେ ୩ ଟି ପ୍ୟାକେଟ ରେ ଗଞ୍ଜେଇ ନେଉଥିବା ବେଳେ ମାଡ଼ି ବସିଲା ଫରସଗାଁ ପୋଲିସ। ଜବତ ଗଞ୍ଜେଇର ଓଜନ ୧୫ କିଲୋ ୩୦୦ ଗ୍ରାମ ହେଇଥିବା ବେଳେ ଯାହାର ବଜାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି କହିଛି ଫରସଗାଁ ପୋଲିସ। ତଦନ୍ତ ବେଳେ ଉକ୍ତ ଗଞ୍ଜେଇ ଉମରକୋଟ ନିକଟସ୍ଥ ଖାଣ୍ଡା ଗ୍ରାମର ଜୟ ଦେବ ଶାହ। ଠାରୁ ଆଣିଛି ବୋଲି ପ୍ରକାଶ କରିବା ପରେ ଛତିଶଗଡ ପୋଲିସ ଖାଣ୍ଡା ଗ୍ରାମରେ ପହଞ୍ଚି ଜୟଦେବ ଶାହା ୪୦ ବର୍ଷକୁ ନିଜ ଘରୁ ଉଠାଇ ନେଇ ଚାଲି ଯାଇଥିଲ। ତେବେ ଜୟଦେବ ଜଣେ ଉମରକୋଟ ଅଞ୍ଚଳର ଜଣେ ବ୍ୟବସାୟୀ ଭାବେ ସୁପରିଚିତ। ଏହି ୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କାରୀଙ୍କୁ ଛତିଶଗଡ ପୋଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଥିଲା ତେବେ ଜାମିନ ନାମଞ୍ଜୁର ହେବା ପରେ ଉଭୟଙ୍କୁ ଜେଲକୁ ପଠାଇ ଦେଇଛି ଫରସଗାଁ ପୋଲିସ। ଉମରକୋଟ ଅଞ୍ଚଳରୁ ଲଗାତାର ଭାବେ ଗଞ୍ଜେଇ ଛତିଶଗଡ ରାଜ୍ୟ କୁ ଚାଲାଣ ହେଉଥିବ। ବେଳେ ଉମରକୋଟ ପୋଲିସ ନିକଟ ରେ କୌଣସି ସୂଚନା ରହୁ ନଥିବା ବେଳେ ଏହି ଗଞ୍ଜେଇ ଛତିଶଗଡ ପୋଲିସ ଦ୍ୱାରା କିପରି ଭାବେ ଧରାପଡ଼ି ଯାଉଛି ତାହା ସମସ୍ତଙ୍କୁ ଚକିତ କରୁଛି।

# ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ସାଥୀ ସଦସ୍ୟଙ୍କ ଦଶାହ କାର୍ଯ୍ୟ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଡ୍ରାଇଭର ମହାସଂଘ ସଦସ୍ୟ ସ୍ୱର୍ଗତ ବୃନ୍ଦାବନ ଜାନୀ ଙ୍କ ଦେହାନ୍ତ ହୋଇଥିବା ବେଳେ ସଂଘ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦଶାହ କାର୍ଯ୍ୟରେ ସହଯୋଗ କରଯାଇଥିଲା। ଏଥିରେ ବ୍ଲକର ପ୍ରାୟ ୫୦ ଜଣ ସଂଘ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପରିବାର ବର୍ଗଙ୍କୁ ୧୧୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ଡ୍ରାଇଭର ମହାସଂଘର ସଭାପତି ଚିତ୍ରସେନ ବେହେରା ଓ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହା ସହ ଆଗାମୀ ଦିନରେ ଯେପରି ସ୍ୱର୍ଗତ ବୃନ୍ଦାବନ ଜାନୀଙ୍କ ପରିବାର ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ମିଳି ପାରିବ ସେନେଇ ସଂଘ ସଦା ସର୍ବଦା ଚେଷ୍ଟା କରିବ ବୋଲି ସଂଘର ସଭାପତି ଶ୍ରୀ ବେହେରା ପ୍ରକାଶ କରିଥିଲେ।

# କୃଷି ସୂଚନା ଓ ପରାମର୍ଶ ସମ୍ପ୍ରସାରଣ କେନ୍ଦ୍ର ବିଧାୟକ ଦ୍ୱାରା ଉଦ୍‌ଘାଟିତ



ଝରିଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ଆତ୍ମା କାର୍ଯ୍ୟାଳୟ ନିକଟରେ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ କର କମଳରେ ଆଜି ଏକ ନୂତନ କୃଷି ସୂଚନା ଓ ପରାମର୍ଶ ସମ୍ପ୍ରସାରଣ କେନ୍ଦ୍ରର ଶୁଭ ଉଦ୍ଘାଟନ ହୋଇଯାଇଛି । ଏହି ଉଦ୍ଘାଟନ ଉତ୍ସବରେ ବିଧାୟକଙ୍କ ବ୍ୟତୀତ ଉମରକୋଟ କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ ସାହୁ, ଝରିଗାଁ ଗୋଷ୍ଠୀ କୃଷି ଅଧିକାରୀ ଗଜାନନ ସାହୁ,ସହକାରୀ କୃଷି ଅଧିକାରୀ ସୁନିତା ସିଂ,ପ୍ରଶାନ୍ତ କୁମାର ବାଗ,ବକଡାବେଡା ସହକାରୀ କୃଷି ଅଧିକାରୀ ଜଗଦିଶ ଗାଦ୍‌ବା, ଗଣପତି ସାହୁ, ବିକି ରଥ, ଚୈତନ୍ୟ ନୋଦୀୟ ପ୍ରମୁଖ ଉପସ୍ଥିତ ରହିଥିଲେ । ଝରିଗାଁ ନୂତନ କୃଷି ସୂଚନା ଓ ପରାମର୍ଶ ସମ୍ପ୍ରସାରଣ କେନ୍ଦ୍ରର ଶୁଭ ଉଦ୍ଘାଟନ ପରେ ଝରୀଗାଁ ଅଂଚଳର ଚାଷୀମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

# ସଫଳ ଅସ୍ତ୍ରୋପଚାର ପରେ ଶିଶୁ ସୁରକ୍ଷିତ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): (ଭାସ୍କର ନ୍ୟୁଜ): ନବରଙ୍ଗପୁରଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୁଡ଼ା ଗ୍ରାମର ହରି ଡଙ୍ଗରିଙ୍କ ଦେଢ଼ମାସର ଶିଶୁ ଜସିରାଜ ଙ୍କ ସାଧାରଣ ମୁଣ୍ଡ ଠାରୁ ବଡ ହୋଇଯାଇ ଥିଲା । ଅର୍ଥ ଅଭାବରୁ ରୁ ଚିକିତ୍ସା ହୋଇ ପାରୁ ନ ଥିଲା । ପରେ ତେନ୍ତୁଳିଖୁଣ୍ଟି ବ୍ଲକ ଓ ଜିଲ୍ଲା ପ୍ରଶାସନ ଉଦ୍ୟମ ଫଳରେ ଶିଶୁଟିର ଚିକିତ୍ସା ହୋଇ ପାରିଥିଲା । ଶିଶୁଟିକୁ କଟକ ସ୍ଥାନାନ୍ତର କରି ବଡ଼ ମେଡ଼ିକାଲରେ ଅସ୍ତ୍ରୋପଚାର କରାଯାଇଥିଲା । କଟକସ୍ଥିତ ଶିଶୁ ଭବନ ପରିସରରେ ଅସ୍ତ୍ରୋପଚାର ହୋଇଥିବା ବେଳେ ବର୍ତ୍ତମାନ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ନେଇ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜକୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ନବରଙ୍ଗପୁରଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଆନ୍ତରିକତା ଉଦ୍ୟମ ଓ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ସୂଚନାଯୋଗ୍ୟ ହରି ଡଙ୍ଗରିଙ୍କ ଦେଢ଼ ମାସର ଶିଶୁ ଜଶିୟ ରାଜଙ୍କ ମୁଣ୍ଡ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିଲା । ଫଳରେ ଶିଶୁ ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ଏହି ଖବର ଜିଲ୍ଲା ପ୍ରଶାସନନିକଟରେ ପହଞ୍ଚିବା ପରେ ଯୋଶୀୟଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରି ଶିଶୁର ସ୍ଥିତି ପରଖିବାକୁ ପରାମର୍ଶ ଦେଇଥିଲେ । ପରେ ବିଡିଓ ଶ୍ରୀପାଣିଗ୍ରାହୀ ଶିଶୁଟିର ପରିବାର ସହିତ ଯୋଗାଯୋଗ କରିଥିଲେ। ପରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗାଡ଼ିରେ ଭେଷଜକ ଅର୍ଜନା ମହାନ୍ତି, ସ୍ୱାସ୍ଥ୍ୟକର୍ମୀ ସଂଗୀତାନାୟକ ଜଶିୟଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଅଧିକ ଚିକିତ୍ସା ପାଇଁ କଟକସ୍ଥିତ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା । କଟକରେ ସୁରକ୍ଷିତ ଭାବେ ଜଶିୟଙ୍କ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ବର୍ତ୍ତମାନ ଯୋଶୀୟ ଶିଶୁ ଶିଶୁ ଭବନ ପରିସରରେ ରହିଥିବା ବିଡିଓ ସୂଚନା ଦେଇଛନ୍ତି। ଜଶିୟଙ୍କ ସଫଳ ଅସ୍ତ୍ରୋପଚାର ହେବା ପରେ ପରିବାର ଲୋକ ଖୁସି ପ୍ରକଟ କରିବା ସହିତ ନବରଙ୍ଗପୁର ଜିଲ୍ଲାପାଳ ଡ. ମହାପାତ୍ର, ତେନ୍ତୁଳିଖୁଣ୍ଟି ବିଡିଓ ଶ୍ରୀ ପାଣିଗ୍ରାହୀଙ୍କସହିତ ରାଷ୍ଟ୍ରୀୟ ବାଲ୍ କର୍ଯ୍ୟକ୍ରମର ଅଧିକାରୀମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଏହିଭଳି ପ୍ରଶାସନ ତତ୍ପରତା ଦେଖାଇଲେ କୌଣସି ଲୋକଙ୍କ ଅସୁବିଧା ହେବ ନାହିଁବୋଲିବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାଉରକେଲା (ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀମାନେ ଡିସେମ୍ବର ୩୧ ତାରିଖରେ 'ମନ୍ଥନ' ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକଙ୍କୁ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆରଏସପିର ଡ଼ିଆଇସି ରୂପେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ବୋକାରୋ ଇସ୍ପାତ କାରଖାନାର ଡ଼ିଆଇସି ଶ୍ରୀ ବିରେନ୍ଦ୍ର କୁମାର ତିୱାରୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ମୁଖ୍ୟ ମହା ପ୍ରବନ୍ଧକ, ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିଦାୟୀ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ସେବା ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାରମୁଖ୍ୟ ଅର୍ଚ୍ଚନା ଶତପଥୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଚଆର ଓଡ଼ି ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୪ରେ ଉତ୍କଳଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ବଡି ବିଲ୍ଡିଂ ଆଣ୍ଡ ପାୱାର ଲିଫ୍ଟିଙ୍ଗ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ଜୁବୁଲି ହଲଠାରେ ରାଜ୍ୟସ୍ତରୀୟ 'ଉତ୍କଳ ଶ୍ରୀ' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ବଡି ବିଲ୍ଡିଂ ଆସୋସିଏସନ୍ ସହଯୋଗିତାରେ ଏହା ଆସନ୍ତା ୪ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ସମଗ୍ର ରାଜ୍ୟରୁ ଉଭୟ ପୁରୁଷ ଓ ମହିଳା ମିଶି ୨୦୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏଥିପାଇଁ ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଟିଆରଏଲ କ୍ରୋସାକି ଏମ୍ପ୍ଲୋୟୀ କ୍ଲବ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରାଯାଇଛି। ଆୟୋଜକ ବେଲପାହାଡ଼ ବଡି ବିଲ୍ଡିଂ ଆଣ୍ଡ ପାୱାର ଲିଫ୍ଟିଙ୍ଗ ଆସୋସିଏସନର ମୁଖ୍ୟ ପୃଷ୍ଠପୋଷକ ଡ଼ା. ଅନୀଲ ନାୟକ, ସଭାପତି ମନୋଜ ମହାନ୍ତି, ଉପସଭାପତି ବିକାଶ ମହାନ୍ତି, ସାଧାରଣ ସମ୍ପାଦକ ଶିବରାମ ମହାରଣା, କୋଷାଧ୍ୟକ୍ଷ ଦୀପକ ମହାନ୍ତି, ଉପଦେଷ୍ଟା ରାଜକିଶୋର ରାଉତ, ସ୍ମୃତିରଞ୍ଜନ ପ୍ରଧାନ, ଶକ୍ତିକାନ୍ତ ମହାପାତ୍ରଙ୍କ ସମେତ ଗଜେନ୍ଦ୍ର ରାଉତ, କୁବେର ସାହୁ, ଲିଙ୍ଗରାଜ ମହାରଣା, ସଞ୍ଜୟ ପ୍ରଧାନ, ଦୀନେଶ କରାଲୀ, ପ୍ରଶାନ୍ତ ଦାସ, ସଞ୍ଜୟ ମହାନ୍ତି, କେଶବ ଖମାରୀ, ଶୁଭେନ୍ଦୁ ପଟ୍ଟନାୟକ, ନରେଶ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଧୂମ୍‌ଧାମ୍‌ରେ ନୂତନ ବର୍ଷ ପାଳିଲେ ବ୍ଲକବାସୀ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକରେ ବଡ଼ ଧୂମଧାମରେ ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି ବ୍ଲକ ବାସିନ୍ଦା। ତାର ପୂର୍ବ ରାତିରୁ ରାତି ତମାମ ଏଇ କ୍ଷେତ୍ରରେ ପ୍ରତ୍ୟେକ ପିକନିକ ସ୍ପଟ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଏଥିସହ ଭୋଜି ଭାତର ଆୟୋଜନ କରି ନାଚ ଗୀତରେ ନୂତନ ବର୍ଷ କଟାଇଛନ୍ତି ଲୋକେ। ପ୍ରତ୍ୟେକ ପର୍ଯ୍ୟଟନ ସ୍ଥଳୀ ଡିଜେ ସାଉଣ୍ଡରେ ଉଠୁଥିଲା ପଡୁଥିଲା। ଏନେଇ ଆଜି ଲକ୍ଷ୍ମୀପୁର ବଜାରରେ ପୁରା ଗହଳି ଗହଳି ଜମି ଥିଲା। ଆମିଷ ଦୋକାନଠୁ ଆରମ୍ଭ କରି ପନିପରିବା ଦୋକାନ ସହ ପ୍ରତ୍ୟେକ ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିବାବେଳେ ପିଲାଠୁ ବୁଢ଼ା ସଭିଏଁ ଭୋଜି ଭାତରେ ମସଗୁଲ ଥିଲେ। ଚଳିତ ବର୍ଷ ମହିଳା ମାନେ ମଧ୍ୟ ଏଇ ନୂତନ ବର୍ଷ ୨୦୨୫ ପାଇଁ ଦଳ ଦଳ ହୋଇ ଭୋଜି ଭାତର ମଜା ନେଇଥିଲେ। ଏଥିସହ ସକାଳୁ ସକାଳୁ ବ୍ଲକ ସଦରରେ ଥିବା ପ୍ରତ୍ୟେକ ମନ୍ଦିରରେ ନୂତନ ବର୍ଷ ଉପଲକ୍ଷେ ଠାକୁର ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନଙ୍କ ଗହଳି ଲାଗିଥିଲା।

# ପାଚିକା ଓ ସହାୟିକାମାନଙ୍କ ପ୍ରଶିକ୍ଷଣ ଶିବିର



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକର ସାତଟି ସ୍ଥାନରେ ଚଉଦଟି ପ୍ରଶିକ୍ଷଣ କେନ୍ଦ୍ରରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ପାଚିକା ଓ ସହାୟିକା ମାନଙ୍କ ପ୍ରଶିକ୍ଷଣ ଗତ ତିରିଶି ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଉମରକୋଟ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ସରକାରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୬୪୦ ଜଣ ପାଚିକା ଓ ସହାୟିକା ଅଂଶ ଗ୍ରହଣ କରିଥିଲେ । ଜାମୁରୁଣ୍ଡା, କୁର୍ଶି, ବେହେଡା, ସିଙ୍ଗିସାରି, ଭଣ୍ଡାରିଗୁଡ଼ା, ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉମରକୋଟ ଠାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ ଶ୍ରୀଯୁକ୍ତ ନରେଶ ପଟ୍ଟନାୟକ, ଶ୍ରୀଯୁକ୍ତ ନିତାଇ ମଣ୍ଡଳ, ଶ୍ରୀଯୁକ୍ତ ସୁନିଲ କୁମାର ନାୟକ, ଶ୍ରୀଯୁକ୍ତ ତ୍ରିପତି ପଟ୍ଟନାୟକ, ଶ୍ରୀଯୁକ୍ତ ଧନେଶ୍ୱର ପୁହାଣ, କାହ୍ନୁ ମିଶ୍ର, ସତ୍ୟେନ୍ଦ୍ର ରାଉତ ପ୍ରମୁଖଙ୍କ ପ୍ରଶିକ୍ଷଣରେ ସମ୍ପାଦିତ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ରୂପେ ତଦାରଖ ଓ ପରିଚାଳନା କରିଥିଲେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପୁରୁଷୋତ୍ତମ ମାଝୀ ଓ ଶ୍ରୀଯୁକ୍ତ ଦେବେନ୍ଦ୍ର ନାଥ ବାଘ । ପ୍ରଶିକ୍ଷଣ କେନ୍ଦ୍ର ଗୁଡିକରେ ସର୍ବ ପ୍ରଥମେ ପାଚିକା ଓ ସହାୟିକା ମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାସ୍ଥ୍ୟକର ରନ୍ଧା ଖାଦ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରେଷ୍ଠ ବିବେଚିତ ଖାଦ୍ୟକୁ ପୁରସ୍କୃତ କରିବାକୁ ଘୋଷଣା କରାଯାଇଥିଲା। ଏହାପରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଫର୍ଟିଫାଇଡ ଚାଉଳର ଉତ୍ତମ ବିନିଯୋଗ, ରନ୍ଧନ ପ୍ରଣାଳୀ ତଥା ଗୁଣାତ୍ମକ ବୈଶିଷ୍ଟ୍ୟଗୁଡ଼ିକୁ ଉପସ୍ଥାପନ କରାଯିବା ସହ ଏହି ସମ୍ପର୍କିତ ଭ୍ରମାତ୍ମକ ଅପପ୍ରଚାରକୁ ସଠିକ୍ ରୂପେ ବୁଝାଇ ଦିଆଯାଇଥିଲା। ପରେ ପରେ ମଧ୍ୟାହ୍ନ ଭୋଜନ କ୍ଷେତ୍ରରେ ପରିମଳ, ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ପାଚିକା ଓ ସହାୟିକାମାନଙ୍କୁ ଆପ୍ରୋନ ଓ ରନ୍ଧନ ସମୟର ଟୋପି ବଣ୍ଟନ କରାଯିବା ସହ ସେମାନଙ୍କୁ ମଧ୍ୟାହ୍ନ ଭୋଜନ ସମ୍ବନ୍ଧୀୟ ଅନଲାଇନ୍ ତାଲିମ ପ୍ରାପ୍ତ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଅପରାହ୍ନରେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ରେଶମଲାଲ ନାୟକ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି କୁନି କୁନି ଛାତ୍ର ଛାତ୍ରୀମାନଙ୍କୁ ସଠିକ ପୋଷଣ କରିବା ଭଳି ଏକ ଅପୂର୍ବ କାର୍ଯ୍ୟ ବିଷୟରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ଉଦଘାଟନ ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସରକାର ପାଚିକା ସହାୟିକା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ଶେଷରେ ଏକ ପରୀକ୍ଷା ଅନୁଷ୍ଠିତ ହୋଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ ଶିବିର କାର୍ଯ୍ୟକ୍ରମ ଗୁଡ଼ିକୁ କ୍ରିୟାଶୀଳ କରିବାରେ ସହାୟତା କରିଥିଲେ ବ୍ଲକ ମଧ୍ୟାହ୍ନ ଭୋଜନ ସଂଯୋଜକ ଶ୍ରୀଯୁକ୍ତ ସତ୍ୟ ବେହେରା ଓ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅସୀମ କୁମାର ବିଶ୍ୱାସ ।ଶିବିର ଗୁଡିକରେ ପ୍ରଶିକ୍ଷଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସର୍ବଶ୍ରୀ ଧନୁର୍ଜୟ ରାଓ, ଅଜିତ ବିଶ୍ୱାସ, ଦିଲୀପ ରଜକ ଦାସ, ମୋତିରାମ ଗଣ୍ଡ, ରାଜେନ୍ଦ୍ର ଭାତ୍ର, ବନୁ ପନକା , ହେମନ୍ତ ସାହୁ, ସନ୍ତୋଷ ସାହୁ, ମଧୁସୂଦନ ଜେନା, ଦମ୍ବରୁ ହରିଜନ, ସମୀର ଗନ୍ତାୟତ, ବିଷ୍ଣୁ ସାହୁ, ଶିବାନନ୍ଦ ମାଟିଆ, ମନୋଜ ବେହେରା, ସୋମନାଥ ବେହେରା ପ୍ରମୁଖ ସାଧନ କେନ୍ଦ୍ର ସଂଯୋଜକ ମାନେ ।

# ରାମ୍‌ଜୀଲାଲ୍ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ



ବରଗଡ (ଭାସ୍କର ନ୍ୟୁଜ): ରାମଜୀଲାଲ ଉଚ୍ଚ ବିଦ୍ୟାଳୟ ଖୁ. ତୁରୁଙ୍ଗାର ରୌପ୍ୟ ଜୟନ୍ତୀ ସମାରୋହ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ମଶାଲ ଯାତ୍ରା ଓ ଗ୍ରାମ୍ୟ ପରିକ୍ରମା ପରେ ପ୍ରଧାନ ଶିକ୍ଷକ ଶଶିକାନ୍ତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ରୂପେ ବରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଯୋଗଦାନ କରି ପୂର୍ବତନ ଛାତ୍ରଛାତ୍ରୀଙ୍କ ମହାମିଳନ ପର୍ବକୁ ସମ୍ବୋଧିତ କରି ବିଦ୍ୟାଳୟ ପ୍ରତି ସେମାନଙ୍କ ଶ୍ରଦ୍ଧା ଓ ଆଗ୍ରହକୁ ପ୍ରଶଂସା କରିବା ସହ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଗୁରୁତ୍ୱ ବୁଝାଇ ଦେଶ ସେବାରେ ବ୍ରତୀ ହେବାକୁ ଉପଦେଶ ଦେଇ ଥିଲେ। ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷାଧିକାରୀ, ଧନକଉଡ଼ା, ସେବାଶ୍ରୀ ଭୋଇ ଓ ମୁଖ୍ୟବକ୍ତା ଭାବରେ ରମେଶ ଚନ୍ଦ୍ର ସାହୁ ଯୋଗଦାନ କରି ପିଲାଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଦିଗଦର୍ଶନ ଦେଇଥିଲେ। ସ୍ମରଣିକା ପଞ୍ଚବଟୀକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଥମ କମିଟିର ସଦସ୍ୟଗଣ ତଥା ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ହାସ୍ୟ କବି ସମ୍ମିଳନୀ ଆୟୋଜିତ କରାଯାଇ ଥିଲା।ପଦ୍ମଶ୍ରୀ ହଳଧର ନାଗଙ୍କ କବିତା ଆବୃତ୍ତି ଲୋକଙ୍କ ମନ ଜିଣିଥିଲା। ସନ୍ଧ୍ୟାରେ ସମ୍ବଲପୁରୀ ଲୋକ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ଦିନ ପୂର୍ବତନ ସାଂସଦ ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ସାଧୁ ନେପାକ, ନିମାଇଁ ଚରଣ ପତି, ସଦର ଥାନାଧିକାରୀ ପ୍ରଣୟ ମୁର୍ମୁ, ସରପଞ୍ଚ ବବିତା ପଧାନ, ସମିତି ସଭ୍ୟ ସୁରେଶ ପଧାନ ଯୋଗ ଦେଇ ଥିଲେ। ଅତିଥି ମାନେ ପଦ୍ମଶ୍ରୀ ଭାଗବତ ପଧାନଙ୍କୁ ସମ୍ମାନିତ କରିଥିଲେ। ଅପରାହ୍ନରେ ଏହି ମଧୁର ସ୍ମୃତିକୁ ସାଇତି ରଖିବା ପାଇଁ ବିଭିନ୍ନ ବ୍ୟାଚର ଛାତ୍ରଛାତ୍ରୀଙ୍କ ଫୋଟୋ ଉଠା କାର୍ଯ୍ୟକ୍ରମ କରାଯାଇଥିଲା। ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ରୂପେ ସାଂସଦ ପ୍ରଦୀପ ପୁରୋହିତ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ତଥା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଦୀପ କୁମାର ହୋତା ଓ ଅଧ୍ୟକ୍ଷ ସରୋଜ କୁମାର ଦେବତା ଯୋଗଦାନ କରି ସଭାର ଶ୍ରୀବୃଦ୍ଧି କରିଥିଲେ। ଏହି ଅବସରରେ ସୀମା ସୁରକ୍ଷା ବାହିନୀର ବୀର ସୈନିକମାନଙ୍କୁ ମଧ୍ୟ ସେମାନଙ୍କର ଦେଶସେବା ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନାଟକ "ହରିଶ୍ଚନ୍ଦ୍ର" ପରିବେଷଣ କରା ଯାଇଥିଲା। ପରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ସମ୍ବଲପୁରୀ ନୃତ୍ୟ, ଝୁମର ନୃତ୍ୟ ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ଅଧିବେଶନର ସଭାକାର୍ଯ୍ୟକୁ ପୁରାତନ ଛାତ୍ର ଅଶୋକ ସାହୁ ଓ ପ୍ରତିମା ପଣ୍ଡା ପରିଚାଳନା କରିଥିଲେ। ରୌପ୍ୟ ଜୟନ୍ତୀ କୁ ସଫଳ ରୂପେ ସମ୍ପାଦିତ କରିବାରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ,ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳରୁ ଆସିଥିବା ଶିକ୍ଷାପ୍ରେମୀଗଣଙ୍କୁ ରୌପ୍ୟ ଜୟନ୍ତୀ ପାଳନ ସମିତିର ସଭାପତି ଶ୍ରୀ ସୁନୀଲ କୁମାର ସାହୁ ଧନ୍ୟବାଦ ଜଣାଇଛନ୍ତି।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଅଞ୍ଚଳର ଅନେକ ପ୍ରାଚୀନ ପର୍ଯ୍ୟଟନସ୍ଥଳୀ ରହିଛି । ସେଥିମଧ୍ୟରୁ ବୋଲଗଡରେ ଥିବା ମା ଭୂଇଁୟାଣୀ ପୀଠ, ମୁଣ୍ଡିଆ ପଡା, ଯୋଡ଼ାପଡା ରାମମନ୍ଦିର, ସାନପଦର ବିନ୍ଧ୍ୟଗିରି ପର୍ବତ, କୋଶଳାଶୁଣୀ ପୀଠ, ମାନିବନ୍ଧ ହନୁମାନ ମନ୍ଦିର, ଖଙ୍ଗୁରିଆ,ହନୁମାନ ମନ୍ଦିର, ଦେଉଳି ମଠ, ଆଦି ପ୍ରମୁଖ ତୀର୍ଥସ୍ଥାନ ଓ ପର୍ଯ୍ୟଟନ ସ୍ଥଳୀ ଭାବେ ବୋଲଗଡକୁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି । ବୁଧବାର ସମସ୍ତ ପୀଠ ଗୁଡିକରେ ଚଳଚଞ୍ଚଳ ଦେଖିବାକୁ ମିଳିଥିଲା । ମୁଣ୍ଡିଆପଡା ଠାରେ ବହୁ ଶ୍ରଦ୍ଧାଳୁ ଜମିଥିବା ବେଳେ ଅନେକ ଅଞ୍ଚଳବାସୀ ସେଠାରେ ନୂଆବର୍ଷ ଭୋଜିକରି ପାଳନ କରିଥିଲେ । ମୁଣ୍ଡିଆ ପଡାରେ ୧୦,୦୦୦ ରୁ ଉର୍ଦ୍ଧ ଲୋକମାନେ ସେଠାରେ ଜମା ହୋଇଥିଲେ । ସେହିପରି ସାନପଦର ବିନ୍ଧ୍ୟଗିରି ପର୍ବତଠାରେ ଲୋକମାନେ ମଧ ଭୋଜିଭାତ କରି ମଜା ନେଇଥିଲେ । ସାନପଦର ବିନ୍ଧ୍ୟଗିରି ପ୍ରାଚୀନ ମନ୍ଦିର ରହିଥିବାବେଳେ ସେଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା । କିନ୍ତୁ ସେଠାରେ ଜଳର ସମସ୍ୟା ରହିଥିବାବେଳେ ଭୋଜି,,ଭାତ ପାଇଁ ଲୋକମାନେ କିଭଳି ସମସ୍ୟା ନେହେବ ସେଥିପାଇଁ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଏକ ପାଣି ଟ୍ୟାଙ୍କର ସୁବିଧା କରିଥିଲେ । ଯାହାଫଳରେ ସାନପଦର ପଞ୍ଚାୟତ, କୁଳାସର ପଞ୍ଚାୟତ, ଗୋପାଳପୁର ପଞ୍ଚାୟତ, ପିଚୁକୁଳି ପଞ୍ଚାୟତ ଆଦି ଗ୍ରାମରୁ ଆସିଥିବା ଲୋକମାନେ ଭୋଜିଭାତ କରିଥିଲେ । ଅପରପକ୍ଷେ ମାଣିବନ୍ଧ ହନୁମାନ ମନ୍ଦିର ଠାରେ ବହୁ ଶ୍ରଦ୍ଧାଳୁ ଭଜନ, କୀର୍ତ୍ତନ କରି ନୂଆ ବର୍ଷରେ ଜଗତର କଲ୍ୟାଣ ନିମନ୍ତେ ଭଗବାନ ରାମ, ହନୁମାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହିଭଳି ଭାବରେ ସମସ୍ତ ପୀଠ ଗୁଡିକ ଚଳଚଞ୍ଚଳ ହୋଇଥିଲା । ବିନ୍ଧ୍ୟଗିରି ପର୍ବତ ଏବଂ ମୁଣ୍ଡିଆପଡା କୁ ପର୍ଯ୍ୟଟନ ସ୍ଥଳରେ ମାନ୍ୟତା ଦେବାକୁ ବହୁ ଜନସାଧାରଣ ଦାବି କରିଛନ୍ତି ।

## ଦେଶର ସମସ୍ତ ପ୍ୟାକ୍ସକୁ ଜୈବିକ ମିଶନ ସହ ଯୋଡାଯିବା ଉଚିତ : ଶାହ



ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ବୁଧବାର ନୂଆଦିଲ୍ଲୀରେ ସମବାୟ ମନ୍ତ୍ରଣାଳୟରେ ଜାତୀୟ ସମବାୟ ଜୈବିକ ଲିମିଟେଡର ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ । ଏହି ଅବସରରେ ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ, ସମବାୟ ମନ୍ତ୍ରଣାଳୟର ସଚିବ ଆଶିଷ କୁମାର ଭୂଟାନୀ, ସମବାୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପଙ୍କଜ ବଂଶଲ, ଜାତୀୟ ସମବାୟ ଜୈବିକ ଲିମିଟେଡର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମିନେଶ ଶାହା ଏବଂ ନାବାର୍ଡର ଅଧକ୍ଷ ଶାଜି କେଭି ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଅମିତ ଶାହ କହିଥିଲେ ଯେ ଦେଶର ସମସ୍ତ ପ୍ୟାକ୍ସକୁ ଜୈବିକ ମିଶନ ସହିତ ଯୋଡାଯିବା ଉଚିତ ଏବଂ ଜୈବିକ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରାଯିବା ଉଚିତ । ଜୈବିକ ଉତ୍ପାଦର ଉତ୍ସ ଚିହ୍ନଟ କରିବା ଏବଂ ଜୈବିକ ଉତ୍ପାଦର ଶୁଦ୍ଧତା ସୁନିଶ୍ଚିତ କରିବା ଉପରେ ବିଶେଷ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଶାହ କହିଛନ୍ତି ଯେ ଏନସିଓଏଲ ଏହାର 'ଭାରତ ଅର୍ଗାନିକ୍ ' ବ୍ରାଣ୍ଡ ଅଧୀନରେ କୃଷକମାନଙ୍କଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ପ୍ରାମାଣିକ ଜୈବିକ ଉତ୍ପାଦର ଏକ ଦୃଢ଼ ଯୋଗାଣ ଶୃଙ୍ଖଳା ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ୍ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏନସିଓଏଲ 'ଭାରତ ଅର୍ଗାନିକ୍ ' ଉତ୍ପାଦର ପ୍ରତ୍ୟେକ ବ୍ୟାଚ୍ର ବାଧ୍ୟତାମୂଳକ ପରୀକ୍ଷଣ ସୁନିଶ୍ଚିତ କରିବା ଉଚିତ ଯାହା ଦ୍ୱାରା ଗ୍ରାହକମାନେ ବଜାରରେ ଶୁଦ୍ଧ, ପ୍ରାମାଣିକ ଜୈବିକ ଉତ୍ପାଦ ପାଇପାରିବେ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅମୁଲ ଡେରି ଏବଂ ଏନଡିଡିବି ଅନୁଷ୍ଠାନ ସହ ଜଡିତ କୃଷକମାନଙ୍କୁ ଜୈବିକ ଚାଷ କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ । ଅମିତ ଶାହ କହିଥିଲେ ଯେ କୃଷକମାନଙ୍କୁ ସେମାନଙ୍କ ଜୈବିକ ଉତ୍ପାଦର ଉଚିତ ଏବଂ ଆକର୍ଷଣୀୟ ମୂଲ୍ୟ ମିଳିବା ଉଚିତ ଯାହା ଦ୍ୱାରା ସେମାନଙ୍କୁ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋତ୍ସାହିତ କରାଯାଇପାରିବ । ଭାରତ ଅର୍ଗାନିକ ଉତ୍ପାଦ ସମ୍ପର୍କରେ ଅମୁଲ ସହ ଏକ ବୈଠକ କରି କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜୈବିକ ଅଟା ଏବଂ ଜୈବିକ ହରଡ ଡାଲିର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଶ୍ରୀ ଶାହ ଏନସିଓଏଲ ଏବଂ ସମବାୟ ମନ୍ତ୍ରଣାଳୟକୁ କହିଥିଲେ ଯାହାଦ୍ୱାରା ସେମାନେ ଜୈବିକ ଚାଷ ଗ୍ରହଣ କରିବାକୁ ଉତ୍ସାହିତ ହୋଇପାରିବେ । ସେ ଆହୁରି ମଧ ଉଲ୍ଲେଖ କରିଛନ୍ତି ଯେ ଯେତେବେଳେ କୃଷକମାନେ ଅଧିକ ମୂଲ୍ୟ ପାଇବା ଆରମ୍ଭ କରିବେ, ସେମାନେ ନିଶ୍ଚିତ ଭାବରେ ଜୈବିକ ଚାଷ କରିବାକୁ ପ୍ରେରିତ ହେବେ । କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଯଦି ମାର୍କେଟିଂ ଭଲ ହୁଏ, ତେବେ ଜୈବିକ ଉତ୍ପାଦ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ନିଶ୍ଚିତ ଭାବରେ ସମଗ୍ର ଦେଶରେ ଏହି ଉତ୍ପାଦର ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ଆଣିବ । ଆଗାମୀ ପର୍ବପର୍ବାଣିରେ ଜୈବିକ ଉତ୍ପାଦକୁ ପ୍ରୋତ୍ସାହନ ଦେବାକୁ ସେ ନିବେଦନ କରିଛନ୍ତି । ଅମିତ ଶାହ କହିଥିଲେ ଯେ ଦେଶର ସମସ୍ତ ପ୍ୟାକ୍ସ ଜୈବିକ କୃଷି ଉତ୍ପାଦର ଉତ୍ସ, ଜୈବିକ ଉତ୍ପାଦ ବିକ୍ରି କେନ୍ଦ୍ର ଏବଂ ବିହନ ବିକ୍ରି କେନ୍ଦ୍ର ହେବା ଉଚିତ, ଯାହାଦ୍ୱାରା ଏନସିଓଏଲ, ଏନସିଇଏଲ ଏବଂ ବିବିଏସଏସଏଲ ଭଳି ଜାତୀୟ ସମବାୟ ଅନୁଷ୍ଠାନକୁ ମଧ୍ୟ ପ୍ରୋତ୍ସାହିତ କରାଯାଇପାରିବ । ଏହି ୨ ଲକ୍ଷ ସମବାୟ ସମିତିରେ ଅତି କମରେ ଜଣେ ଯୁବ ଚାଷୀଙ୍କୁ ସାମିଲ କରାଯାଉ, ଯିଏ ଭବିଷ୍ୟତରେ ନିଜ ଅଞ୍ଚଳରେ ସ୍ଥାନୀୟ ସମବାୟ ଢାଞ୍ଚାକୁ ସୁଦୃଢ଼ କରିବା ରେ ପ୍ରେରଣାଦାତା ଭାବେ କାର୍ଯ୍ୟ କରିପାରିବେ ବୋଲି ସେ କହିଛନ୍ତି । ଶ୍ରୀ ଶାହ ପ୍ୟାକ୍ସ ସଦସ୍ୟ ତଥା କୃଷକମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ସମବାୟ ମନ୍ତ୍ରୀ କହିଛନ୍ତି ଯେ ନାବାର୍ଡ ସମବାୟ ମନ୍ତ୍ରଣାଳୟ ସହଯୋଗରେ ପ୍ୟାକ୍ସ ପାଇଁ ଏକ ନୂତନ ବ୍ୟବସ୍ଥା ପ୍ରସ୍ତୁତ କରିବା ଉଚିତ ଯାହା ଦ୍ୱାରା ପ୍ରତ୍ୟେକ କୃଷକଙ୍କୁ ତାଙ୍କ କ୍ଷମତା ଅନୁଯାୟୀ ଋଣ ଉପଲବ୍ଧ ହୋଇପାରିବ ।

## ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଲେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ବର୍ଷରେ ନୂଆଦିଲ୍ଲୀ ସ୍ଥିତ ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ନବବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଇଂରାଜୀ ନବବର୍ଷ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦିନ ଆରମ୍ଭ କରିବା ମୋର ସୌଭାଗ୍ୟ । ଆମେ ସମସ୍ତେ ୨୦୨୫ରେ ପ୍ରବେଶ କରିଛେ । ଏହି ସମୟରେ ଆମେ ସମସ୍ତେ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ପରିଶ୍ରମ କରିବା । ସମାଜରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ବଦ୍ଧପରିକର ହେବା । ଏହି ଅବସରରେ ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଅଧିକ ପରିଶ୍ରମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ସମଲେଇଙ୍କ ପାଖରେ ଦେଶବାସୀଙ୍କ ସୁଖ, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି ।

## ଗାଁ ଦାଣ୍ଡରେ ଯୁବକକୁ ଗୋଡ଼େଇ ଗୋଡ଼େଇ ହତ୍ୟା

କାମାକ୍ଷାନଗର (ଭାସ୍କର ନ୍ୟୁଜ): ନୂଆବର୍ଷରେ ରକ୍ତରଞ୍ଜିତ ହେଲା ଗାଁ ଦାଣ୍ଡ। ନୂଆବର୍ଷ ପାଇଁ ଲୋକେ ଉତ୍ସାହ ଓ ଉଦ୍ଦୀପନାରେ ମାତି ରହିଥିବାବେଳେ ପରଜଙ୍ଗ ଥାନା ବଶୋଇ ଗାଁର ଜଣେ ଯୁବକଙ୍କୁ ଅନ୍ୟ ଜଣେ ଯୁବକ ଗାଁ ଦାଣ୍ଡରେ କୁରାଢିରେ ହାଣି ଖଣ୍ଡ ଖଣ୍ଡ କରିଦେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି।


E-mail : rwdmohana@gmail.com

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON MOHANA

O-929

NATIONAL COMPETITIVE BIDDING THROUGH e-Procurement

Identification No. Online Tender 11/MOHANA/2024-25

1. Name of the work : Building works
2. Total No. Work : 36 (Thirty Six) Nos.
3. Estimated Cost : 1.68 Lakhs to 8.40 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Mohana | Online Tender 11/MOHANA/ 2024-25 | 36 (Thirty Six) Nos. | 08.01.2025 from 11.00 | 17.01.2025 upto 5.00 PM | 15.01.2025 upto 5.00 PM | 18.01.2025 at 11.00 AM |

Further details can be seen from the Website www.tenderodisha.gov.in

OIPR 25148/11/0018/2425

Sd/- Superintending Engineer
Rural Works Division, Mohana

OFFICE OF SUPERINTENDING ENGINEER
MINOR IRRIGATION DIVISION, JAJPUR
Letter No. 3623 / Dt 21.12.2024
GOVERNMENT OF ODISHA e-Procurement Notice
Bid Identification No. on line SEMIDJAJ-06/2024-25
eemijajpur@gmail.com

A-793

1.Name of work :- Construction of Canal Lining of MIPs under M.I. Division Jajpur
2.Total Number of work :- 4 (four) nos.
3.Estimated cost :- Rs.33.23 to 48.31/- Lakhs
4.Tender paper Cost(Online) :- Rs.6000/-
5.Bid Security (Online) :- 1% of the estimated cost.
6.Period of Completion :- As per DTCN
7.Availability of Bid Document :- From 30.12.2024, 10.00 AM to 06.01.2025, 5.000 PM in website (www.tendersorissa.gov.in)
8.Last date & Time of receipt of Bid through online :- 06.01.2025 at 5.00 PM through online
9.Date of opening of Bid documents :- 07.01.2025 at 11.00 A.M in the office of the SE, M.I. Division, Jajpur
10.Date of Lottery, if required :- 13.01.2025 at 11.30 A.M.
11. Mode of Payment of Bid Cost & Bid Security :- Govt. of Odisha has introduced e-payment gateway in to the portal for payment of cost of Bid & Bid security/ EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the e- procurement portal "https://tenderorissa.gov.in
12. The Authority reserves the right to cancel/reject any or all the tenders without assigning any reasons thereof.
13.Name and address of the OIT :- Superintending Engineer, M.I. Division, Jajpur
At-Bhabaniganj, Near Hari Samantaray School, P.O :- Jajpur, Dist-Jajpur
Phone :- 06728-222008
PINCODE :- 755001

Further details can be seen from the Government of Odisha Web-Sitewww.tendersorissa.gov.in

OIPR 32280/11/0007/2425

Sd/- Superimending Engineer
M.I.Division, Jajpur

Odisha Police
Office of the D.G & I.G. of Police, Odisha, Cuttack
Website :www.odishapolice.gov.in ,
Email : adgcs-odisha@gov.in

D-220

Online Bids through e-Tender Portal https://tendersodisha.gov.in are invited from the eligible bidders for Request for Proposal (RFP) for selection of a Consultancy Firm for establishing of Technical Assistance and Support Unit (TASU) for providing Naval Experts advisory for Odisha Coastal Security Police during the current financial year 2024-25 as per the particulars mentioned below.

| Sl.No. | Particulars | Details |
|---|---|---|
| 1. | Name of the Organization | Odisha Police (Costal Security ) |
| 2. | Method of Selection & Proposal Validity | Quality cum Cost Based Selection (QCBS) & 120 Day's proposal validity |
| 3. | Date of Issue of RFP | 01.01.2025 |
| 4. | Deadline for Submission of Pre-Proposal / Pre-Bid Queries | 07.01.2025 |
| 5. | Pre-Bid Meeting | A Pre-Bid Meeting will be held on 08.01.2025 at 3:30 PM (Online Link shall be shared based on the request receive form bidder on E Mail ID – adgcs-odisha@gov.in |
| 6. | Issue of Pre-Bid Clarifications | 10.01.2025 |
| 7. | Proposal Submission Due Date | 19.01.2025 till 4:30 PM |
| 8. | Date of opening of Technical Proposal | 20.01.2025 |
| 9. | Date of Presentation | To be informed later |
| 10. | Date of opening of Financial Proposal | To be informed technically qualified bidders |
| 11. | Expected Date of Commencement of Assignment | To be informed later |
| 12. | Bid Document Fee (Non-Refundable) | Rs.3,540/- (Rupees Three Thousand Five Hundred forty only) (including GST). |
| 13. | Earnest Money Deposit (EMD) (Refundable) | Rs.2,00,000 /-(Two Lakhs Rupees Only) |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.inThe Authority reserves the right to accept / reject any part thereof or all the bids without assigning any reason thereof.

Sd/-A.I.G. of Police(Provisioning,)
Odisha, Cuttack.
(Tender Calling Authority)

OIPR 12029/11/0050/2425


## ପଶ୍ଚିମବଙ୍ଗ ସରକାରଙ୍କୁ ଏନ୍‌ଟିସିଏ ଛାଟ
# ଓଡ଼ିଶା ଫେରିଲା ଜିନ୍ନତ

ବାରିପଦା (ଭାସ୍କର ନ୍ୟୁଜ): ଓଡ଼ିଶା ଫେରିଲା ବାଘୁଣୀ ଜିନ୍ନତ। ମଙ୍ଗଳବାର ମଧ୍ୟରାତ୍ରିରେ ସେ ଶିମିଳିପାଳରେ ପହଞ୍ଚିବା ପରେ ତାକୁ ଦକ୍ଷିଣ ଡିଭିଜନର ସଫ୍ଟ ଏନକ୍ଲୋଜରରେ ଛଡ଼ା ଯାଇଛି। ଏନଟିସିଏ ଛାଟ ପରେ ପଶ୍ଚିମବଙ୍ଗ ଆଲିପୁର ଚିଡିଆଖାନାରୁ ତାକୁ ଏକ ସ୍ୱତନ୍ତ୍ର ଗାଡ଼ିରେ କଡ଼ା ସୁରକ୍ଷା ମଧ୍ୟରେ ଓଡ଼ିଶା ଅଣାଯାଇଥିଲା। ଦୁଇଦିନ ତଳେ ପଶ୍ଚିମବଙ୍ଗର ବାଙ୍କୁଡାରେ ଜିନ୍ନତକୁ ଟ୍ରାଙ୍କୁଲାଇଜ୍ କରାଯିବା ପରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଲିପୁର ଚିଡିଆଖାନା ନିଆଯାଇଥିଲା। ତେବେ ଆଲିପୁର ଯିବା ଘଟଣାକୁ ନେଇ ଅଡୁଆରେ ପଡ଼ିଯାଇଥିଲା ପଶ୍ଚିମବଙ୍ଗ ବନ ବିଭାଗ। ଜିନ୍ନତକୁ କାହିଁକି ଓଡ଼ିଶା ନ ପଠାଇ ଆଲିପୁର ଚିଡିଆଖାନାକୁ ନିଆଗଲା ସେ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ପ୍ରଶ୍ନ ଉଠାଇଥିଲେ। ଏ ନେଇ ଏନଟିସିଏ ପକ୍ଷରୁ ପଶ୍ଚିମବଙ୍ଗର ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନଙ୍କୁ ଚିଠି କରାଯାଇଥିଲା। ଏଥିସହ ଏସଓପି ଅନୁସାରେ ତୁରନ୍ତ ଜିନ୍ନତକୁ ଓଡ଼ିଶା ସ୍ଥାନାନ୍ତର କରିବା ପାଇଁ ଏନଟିସିଏ ନିର୍ଦ୍ଦେଶ ଦେଇଥିଲା। ଏନଟିସିଏର ନିର୍ଦ୍ଦେଶ ପରେ ମଙ୍ଗଳବାର ବିଳମ୍ବିତ ରାତିରେ ଜିନ୍ନତ ବାରିପଦାରେ ପହଞ୍ଚିଥିଲା। ସୂଚନାଯୋଗ୍ୟ ଯେ ମହାରାଷ୍ଟ୍ରର ଅଡବା ଅଭୟାରଣ୍ୟରୁ ଓଡ଼ିଶା ଅଣାଯାଇଥିବା ଜିନ୍ନତକୁ ଶିମିଳିପାଳ ଅଭୟାରଣ୍ୟରେ ଛଡ଼ା ଯାଇଥିଲା। ତେବେ ଶିମିଳିପାଳରେ କିଛିଦିନ ଘୁରି ବୁଲିବା ପରେ ସେ ଜଙ୍ଗଲବାଟ ଦେଇ ଝାଡ଼ଖଣ୍ଡ ପଳାଇ ଯାଇଥିଲା। ଝାଡ଼ଖଣ୍ଡରେ କିଛିଦିନ ରହିବା ପରେ ସେ ପଶ୍ଚିମବଙ୍ଗ ପଳାଇଥିଲା। ଏପରିକି ଉଭୟ ରାଜ୍ୟର ବନବିଭାଗକୁ ନାକେଦମ ମଧ୍ୟ କରିଥିଲା। ଶେଷରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଜିନ୍ନତକୁ ପଶ୍ଚିମବଙ୍ଗରେ ଟ୍ରାଙ୍କୁଲାଇଜ୍ କରାଯିବା ପରେ ପଶ୍ଚିମବଙ୍ଗ ବନ ବିଭାଗ ତାକୁ ଆଲିପୁର ଚିଡିଆଖାନାରେ ରଖିଥିଲା। ସେଠାରୁ ତାକୁ ଓଡ଼ିଶା ଛାଡ଼ିବା ପାଇଁ ବନ ବିଭାଗ ଆଉ ରାଜି ହୋଇନଥିଲା। ଫଳରେ ଓଡ଼ିଶା ବନବିଭାଗ ପକ୍ଷରୁ ଏନଟସିଏରେ ଅଭିଯୋଗ ହୋଇଥିଲା।

## ପାରିବାରିକ କଳହର କରୁଣ ପରିଣତି
# ମା, ୪ ଭଉଣୀଙ୍କୁ ମାରିଦେଲା ଯୁବକ

ଲକ୍ଷ୍ନୌ : ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଏକ ହୋଟେଲରୁ ୫ଜଣଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ନିଜ ମାଆ ସହ ୪ ଭଉଣୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତର ନାମ ଅର୍ସଦ ବୋଲି ପୋଲିସ କହିଛି। ଏହି ହତ୍ୟାକାଣ୍ଡରେ ଅର୍ସଦ ସହ ତାଙ୍କ ବାପାଙ୍କର ହାତଥିବା ପୋଲିସ ସନ୍ଦେହ କରୁଛି। ତେବେ ବାପା ଫେରାର ଥିବାରୁ ପୋଲିସ ତାକୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ସୋମବାର ଦିନ ଆଗ୍ରାର ଏହି ବାସିନ୍ଦା ଲକ୍ଷ୍ନୌ ଆସି ଏକ ହୋଟେଲରେ ରହୁଥିଲେ। ସେମାନଙ୍କ ସହ ବାପା ବଦର ଓ ଭାଇ ଅର୍ସଦ ମଧ୍ୟ ଆସିଥିଲେ। ତେବେ ମଙ୍ଗଳବାର ରାତିରେ ହୋଟେଲରେ ପରିବାର ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଅର୍ସଦ ସମସ୍ତଙ୍କ ଖାଦ୍ୟରେ କୌଣସି ପ୍ରକାର ନିଶାଦ୍ରବ୍ୟ ମିଶାଇ ଦେଇଥିଲା। ସମସ୍ତେ ଖାଇବା ପରେ ଅଚେତ ହୋଇ ପଡ଼ିଥିଲେ। ତା ପରେ ଅର୍ସଦ ସେମାନଙ୍କୁ ଜଣକ ପରେ ଜଣକୁ ହତ୍ୟା କରିଥିଲା। ଏପରିକି ବ୍ଲେଡ୍‌ରେ ସେମାନଙ୍କ ସାରା ଶରୀର କଟା ଯାଇଥିବା ଦେଖିବାକୁ ମିଳିଥିଲା। ମୃତ ଦେହଗୁଡ଼ିକ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲା। ସମସ୍ତଙ୍କ ମଣିବନ୍ଧକୁ ବ୍ଲେଡରେ କଟାଯାଇଥିବା ପୋଲିସ କହିଛି। ପୋଲିସ ସମସ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାପରେ ନିଜେ ଅର୍ସଦ ପୋଲିସକୁ ଫୋନ କରି ଘଟଣା ସଂପର୍କରେ କହିଥିଲା। ପୋଲିସ ତାକୁ ଗିରଫ କରି ପଚରାଉଚୁରା କରିଥିଲା। ତେବେ ସେ ହତ୍ୟା କରିଥିବା ସ୍ୱୀକାର କରିଛି। ଅନ୍ୟପକ୍ଷରେ ପୋଲିସ କହିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୩ ଆଇପିଏସ୍...

ସୁଶାନ୍ତ କୁମାର ନାଥ କେନ୍ଦ୍ରୀୟ ଡେପୁଟେସନରେ ଥାଇ ବିଏସଏଫରେ କାର୍ଯ୍ୟ କରୁଛନ୍ତି। ଏଥିପୂର୍ବରୁ ରାଜ୍ୟ ସରକାର ୧୦ଜଣ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦେଇଥିଲେ।

### ଭାଙ୍ଗିଦେଲେ...

ପୋଲିସ, ଜିଲ୍ଲା ଓ ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଥିଲେ । ଦର୍ଶନ ପାଇଁ ବାରିକେଡିଂ, ଟ୍ରାଫିକ ଓ ପାର୍କିଂ ଗାଇଡଲାଇନ ଆଦି ଚୂଡାନ୍ତ ହୋଇଥିଲା । ତଥାପି ଏପରି ସ୍ଥିତି ସୃଷ୍ଟି ହେବା ପରେ ପୋଲିସର ଭୂମିକାକୁ ବୁଦ୍ଧିଜୀବୀମାନେ ସମାଲୋଚନା କରିଛନ୍ତି । ପୁରୀ ପୋଲିସର ସୂଚନା ଅନୁଯାୟୀ ଦିନ ଗୋଟାଏ ସୁଦ୍ଧା ପ୍ରାୟ ୩ଲକ୍ଷ ଭକ୍ତ ଦର୍ଶନ କରିଛନ୍ତି । ସେପଟେ ଆଜି ବିଳମ୍ବିତ ରାତି ଯାଏଁ ଦର୍ଶନ ବ୍ୟବସ୍ଥା ଥିବାରୁ ଏହି ସଂଖ୍ୟା ୫ ଲକ୍ଷ ଟପି ଯାଇପାରେ ବୋଲି ମଧ ଅନୁମାନ କରାଯାଉଛି । ବଡଦାଣ୍ଡର ମାର୍କେଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟାରିକେଡ଼ ପ୍ରସ୍ତୁତ ହୋଇଛି । ଲମ୍ବା ଲାଇନରେ ଆସି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଦର୍ଶନ କରୁଛନ୍ତି ।

### ଦେଶବାସୀଙ୍କୁ...

ବାର୍ତ୍ତା ଦେଇ ନୂଆବର୍ଷ ଅବସରରେ ଦେଶବାସୀଙ୍କୁ ଉଜ୍ଜ୍ୱଳ ଓ ସମୃଦ୍ଧଶୀଳ ଦେଶ ନିର୍ମାଣ ସଂକଳ୍ପକୁ ପୁନର୍ଜିବିତ କରିବାକୁ ଆହ୍ୱାନ ଦେଇଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦେଶବାସୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ନୂତନବର୍ଷ ଜୀବନରେ ସୁଯୋଗ, ସଫଳତା ସହ ଅସୁମାରୀ ସୁଖ ଆଣିଦେଉ । ଦେଶବାସୀଙ୍କ ସମୃଦ୍ଧି ସହ ଉତ୍ତମ ସ୍ୱାସ୍ଥ୍ୟର ମଧ୍ୟ ସେ କାମନା କରିଛନ୍ତି।

### ସାମୂହିକ ଦାୟିତ୍ୱ...

ସ୍ତରରେ ଓଡିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଓଡିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଫୋକସ ରହିଛି । ଗତ ଛଅମାସ ମଧ୍ୟରେ ତିନିଥର ଆସିବା ସହିତ ଜାନୁଆରୀ ମାସରେ ଦୁଇ ଥର ଆସିବାର କାର୍ଯ୍ୟକ୍ରମ ରହିଛି । ଓଡିଶାକୁ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ରର ସହଯୋଗ ଜାରି ରହିଛି । ତେଣୁ, ଏହି ସୁଯୋଗର ମଧ ସଦ୍‌ବ୍ୟବହାର କରି ବିକଶିତ ଓଡିଶାର ଲକ୍ଷ୍ୟ ପୂରଣ ଦିଗରେ ଆଗେଇବାକୁ ସେ ପରାମର୍ଶ ଦେଇଥିଲେ । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଚଳିତ ବର୍ଷ ଓଡିଶା ପାଇଁ ଏକ ପ୍ରଗତିର ବର୍ଷ ହେବ। ୨୦୩୬ ଓ ୨୦୪୭ ପାଇଁ ଆମର ଯେଉଁ ସଂକଳ୍ପ ଅଛି, ସେ ଦିଗରେ ସମସ୍ତେ ମିଳିମିଶି କାମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟର ଅଧିକାରୀ ମାନେ ଦକ୍ଷ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସରକାରଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି ବୋଲି ସେ କହିଥିଲେ। ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ମାନେ ଉପସ୍ଥିତ ଥିଲେ ।

## ଡିଏପି ଉପରେ ସ୍ୱତନ୍ତ୍ର ପ୍ୟାକେଜକୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଡାଇ ଆମୋନିୟମ ଫସଫେଟ୍ (ଡିଏପି) ସାର ଉପରେ ସବସିଡି ଯୋଗାଇ ଦେବା ଲାଗି ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜକୁ ସମ୍ପ୍ରସାରଣ କରିଛନ୍ତି। ଏନବିଏସ ସବସିଡି ଅତିରିକ୍ତ ଡିଏପି ଉପରେ ମେଟ୍ରିକ ଟନ୍ ପିଛା ୩,୫୦୦ ଟଙ୍କାର ସବସିଡି ଯୋଗାଇ ଦିଆଯିବ ଏବଂ କ୍ୟାବିନେଟର ଏହି ନିଷ୍ପତ୍ତି ୧ ଜାନୁଆରୀ ୨୦୨୫ଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ଲାଗୁ ରହିବ । ସାର ବିଭାଗର ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିବା ପରେ ଚାଷୀମାନଙ୍କୁ ସୁଲଭ ଦରରେ ନିରନ୍ତର ଭାବେ ଡିଏପି ସାର ଉପଲବ୍ଧ ହୋଇପାରିବ। ଉପରୋକ୍ତ ପାଇଁ ଆନୁମାନିକ ବଜେଟ୍ ଆବଶ୍ୟକତା ପାଖାପାଖି ୩,୮୫୦ କୋଟି ଟଙ୍କା ପର୍ଯ୍ୟନ୍ତ ହେବ। ସାର ଉତ୍ପାଦନକାରୀ/ ଆମଦାନୀକାରୀଙ୍କ ମାଧ୍ୟମରେ କୃଷକମାନଙ୍କୁ ରିହାତି ମୂଲ୍ୟରେ ୨୮ ଗ୍ରେଡର ପି ଆଣ୍ଡ କେ ସାର ଉପଲବ୍ଧ କରାଯାଉଛି। ପି ଆଣ୍ଡ କେ ସାର ଉପରେ ସବସିଡି ଏନ.ବି.ଏସ. ଯୋଜନା ଦ୍ୱାରା ପରିଚାଳିତ ହୋଇଥାଏ। କୃଷକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ଭାରତ ସରକାର ଡାଇ-ଆମୋନିୟମ୍ ଫସଫେଟ୍ (ଡିଏପି) ସାରର ମୂଲ୍ୟ ଅପରିବର୍ତ୍ତିତ ରଖିବାରେ କୃଷକମାନଙ୍କୁ ବ୍ୟାପକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଭୌଗୋଳିକ-ରାଜନୈତିକ ପ୍ରତିବନ୍ଧକ ଏବଂ ବିଶ୍ୱ ବଜାରରେ ଅସ୍ଥିରତା ସତ୍ତ୍ୱେ, ଖରିଫ ଏବଂ ରବି ପାଇଁ ସୁଲଭ ମୂଲ୍ୟରେ କୃଷକମାନଙ୍କୁ ଡିଏପିର ଉପଲବ୍ଧତା ସୁନିଶ୍ଚିତ କରି ସରକାର କୃଷକ ଅନୁକୂଳ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଜୁଲାଇ, ୨୦୨୪ରେ କ୍ୟାବିନେଟ ଏନ୍.ବି.ଏସ୍. ସବସିଡି ଠାରୁ ଅତିରିକ୍ତ ଡି.ଏ.ପି. ଉପରେ ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜକୁ ଅନୁମୋଦନ କରିଥିଲା, ଯାହା ମେଟ୍ରିକ ପିଛା ୩,୫୦୦ ଟଙ୍କା ହାରରେ ୧ ଏପ୍ରିଲ ୨୦୨୪ ଠାରୁ ୩୧ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ସବସିଡି ଯୋଗାଇ ଦେବାକୁ ଲାଗୁ ହୋଇଥିଲା। ଏଥିପାଇଁ ଆନୁମାନିକ ୨,୬୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆଜି ଅନୁଷ୍ଠିତ କ୍ୟାବିନେଟ ବୈଠକରେ (୧ ଜାନୁଆରୀ ୨୦୨୫) ଡି.ଏ.ପି. ଉପରେ ସ୍ୱତନ୍ତ୍ର ପ୍ୟାକେଜକୁ ସମ୍ପ୍ରସାରିତ କରିବା ପ୍ରସ୍ତାବକୁ ମଞ୍ଜୁରି ମିଳିଛି, ଯାହାର ଆନୁମାନିକ ଆର୍ଥିକ ପ୍ରଭାବ ପାଖାପାଖି ୩,୮୫୦ କୋଟି ଟଙ୍କା ହେବ। ଏହାଦ୍ୱାରା କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଡିଏପିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏପ୍ରିଲ ୨୦୨୪ ଠାରୁ ଡିଏପି ପାଇଁ ଅନୁମୋଦିତ ସ୍ୱତନ୍ତ୍ର ପ୍ୟାକେଜର ମୋଟ ପରିମାଣ ୬୪୭୫ କୋଟି ଟଙ୍କାରୁ ଅଧିକ ହେବ। କୃଷକମାନଙ୍କୁ ରିହାତି, ସୁଲଭ ଏବଂ ଯୁକ୍ତିସଙ୍ଗତ ମୂଲ୍ୟରେ ଡିଏପିର ଉପଲବ୍ଧତା ସୁନିଶ୍ଚିତ କରାଯିବ। କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଡିଏପି ସାରର ସୁଗମ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଅନୁମୋଦିତ ଏନବିଏସ ସବସିଡି ବ୍ୟତୀତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡି.ଏ.ପି. ଉପରେ ସ୍ୱତନ୍ତ୍ର ପ୍ୟାକେଜ ଆକାରରେ ମେଟ୍ରିକ ଟନ ପିଛା ୩,୫୦୦ ଟଙ୍କା ପ୍ରଦାନ କରାଯିବ।

## ଘରୁ ବାହାରକୁ ଯାଇ ମହିଳା ନିଖୋଜ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଘରୁ ବାହାରକୁ ଯାଇ ଜଣେ ମହିଳା ନିଖୋଜ ହୋଇଥିବା ନେଇ ଭରତପୁର ଥାନାରେ ଅଭିଯୋଗ କରାଯାଇଛି। ଭୁବନେଶ୍ୱର କଳିଙ୍ଗନଗର ଫ୍ଲାଟ୍ ନଂ କେ-୮/୮୧୧ରେ ରହୁଥିବା ଆର୍ତ୍ତବନ୍ଧୁ ଦାସଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମିଶ୍ର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଲେଖିଛନ୍ତି ଯେ ତାଙ୍କ ଝିଅ ଆଶା ପଣ୍ଡା (ବିବାହିତା),ଯିଏ ଏକ ମୂକ, ବଧିର। ସେ ଗତ ନଭେମ୍ବର ୨୬ ତାରିଖ ପୂର୍ବାହ୍ନ ୧୧ଟାରୁ କେଉଁଆଡ଼େ ଚାଲି ଯାଇଛନ୍ତି। ତାଙ୍କୁ ଖୋଜାଖୋଜି କଲେ ମଧ୍ୟ ପତ୍ତା ମିଳୁନାହିଁ । ତାଙ୍କୁ ଘରର ଠିକଣା ଜଣାନାହିଁ କିମ୍ବା ସେ କଥା କହିପାରୁ ନାହାନ୍ତି। ଭରତପୁର ଥାନା ପକ୍ଷରୁ ଏ ନେଇ ଖୋଜାଖୋଜି ଚାଲିଥିଲେ ମଧ୍ୟ ଆଶାଙ୍କ ଠିକଣାରେ ପୋଲିସ ପହଞ୍ଚି ପାରିନାହିଁ । ତାଙ୍କ ବୟସ ୩୪ ବର୍ଷ, ଉଚ୍ଚତା ୫ ଫୁଟ, ପତଳା ଶରୀର ଏବଂ ଶ୍ୟାମଳ ବର୍ଣ୍ଣ। ସେ ଆଇଏ ପାସ୍ କରିଛନ୍ତି । ଯଦି କେହି ତାଙ୍କର ସନ୍ଧାନ ପାଆନ୍ତି, ତେବେ ଭରତପୁର ଥାନା କିମ୍ବା ଉପରୋକ୍ତ ଠିକଣାରେ ଜଣାଇବାକୁ ଆର୍ତ୍ତବନ୍ଧୁ ନିବେଦନ କରିଛନ୍ତି।


ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-01-2024, ତା.24.12.2024ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାରଙ୍ଗ - ରାଜଆଠଗଡ଼ ସେକ୍ସନରେ GNGH ୟାର୍ଡ଼ ଠାରେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସହିତ ଲେଭେଲ କ୍ରସିଙ୍ଗ୍ ନଂ. JB-07 ପରିବର୍ତ୍ତେ ରେଳବାଇ କି.ମି. 432/32-34 ଠାରେ ରୋଡ଼ ଓଭର ବ୍ରିଜ୍ (ROB) ସ୍ପାନ୍ (5 x 36M କମ୍ପୋଜିଟ୍ ଗର୍ଡର + 3 x 24M କମ୍ପୋଜିଟ୍ ଗର୍ଡ଼ର + 1 x 18M କମ୍ପୋଜିଟ୍ ଗର୍ଡର) ର ପ୍ରସ୍ତାବିତ ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 7284.49 ଲକ୍ଷ, EMD (₹) : 37,92,300.00, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.01.2025 ରିଖ 1530 ଘଟିକାରେ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ନିର୍ମାଣ)/RSP/ ଭୁବନେଶ୍ୱର

PR-115/CH/24-25

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER, MANIYARI WATER RESOURCES DIVISION, MUNGELI, DISTT.-MUNGELI (C.G.)
e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in
(FIRST-CALL)

NIT No.: 05/SAC/2024-25, Dated: 30.12.2024

Online Tenders are invited for the following works up to 20.01.2025at 17.30 Hour

Name of work - RENOVATION OF HEADWORK, C.C. LINING OF CANAL, CONSTRUCTION AND REPAIR OF STRUCTURES OF BUDHAWARA TANK.

System Tender No. 163553, Probable Amount of Contract: - Rs. 181.07 Lakhs
(As Per SOR Amended on 22.08.2022)

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 06.01.2025 at 17.31 Hours.(IST) onwards.

NOTE :- All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

G-242504969/ 6

Sd/- EXECUTIVE ENGINEER
MANIYARI W.R. DIVISION MUNGELI
DISTT-MUNGELI (C.G.)

# ଜାତୀୟ ଓ ଅନ୍ତର୍ଜାତୀୟ




ନୂଆଦିଲ୍ଲୀ: ନୂଆବର୍ଷ ଅବସରରେ ଏୟାର ଇଣ୍ଡିଆ ଏହାର ଯାତ୍ରୀମାନଙ୍କୁ ଏକ ବଡ ଉପହାର ଦେଇଛି। ଘରୋଇ ବିମାନରେ ମାଗଣା ୱାଇ-ଫାଇ ଇଣ୍ଟରନେଟ୍ ଲଞ୍ଚ କରିଥିବା ଏୟାର ଇଣ୍ଡିଆ ପ୍ରଥମ ଭାରତୀୟ ବିମାନ କମ୍ପାନୀ ହୋଇପାରିଛି। ଏୟାର ଇଣ୍ଡିଆ ଦ୍ୱାରା ଜାରି ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ ଏୟାରବସ୍ ଏ୩୫୦, ବୋଇଙ୍ଗ ୭୮୭-୯ ଏବଂ ଏୟାରବସ୍ ଏ୩୨୧ନିଓ ବିମାନରେ ଥିବା ଯାତ୍ରୀମାନେ ଇଣ୍ଟରନେଟ୍ ବ୍ରାଉଜ୍ କରିପାରିବେ, ସୋସିଆଲ୍ ମିଡିଆ ଦେଖିପାରିବେ, ୧୦୦୦୦ ଫୁଟ ଉପରେ ଉଡ଼ିବା ସମୟରେ ବି ଇଣ୍ଟରନେଟର ବ୍ୟବହାର କରି ବ୍ରାଉଜିଙ୍ଗ କରିପାରିବେ। ଏହାପୂର୍ବରୁ ଏୟାର ଇଣ୍ଡିଆର ଆନ୍ତର୍ଜାତୀୟ ରୁଟ ନ୍ୟୁୟର୍କ, ଲଣ୍ଡନ, ପ୍ୟାରିସ ଏବଂ ସିଙ୍ଗାପୁରରେ ଏହି ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନ ପାଇଲଟ୍ ପ୍ରୋଜେକ୍ଟ ପ୍ରୋଗ୍ରାମ ଅଧୀନରେ ଘରୋଇ ମାର୍ଗରେ ଏହା ଆରମ୍ଭ ହୋଇଛି । ଏୟାର ଇଣ୍ଡିଆ ସମୟ ସହିତ ଏହାର ଜାହାଜର ଅନ୍ୟ ବିମାନରେ ଏହି ସେବା ଆରମ୍ଭ କରିବାକୁ ଯୋଜନା କରୁଛି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅବଧି ବୃଦ୍ଧି

ନୂଆଦିଲ୍ଲୀ: ପିଏମ ଫସଲ ବୀମା ଯୋଜନାର ଆବଣ୍ଟନ ରାଶି ବୃଦ୍ଧି ପାଇଛି। ଖାଲି ସେତିକି ନୁହେଁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ଡିଏପି ସାର ଉପରେ ସବସିଡି, ଟେକ୍ନୋଲୋଜି ସାହାଯ୍ୟରେ କ୍ଲେମ ସେଟେଲମେଣ୍ଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହାର ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର ସରକାର ପିଏମ୍ ଫସଲ ବୀମା ଯୋଜନାର ବ୍ୟୟ ଅଟକଳକୁ ମଧ ବଢ଼ାଇ ୬୯୫୧୫ କୋଟି ଟଙ୍କା କରିଛନ୍ତି । ଏହାଦ୍ୱାରା ୪ କୋଟି ଚାଷୀ ଉପକୃତ ହେବେ। ପ୍ରଯୁକ୍ତି ସାହାଯ୍ୟରେ ଖୁବ୍ ଶୀଘ୍ର ଆସେସମେଣ୍ଟ ଏବଂ କ୍ଲେମ ସେଟଲମେଣ୍ଟ ହେବ। ଏହା ସହ ଡାୟ



ଆମୋନିୟମ ଫସ୍ଫେଟ (ଡାଇଚ) ଉପରେ ମଧ ଅତିରିକ୍ତ ସବସିଡି ମିଳିବ। ଡିଏପି ବ୍ୟାଗର ଦାମ? ୩ ହଜାର ଟଙ୍କା ଥିଲେବି ଚାଷୀଙ୍କୁ ପୂର୍ବଭଳି ୫୦ କେଜି ବ୍ୟାଗ୍ ପୂର୍ବ ଭଳି ୧୩୫୦ ଟଙ୍କାରେ ହିଁ ମିଳିବ। ଆଉ ଯାହା ଅତିରିକ୍ତ ଖର୍ଚ୍ଚ ଆସିବ ତାହାକୁ ସରକାର ବହନ କରିବେ। ସବସିଡି ବାବଦକୁ ୩୮୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏବେ ଅନ୍ତର୍ଜାତୀୟ ବଜାରରେ ଡିଏପିର ଦାମ ଅସ୍ଥିର ରହିଛି। ହେଲେ ଏହାର ପ୍ରଭାବ ଭାରତୀୟ ଚାଷୀଙ୍କ ଉପରେ ପଡ଼ିବନି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପୁନର୍ଗଠିତ ମୌସୁମୀ ଆଧାରିତ ଫସଲ ବୀମା ଯୋଜନାକୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ୬୯, ୫୧୫.୭୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆଉ ଏହି ନିଷ୍ପତ୍ତି କାରଣରୁ ୨୦୨୫-୨୬ ପର୍ଯ୍ୟନ୍ତ ଦେଶ ସାରା ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟରେ ହୋଇଥିବା ଫସଲ କ୍ଷତି ବାବଦକୁ ସହାୟତା ମିଳିପାରିବ। ଏହା ବାଦ୍ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ ପାଇଁ ବଡ଼ ଆକାରରେ ପ୍ରଯୁକ୍ତିର ବ୍ୟବହାର କରାଯିବ। ଯାହାଦ୍ୱାରା ଫସଲ କ୍ଷତିର ଆକଳନ ଏବଂ ଏହାର ସମାଧାନ ସହଜ ହୋଇପାରିବ। ଏଥିପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳ ୮୨୪.୭୭ କୋଟି ଟଙ୍କାର ଖର୍ଚ୍ଚରେ ସୃଜନଶୀଳତା ଏବଂ ପ୍ରଯୁକ୍ତି ପାଣ୍ଠି ନିର୍ମାଣ କରିବେ। ଯାହାକୁ କ୍ୟାବିନେଟ ବୈଠକରେ ମଞ୍ଜୁରୀ ମଧ ମିଳିସାରିଛି।

## ଜଲଗାଓଁରେ ହିଂସା: ଦୁଇ ଗୋଷ୍ଠୀ ମଧ୍ୟରେ ପଥର ଫିଙ୍ଗା, କର୍ଫ୍ୟୁ ଜାରି

ଜଲଗାଓଁ: ମହାରାଷ୍ଟ୍ରର ଜଲଗାଓଁରେ ଦୁଇ ଗୋଷ୍ଠୀ ମଧ୍ୟରେ ପଥର ଫିଙ୍ଗିବା ମାମଲା ଘଟିଛି। ଶିବସେନା ମନ୍ତ୍ରୀ ଗୁଲାବରାଓ ପାଟିଲଙ୍କ ପରିବାର କାରରେ ଯାଉଥିବା ସମୟରେ ହର୍ଣ୍ଣ ବଜାଇବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହା ସହିତ ଉତ୍ତେଜନା ବଢ଼ିବା ସହ ହିଂସାକାଣ୍ଡ ଆରମ୍ଭ ହୋଇଥିଲା। ସୂଚନାନୁସାରେ, ମଙ୍ଗଳବାର ରାତିରେ ଜଲଗାଓଁ ଜିଲ୍ଲାର ପାଲାଡି ଗ୍ରାମରେ ପଥର ଫିଙ୍ଗିବା ସହ ଅଗ୍ନିକାଣ୍ଡ ଘଟଣା ଘଟିଛି। ଜଲଗାଓଁରେ ଏହି ବିବାଦ ଆରମ୍ଭ ହୋଇଥିଲା ଯେତେବେଳେ ଶିବସେନା ମନ୍ତ୍ରୀ ଗୁଲାବରାଓ ପାଟିଲଙ୍କ ପରିବାର ଯେଉଁ ଗାଡି ଚଳାଉଥିଲେ ସେହି ଡ୍ରାଇଭର ହର୍ଣ୍ଣ ବଜାଇବା ଆରମ୍ଭ କରିଥିଲେ ସେତେବେଳେ ଲୋକମାନେ ଅସନ୍ତୁଷ୍ଟ ହୋଇଥିଲେ। ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇଥିଲା।

## ନୂଆବର୍ଷରେ ସଚିବ, ଅଧିକାରୀଙ୍କୁ ଗୁରୁମନ୍ତ୍ର ଦେଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ବିଭିନ୍ନ ବିଭାଗର ସଚିବ, ଅଧିକାରୀମାନଙ୍କ ଏକ ବୈଠକରେ ସରକାରୀ କାର୍ଯ୍ୟ ନେଇ ଗୁରୁମନ୍ତ୍ର ଦେଇଛନ୍ତି । ଶ୍ରୀ ସାଏ କହିଛନ୍ତି ଯେ, ସଚିବ ଏବଂ ଅଧିକାରୀମାନେ ସରକାରୀ କାର୍ଯ୍ୟକୁ ପାରଦର୍ଶିତା ସହ ନିର୍ବାହ କରିବାର ଆବଶ୍ୟକତା ରହିଛି । ଏପରିକି ଲୋକଙ୍କ ସମସ୍ୟା ଜଡ଼ିତ ମାମଲାଗୁଡ଼ିକରେ ତତ୍ପରତା ପ୍ରକାଶ କରାଗଲେ ସେମାନଙ୍କ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ । ସେ କହିଥିଲେ ପ୍ରଶାସନିକ କାର୍ଯ୍ୟକ୍ରମରେ କୌଣସି ଠିଲାକୁ ବରଦାସ୍ତ କରାଯିବ ନାହିଁ । କର୍ମଚାରୀମାନେ ଯେପରି ସଠିକ୍ ସମୟରେ ଅଫିସ୍ ଆସିବେ ଓ ଠିକ୍ ସମୟରେ ଫେରିବେ ତଥା ନିର୍ଦ୍ଧାରିତ ସମୟ ଭିତରେ ନିର୍ଦ୍ଧାରିତ କାର୍ଯ୍ୟ ଶେଷ କରିବେ ସେ ନେଇ ସଚିବମାନେ ଗୁରୁତ୍ୱ ଦେବା ଆବଶ୍ୟକ । ବିକଶିତ ଛତିଶଗଡ଼ ପାଇଁ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାକୁ ପୂରଣ କରିବା ପାଇଁ ସଚିବ ଓ ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ରହିଛି । ୨୦୨୪ ବର୍ଷରେ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ଗ୍ୟାରେଣ୍ଟିକୁ ପୂରଣ କରିବାରେ ସଫଳ ହୋଇପାରିଛୁ । ୨୦୨୫ ହେଉଛି ଛତିଶଗଡ଼ ଗଠନର ରଜତ ଜୟନ୍ତୀ ବର୍ଷ । ଏହା ଛତିଶଗଡ଼ ପାଇଁ ବିଶେଷ ମହତ୍ୱ ରଖୁଥିବାରୁ ଆପଣମାନେ ନଷ୍ଠାପୂର୍ବକ ଆପଣଙ୍କ ଦାୟିତ୍ୱ ନିର୍ବାହ କରିବା ଉଚିତ । ସେ କହିଥିଲେ ଯେଉଁ ଫାଇଲଗୁଡ଼ିକର ଦୀର୍ଘଦିନ ଧରି ବିଚାର କିମ୍ବା ସମାଧାନ କରାଯାଇପାରିନାହିଁ ସେଗୁଡ଼ିକୁ ତୁରନ୍ତ ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ସବୁ ବିଭାଗର କାର୍ଯ୍ୟକୁ ସଚିବମାନେ ସମୀକ୍ଷା କରିବା ଆବଶ୍ୟକ । ନିୟମିତ ସମୀକ୍ଷା କଲେ ଅଟକି ଥିବା କାମ ତ୍ୱରାନ୍ୱିତ ହୋଇପାରିବ । ଏହି ଅବସରରେ ମୁଖ୍ୟ ସଚିବ ଅମିତାଭ ଜୈନ, ଅତିରିକ୍ତ ମୁଖ୍ୟ ସଚିବ ପୋଲିସ ମହାନିର୍ଦ୍ଦେଶକ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାକୁମ୍ଭରେ ବିସ୍ଫୋରଣ ଧମକ: ଚିନ୍ତାରେ ପ୍ରଶାସନ



ପ୍ରୟାଗରାଜ : ସଙ୍ଗମ ନଗରୀ ପ୍ରୟାଗରାଜରେ ୨୦୨୫ ମହାକୁମ୍ଭ ପାଇଁ ଏବେ ଯୁଦ୍ଧକାଳୀନ ପ୍ରସ୍ତୁତି ଚାଲିଛି। ଆଗାମୀ ମହାକୁମ୍ଭକୁ ୪୦ କୋଟି ଲୋକ ଆସିବାର ଆକଳନ କରାଯାଉଛି। ଏ ସବୁ ମଧ୍ୟରେ ମହାକୁମ୍ଭକୁ ବିସ୍ଫୋରଣ ଧମକ ଦିଆଯାଇଛି। ଯାହା ଏବେ ପ୍ରଶାସନ ନିମନ୍ତେ ଚିନ୍ତାର କାରଣ ପାଲଟିଛି। ଏକ୍ସ ରେ ନସର ପଠାନ ନାମକ ଏକ ଆଇଡିରୁ ହିନ୍ଦୁଙ୍କୁ ଧମକ ଦିଆଯାଇଛି। ନସର ହିନ୍ଦୁମାନଙ୍କୁ ଅପରାଧୀ ବୋଲି କହିଛି। ଏଣୁ ମହାକୁମ୍ଭରେ ବିସ୍ଫୋରଣ କରିବାକୁ ଧମକ ଦେଇଛି। ନସର ଏକ୍ସ ରେ କରିଥିବା ପୋଷ୍ଟରେ ୧ ହଜାର ହିନ୍ଦୁଙ୍କୁ ହତ୍ୟା କରିବ ବୋଲି ଘୋଷଣା କରିଛି। ଡିସେମ୍ବର ୩୧ ତାରିଖ ଦିନ ବିପିନ ଗୌର ନାମକ ଜନୈକ ଯୁବକ ଡାୟଲ ୧୧୨ ୟୁପି ପୋଲିସକୁ ଏହି ପୋଷ୍ଟ ଟ୍ୟାଗ କରି ଘଟଣାର ସୂଚନା ଦେଇଛନ୍ତି। ସୋସିଆଲ ମିଡିଆରେ ସ୍କ୍ରିନ ସଟ୍ ଦେଖି ପୋଲିସ ମଧ ଏବେ ଆକ୍ଟିଭ ହୋଇଛି। ଏପରି ପୋଷ୍ଟ କରିଥିବା ବ୍ୟକ୍ତିର ତଲାସ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ଖାଲିସ୍ତାନୀ ଆତଙ୍କବାଦୀ ପନ୍ନୁ ମହାକୁମ୍ଭ ମେଳାରେ ଆକ୍ରମଣ ଧମକ ଦେଇଛି। ଦେଶରେ ମହାକୁମ୍ଭ ଜାନୁୟାରୀ ୧୩ ତାରିଖ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହେଉଛି ଯାହା ୨୬ ଫେବୃଆରୀ ମହାଶିବରାତ୍ରିରେ ଉଦଯାପିତ ହେବ। ଏଥି ପାଇଁ ପ୍ରଥମ ସ୍ନାନ ୧୩ ଜାନୁୟାରୀ ପୌଷ ପୂର୍ଣ୍ଣିମାରେ ହେଉଥିବା ବେଳେ ୧୪ ଜାନୁୟାରୀ ମକର ସଂକ୍ରାନ୍ତିରେ ଦ୍ୱିତୀୟ ମହାସ୍ନାନ ହେବ। ୨୯ ଜାନୁୟାରୀ ମୌନୀ ଅମବାସ୍ୟାରେ ତୃତୀୟ ମହାସ୍ନାନ ହେବାକୁ ଥିବା ବେଳେ ୩ ଫେବୃଆରୀ ବସନ୍ତ ପଞ୍ଚମୀ, ୧୨ ଫେବୃଆରୀ ମାଘ ପୂର୍ଣ୍ଣିମା ଓ ୨୬ ଫେବୃଆରୀ ମହାଶିବରାତ୍ରିରେ ସ୍ନାନ ଅନୁଷ୍ଠିତ ହେବ। ଏଥି ପାଇଁ କୁମ୍ଭମେଳାର ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପାଇଁ ୧୮୪୭୯ ସିଟିଜେନ ପୋଲିସ ମୁତୟନ ହେବାକୁ ଥିବା ବେଳେ ୧୩୭୮ ମହିଳା ସୁରକ୍ଷା କର୍ମୀ, ୧୪୦୫ ଟ୍ରାଫିକ ପୋଲିସ, ୧୧୫୮ ସଶସ୍ତ୍ର ପୋଲିସ ବଳ, ୧୪୬ ଘୋଡସବାର ପୋଲିସ, ୧୩,୯୬୫ ହୋମଗାର୍ଡ, ୫୧୦ ଏଲଆଇୟୁ ଜବାନ ମୁତନ ରହିବେ।

## ବିଜେପି ବିରୋଧରେ ମୋହନ ଭାଗବତଙ୍କୁ କେଜ୍ରିୱାଲଙ୍କ ଚିଠି



ନୂଆଦିଲ୍ଲୀ : କେଜ୍ରିୱାଲ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ନିକଟକୁ ଏକ ଚଠି ପଠାଇଛନ୍ତି। ସେ ଲେଖିଛନ୍ତି, ଗଣମାଧ୍ୟମରେ ଖବର ଆସୁଛି ଯେ ଦିଲ୍ଲୀ ନିର୍ବାଚନରେ ବିଜେପି ପାଇଁ ଭୋଟ୍ ମାଗିବ ଆରଏସଏସ। ଏହା କ'ଣ ଠିକ୍ ଏହା ପୂର୍ବରୁ ଲୋକେ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି ଯେ ଅତୀତରେ ବିଜେପି ଯେଉଁ ଭୁଲ୍ କାମ କରିଛି, ଆରଏସଏସ୍ କ'ଣ ସେଗୁଡ଼ିକୁ ସମର୍ଥନ କରୁଛି। ବିଜେପି ନେତାମାନେ ଖୋଲାଖୋଲି ଭାବେ ଟଙ୍କା ଦେଇ ଭୋଟ୍ କିଣୁଛନ୍ତି। ଆରଏସଏସ କ'ଣ ଏହାକୁ ସମର୍ଥନ କରୁଛି। ବ୍ୟାପକ ସଂଖ୍ୟକ ଗରିବ, ଦଳିତ, ପୂର୍ବାଞ୍ଚଳ ଲୋକ ଓ ବସ୍ତିବାସିନ୍ଦା ଯେପରି ଭୋଟ୍ ନଦେଇ ପାରିବେ, ସେ ନେଇ ପ୍ରୟାସ କରୁଛି ବିଜେପି। ସେମାନେ ବହୁ ବର୍ଷ ଧରି ଦିଲ୍ଲୀରେ ରହୁଥିଲେ ହେଁ ସେମାନଙ୍କ ଅଧିକାର ଛଡ଼ାଇ ନେବାକୁ ପ୍ରୟାସ କରାଯାଉଛି। ଆରଏସଏସକୁ କ'ଣ ଲାଗୁଛି, ଏଭଳି କରିବା ଭାରତୀୟ ଗଣତନ୍ତ୍ର ପାଇଁ ଠିକ୍। ଆପଣଙ୍କୁ କ'ଣ ଲାଗୁନି ଯେ ବିଜେପି ଏହିଭଳି ଭାବେ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରି ଦେଉଛି। କେଜ୍ରିୱାଲଙ୍କ ଏହି ଚିଠିର ଜବାବରେ ଦିଲ୍ଲୀ ବିଜେପି ପକ୍ଷରୁ ତାଙ୍କ ନିକଟକୁ ଏକ ଚିଠି ପଠାଯାଇଛି। ଦିଲ୍ଲୀ ବିଜେପି ଅଧକ୍ଷ ବୀରେନ୍ଦ୍ର ସଚଦେବା ତାଙ୍କ ପାଖକୁ ପଠାଇଥିବା ଚିଠିରେ ନୂଆ ବର୍ଷରେ ୫ଟି ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ସଚଦେବ ଲେଖିଛନ୍ତି, ମୋର ବିଶ୍ୱାସ ଅଛି ଯେ ଆପଣ ଆଉ କେବେ ବି ଆପଣଙ୍କ ଛୁଆଙ୍କ ନାଁ ନେଇ ମିଛ ଶପଥ ନେବେ ନାହିଁ। ଆପଣ ମିଛ ପ୍ରତିଶ୍ରୁତି ଦେଇ ଦିଲ୍ଲୀର ମହିଳା, ବରିଷ୍ଠ ନାଗରିକ ଓ ଧାର୍ମିକ ବ୍ୟକ୍ତିଙ୍କ ଭାବନା ସହ ଖେଳିବେ ନାହିଁ। ଦିଲ୍ଲୀରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିଥିବାରୁ ଦିଲ୍ଲୀବାସୀଙ୍କୁ କ୍ଷମା ମାଗିବେ। ଯମୁନା ନଦୀକୁ ସଫା କରିବା ନାଁରେ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଓ ଏଥିରେ ହୋଇଥିବା ଦୁର୍ନୀତି ପାଇଁ ଆପଣ ସର୍ବଜନରେ କ୍ଷମା ମାଗିବେ। ଆପଣ ରାଜନୀତିକ ସ୍ୱାର୍ଥ ପାଇଁ ବିରୋଧୀଙ୍କ ସହି ନମିଶିବା ଓ ଚାନ୍ଦା ନ ନେବା ପାଇଁ ସଂକଳ୍ପ ନେବେ। କେଜ୍ରିୱାଲଙ୍କ ଉଦ୍ଦେଶ୍ୟରେ ଶ୍ରୀ ସଚଦେବ ଆହୁରି ଲେଖିଛନ୍ତି, ଆଶା କରୁଛି ଯେ ଆପଣ ମୋର ଏହି ପରାମର୍ଶଗୁଡ଼ିକୁ ଆପଣାଇ ମିଥ୍ୟା ଓ ଛଳକପଟରୁ ଦୂରେଇ ରହିବେ ଓ ନିଜକୁ ସୁଧାରି ନେବେ। ବିଜେପିର ରାଜ୍ୟସଭା ସାଂସଦ ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଅରବିନ୍ଦ କେଜ୍ରିୱାଲ ଆରଏସଏସ ମୁଖ୍ୟଙ୍କ ନିକଟକୁ ଚିଠି ଲେଖିଛନ୍ତି। କେଜ୍ରିୱାଲଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ସଂଘକୁ ଚିଠି ଲେଖ ନାହିଁ। ଏହାଠାରୁ କିଛି ଶିଖ। ରାଜନୀତିକ ରଣକୌଶଳ ଛାଡ଼ି ସେବା କେମିତି କରାଯାଏ, ତାହା ଶିଖ।

## ରାହୁଲ ରାଜନୀତିରେ ସକ୍ରିୟ ରହିବା ଜରୁରୀ: ବ୍ରିଜ ଭୂଷଣ



ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ଗୋଣ୍ଡାରୁ ଗତଥର ସାଂସଦ ଥିବା ବ୍ରିଜ ଭୂଷଣ ଶରଣ ସିଂ ଭାରତୀୟ ଜାତୀୟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ ରାଜନୀତିରେ ସକ୍ରିୟ ରହିବା ଉଚିତ ବୋଲି ସିଂ କହିଛନ୍ତି। ଏହା ବ୍ୟତୀତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମାଧିସ୍ଥଳରେ ଚାଲିଥିବା ରାଜନୀତିରେ ମଧ ସିଂ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେପି ନେତା ବ୍ରିଜ ଭୂଷଣ ଶରଣ ସିଂ କହିଛନ୍ତି - ବିରୋଧୀ ଓ ରାହୁଲ ଗାନ୍ଧୀ ରାଜନୀତିରେ ସକ୍ରିୟ ରହିବା ଅତ୍ୟନ୍ତ ଜରୁରୀ, ସେମାନେ ଏଭଳି ପ୍ରସଙ୍ଗ ଉଠାଇବା ଉଚିତ ଯାହା ଦ୍ୱାରା ଲୋକମାନେ ଉପକୃତ ହେବେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡକ୍ଟର ମନମୋହନ ସିଂ ସ୍ମାରକୀ ବିବାଦ ଉପରେ ବିଜେପି ନେତା କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଯେତେବେଳେ ସରକାର ଏହାକୁ ଅନୁମୋଦନ କରନ୍ତି ଓ ଗୃହମନ୍ତ୍ରୀ ମଧ ଅନୁମୋଦନ ଦେଇଛନ୍ତି। ଏହା ପରେ ଏହି ଲୋକମାନେ ରାଜନୀତି କରିବା ଉଚିତ୍ ନୁହେଁ। ପୂର୍ବତନ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସ୍ମୃତି ଉଦ୍ଦେଶ୍ୟରେ କଂଗ୍ରେସର ଦାବି ଉପରେ ବ୍ରିଜ ଭୂଷଣ ସିଂ କହିଛନ୍ତି ଯେ ଭଗବାନ କରନ୍ତୁ ଯେ କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ୨୦୨୫ ମସିହାରେ ସିରିୟସ ହୁଅନ୍ତୁ କାରଣ ଦେଶର ଆବଶ୍ୟକତା ରହିଛି। ସେ କହିଛନ୍ତି ଯେ ଯେତେବେଳେ ସରକାର ଏହାକୁ ଅନୁମୋଦନ କରିସାରିଛନ୍ତି, କିମ୍ବା ଯେତେବେଳେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସେମାନଙ୍କ କଥା ଦେଇଛନ୍ତି ଏବଂ ଏହାକୁ ଅନୁମୋଦନ କରିଛନ୍ତି, ଏହି ଲୋକମାନେ ଆଉ କ'ଣ ଚାହୁଁଛନ୍ତି ଏହା ପରେ ସେ ରାଜନୀତି ବନ୍ଦ କରିବା ଉଚିତ୍।

# ବାଣିଜ୍ୟ



ମୁମ୍ବାଇ: ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୦୨୪ ବର୍ଷକୁ ହ୍ରାସ ସହ ଶେଷ କରିଛି। ଡିସେମ୍ବର ୩୧ରେ ସେନ୍?ସେକ୍ସ ୧୦୯ ପଏଣ୍ଟ ହ୍ରାସ ପାଇ ୭୮୧୩୯ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ବିନା ପରିବର୍ତ୍ତନରେ ୨୩,୬୪୪ ପଏଣ୍ଟରେ ବନ୍ଦ ହୋଇଛି। ୨୦୨୪ ବର୍ଷ ସାରାରେ ସେନ୍‌ସେକ୍ସ ୮୮୦୯ ପଏଣ୍ଟ ବୃଦ୍ଧି ପାଇଛି। ଏହାର ସର୍ବୋଚ୍ଚ ସ୍ତର ଥିଲା ୮୫,୯୭୮ ପଏଣ୍ଟ। ୨୦୨୫ରେ ବଜାର ପ୍ରବେଶ କରୁଥିବା ବେଳେ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ସେନ୍‌ସେକ୍ସ ଏହି ବର୍ଷ ୯୦ ହଜାର ପଏଣ୍ଟ ଅତିକ୍ରମ କରିବ। ଅନ୍ୟ ପକ୍ଷରେ ୨୦୨୪ରେ ଚମତ୍କାର ୨୬ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରିଥିବା ସୁନା ୨୦୨୫ରେ ମଧ ଭଲ ରିଟର୍ଣ୍ଣ ଦେବେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୨୦୨୫ରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୯୦ ହଜାର ଟଙ୍କାରେ ପହଞ୍ଚିବ ବୋଲି କୁହାଯାଉଛି। ସେହିପରି, ୨୦୨୪ରେ ୩୦ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇଥିବା ରୁପାର କେଜି ପିଛା ଦାମ୍ ୧.୧ ଲକ୍ଷ ଟଙ୍କା ହେବା ଆକଳନ କରାଯାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୯,୩୫୦ ଟଙ୍କା ରହିଛି।

## ଲଗାତାର ସପ୍ତମ ବର୍ଷରେ ବି ଟଙ୍କା ଦୁର୍ବଳ

ନୂଆଦିଲ୍ଲୀ: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଲଗାତାର ଭାବେ ଦୁର୍ବଳ ହେଉଛି। ୨୦୨୪ରେ ମଧ ତାହା ଆହୁରି ଦୁର୍ବଳ ହୋଇପଡ଼ିଛି। ଏକ ଡଲାର ମୂଲ୍ୟ ୮୫ ଟଙ୍କା ୬୧ ପଇସା ହୋଇଯାଇଛି। ସପ୍ତମ ବର୍ଷ ଲାଗି ଟଙ୍କାର ଦୁର୍ବଳ ସ୍ଥିତି ଜାରି ରହିଛି। ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହେବା, ଡଲାରର ପ୍ରାଧାନ୍ୟ ବଢ଼ାଇବା ଉପରେ ତାଙ୍କ ଗୁରୁତ୍ୱ ଓ ଭାରତରେ ଆମଦାନି ତୁଳନାରେ ରପ୍ତାନି ହ୍ରାସ ଲାଗି ୨୦୨୫ରେ ଟଙ୍କା ଆହୁରି ଦୁର୍ବଳ ହେବାକୁ ଯାଉଛି। ୨୦୨୪ରେ ଭାରତୀୟ ଟଙ୍କା ଆମେରିକୀୟ ଡଲାର



ତୁଳନାରେ ୨.୮ ପ୍ରତିଶତ ଦୁର୍ବଳ ହୋଇଛି। କିନ୍ତୁ ଅନ୍ୟ ଏସୀୟ ମୁଦ୍ରାଗୁଡ଼ିକ ତୁଳନାରେ ଟଙ୍କାର ପ୍ରଦର୍ଶନ ଉନ୍ନତ ରହିଛି। ଏସିଆର ବିଭିନ୍ନ ଦେଶର ମୁଦ୍ରା ଡଲାର ତୁଳନାରେ ୩-୧୨ ପ୍ରତିଶତ ପର୍ଯ୍ୟନ୍ତ ଦୁର୍ବଳ ହୋଇଛି। ୨୦୨୪ର ଶେଷ ତିନି ମାସରେ ଟଙ୍କା ଦୁର୍ବଳ ହେବାରେ ଲାଗିଲା। ଅନ୍ୟଥା ବର୍ଷତମାମ ତାହାର ମୂଲ୍ୟ ବେଶ୍ ସ୍ଥିର ଥିଲା। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ବୈଦେଶିକ ପୋର୍ଟଫୋଲିଓ ନିବେଶକମାନେ ବିପୁଳ ନିବେଶ କରିବାରୁ ଦେଶର ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାର ୭୦୪.୮୯ ବିଲିଅନ୍ ଡଲାରକୁ ବୃଦ୍ଧି ପାଇଥିଲା। କିନ୍ତୁ ଅଧିକାଂଶ ଡଲାର ରିଜର୍ଭ ବ୍ୟାଙ୍କ ରଖିବାରୁ ଟଙ୍କାକୁ ତାହା ବେଶି ସବଳ କରିପାରିନଥିଲା। ତେବେ ଘୋର ଅସ୍ଥିରତା ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଥିବା ଡଲାର ବାହାର କରି ତାହାକୁ ଅଳ୍ପ ଦାମ୍‌ରେ ବଜାରରେ ବିକ୍ରି କରୁଥିଲା। ସେଥିପାଇଁ ଟଙ୍କା ଆହୁରି ଦୁର୍ବଳ ହେବାରୁ ବର୍ତ୍ତି ଯାଇଛି।

## ବିତ୍ତୀୟ ନିଅଣ୍ଟ ୫୨.୫%କୁ ବୃଦ୍ଧି

ନୂଆଦିଲ୍ଲୀ: ଦେଶର ବାଣିଜ୍ୟିକ କ୍ଷତି ଚିନ୍ତାଜନକ ଭାବେ ବଢ଼ି ଚାଲିଛି। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୮ ମାସ (ଏପ୍ରିଲ-ନଭେମ୍ବର) ରେ ଭାରତର ଆର୍ଥିକ ନିଅଣ୍ଟ ୮.୪୭ ଲକ୍ଷ କୋଟିରେ ପହଞ୍ଚିଛି। ଏହା ସମ୍ପୂର୍ଣ୍ଣ ବର୍ଷର ଆକଳନର ୫୨.୫%। ତେବେ ଉଭୟ ସରକାରୀ ଖର୍ଚ୍ଚ ଏବଂ ରାଜସ୍ୱ ସଂଗ୍ରହ ମନ୍ଥର ରହିଛି। ଏପ୍ରିଲ-ନଭେମ୍ବର ମାସରେ ସରକାର ୧୪.୪୩ ଲକ୍ଷ କୋଟି ଟ୍ୟାକ୍ସ ସଂଗ୍ରହ କରିଛନ୍ତି। ଯାହା ବାର୍ଷିକ ଲକ୍ଷ୍ୟର ୫୬%। ଗତ ବର୍ଷ ସମାନ ଅବଧିରେ ଏହା ୧୪.୩୬ ଲକ୍ଷ କୋଟି ହୋଇଥିଲା। ସେହିପରି ଏହି ସମୟ ମଧ୍ୟରେ ମୋଟ ସରକାରୀ ଖର୍ଚ୍ଚ ୨୭.୪୧ ଲକ୍ଷ କୋଟି ଥିଲା, ଯାହା ବାର୍ଷିକ ଲକ୍ଷ୍ୟର ୫୭%। ଗତ ବର୍ଷ ଏହା ୨୬.୫୨ ଲକ୍ଷ କୋଟି ଥିଲା।

## କମିଲା ଏଲ୍‌ପିଜି ସିଲିଣ୍ଡରର ଦର



ନୂଆଦିଲ୍ଲୀ: ନୂଆବର୍ଷର ପ୍ରଥମ ଦିନରେ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ଦର କମିଛି। ସରକାରୀ ତେ?ଲ କମ୍ପାନିଗୁଡିକ ବର୍ଷର ପ୍ରଥମ ଦିନରୁ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୪.୫୦ ଟଙ୍କା ହ୍ରାସ କରିଛନ୍ତି। ତେବେ ଘରୋଇ ସିଲିଣ୍ଡର ଦର ପୂର୍ବଭଳି ଅପରିବର୍ତ୍ତିତ ରହିଛି। ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀର ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦାମ୍ ୧୮୧୮.୫୦ ଟଙ୍କାରୁ ୧୮୦୪ ଟଙ୍କାକୁ ଖସି ଆସିଛି। ସେହିପରି କୋଲକାତାର ମୂଲ୍ୟ ଏହାର ଦର ୧୯୧୧ ଟଙ୍କାକୁ ଖସି ଆସିଛି। ପୂର୍ବରୁ ଏହାର ଦାମ୍ ୧୯୨୭ ଟଙ୍କା ଥିଲା। ମୁମ୍ବାଇରେ ଏହାର ମୂଲ୍ୟ ୧୭୫୬ ଟଙ୍କାକୁ ଖସି ଆସିଛି। ଏହା ଦାମ୍ ପୂର୍ବରୁ ୧୭୭୧ ଟଙ୍କା ଥିଲା। ଚେନ୍ନାଇରେ ବ୍ୟବସାୟିକ ସିଲିଣ୍ଡର ଦାମ୍ ୧୯୬୬କୁ ଖସିଛି। ପୂର୍ବରୁ ଏହାର ଦାମ୍ ୧୯୮୦.୫୦ ଟଙ୍କା ଥିଲା। ବିହାରର ରାଜଧାନୀ ପାଟନାରେ ୧୯କିଲୋଗ୍ରାମ ଏଲପିଜି ସିଲିଣ୍ଡର ଭରିବା ପାଇଁ ଏବେ ୨୦୯୫.୫୦ ଟଙ୍କା ଦେବାକୁ ପଡିବ। ଉତ୍ତରପ୍ରଦେଶର ଲକ୍ଷ୍ନୌରେ ୧୯୨୫ଟଙ୍କା ଦେବାକୁ ପଡିବ ଏବଂ ନୋଏଡାରେ ୧୮୦୨.୫୦ ଟଙ୍କା ଦେବାକୁ ପଡିବ। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡର ଭରିବା ପାଇଁ ୧ ଜାନୁୟାରି ୨୦୨୫ ଠାରୁ ୨୦୭୩ ଟଙ୍କା ଏବଂ ଝାଡଖଣ୍ଡର ରାଜଧାନୀ ରାଞ୍ଚିରେ ୧୯୬୨.୫୦ ଟଙ୍କା ଦେବାକୁ ପଡିବ।

## ଡିସେମ୍ବରରେ କମିଲା ଜିଏସ୍‌ଟି କଲେକ୍ସନ

ନୂଆଦିଲ୍ଲୀ: ୨୦୨୪ ଡିସେମ୍ବର ମାସର ଜିଏସ୍‌ଟି ସଂଗ୍ରହ ତଥ୍ୟ ସାମ୍ନାକୁ ଆସିଛି। ବୁଧବାର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଡିସେମ୍ବରରେ ୧.୭୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି କଲେକ୍ସନ ହୋଇଛି। ଅବଶ୍ୟ ଏହା ନଭେମ୍ବର ତୁଳନାରେ କମ୍। କାରଣ ନଭେମ୍ବରରେ ଜିଏସ୍‌ଟି କଲେକ୍ସନ ରହିଥିଲା ୧.୮୨ ଲକ୍ଷ କୋଟି ଟଙ୍କା। ତେବେ ଡିସେମ୍ବରରେ ଜିଏସ୍‌ଟି କଲେକ୍ସନ କମ୍ ହୋଇଥିଲେବି ପୂରା ବର୍ଷରେ ହୋଇଛି ରେକର୍ଡ ସଂଖ୍ୟକ ଜିଏସଟି କଲେକ୍ସନ। କାରଣ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ସମୁଦାୟ ୨୧ ଲକ୍ଷ ୫୧ ହଜାର କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଛି। ଅର୍ଥ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ, ଏପ୍ରିଲ-ଡିସେମ୍ବରରେ ଜିଏସଟି କଲେକ୍ସନ ୧୬.୩୪ କୋଟି ଟଙ୍କା ରହିଛି। କେବଳ ଅକ୍ଟୋବରରେ ଗ୍ରସ୍ ଜିଏସଟି ସଂଗ୍ରହ ୯ ପ୍ରତିଶତ ବଢ଼ି ୧.୮୭ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ଯାହା ଘରୋଇ ବିକ୍ରିରେ ଦ୍ରୁତ ବୃଦ୍ଧି ଏବଂ ଉତ୍ତମ ଅନୁପାଳନ କାରଣରୁ ଏପର୍ଯ୍ୟନ୍ତର ଦ୍ୱିତୀୟ ସବୁଠୁ ଅଧିକ ଜିଏସ୍‌ଟି ସଂଗ୍ରହ। ୨୦୨୪ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ମାସିକ ଜିଏସ୍‌ଟି ସଂଗ୍ରହ ତଥ୍ୟକୁ ଦେଖିଲେ କେବଳ ତିନି ଥର ଏଭଳି ଦେଖିବାକୁ ମିଳିଛି ଯେତେବେଳେ ଜିଏସଟି କଲେକ୍ସନ ୧. ୮୦ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ତାହା ହେଉଛି ୨୦୨୪ ଜୁଲାଇ, ଅକ୍ଟୋବର ଏବଂ ନଭେମ୍ବର ମାସ।

## ନୂଆବର୍ଷର ପ୍ରଥମ ଦିନରେ ନିବେଶକ ଖୁସି
## ୩ ଲକ୍ଷ କୋଟି ଟଙ୍କା ବଢିଲା ସମ୍ପତ୍ତି

ନୂଆଦିଲ୍ଲୀ: ୨୦୨୪ର ଶେଷ ସପ୍ତାହ ସାରା ଲାଲ୍ ସଂକେତରେ ରହିଥିବା ଭାରତୀୟ ସେୟାର ବଜାର ନୂଆବର୍ଷରେ ସବୁଜ ସଂକେତରେ ବନ୍ଦ ହୋଇଛି । ଜାନୁଆରୀ ୧ରେ ସେନସେକ୍ସ ୩୬୮ ଅଙ୍କ ବଢି ବନ୍ଦ ହୋଇଛି । ସେହିଭଳି ନିଫ୍ଟି ୨୩,୭୫୦ ପଏଣ୍ଟ ନିକଟରେ ପହଞ୍ଚି ବନ୍ଦ ହୋଇଛି । ଆଜିର ଏହି ବୃଦ୍ଧି ଯୋଗୁଁ ସେୟାର ବଜାର ନିବେଶକଙ୍କ ସମ୍ପତ୍ତି ପ୍ରାୟ ୩ ଲକ୍ଷ କୋଟି ଟଙ୍କା ବଢ଼ିଛି । ବଜାରରେ ଆଜି ସବୁ ସେକ୍ଟରରେ ବୃଦ୍ଧି ଦେଖିବାକୁ ମିଳିଥିଲା । ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସରେ ୧.୦୩ ପ୍ରତିଶତ ବୃଦ୍ଧି ଘଟିଛି । ରିୟଲ୍ଟି ଏବଂ ମେଟାଲକୁ ଛାଡ଼ି ବିଏସ୍‌ଇର ଅନ୍ୟ ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଆଜି ସବୁଜ ସଂକେତରେ ବନ୍ଦ ହୋଇଛି । କାରବାର ଶେଷରେ ବିଏସ୍?ଇ ୩୦ ସେୟାର ବିଶିଷ୍ଟ ସେନସେକ୍ସ ୩୬୮.୪୦ ଅଙ୍କ ବା ୦.୪୭ ପ୍ରତିଶତ ବଢି ୭୮,୫୦୭.୪୧ ଅଙ୍କରେ ବନ୍ଦ ହୋଇଛି । ଅନ୍ୟପଟେ ଏନ୍?ଏସ୍‌ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୯୮.୧୦ ଅଙ୍କ ବା ୦.୪୧ ପ୍ରତିଶତ ବଢି ୨୩,୭୪୨.୯୦ ସ୍ତରରେ ବନ୍ଦ ହୋଇଛି । ବିଏସଇ ସେନସେକ୍ସର ୩୦ ସେୟାର ମଧ୍ୟରୁ ୨୨ ସେୟାର ସବୁଜ ସଂକେତରେ ଅର୍ଥାତ୍ ବୃଦ୍ଧି ସହ ବନ୍ଦ ହୋଇଛି । ଏଥିରେ ମାରୁତି ସୁଜୁକିର ସେୟାର ସବୁଠୁ ଅଧିକ ୩.୨୬ ପ୍ରତିଶତ ବଢିଛି । ଏହାପରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ବଜାଜ ଫାଇନାନ୍ସ, ଏଲ୍ ଆଣ୍ଡ ଟି ଏବଂ ଟାଟା ମୋଟର୍ସର ସେୟାର ୧.୧୫ ପ୍ରତିଶତରୁ ୨.୪୫ ପ୍ରତିଶତ ମଧ୍ୟରେ ବୃଦ୍ଧି ପାଇଛି । ଅନ୍ୟପଟେ ଟାଟା ଷ୍ଟିଲ୍‌ର ସେୟାରରେ ସବୁଠୁ ଅଧିକ ୦.୯୮ ପ୍ରତିଶତ ହ୍ରାସ ଘଟିଛି ।

## ଆସନ୍ତୁ ସଫଳତାରୁ ଆତ୍ମବିଶ୍ୱାସ ନେଇ ଲକ୍ଷ୍ୟ ହାସଲ ପାଇଁ ଆହ୍ୱାନ



ରାଉରକେଲା(ଭାସ୍କର ନ୍ୟୁଜ୍): ନୂତନ ବର୍ଷ ବିଗତ ବର୍ଷର ସଫଳତାକୁ ବିଶ୍ଳେଷଣ କରିବା ସହ ଆଗାମୀ ବର୍ଷ ପାଇଁ ରୂପରେଖ ପ୍ରସ୍ତୁତ କରିବା ପାଇଁ ଏକ ଉପଯୁକ୍ତ ସୁଯୋଗ ପ୍ରଦାନ କରିଥାଏ। ଆସନ୍ତୁ ଆମର ସଫଳତାର କାହାଣୀରୁ ଆତ୍ମବିଶ୍ୱାସ ନେବା, ବିଫଳତାରୁ ଶିଖିବା ଏବଂ ବଡ ସ୍ୱପ୍ନ ଦେଖିବା ସହ ଲକ୍ଷ୍ୟ ହାସଲ ଦିଗରେ ଆମର ସାମର୍ଥ୍ୟର ଉପଯୋଗ କରିବା ବୋଲି ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅତିରିକ୍ତ ଭାର ସହିତ ବିଏସ୍‌ଏଲ୍‌ର ଭାରପ୍ରାପ୍ତ ନିର୍ଦ୍ଦେଶକ ବି କେ ତିୱାରୀ ନବବର୍ଷରେ ଆରଏସପିର ବରିଷ୍ଠ ଅଧିକାରୀଙ୍କ ସହ ଏକ ଭିଡିଓ କନଫରେନ୍ସ ବୈଠକ ଅବସରରେ ଆହ୍ୱାନ ଦେଇଛନ୍ତି। ମନ୍ଥନ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ଏହି ଭିଡିଓ କନଫରେନ୍ସ ବୈଠକରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ, ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବିଶ୍ୱରଂଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମୁନ୍ନା ପ୍ରସାଦ ସିଂ ଏବଂ ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ସୁଦୀପ ପାଲ ଚୌଧୁରୀଙ୍କ ସମେତ ସମସ୍ତ ସିଜିଏମ୍ ଏବଂ ବିଭାଗ ମୁଖ୍ୟମାନେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର କର୍ମଚାରୀଙ୍କ ସହିତ ବାର୍ତ୍ତାଳାପ ଅବସରରେ ବରିଷ୍ଠ ଅଧିକାରୀମାନେ ଏକୀକୃତ ଇସ୍ପାତ କାରଖାନାର ସମୃଦ୍ଧ ଉତ୍ପାଦନ ଧାରାରେ ପ୍ରତ୍ୟେକ ବିଭାଗର ମହତ୍ତ୍ୱ ତଥା କାରଖାନାର ସଫଳତାରେ ପ୍ରତ୍ୟେକ ବିଭାଗର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଆହ୍ୱାନଗୁଡିକୁ ଦୃଷ୍ଟିରେ ରଖି ଆରଏସପି ସାମୁଦାୟିକ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଦୃଢ ବିଶ୍ୱାସ ପ୍ରକଟ କରିଥିଲେ। କର୍ମଚାରୀ ମାନେ ମଧ କାରଖାନାର ବିଭିନ୍ନ ପ୍ରୟାସରେ ଅଧିକ ଉତ୍କର୍ଷତା ହାସଲ ନିମନ୍ତେ ସମସ୍ତ ପ୍ରଚେଷ୍ଟା କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।




ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ହକି, ଫୁଟ୍‌ବଲ୍, ଆଥ୍‌ଲେଟିକ୍ସ ପରେ ଏବେ ବ୍ୟାଡ୍‌ମିଣ୍ଟନ୍‌ର ପାଳି ପଡ଼ିଛି। ଏବେ ସାରା ଦେଶରେ ଚର୍ଚ୍ଚାକୁ ଆସିଛି ଓଡ଼ିଶା। ରାଜ୍ୟ ରାଜଧାନୀରେ ଛିଡ଼ା ହୋଇଛି ସୁଉଚ୍ଚ ଅଟ୍ଟାଳିକା 'ସଟଲ୍'। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଡ୍‌ମିଣ୍ଟନ୍ ଭିତ୍ତିଭୂମି ଭାବେ ଉଭା ହୋଇଛି ୭୫ କୋଟି ଟଙ୍କାର ଏହି ସଟଲ୍। କେବଳ ଭିତ୍ତିଭୂମି ନୁହେଁ ଓଡ଼ିଶାର ବ୍ୟାଡ୍‌ମିଣ୍ଟନ୍ ଖେଳାଳି ବି ଏହାକୁ ସ୍ୱାଗତ କରିଛନ୍ତି ୨୦୨୪ରେ କିଛି ଚର୍ଚ୍ଚିତ ପ୍ରଦର୍ଶନ ବଳରେ। ୨୦୨୫ ଏ ଦୃଷ୍ଟିକୋଣରୁ ନୂଆ ଆଶା ଭାବେ ଉଭା ହୋଇଛି। ଓଡ଼ିଶା ବ୍ୟାଡ୍‌ମିଣ୍ଟନ୍ ପାଇଁ ମାହେନ୍ଦ୍ର ବେଳା ବୋଲି କୁହାଯିବା ପଛର କାରଣ ହେଉଛି, ଯୁବ ପ୍ରତିଭାଙ୍କ ଉଦୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ। ବିଗତ କିଛି ବର୍ଷ ହେବ ରତାପର୍ଣ୍ଣା ପଣ୍ଡା ଓ ଶ୍ୱେତାପର୍ଣ୍ଣା ପଣ୍ଡାଙ୍କ ଉତ୍‌ଥାନ ପରେ ଏବେ ପରବର୍ତ୍ତୀ ପିଢ଼ି ପ୍ରସ୍ତୁତ ହେଲେଣି। ତନ୍ୱୀ ପତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଓଡ଼ିଶା ବ୍ୟାଡ୍‌ମିଣ୍ଟନ୍‌କୁ ନୂଆ ଶିଖରରେ ପହଞ୍ଚାଇଛି ଏବଂ ଭବିଷ୍ୟତ ପାଇଁ ଅଜସ୍ର ପ୍ରତିଶ୍ରୁତି ଦେଇଛି। ଏସୀୟ ଯୁବା ସ୍ୱର୍ଣ୍ଣ ବିଜୟିନୀ ହେବା ସହ ଜାତୀୟ ସ୍ତରରେ ବି ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ଏକାଧିକ ମୁକୁଟ ଜିତି ନିଜ ବୟସ ବର୍ଗ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବି ଢ଼େର ଆଗରେ ଅଛନ୍ତି। ବିଶାଖା ଟୋପ୍ପୋ ଓ ପ୍ରଗତି ପରିଡ଼ାଙ୍କ ଭଳି ଆଉ ଦୁଇଟି ପ୍ରତିଭା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ଉପସ୍ଥିତି ଜାହିର କରି ହଜିଯାଇଥିବା ଓଡ଼ିଶା ବ୍ୟାଡ୍‌ମିଣ୍ଟନ୍ ଦିନକୁ ଫେରାଇ ଆଣିବାର ମନୋବଳ ଯୋଗାଡ଼ିଛନ୍ତି। ଏମାନଙ୍କ ଉପସ୍ଥିତି କାରଣରୁ ଓଡ଼ିଶା ୨୦୨୪ରେ ପ୍ରଥମ ଥର ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ଦଳଗତ ବିଜେତା ହୋଇ ନୂଆ ଇତିହାସ ରଚିଛି।

## ସର୍ବଶ୍ରେଷ୍ଠ ଟେଷ୍ଟ-୧୧ ଘୋଷଣା
# ବୁମ୍‌ରା ଅଧିନାୟକ



ନୂଆଦିଲ୍ଲୀ : ୨୦୨୪ର ସର୍ବଶ୍ରେଷ୍ଠ ଟେଷ୍ଟ ଦଳ ଘୋଷଣା ହୋଇଛି। ଏହି ଦଳରେ ଅଷ୍ଟ୍ରେଲୀୟ ଅଧିନାୟକ ପ୍ୟାଟ କମିନ୍ସ ଏବଂ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ ସ୍ଥାନ ପାଇ ନାହାଁନ୍ତି। ଏହି ଦଳର ଅଧିନାୟକ ଭାବେ ଭାରତର ତାରକା ଦ୍ରୁତ ବୋଲର ଜସପ୍ରୀତ ବୁମ୍‌ରାଙ୍କୁ ନିଯୁକ୍ତ କରାଯାଇଛି। ଏହି ଦଳ କ୍ରିକେଟ ଅଷ୍ଟ୍ରେଲିଆ ଦ୍ୱାରା ମନୋନୀତ ହୋଇଛି। ପ୍ରତିବର୍ଷ ଶେଷରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରତ୍ୟେକ ଫର୍ମାଟରେ ଶ୍ରେଷ୍ଠ ଦଳ ଚୟନ କରେ। ଏଥିରେ ସମଗ୍ର ବିଶ୍ୱରୁ ୧୧ଜଣ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଖେଳାଳିଙ୍କୁ ମନୋନୀତ କରାଯାଇଛି । ବର୍ତ୍ତମାନ ଘୋଷଣା ହୋଇଥିବା ଦଳ ଆଇସିସି ଦ୍ୱାରା ମନୋନୀତ ହୋଇନାହିଁ, ବରଂ ଏହା କ୍ରିକେଟ ଅଷ୍ଟ୍ରେଲିଆର ସର୍ବଶ୍ରେଷ୍ଠ ଟେଷ୍ଟ ଇଲେଭେନ ଅଟେ। କ୍ରିକେଟ ଅଷ୍ଟ୍ରେଲିଆ ଭାରତରୁ ଦୁଇ ଖେଳାଳି, ଶ୍ରୀଲଙ୍କାରୁ ଜଣେ, ଇଂଲଣ୍ଡରୁ ତିନି ଜଣ, ଦକ୍ଷିଣ ଆଫ୍ରିକାରୁ ଜଣେ, ନ୍ୟୁଜିଲାଣ୍ଡରୁ ଦୁଇ ଜଣ ଏବଂ ଅଷ୍ଟ୍ରେଲିଆର ଦୁଇ ଜଣ ଶ୍ରେଷ୍ଠ ଟେଷ୍ଟ ଏକାଦଶରେ ଚୟନ କରିଛନ୍ତି। ପାକିସ୍ତାନର କୌଣସି ଖେଳାଳି ଏହି ଦଳରେ ସାମିଲ ହୋଇନାହାନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଦଳରେ ଭାରତର ଯଶସ୍ୱୀ ଜଶସ୍ୱୀ ଏବଂ ଇଂଲଣ୍ଡର ବେନ ଡକେଟ ଓପନର ଭାବରେ ମନୋନୀତ ହୋଇଛନ୍ତି। ଇଂଲଣ୍ଡର ଜୋ ରୁଟ୍ ତିନି ନମ୍ବରରେ ଅଛି। ଏହା ପରେ ନ୍ୟୁଜିଲାଣ୍ଡର ରାଚିନ ରବିନ୍ଦ୍ର ଚତୁର୍ଥ ସ୍ଥାନରେ ଏବଂ ଇଂଲଣ୍ଡର ହ୍ୟାରି ବ୍ରୁକ ପଞ୍ଚମ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଷଷ୍ଠ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଆଲେକ୍ସ କେରେ ଉଇକେଟ କିପର ହୋଇଛନ୍ତି। ଦ୍ରୁତ ବୋଲିଂରେ ନ୍ୟୁଜିଲାଣ୍ଡର ମ୍ୟାଟ ହେନେରୀ, ଭାରତର ଜସପ୍ରିତ ବୁମ୍‌ରା ଏବଂ ଅଷ୍ଟ୍ରେଲିଆର ଜୋଶ ହାଜଲେଉଡ ଅଛନ୍ତି। ସ୍ପିନର ହେଉଛନ୍ତି ଦକ୍ଷିଣ ଆଫ୍ରିକାର କେଶବ ମହାରାଜ। ସମସ୍ତେ ଟେଷ୍ଟ କ୍ରିକେଟ ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେବେ ଅଷ୍ଟ୍ରେଲିଆର ବର୍ତ୍ତମାନର ଟେଷ୍ଟ ଅଧିନାୟକ ପ୍ୟାଟ କମିନ୍ସ ମଧ୍ୟ ୨୦୨୪ରେ ଚମତ୍କାର ପ୍ରଦର୍ଶନ କରିଥିଲେ, କିନ୍ତୁ ସେ ଏହି ଦଳରେ ମନୋନୀତ ହୋଇନାହାଁନ୍ତି। ୨୦୨୪ର କ୍ରିକେଟ ଅଷ୍ଟ୍ରେଲିଆର ଶ୍ରେଷ୍ଠ ଏକାଦଶ – ଯଶସ୍ୱୀ ଜଶସ୍ୱୀ , ବେନ ଡକେଟ, ଜୋ ରୁଟ, ରାଚିନ ରବିନ୍ଦ୍ର, ହ୍ୟାରି ବ୍ରୁକ, କାମିଣ୍ଡୁ ମେଣ୍ଡିସ, ଆଲେକ୍ସ କେରି (ଉଇକେଟ କିପର), ମ୍ୟାଟ ହେନେରୀ, ଜସପ୍ରୀତ ବୁମ୍‌ରା (ଅଧିନାୟକ), ଜୋଶ ହାଜଲେଉଡ ଏବଂ କେଶବ ମହାରାଜ।

## ରବିନଙ୍କ ଗିରଫ ଉପରେ ରୋକ ଲଗାଇଲେ ହାଇକୋର୍ଟ



ନୂଆଦିଲ୍ଲୀ : ଇପିଏଫ୍ ଠକେଇ ମାମଲାରେ ଫସିଥିବା ଭାରତୀୟ ଟିମ୍‌ର ପୂର୍ବତନ କ୍ରିକେଟର ରବିନ ଉତଥାପ୍ପାଙ୍କୁ ମିଳିଛି ଆଶ୍ୱସ୍ତି। ପିଏଫ ରିଜନାଲ କମିଶନର ଏସ ଗୋପାଲ ରେଡ୍ଡୀ ଡିସେମ୍ବର ୨୧ରେ ଉଥାପ୍ପାଙ୍କ ନାଁରେ ଆରେଷ୍ଟ ୱାରେଣ୍ଟ ଜାରି କରିଥିଲେ। ତାଙ୍କ ବିରୋଧରେ ଜାରି ହୋଇଥିବା ଗିରଫ ପରୱାନା ଉପରେ କର୍ଣ୍ଣାଟକା ହାଇକୋର୍ଟ ରୋକ ଲଗାଇ ଦେଇଛନ୍ତି। ଉଥାପ୍ପା Centuries Lifestyle Brand Private Limited ନାଁରେ ଗୋଟିଏ କମ୍ପାନୀ ଚଳାଉଛନ୍ତି। ଏଠାରେ କାମ କରୁଥିବା କର୍ମଚାରୀଙ୍କ ଦରମାରୁ ସେ ପିଏଫ ବାବଦରେ ଟଙ୍କା କାଟୁଛନ୍ତି। କିନ୍ତୁ ଏହାକୁ ସେ ଜମା କରୁ ନଥିଲେ। ଏପରି ଭାବେ ସେ ୨୩ ଲକ୍ଷ ଟଙ୍କାର ହେରଫେର କରିଥିବା ଅଭିଯୋଗ ହୋଇଥିଲା।ଡିସେମ୍ବର ୪ରେ କମିଶନର ରେଡ୍ଡୀ ୱାରେଣ୍ଟକୁ କାର୍ଯ୍ୟକାରୀ କରିବାକୁ ପୁଲିସ୍‌କୁ କହିଥିଲେ। କିନ୍ତୁ ଉଥାପ୍ପା ତାଙ୍କ ପୁରୁଣା ଠିକଣାରେ ରହୁ ନଥିବାରୁ ଉକ୍ତ ୱାରେଣ୍ଟ ପିଏଫ ଅଫିସକୁ ଫେରି ଆସିଥିଲା। ଏହାପରେ ଡିସେମ୍ବର ୨୧ରେ ଶ୍ରୀ ରେଡ୍ଡୀ ଗିରଫ ୱାରେଣ୍ଟ ଜାରି କରିଥିଲେ। ତାଙ୍କ ବିରୋଧରେ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ହଡ଼ପର ଅଭିଯୋଗ ଆସିଥିଲେ ହେଁ ଏହାକୁ ଉଥାପ୍ପା ଖଣ୍ଡନ କରିଥିଲେ। ଏହାପରେ ସେ ଗିରଫ ୱାରେଣ୍ଟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏବେ ପରବର୍ତ୍ତୀ ଶୁଣାଣି ଯାଏ ୱାରେଣ୍ଟ ଉପରେ ରୋକ ଲଗାଇ ଦେଇଛନ୍ତି। ୩୯ ବର୍ଷୀୟ ରବିନ୍ ଉଥାପ୍ପା ଭାରତୀୟ କ୍ରିକେଟ୍ ଟିମ୍‌ର ପ୍ରମୁଖ ବ୍ୟାଟ୍ସମ୍ୟାନ୍ ଥିଲେ। ସେ ଭାରତ ପାଇଁ ୪୬ଟି ଦିନିକିଆ ଓ ୧୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଯେତେବେଳେ ଟିମ୍ ଇଣ୍ଡିଆ ୨୦୦୭ରେ ଟି-୨୦ ବିଶ୍ୱକପ୍ ଜିତିଥିଲା ସେତେବେଳେ ଉକ୍ତ ଟିମରେ ଉଥାପ୍ପା ରହିଥିଲେ।

## ଟେଷ୍ଟ ପରାଜୟ ପରେ ଖେଳାଳିଙ୍କୁ ଗମ୍ଭୀରଙ୍କ ଚେତାବନୀ



ନୂଆଦିଲ୍ଲୀ: ମେଲବୋର୍ଣ୍ଣ ଟେଷ୍ଟରେ ଭାରତୀୟ ଦଳର ପରାଜୟକୁ କେହି ସହଜରେ ଗ୍ରହଣ କରିପାରୁନାହାଁନ୍ତି ଗ୍ରହଣ। କାରଣ ଖେଳର ଦ୍ୱିତୀୟ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆ ମାତ୍ର ୩ ୱିକେଟ୍ ହରାଇଥିଲା । ଏହା ପରେ ଲାଗୁଥିଲା ଯେ ମ୍ୟାଚ୍ ସହଜରେ ଡ୍ର ହେବ । କିନ୍ତୁ ଗତ ଅଧିବେଶନର ମାତ୍ର ୨୦.୪ ଓଭରରେ ଭାରତ ୭ ୱିକେଟ୍ ହରାଇ ଦଳକୁ ପରାଜୟର ସାମ୍ନା କରିବାକୁ ପଡିଥିଲା । ରିପୋର୍ଟ ଅନୁଯାୟୀ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଏହିପରି ହାରିବା ପରେ ବହୁତ ରାଗି ଯାଇଥିଲେ । ମ୍ୟାଚ୍ ପରେ ସଙ୍ଗେ ସଙ୍ଗେ ସେ କ୍ରୋଧକୁ ଡ୍ରେସିଂ ଆକାରରେ ପ୍ରକାଶ କରିଥିଲେ । ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ସମସ୍ତ ଖେଳାଳିଙ୍କୁ କଡ଼ା ସମାଲୋଚନା କରିଥିଲେ । ତେବେ ଏହି ସମୟ ମଧ୍ୟରେ ସେ କାହାର ନାମ ନେଇନଥିଲେ । ମେଲବର୍ଣ୍ଣ ଟେଷ୍ଟରେ ପରାଜୟ ପରେ ଗୌତମ ଗମ୍ଭୀର ଡ୍ରେସିଂ ରୁମରେ ଏକ ମିଟିଂ ଡାକିଥିଲେ। ରିପୋର୍ଟ ଅନୁଯାୟୀ ସେ ମ୍ୟାଚ୍ ସମ୍ପର୍କରେ ସମସ୍ତ ଖେଳାଳିଙ୍କ ସହ କଥା ହୋଇଥିଲେ। ଏହି ସମୟରେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ କେବଳ ତାଗିଦ କରିନାହାଁନ୍ତି ବରଂ ଚେତାବନୀ ମଧ୍ୟ ଦେଇଛନ୍ତି । ମ୍ୟାଚରେ ଖେଳ ଯୋଜନା ଅନୁଯାୟୀ ଖେଳିନଥିବାରୁ ଗମ୍ଭୀର ବିଶେଷ କ୍ରୋଧିତ ହୋଇଥିଲେ। ସେ କହିଛନ୍ତି ଯେ ପ୍ରାକୃତିକ ଖେଳ ନାମରେ ଅନେକ ଖେଳାଳି ନିଜ ଇଚ୍ଛା ଅନୁଯାୟୀ ବ୍ୟାଟିଂ କରୁଥିଲେ, କିନ୍ତୁ ପରିସ୍ଥିତି ଅନୁଯାୟୀ ଖେଳିବା ଉଚିତ୍। ଗତ ବର୍ଷ ଜୁଲାଇରେ ଗମ୍ଭୀର ଆନୁଷ୍ଠାନିକ ଭାବେ ଦଳର ମୁଖ୍ୟ ପ୍ରଶିକ୍ଷକ ହୋଇଥିଲେ । ସେ ଅଗଷ୍ଟରେ ଦଳରେ ଯୋଗ ଦେଇଥିଲେ । ଗତ ୬ ମାସର ଅଭିଜ୍ଞତାକୁ ଆଧାର କରି ମେଲବର୍ଣ୍ଣର ମୁଖ୍ୟ ପ୍ରଶିକ୍ଷକ ଖେଳାଳିମାନଙ୍କୁ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଖେଳାଳିମାନଙ୍କୁ ନିଜ ଇଚ୍ଛା ଅନୁସାରେ କରିବାକୁ ଅନୁମତି ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନଠାରୁ ଏହା ଘଟିବ ନାହିଁ । ବର୍ତ୍ତମାନ ସେମାନେ କିପରି ଖେଳିବେ ତାହା ସ୍ଥିର କରିବେ। ଯଦି କୌଣସି ଖେଳାଳି ଦଳର ରଣନୀତି ବାହାରେ ଖେଳନ୍ତି, ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ । ମେଲବୋର୍ଣ୍ଣ ଟେଷ୍ଟର ପଞ୍ଚମ ଦିନରେ ଟିମ୍ ଇଣ୍ଡିଆକୁ ୩୪୦ ରନ୍‌ର ଟାର୍ଗେଟକୁ ପିଛା କରିବାକୁ ପଡିଥିଲା। ପାଟ କମିନ୍ସ ଏବଂ ମିଚେଲ ଷ୍ଟାର୍କଙ୍କ ସାଂଘାତିକ ବୋଲିଂ ବିରୋଧରେ ଯଶାସଭି ଜୈସୱାଲ ଏବଂ ରୋହିତ ଶର୍ମା ଭଲ ଆରମ୍ଭ କରିଥିଲେ। ଦୁହେଁ ନୂଆ ବଲ୍‌ର ଜବରଦସ୍ତ ପ୍ରତିରକ୍ଷା ପ୍ରଦର୍ଶନ କରିଥିଲେ। କିନ୍ତୁ ଖରାପ ଫର୍ମରେ ଥିବା ରୋହିତ ପ୍ୟାଟ୍ କମିନ୍ସଙ୍କ ବିପକ୍ଷରେ ଲାଇନ୍ ବିପକ୍ଷରେ ଏକ ସଟ୍ ଖେଳି ସ୍ଲିପ୍‌ରେ ଥିଲେ। ଏହା ପରେ, ମଧ୍ୟାହ୍ନ ଭୋଜନ ପୂର୍ବରୁ ଶେଷ ଓଭରରେ ବିରାଟ କୋହଲି ପୁଣି ଥରେ ବଲକୁ ଅଫ୍ ପାର୍ଶ୍ୱରେ ହିଟ୍ କରି ନିଜ ୱିକେଟ୍ ହରାଇଥିଲେ। ଏହି କାରଣରୁ ଦଳ ପଛ ବ୍ୟାକ୍‌ଫୁଟ୍‌ରେ ଥିଲା। ତା'ପରେ ଦ୍ୱିତୀୟ ଅଧିବେଶନରେ ଋଷଭ ପନ୍ତ ଉତ୍କୃଷ୍ଟ ପ୍ରତିରକ୍ଷା ପ୍ରଦର୍ଶନ କରିବା ପରେ ତୃତୀୟ ଅଧିବେଶନ ଆରମ୍ଭରେ ପାର୍ଟ ଟାଇମ୍ ବୋଲର ଟ୍ରାଭିସ୍ ହେଡଙ୍କ ବୋଲିଂରେ ସେ ୬ ମାରିବା ଚକ୍କରରେ ଆଉଟ୍ ହୋଇଥିଲେ। ପ୍ରଥମ ଇନିଂସରେ ସେ ଏକ ଲାପ୍ ସଟ୍ ମାରିବା ବେଳେ ଆଉଟ୍ ହୋଇଥିଲେ। ଉଭୟ ଇନିଂସରେ ତାଙ୍କ ବହିଷ୍କାର ପରେ ଦଳ ବିଚ୍ଛିନ୍ନ ହୋଇଯାଇଥିଲା । ତାଙ୍କ ବ୍ୟତୀତ ଯଶସ୍ୱୀ ଜୈସୱାଲ ଦ୍ୱିତୀୟ ଇନିଂସରେ ଏକ ପଲ୍ ସଟ୍ ଖେଳୁଥିବା ବେଳେ ଆଉଟ୍ ହୋଇଥିଲେ । କିନ୍ତୁ ପ୍ୟାଟ୍ କମିନ୍ସ ଏଥିପାଇଁ ଫିଲ୍ଡ ସ୍ଥିର କରିଥିଲେ। ଏହି କାରଣରୁ, ସେମାନଙ୍କର ଦିନର କଠିନ ପରିଶ୍ରମ ବ୍ୟର୍ଥ ହେଲା ଏବଂ ଦଳକୁ ପରାଜୟର ସାମ୍ନା କରିବାକୁ ପଡିଲା ।

## ଗମ୍ଭୀର, ରୋହିତଙ୍କ ଉପରେ ବିସିସିଆଇ କ୍ଷୁବ୍ଧ



ନୂଆଦିଲ୍ଲୀ: ୨୦୨୪ ବର୍ଷ ଭାରତୀୟ କ୍ରିକେଟ୍ ଦଳ ପାଇଁ ନୈରାଶ୍ୟଜନକ ଫଳାଫଳ ସହିତ ଶେଷ ହୋଇଛି। ଯାହା ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଯୋଗ୍ୟତା ହରାଇପାରେ। ପ୍ରଥମେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଘରୋଇ ମାଟିରେ ମୂଳପୋଛ ଏବଂ ପରେ ଆଡିଲେଡ ଏବଂ ମେଲବୋର୍ଣ୍ଣରେ ଲଗାତାର ପରାଜୟ ଦଳର ଭାଗ୍ୟ ବଦଳାଇ ଦେଇଛି। ଏହାପରେ ଲର୍ଡସର ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍ ବାକି ଥିବା ବେଳେ ଭାରତୀୟ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ରୋହିତ ଶର୍ମାଙ୍କୁ ବିସିସିଆଇର ଶୀର୍ଷ ପରିଚାଳନା କମିଟି ସମ୍ପ୍ରତି ଫଳାଫଳକୁ ନେଇ କ୍ଷୁବ୍ଧ ଅଛି। ଦୁଇଟି କାରଣରୁ ରୋହିତ ଶର୍ମାଙ୍କ ଅବସର ପ୍ରସଙ୍ଗ ଚର୍ଚ୍ଚାରେ ରହିଛି। ପ୍ରଥମତ ଓପନିଂ ବ୍ୟାଟର୍ ଦଳରେ ତାଙ୍କ ସ୍ଥାନ ବଜାୟ ରଖିବା ପାଇଁ ଆବଶ୍ୟକ ରନ୍ କରିନାହାଁନ୍ତି। ଦ୍ୱିତୀୟତ ଜସପ୍ରୀତ ବୁମ୍ରା ଜଣେ ଅଧିନାୟକ ଭାବରେ ନିଜର ପରିଚୟ ଦେଖାଇ ବିସିସିଆଇ ଚୟନ କମିଟିକୁ ପ୍ରଭାବିତ କରିଛନ୍ତି। ଅନେକ ବିଶେଷଜ୍ଞମାନେ ରୋହିତଙ୍କ ଟେଷ୍ଟ ଫର୍ମାଟରୁ ନେବା ବିଷୟରେ ଆଲୋଚନା କରିଛନ୍ତି। ବିଶେଷ କରି ସେ ଦଳର ଓପନର୍ ଭାବରେ ସ୍ଥାନ ପାଇବା ପାଇଁ ଏମସିଜିରେ ଏକାଦଶରୁ ଶୁଭମାନ ଗିଲଙ୍କୁ ବଳିଦାନ ଦେବାକୁ ପଡିଥିଲା। ସୂଚନାଯୋଗ୍ୟ, ରୋହିତ ଟେଷ୍ଟ କ୍ରିକେଟରେ ଗତ ୧୫ ଇନିଂସରେ ମାତ୍ର ୧୬୪ ରନ୍ କରିଛନ୍ତି, ଯାହା ହାରାହାରି ୧୧ରୁ କମ୍ ଅଟେ। ଅନ୍ୟପକ୍ଷରେ ଗିଲ୍ ଅନ୍ତତ ପକ୍ଷେ ଦୁଇଗୁଣ ଅଧିକ ରନ୍ କରିଛନ୍ତି। ତଥାପି, ମେଲବୋର୍ଣ୍ଣରେ ସେ ଦଳରୁ ବାଦ ପଡ଼ିଥିଲେ।

### ଫିଟିଲା ଗୁମର: ଗମ୍ଭୀରଙ୍କ କଥା ଶୁଣି ନଥିଲେ ଚୟନକର୍ତ୍ତା


ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ମତ ଚୟନକର୍ତ୍ତାଙ୍କ ଶୁଣିନାହାନ୍ତି। ଚୟନକର୍ତ୍ତାମାନେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ ପାଇଁ ଅଧିକାଂଶ ଯୁବ ଖେଳାଳିଙ୍କ ଉପରେ ବିଶ୍ୱାସ ପ୍ରକଟ କରିଥିଲେ। ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରାଙ୍କ ସମେତ ଅନେକ ଅଭିଜ୍ଞ ଖେଳାଳିଙ୍କ ନାମ ଦଳରୁ ବାଦ୍ ଥିଲା। ରିପୋର୍ଟରେ ଦର୍ଶାଯାଇଛି, ଗମ୍ଭୀର ଚାହୁଁଥିଲେ ଯେ ପୂଜାରାଙ୍କୁ ଟିମ ଇଣ୍ଡିଆରେ ଅନ୍ତର୍ଭୁକ୍ତ କରାଯାଉ, କିନ୍ତୁ ତାଙ୍କ ପ୍ରସ୍ତାବ ଗ୍ରହଣ କରାଯାଇ ନ ଥିଲା। ଏକ ରିପୋର୍ଟ ଅନୁଯାୟୀ, ବର୍ଡର-ଗାଭାସ୍କର ଟ୍ରଫି ପାଇଁ ପୂଜାରାଙ୍କୁ ଟିମ ଇଣ୍ଡିଆରେ ଅନ୍ତର୍ଭୁକ୍ତ କରାଯିବାକୁ ଗମ୍ଭୀର ଚାହୁଁଥିଲେ, କିନ୍ତୁ ଏହା ହୋଇ ନ ଥିଲା। ପୂଜାରାଙ୍କୁ ଦଳରେ ଅନ୍ତର୍ଭୁକ୍ତ କରିବାକୁ ଚୟନକର୍ତ୍ତା ଗମ୍ଭୀରଙ୍କ କଥା ଶୁଣି ନ ଥିଲେ। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ପର୍ଥରେ ସିରିଜର ପ୍ରଥମ ଟେଷ୍ଟ ଜିତିବା ପରେ ମଧ ଗମ୍ଭୀର ପୂଜାରାଙ୍କ ବିଷୟରେ କହିଥିଲେ।

## ବିଜୟ ହଜାରେ ଟ୍ରଫିରେ ମୟଙ୍କ ଦମ୍‌ଦାର ବ୍ୟାଟିଂ




ନୂଆଦିଲ୍ଲୀ : ତିନି ବର୍ଷ ହେବ ଟିମ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ମୟଙ୍କ ଅଗ୍ରୱାଲ ସଂଘର୍ଷ କରୁଛନ୍ତି। ଏପରିକି ୨୦୨୫ ଆଇପିଏଲରେ ତାଙ୍କୁ କେହି କିଣି ନଥିଲେ। ଏବେ କିନ୍ତୁ ବିଜୟ ହଜାରେ ଟ୍ରଫିରେ ତାଙ୍କ ବ୍ୟାଟ ଚମକୁଛି। ଘାତକ ବୋଲରଙ୍କୁ ଘାଇଲା କରିଛନ୍ତି। ହ୍ୟାଟ୍ରିକ୍ ଶତକ ମାରି ରେକର୍ଡ କରିଥିବାବେଳେ ତାଙ୍କୁ ଛୁଟିଛି ପ୍ରଶଂସାର ସୁଅ। କର୍ଣ୍ଣାଟକ ଦଳର ଅଧିନାୟକ ମୟଙ୍କ ଅଗ୍ରୱାଲ ହାଇଦ୍ରାବାଦ ବିପକ୍ଷରେ ଏକ ଦମଦାର ଶତକ ହାସଲ କରିଛନ୍ତି। ସେ ୧୦୪ ବଲରୁ ୧୨୪ ରନ ସଂଗ୍ରହ କରିଛନ୍ତି । ଏଥିରେ ୧୫ ଚୌକା ଏବଂ ୨ ଛକା ରହିଛି । ଏହି ମ୍ୟାଚରେ କର୍ଣ୍ଣାଟକ ୫୦ ଓଭରରେ ୮ ୱିକେଟ ହରାଇ ୩୨୦ ରନ ସଂଗ୍ରହ କରିବା ସହ ବିଜୟ ହାସଲ କରିଥିଲା । ଏହା ପୂର୍ବରୁ ମୟଙ୍କ ଅଗ୍ରୱାଲ ପଞ୍ଜାବ ଏବଂ ଅରୁଣାଞ୍ଚଳ ପ୍ରଦେଶ ବିପକ୍ଷରେ ଶତକ ହାସଲ କରିଥିଲେ।

## ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ ପଡିବେ ରୋହିତ ଓ ବିରାଟ !



ନୂଆଦିଲ୍ଲୀ: ସଂପ୍ରତି ଭାରତୀୟ ଦଳ ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୨୪-୨୫ ଖେଳୁଛି। ଏହି ସିରିଜ୍ ପରେ ଦଳ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଖେଳିବ। ତେବେ ଦିନିକିଆ ସିରିଜ୍‌କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏହା ଅନୁଯାୟୀ, ରୋହିତ ଶର୍ମା ଓ ବିରାଟ କୋହଲି ଉକ୍ତ ଦିନିକିଆ ସିରିଜ୍ ଖେଳିବେ ନାହିଁ। ରୋହିତ-ବିରାଟଙ୍କ ବ୍ୟତୀତ ଯଶପ୍ରୀତ ବୁମ୍‌ରା ମଧ୍ୟ ଏହି ସିରିଜ୍‌ର ଅଂଶ ହେବେ ନାହିଁ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଭାରତ ପାଇଁ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଶେଷ ଦିନିଆ ସିରିଜ୍ ହେବ। ଏଥିରେ ଖେଳାଳିଙ୍କୁ ଦିନିକିଆ ଫର୍ମାଟ୍‌ରେ ନିଜକୁ ପରଖିବା ଓ ଅଭ୍ୟାସ୍ ପାଇଁ ସୁଯୋଗ ମିଳିବ। ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ୍ ଜାନୁଆରୀ ୨୨ରୁ ଆରମ୍ଭ ହେବ। ପ୍ରଥମେ ୫ ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳାଯିବ। ପୁଣି ଫେବୃଆରୀ ୬ରୁ ଦିନିକିଆ ସିରିଜ୍ ଖେଳାଯିବ। ରୋହିତ ଓ କୋହଲି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇ ସାରିଛନ୍ତି। ତେଣୁ ଦୁଇ ଖେଳାଳିଙ୍କୁ ଦିନିକିଆ ଦଳରେ ଦେଖିବାକୁ ମିଳିପାରେ। ତେବେ ସ୍ପୋର୍ଟ୍ସତକରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରୋହିତ ଶର୍ମା, ବିରାଟ କୋହଲି ଓ ଯଶପ୍ରୀତ ବୁମରା କାର୍ଯ୍ୟଭାର ପ୍ରବନ୍ଧନ ଯୋଗୁଁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଖେଳିବେ ନାହିଁ। ବୁମରା ଟି-୨୦ ସିରିଜ୍ ବି ଖେଳିବେ ନାହିଁ। ତେବେ ଏହାକୁ ନେଇ ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ। କିନ୍ତୁ ଆଶା କରାଯାଉଛି ଯେ, ଏହି ତିନି ବରିଷ୍ଠ ଖେଳାଳିଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଖେଳି ଚାମ୍ପିଅନ୍ସ ଟ୍ରଫିର ପ୍ରସ୍ତୁତି କରିବେ। ଉଲ୍ଲେଖନୀୟ ଫେବୃଆରୀ ୧୯ରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବ। ଅନ୍ୟପଟେ ଭାରତର ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଫେବୃଆରୀ ୧୨ରେ ସରିବ। ଏହା ପରେ ତୁରନ୍ତ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପାଇଁ ଦୁବାଇ ଅଭିମୁଖେ ଯାତ୍ରା କରିବେ। ଭାରତ ନିଜର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଦୁବାଇରେ ଖେଳିବ। ଯଦି ଦଳ ସେମି ଫାଇନାଲ୍ ଓ ଫାଇନାଲ୍ ?ରେ ପହଞ୍ଚେ ତେବେ ମ୍ୟାଚ୍ ଦୁବାଇରେ ଖେଳାଯିବ।

## ରୋହିତଙ୍କ ପୋଷ୍ଟ ଭାଇରାଲ୍



ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ ଖେଳୁଥିବା ଟିମ ଇଣ୍ଡିଆକୁ ମେଲବୋର୍ନରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ପରାଜିତ ହୋଇଥିଲା। ଏହି ପରାଜୟ ପରେ ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ପ୍ରଶ୍ନ ଉଠିଥିଲା। ରୋହିତଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ କ୍ରମାଗତ ଭାବେ ଟେଷ୍ଟରେ ବିଫଳତା ଦେଖୁଛି। ବର୍ତ୍ତମାନ ମେଲବୋର୍ନରେ ପରାଜୟ ପରେ ରୋହିତ ଶର୍ମା ସୋସିଆଲ ମିଡିଆ ମାଧ୍ୟମରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ତାଙ୍କ ପୋଷ୍ଟରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତୀୟ ଅଧିନାୟକ ୨୦୨୪କୁ ଧନ୍ୟବାଦ ଦେଇଥିଲେ। ରୋହିତ ସୋସିଆଲ ମିଡିଆ ଜରିଆରେ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ସେ ୨୦୨୪ର ସମସ୍ତ ଅଦ୍ଭୁତ ମୁହୂର୍ତ୍ତ ଶେୟାର କରିଥିଲେ, ଯେଉଁଥିରେ ଟି-୨୦ ବିଶ୍ୱକପ ୨୦୨୪ ଜିତିବା ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ଭିଡିଓର କ୍ୟାପସନରେ ରୋହିତ ଶର୍ମା ଲେଖିଛନ୍ତି, ସମସ୍ତ ଉତ୍ଥାନ-ପତନ ଏବଂ ମଝିରେ ଥିବା ସବୁକିଛି ପାଇଁ ୨୦୨୪କୁ ଧନ୍ୟବାଦ। ମେଲବୋର୍ନରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଟିମ ଇଣ୍ଡିଆକୁ ୧୮୪ ରନ୍‌ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହି ମ୍ୟାଚରେ ଭାରତୀୟ ଅଧିନାୟକ ପୁଣି ଥରେ ବ୍ୟାଟ ସହିତ ଫ୍ଲପ ହୋଇଥିବା ଜଣାପଡିଛି। ଉଭୟ ଇନିଂସରେ ତାଙ୍କ ବ୍ୟାଟରୁ ମାତ୍ର ୩ ଏବଂ ୯ ରନ ସ୍କୋର କରାଯାଇଥିଲା। ଏହି ପରାଜୟ ପରେ ରୋହିତଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠିଥିଲା। ବହୁ ପୂର୍ବତନ ଭେଟେରାନ କ୍ରିକେଟର ରୋହିତଙ୍କୁ ଅଧିନାୟକତ୍ୱରୁ ହଟାଇବା ବିଷୟରେ କହିଥିଲେ। ସୂଚନାଯୋଗ୍ୟ ଯେ, ପର୍ଥରେ ଖେଳାଯାଇଥିବା ସିରିଜର ପ୍ରଥମ ଟେଷ୍ଟ ପାଇଁ ରୋହିତ ଶର୍ମା ଉପଲବ୍ଧ ନଥିଲେ। ରୋହିତଙ୍କ ଅନୁପସ୍ଥିତିରେ ଉପ-ଅଧିନାୟକ ଜସପ୍ରୀତ ବୁମ୍‌ରା ଟିମ ଇଣ୍ଡିଆର କମାଣ୍ଡ ନେଇଥିଲେ। ବୁମରାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ପର୍ଥ ଟେଷ୍ଟକୁ ୨୯୫ ରନରେ ଜିତିଥିଲା। ଏହାପରେ ରୋହିତ ଶର୍ମା ଅଧିନାୟକ ଭାବରେ ଦଳକୁ ଫେରିଥିଲେ ଏବଂ ପରବର୍ତ୍ତୀ ତିନୋଟି ମ୍ୟାଚ ମଧ୍ୟରୁ ୨ରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ଏବଂ ଅବଶିଷ୍ଟ ଗୋଟିଏ ଡ୍ରରେ ଶେଷ ହୋଇଥିଲା। ଏହିପରି ଭାବରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଅଷ୍ଟ୍ରେଲିଆ ଗସ୍ତରେ ବହୁତ ଖରାପ ପ୍ରମାଣିତ ହୋଇଥିଲା। ବର୍ତ୍ତମାନ ସିରିଜର ଶେଷ ଟେଷ୍ଟ ଜାନୁଆରୀ ୩ରୁ ସିଡନୀରେ ଖେଳାଯିବ।

## ଜୟସୀତାରାମ ଫିଲ୍ଡ ୟୁନିଟ୍ ପକ୍ଷରୁ ମାରାଥନ୍ ଦୌଡ଼



ବୋଲଗଡ଼ (ଭାସ୍କର ନ୍ୟୁଜ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆସ୍ଥିତ ଡୁବୁରୀ ପଡିଆ ନିକଟସ୍ଥ ଜୟ ସୀତାରାମ ଫିଲ୍ଡ ୟୁନିଟ ପକ୍ଷରୁ ଇଂରାଜୀ ନୂତନ ବର୍ଷ ପ୍ରାରମ୍ଭର ପ୍ରଥମ ଦିବସରେ ଏକ ମାରାଥନ ଗଣ ଦୌଡ଼ ହୋଇଯାଇଛି ।ଏହି ଅନୁଷ୍ଠାନର ଯୁବକ ଗୋଷ୍ଠି ମାନେ ଦୀର୍ଘ ୧୦ ବର୍ଷ ଧରି ପ୍ରତି ବର୍ଷ ଜାନୁଆରୀ ପ୍ରଥମ ଦିବସରେ ଏହି ମାରାଥନ ଗଣ ଦୌଡ଼ କାର୍ଯ୍ୟକ୍ରମ ସଫଳ ଭାବେ କରି ଆସୁଛନ୍ତି। ତେଣୁ ଏହି ଅବସରରେ ବୁଧବାର ସକାଳ ୬.୨୦ରେ ଅନୁଷ୍ଠାନର ଯୁବକ ମାନେ ବୋଲଗଡ଼ ଉପକଣ୍ଠ ମଙ୍ଗଳା ମନ୍ଦିର ଠାରୁ ମାରାଥନ ଦୌଡ଼ ଆରମ୍ଭ କରି ୫୭ନଂ ଜାତୀୟ ରାଜପଥରେ ଦୀର୍ଘ ୨୦କି.ମି ରାସ୍ତା ନୟାଗଡ଼ସ୍ଥିତ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ଓ ୮.୩୦ମି.ରେ ସେଠାରେ ପହଞ୍ଚିଥିଲେ ।ଯୁବଗୋଷ୍ଠୀଙ୍କ ଦ୍ୱାରା ଗଠିତ ଫିଲ୍ଡ ୟୁନିଟ ଅନୁଷ୍ଠାନ ଏହି ମାରାଥନ ଦୌଡ଼ କାର୍ଯ୍ୟକ୍ରମ ବର୍ଷର ପ୍ରଥମ ଦିବସରେ ପାଳନ କରି ଆସୁଛନ୍ତି ।ତେବେ ଏହି ୟୁନିଟ ମାଧ୍ୟମରେ ଅନେକ ଯୁବଗୋଷ୍ଠୀ ସଂଗଠିତ ଭାବେ ରହି ଦୌଡ଼ କୁଦ ଇତ୍ୟାଦି ସମରଭ୍ୟାସ ରଖି ପ୍ରତିରକ୍ଷା ଓ ରାଜ୍ୟ ଆରକ୍ଷୀ ବିଭାଗରେ ନିଯୁକ୍ତି ପାଇଥିବା ଫିଲ୍ଡ ୟୁନିଟ ପକ୍ଷରୁ ସୂଚନା ମିଳିଛି।



**ଆ**ଜିକାଲି ଫାଷ୍ଟଫୁଡ୍, ଜଙ୍କଫୁଡ୍, ଶ୍ୱେତସାର ତଥା ତୈଳଯୁକ୍ତ ଖାଦ୍ୟ ଯୋଗୁଁ ମଧୁମେହ ବ୍ୟାପୁଛି। ଏକଦା ଧାରଣା ଥିଲା ଏ ରୋଗ କେବଳ ବୟସ୍କ ଲୋକଙ୍କୁ ହୁଏ। ଆଧୁନିକ ଜୀବନଶୈଳୀରେ ଏ ଧାରା ବଦଳିଯିବା ସହିତ ଛୋଟରୁ ବଡ଼ ସମସ୍ତେ ଏଥିରେ ଆକ୍ରାନ୍ତ ହେଉଛନ୍ତି। ତେବେ ରୋଗ ନିରୂପଣରେ ବିଳମ୍ବ କାରଣରୁ ରୋଗୀ ଭୟାନକ ରୋଗରେ ପ୍ରାଣ ହରାଉଛନ୍ତି। ମଧୁମେହର ପ୍ରାଥମିକ ପର୍ଯ୍ୟାୟରେ ଲୋକେ ତାଙ୍କର ରକ୍ତ ଶର୍କରା ସ୍ତରକୁ ଯଥାସମ୍ଭବ ସାଧାରଣ ସ୍ତର ମଧ୍ୟରେ ସୀମିତ ରଖିବା ପାଇଁ ପ୍ରୟାସ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିବିଶେଷ ପାଦ, ଚକ୍ଷୁ, ଦାନ୍ତ ଓ ଦାନ୍ତମାଢ଼ିର ସମସ୍ୟାକୁ ଅଣଦେଖା କରିବା ଉଚିତ ନୁହେଁ। ଏକ ସୁସ୍ଥ, ନିୟନ୍ତ୍ରିତ, ସଂଯମଶୀଳ ଜୀବନଚର୍ଯ୍ୟା ହିଁ ମଧୁମେହ କବଳରୁ ମୁକ୍ତ କରିପାରିବ। ମଧୁମେହ ଲାଗି ବ୍ୟାୟାମ ଏକ ଅତ୍ୟାବଶ୍ୟକ କାର୍ଯ୍ୟ ଯାହାକି ମଧୁମେହକୁ ନିୟନ୍ତ୍ରଣସ୍ତରକୁ ଆଣିଥାଏ।




## ତୃତୀୟ ବିବାହ ନେଇ ମୁହଁ ଖୋଲିଲେ ଶ୍ୱେତା



**ଅ**ଭିନେତା ବିଶାଲ ଆଦିତ୍ୟ ସିଂଙ୍କ ସହ ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କର କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ଶ୍ୱେତା ବିଶାଲଙ୍କୁ ପ୍ରେମ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ସେ ବିଶାଲଙ୍କ ସହ ତୃତୀୟ ବିବାହ କରିବେ ବୋଲି ସୋସିଆଲ ମିଡିଆରେ ଆଲୋଚନା ଚାଲିଥିଲା। ମଙ୍ଗଳବାର ଶ୍ୱେତା ଏକ ସାକ୍ଷାତକାର ଦେଇ ଏହି ପ୍ରସଙ୍ଗରେ ନିଜ ନୀରବତା ଭଙ୍ଗିଛନ୍ତି। ଶ୍ୱେତା କହିଛନ୍ତି, "ତାଙ୍କୁ ନେଇ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା, ଆଲୋଚନା ଓ ଟ୍ରୋଲ୍‌ଗୁଡ଼ିକୁ ସେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହା ମିଥ୍ୟା ଓ ଗୁଜବ।"

## ପାରିଶ୍ରମିକ ବଢ଼ାଇଲେ କାର୍ତ୍ତିକ



**ବ**ଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ପାଇଁ ବର୍ଷ ୨୦୨୪ ବେଶ୍ ଭଲ ରହିଥିଲା। ବକ୍ସ ଅଫିସ୍‌ରେ ହିଟ୍ ହୋଇଥିବା 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ରରେ କାର୍ତ୍ତିକଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏକ ରିପୋର୍ଟ ଅନୁଯାୟୀ, 'ଭୁଲ୍ ଭୁଲୈୟା ୩'ର ସଫଳତା ପରେ କାର୍ତ୍ତିକ ନିଜର ପାରିଶ୍ରମିକକୁ ବୃଦ୍ଧି କରିଛନ୍ତି। କାର୍ତ୍ତିକଙ୍କୁ ଖୁବ୍‌ଶୀଘ୍ର କରନ୍ ଜୋହରଙ୍କ ଆଗାମୀ ଚଳଚ୍ଚିତ୍ର 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ'ରେ ଦେଖିବାକୁ ମିଳିବ। ଏହି ଫିଲ୍ମର ଘୋଷଣା ହୋଇସାରିଛି। ରିପୋର୍ଟ୍ ଅନୁଯାୟୀ, ଧର୍ମ ପ୍ରଡକ୍ସନ ଏବଂ ନାମା ପିକ୍‌ଚର୍ସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ କାର୍ତ୍ତିକ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ଏବଂ ଏଥିପାଇଁ ସେ ଫିଲ୍ମ ନିର୍ମାତାଙ୍କଠାରୁ ଅଧିକ ପାରିଶ୍ରମିକ ଦାବି କରିଛନ୍ତି। 'ଭୁଲ୍ ଭୁଲୈୟା ୩'ର ସଫଳତା ପରେ କାର୍ତ୍ତିକ 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଚଳଚ୍ଚିତ୍ର ପାଇଁ ୧୦ରୁ ୨୦ କୋଟି ଟଙ୍କା ନୁହେଁ ବରଂ ୫୦ କୋଟି ଟଙ୍କା ପାରିଶ୍ରମିକ ଆକାରରେ ନେବା ପାଇଁ ଦାବି କରିଛନ୍ତି। ତେବେ ଏନେଇ କାର୍ତ୍ତିକ କିମ୍ବା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ଆଧିକାରିକ ବିବୃତ୍ତି ଦିଆଯାଇ ନାହିଁ। 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଏକ ରୋମାଣ୍ଟିକ ଡ୍ରାମା ଚଳଚ୍ଚିତ୍ର ହୋଇଥିବା ବେଳେ ଏହା ୨୦୨୬ରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ କରନ୍‌ଙ୍କ ସହ କାର୍ତ୍ତିକ ଏକାଠି କାମ କରିବେ। ଫିଲ୍ମରେ ମୁଖ୍ୟ ଅଭିନେତ୍ରୀଙ୍କ ନାମ ବର୍ତ୍ତମାନ ସୁଦ୍ଧା ସାମ୍ନାକୁ ଆସିନାହିଁ।

## ୧୫୦୦ କୋଟିର ମାଲିକ ଜାୟଦ ଖାନ୍



**ଫି**ଲ୍ମ ଇଣ୍ଡଷ୍ଟ୍ରି କାହା ପାଇଁ ଲକି ସାବ୍ୟସ୍ତ ହୋଇଥାଏ ତ ପୁଣି ଆଉ କାହା ପାଇଁ ଅନ୍‌ଲକି ସାବ୍ୟସ୍ତ ହୋଇଥାଏ। କିଛି କଳାକାର ସୁପରଷ୍ଟାର ହୋଇଥା'ନ୍ତି ତ ଆଉ କେତେକଙ୍କ ଭାଗ୍ୟ ସାଥ୍ ଦେଇନଥାଏ। ପରେ ସେହି ଷ୍ଟାର୍‌ମାନେ କେଉଁଆଡ଼େ ହଜିଯାଆନ୍ତି। କିନ୍ତୁ ଏପରି ଜଣେ ଷ୍ଟାର ଅଛନ୍ତି ଯାହାଙ୍କୁ କୁହାଯାଉଥିଲା ବଲିଉଡର ପରବର୍ତ୍ତୀ ସୁପରଷ୍ଟାର। ଏଥିପାଇଁ ଫ୍ଲପ୍ ଡେବ୍ୟୁ ପରେ ମଧ୍ୟ ତାଙ୍କୁ ଦିଆଯାଇଥିଲା ଅନେକ ସୁଯୋଗ। ସେ ଏହାର ସୁଯୋଗ ମଧ୍ୟ ନେଇଥିଲେ। ଶାହାରୁଖଙ୍କ ସହ ଏକ ଫିଲ୍ମ ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା। କିନ୍ତୁ ଏହି ଫିଲ୍ମ ପରେ ତାଙ୍କର ଅନେକ ଫିଲ୍ମ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏହାର କିଛିଦିନ ପରେ ସେ ଫିଲ୍ମ ଇଣ୍ଡଷ୍ଟ୍ରିକୁ କହିଥିଲେ ଅଲ୍‌ବିଦା। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଫ୍ଲପ୍ କ୍ୟାରିୟର ସତ୍ତ୍ୱେ ସେ ଅଲୁ ଅର୍ଜୁନ, ରଣବୀର କପୁର ଏବଂ ପ୍ରଭାସଙ୍କ ଅପେକ୍ଷା ଅଧିକ ଧନୀ ଅଟନ୍ତି। ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଦିବଂଗତ ଅଭିନେତା ସଞ୍ଜୟ ଖାନ୍‌ଙ୍କ ପୁଅ ଜାୟଦ ଖାନ୍। ଫିଲ୍ମ ପରିବାରୁ ଆସୁଥିବା ଜାୟଦ ୨୦୦୩ରେ ଚୁରାଲିୟା ହେ ତୁମନେ ଫିଲ୍ମରେ ନିଜର ବଲିଉଡ୍ ଡେବ୍ୟୁ କରିଥିଲେ। କିନ୍ତୁ ତାଙ୍କର ଏହି ଫିଲ୍ମ ଫ୍ଲପ୍ ହୋଇଥିଲା। ଏହାର ବର୍ଷକ ପରେ ସେ ଶାହରୁଖ ଖାନଙ୍କ ସହ ଫିଲ୍ମ ମେ ହୁଁ ନାରେ ଭାଇ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମର ସଫଳତା ତାଙ୍କ କ୍ୟାରିଅରକୁ ଚମକାଇଥିଲା। ଫିଲ୍ମ ପରେ ଜାୟଦ ଅନେକ ଫିଲ୍ମ କରିଥିଲେ। ସେ ମଲ୍ଟି ଷ୍ଟାରର୍ ଏବଂ ସୋଲୋ ଲିଡରେ ବାରମ୍ବାର ଦେଖାଯାଉଥିବା ଚେହେରା ହୋଇ ଯାଇଥିଲେ। କିନ୍ତୁ ସଫଳତା ହାସଲ କରିବାରେ ତାଙ୍କର ଭାଗ୍ୟ ସାଥ୍ ଦେଇନଥିଲା। ୨୦୦୫-୨୦୧୨ ଯାଏଁ ଜାୟଦଙ୍କ ଫାଇଟ କ୍ଲବ, ମିଶନ ଇସ୍ତାନବୁଲ ଶାଦି ନମ୍ବର-୧, ରକି ଏବଂ ତେଜ ଭଳି ଫିଲ୍ମ ଫ୍ଲପ ରହିଥିଲା। ତାଙ୍କର ଶେଷ ଫିଲ୍ମ ସରାଫତ୍ ଗୟୀ ତେଲ ଲେନ୍ ୨୦୧୫ରେ ଆସିଥିଲା। ଏହା ମଧ୍ୟ ବକ୍ସ ଅଫିସରେ ଡିଜାଷ୍ଟର ପ୍ରମାଣିତ ହୋଇଥିଲା। ଯେତେବେଳେ ଜାୟଦ ଫିଲ୍ମରେ ସଂଘର୍ଷ କରୁଥିଲେ, ସେତେବେଳେ ସେ ବ୍ୟବସାୟରେ ବିନିଯୋଗ ଆରମ୍ଭ କରିଥିଲେ। ସେ ତାଙ୍କର ବିଜନେସ୍ ମ୍ୟାନେଜମେଣ୍ଟ ଡିଗ୍ରୀକୁ ଭଲଭାବେ ବ୍ୟବହାରରେ କରିଥିଲେ। ସେ ଅନେକ ଷ୍ଟାର୍ଟଅପ୍ ଏବଂ ବ୍ୟବସାୟରେ ବିନିଯୋଗ କରିଥିଲେ। ୨୦୨୪ ମସିହାରେ ଜାୟଦଙ୍କ ମୋଟ ସମ୍ପତ୍ତି ପ୍ରାୟ ୧୫୦୦ କୋଟି। ଏହି ସମ୍ପତ୍ତିକୁ ଦେଖିବାକୁ ଗଲେ ୫୫୦ କୋଟି ସହ ରଣବୀର କପୁର, ୪୦୦ କୋଟି ସହ ପ୍ରଭାସ, ୩୫୦ କୋଟି ଅଲୁ ଅର୍ଜୁନ ଏବଂ ରାମ ଚରଣଙ୍କର ୧୩୦୦ କୋଟି ସମ୍ପତ୍ତିର ମାଲିକ ଅଟନ୍ତି। ଏଥିପାଇଁ ସେ ଏହି ଆକ୍ଟରଙ୍କ ଠାରୁ ଜାୟଦ ଅଧିକ ଧନୀ ।

## 'ଗଜାମୁଗ'ର ଉପକାରିତା



ପ୍ରକୃତିରୁ ମିଳୁଥିବା ଏପରି କିଛି ଖାଦ୍ୟ ଅଛି, ଯାହାକୁ କଞ୍ଚା କିମ୍ବା ଗଜା କରି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପଡ଼ିଥାଏ। ସେଥି ମଧ୍ୟରୁ ଗଜା ମୁଗ ଅନ୍ୟତମ। ଏଥିରେ ଫୋଲେଟ୍, ଭିଟାମିନ୍ ବି୬, ଆଇରନ୍ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଭରପୂର ପରିଣାରେ ଥାଏ। ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି କି ସୁପ୍ରଭାବ ପଡ଼େ, ଜାଣନ୍ତୁ...

### ସଂକ୍ରମଣରୁ ଶରୀରକୁ ରକ୍ଷା କରେ

ଗଜା ମୁଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ସହ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ।

### ହଜମ ପ୍ରକ୍ରିୟାରେ ଉନ୍ନତି ଆସେ

ପ୍ରତିଦିନ ସକାଳେ ଗଜା ମୁଗ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ। ଏଥିସହ ପେଟ ଫୁଲା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ମଧ୍ୟ ଗଜାମୁଗ ସହାୟକ ହୋଇଥାଏ।

### ପ୍ରୋଟିନ ମିଳେ

ଗଜା ମୁଗରେ ଭରପୂର ପରିମାଣରେ ପ୍ରୋଟିନ ଥାଏ। ଗଜା ମୁଗ ଖାଇବା ଦ୍ୱାରା ମାଂସପେଶୀ ବୃଦ୍ଧି ହେବା ସହ କୋଷ ତିଆରି ହୋଇଥାଏ। ବିଶେଷ କରି ଶାକାହାରୀ ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ।

### ହୃଦ୍‌ରୋଗର ଆଶଙ୍କାକୁ କମାଇ ଥାଏ


ଗଜା ମୁଗରେ ଚର୍ବି କମ୍ ଏବଂ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ହ୍ରାସ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ କମାଇବାରେ ସାହାଯ୍ୟ କରିଥାଏ।

### ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ

ଗଜା ମୁଗରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଫଳରେ ମଧୁମେହ ଆଶଙ୍କା ହ୍ରାସପାଏ। ମଧୁମେହ ରୋଗୀ ମଧ୍ୟ ଗଜା ମୁଗ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

### ଚର୍ମ ସ୍ୱାସ୍ଥ୍ୟରେ ଉନ୍ନତି ଆସେ

ଜିଙ୍କ, ଭିଟାମିନ୍ ସି ଏବଂ ମିନେରାଲ୍ସର ଏକ ଉତ୍ତମ ଉତ୍ସ ହେଉଛି ଗଜା ମୁଗ। ତେଣୁ ଗଜା ମୁଗ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ।



### ଶରୀରକୁ ଡିଟକ୍ସିଫାଏ କରେ

ନିୟମିତ ଗଜା ମୁଗ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ। ଅର୍ଥାତ୍ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ। ଏହା ଦ୍ୱାରା କିଡନୀ ଏବଂ ଯକୃତ ସୁସ୍ଥ ରହିଥାଏ।



### ପ୍ରୋଟିନ ମିଳେ

### ଶକ୍ତି ସ୍ତର ବୃଦ୍ଧି ହୁଏ

ଗଜା ମୁଗ ଖାଇଲେ ଶରୀରକୁ ଏନର୍ଜି ମିଳେ। ଅର୍ଥାତ୍ ଶରୀରର ଶକ୍ତି ସ୍ତର ବୃଦ୍ଧି ପାଇଥାଏ। ଫଳରେ ଦୁର୍ବଳ ଲାଗେନାହିଁ।

### ଓଜନ ହ୍ରାସ

ଗଜା ମୁଗରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଅର୍ଥାତ୍ ଗଜା ମୁଗ ଖାଇବା ଦ୍ୱାରା ବିଶେଷ ଭୋକ ଲାଗିନଥାଏ। ଏହା ଦ୍ୱାରା ବାରମ୍ବାର ଖାଇବାକୁ ଇଚ୍ଛା ହୋଇନଥାଏ। ଫଳରେ ଓଜନ ପରିଚାଳନା ସହଜ ହୋଇଥାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ବାରିକପୁର ଉତ୍କଳ ସାହିତ୍ୟ ସଂସଦ ଆନୁକୁଲ୍ୟରେ ନବବର୍ଷ ୨୦୨୫ ବନ୍ଧୁ ମିଳନ ଓ କବିତା ପାଠୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରଫୁଲ୍ଲ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କବି ସନ୍ତୋଷ କୁମାର ସାହୁ, ଜଗନ୍ନାଥ ନାୟକ, ସତ୍ୟବ୍ରତ ଦାସ, ନାରାୟଣ ପୋଥାଳ, ଡା. ନିରଞ୍ଜନ ଓଝା, ଜଗବନ୍ଧୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବବର୍ଷରେ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସମାଜସେବୀ ଗଙ୍ଗାଧର ଦାସଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ସମ୍ପାଦକ ପୁରୁଷୋତ୍ତମ ଧଳ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କରୁଣାକର ବାରିକ, ଶ୍ରୀକାନ୍ତ ଦାସ, ଋତୁପର୍ଣ୍ଣା ଦାସ, ଅଙ୍କିତା ଦାସ, ଘନଶ୍ୟାମ ସ୍ୱାଇଁ, ହୃଦାନନ୍ଦ କର, ସିଦ୍ଧେଶ୍ୱର ସାମଲ ପ୍ରମୁଖ ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ।



# ଅଭିଯୋଗକାରୀଙ୍କୁ ବାଲି ଚୋରା ଚାଲାଣକାରୀଙ୍କ ଆକ୍ରମଣ, ପୁଲିସ ନିରବଦ୍ରଷ୍ଟା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଗ୍ରାମର ଅତିଶ କୁମାର ବେହେରାଙ୍କୁ ବାଲିମାଫିଆମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବୈତରଣୀ ନଦୀର ବାଲିପୋଖରୀ ଏସକେପ ଓ ଅନ୍ୟାନ୍ୟ ସ୍ଥାନରୁ ବାଲିମାଫିଆମାନେ ବ୍ୟାପକ ଭାବେ ବାଲି ବେଆଇନ ଉତ୍ତୋଳନ ଓ ପରିବହନ କରୁଥିବା ସମ୍ପର୍କରେ ଶ୍ରୀ ବେହେରା ପୋଲିସ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ଖୋଲା ଜାଗାମାନଙ୍କରେ ବିପୁଳ ପରିମାଣର ବାଲି ମହଜୁଦ କରିଥିବା ଅଭିଯୋଗ ମଧ୍ୟ ସେ କରିଥିଲେ। ଅଭିଯୋଗ କରି ଘରକୁ ଫେରିବା ମାତ୍ରେ ପ୍ରଶାସନର ଧରାବନ୍ଧା ପାଟଲିଥିବା ବାଲିମାଫିଆମାନେ ତାଙ୍କୁ ରାସ୍ତାରେ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ମଧ୍ୟ ଗତ ୩୦ ତାରିଖରେ ଆକ୍ରମଣକାରୀଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ କରିନଥିଲା କି କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ଥାନାରେ ଅଭିଯୋଗ କରିଥିବାରୁ ବାଲିମାଫିଆମାନେ ଘରୁ ବାହାରିଲେ ଆକ୍ରମଣ ହେବ ବୋଲି ଧମକ ଦେଉଥିବାରୁ ଶ୍ରୀ ବେହେରା ଘରୁ ବାହାରିବାକୁ ସାହସ କରୁନାହାନ୍ତି। ଅଭିଯୋଗ କରିଥିବା କୃଷକ ତାଙ୍କୁ ଭୋଗିବାକୁ ପଡୁଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏଥିଯୋଗୁ ଜୀବନ ବିପଦରେ ଅଛି ଓ ସୁରକ୍ଷା ପାଇଁ ପ୍ରଶାସନକୁ ଜଣାଇଦେବାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଅନୁରୋଧ କରିଛନ୍ତି। କିନ୍ତୁ ମାମଲାର ଅଭିଯୁକ୍ତ ଅତିଶଙ୍କ ଅଭିଯୋଗ ହସ୍ତଗତ ହୋଇନାହିଁ। ଅଭିଯୋଗ ଆସିଲେ ମାମଲା ରୁଜୁ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ବିରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି।

# ବକେୟା ଅର୍ଥକୁ ନେଇ ଗାଡି ମାଲିକଙ୍କୁ ହତ୍ୟା ଅଭିଯୋଗ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଗାଡି ଭଡା ବାବଦ ବକେୟା ଅର୍ଥ ଅଦାୟକୁ ନେଇ ଜଣେ ଗାଡି ମାଲିକଙ୍କୁ ହତ୍ୟା କରାଯାଇଥିବା କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମପଞ୍ଚାୟତର ବିରସ୍ୱତୀ ଗ୍ରାମର ନରହରି ନାୟକଙ୍କ ପୁଅ କାହ୍ନୁ ଚରଣ ନାଥ ଓରଫ କାଳିଆ (୫୦) ତାଙ୍କ ଟାଟା ଏସି ଗାଡିରେ ଭଡାସୂତ୍ରରେ ସେହି ଗ୍ରାମର କେତେକ ଧାନବେପାରୀଙ୍କ ଧାନ ବିଭିନ୍ନ ସ୍ଥାନକୁ ନେଇଥାନ୍ତି। ସେହି ଗାଡିଭଡା ବାବଦରେ କାହ୍ନୁଙ୍କ ୬ଲକ୍ଷ ଟଙ୍କା ବାକି ରହିଯାଇଥିଲା। ଏହି ବକେୟା ଅର୍ଥକୁ ନେଇ ସେହି ଗ୍ରାମର ଦୁଇଜଣ ଧାନବେପାରୀଙ୍କ ସହ ତାଙ୍କର ବଚସା ହୋଇଥିଲା। ମଙ୍ଗଳବାର ରାତି ପ୍ରାୟ ସାଢେ ୧୧ଟାରେ ସେହି ଦୁଇଜଣ କାହ୍ନୁଙ୍କୁ ଘରୁ ଫିଷ୍ଟ କରିବା ପାଇଁ ଡାକି ନେଇଥିଲେ। କିନ୍ତୁ ବୁଧବାର ସକାଳେ କାହ୍ନୁଙ୍କ ଶବ ଓସ୍ତପୁର-ବିରସ୍ୱତୀ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଥିବା ପୋଖରୀରେ ଭାସୁଥିବା ଲୋକେ ଦେଖି କାହ୍ନୁଙ୍କ ଘରକୁ ଖବର ଦେଇଥିଲେ। କାହ୍ନୁଙ୍କୁ ଘରୁ ଡାକି ନେଇଥିବା ସେହି ଗ୍ରାମର ଦୁଇଜଣ ଧାନ ବ୍ୟବସାୟୀ ବକେୟା ଅର୍ଥକୁ ନେଇ ହତ୍ୟା କରିଥିବା କାହ୍ନୁଙ୍କ ପୁତୁରା ମହେଶ୍ୱର ନାଥ ସଦର ଥାନାରେ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ଏହି ଅଭିଯୋଗକୁ ନେଇ ଥାନା କେଶ ନମ୍ବର -୧/୨୦୨୫ରେ ଭାରତୀୟ ନ୍ୟାୟ ସଂହିତାର ୧୦୩ ଓ ୩(୫)ଦଫାରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବିମଳ ମଳିକ କହିଛନ୍ତି।

# ବେତନଟୀ ଧମାକା ଉତ୍ସବ




ବେତନଟୀ(ଭାସ୍କର ନ୍ୟୁଜ): ପ୍ରତେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ବେତନଟୀର ଅଗ୍ରଣୀ ସଂଗଠନ ୟଙ୍ଗ ମ୍ୟାନ ଆସୋସିଏସନ ପାଳିଛି ବେତନଟୀ ଧମାକା ମହୋତ୍ସବ । ପ୍ରଥମ ରାତିରେ ଏହି ଉତ୍ସବକୁ ବେତନଟୀ ବ୍ଲକ ଚେୟାରମ୍ୟାନ କୌଶଲ୍ୟା ମାଝୀ ଜିଲ୍ଲା ,ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ,ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ସେମାନଙ୍କ ସହିତ ୟଙ୍ଗ ମ୍ୟାନ ଆସୋସିଏସନର ଚେୟାରମ୍ୟାନ ପ୍ରଦୀପ କୁମାର ସାମଲ, ଭାଇସ ଚେୟାରମ୍ୟାନ ପ୍ରମୋଦ କୁମାର ପାଢ଼ୀ, ସଭାପତି ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଉତ୍ସବ କୁ ଉଦଘାଟନ କରିଥିଲେ । ପ୍ରଥମ ରାତ୍ରିରେ କୁନି କୁନି ପିଲାଙ୍କୁ ନେଇ ବେବି ଡଲ, ବେବି ପ୍ରିନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିର ରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ପ୍ରୋଗ୍ରାମ ଆହୁରି ୩ ଦିନ ଚାଲିବ ବୋଲି ଉପସଭାପତି ସୁଶାନ୍ତ କୁମାର ବଳା ପରିପ୍ରକାଶ କରିଛନ୍ତି ଏବଂ ବିଭିନ୍ନ ରାଜ୍ୟ ଏବଂ ଜିଲ୍ଲା ରୁ କୁନି କୁନି ପିଲା ମାନେ ଭାଗ ନେବେ ବଲି ପରି ପ୍ରକାଶ କରିଛନ୍ତି ।

# ବିଭିନ୍ନ ଭାଷାରେ ହନୁମାନ ଚାଲିଶା ଉନ୍ମୋଚିତ



ଆସିକା (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ପ୍ରଣବ ଏଜୁକେସନ୍ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱର ସର୍ବାଧିକ ଓ ପ୍ରଥମ ଥର ପାଇଁ ବିଭିନ୍ନ ଭାଷାରେ ହସ୍ତ ଲିଖିତ ଦୁଇ ଲକ୍ଷ୍ୟ ପଚିଶି ହଜାର ଶ୍ରୀ ହନୁମା ଚାଲିଶାର ଉନ୍ମୋଚନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇ କରକମଳରେ ଏହି ହସ୍ତ ଲିଖିତ ହନୁମାନ ଚାଲିଶାକୁ ଉନ୍ମୋଚନ କରିଥିଲେ । ପିଲାଙ୍କ ବୌଦ୍ଧିକ ଓ ମାନସିକ ଶିକ୍ଷାର ଉନ୍ନତି ପାଇଁ ସମର୍ପିତ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଣବ କୁମାର ରଥ ଯୋଗ ଏକାଗ୍ରତା ସହ ଛାତ୍ରଛାତ୍ରୀ ମାନଙ୍କୁ ଆଧାତ୍ମିକ ପଦ୍ଧତିରେ ଶିକ୍ଷା ପ୍ରଦାନ କରିବା ସହ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସ ମଧ୍ୟ ଆରମ୍ଭ କରିଛନ୍ତି । ହଜାର ହଜାର ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଭାଷାର ହନୁମାନ ଚାଲିଶାକୁ ଲେଖାଇ ଆଜି ଏତେ ଅଧିକ ମାତ୍ରାରେ ଚାଲିଶା ସଂଗ୍ରହ କରିପାରିଛନ୍ତି । ବର୍ତ୍ତମାନ ଏହା ବିଶ୍ୱ ରେକର୍ଡ଼ ହେବାକୁ ଯାଉଛି । ଏହି ପବିତ୍ର ପ୍ରକ୍ରିୟା ମାଧ୍ୟମରେ ଲକ୍ଷ ଲକ୍ଷ ପିଲାଙ୍କର ବିଚକ୍ଷଣ ଭାବେ ଶାରିରୀକ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ହୋଇ ପାରିଛି । ତାର ପ୍ରମାଣ ସ୍ୱରୂପ ଆଜି ଗଂଜାମ ଜିଲ୍ଲାର ଆସିକା ସ୍ଥିତ ପ୍ରଣବ ଏଜୁକେସନ୍ ଟ୍ରଷ୍ଟ ରେ ବିଶ୍ୱର ସର୍ବାଧିକ ହସ୍ତଲିଖିତ ଶ୍ରୀ ହନୁମାନ ଚାଲିଶା ସଂଗ୍ରହ କରାଯାଇଛି। ଏହି ପବିତ୍ର ଉତ୍ସବ ପାଳନ ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତିଗଣ ଶ୍ରୀ ହନୁମାନ ଚାଲିଶା ପରିକ୍ରମା କରି ଶ୍ରୀ ମହାବୀରଙ୍କ କୃପା ଲାଭ କରି ନିଜକୁ ଧନ୍ୟ ମନେ କରିଛନ୍ତି । ଟ୍ରଷ୍ଟର ଏପରି ପବିତ୍ର ଯୁଗାନ୍ତକାରୀ ପଦକ୍ଷେପ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି ।

# ଅବସରଦିନ ଶିକ୍ଷୟିତ୍ରୀଙ୍କୁ ପେନସନ ପ୍ରଦାନ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ପୌରାଞ୍ଚଳ ଅଧିନସ୍ଥ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭାରାଣୀ ପ୍ରଧାନଙ୍କୁ ଅବସରଦିନ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଦଳାଇ ପେନସନ ମଞ୍ଜୁରୀପତ୍ର ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ମହିପାଳସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନଙ୍କୁ ପେନସନ ମଞ୍ଜୁରୀପତ୍ର ପ୍ରଦାନ ପୂର୍ବକ ତାଙ୍କର ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶ୍ରୀ ଦଳାଇ କହିଥିଲେ ଯେ, ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ଜଣେ କର୍ତ୍ତବ୍ୟନିଷ୍ଠ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ସାଧାରଣରେ ପରିଚିତ ଥିଲେ। ତାଙ୍କର ବହୁ ଛାତ୍ରଛାତ୍ରୀ ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଛନ୍ତି। ଅବସର ଦିନ ପେନସନ୍ ପ୍ରଦାନ କରିବା ସରକାରଙ୍କ ନିର୍ଦ୍ଦେଶକୁ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଦଳାଇ କାର୍ଯ୍ୟକାରୀ କରି ଦକ୍ଷତା ପ୍ରତିପାଦନ କରିଆସୁଛନ୍ତି।



# କ୍ରୀଡା ସାଂସ୍କୃତିକ ସଂଘର ବାର୍ଷିକ ଉତ୍ସବ

ବୋଲଗଡ଼ (ଭାସ୍କର ନ୍ୟୁଜ): ସଂପୁର କ୍ରୀଡା ସାଂସ୍କୃତିକ ସଂଘର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠାନର ସଭାପତି ରାଜ କିଶୋର ସାହୁଙ୍କ ପୌରୋହିତ୍ୟ ଏବଂ ବୋଲଗଡ଼ ଭଏସ ମିଡ଼ିଆର ସଭାପତି ନିରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସ୍ଥାନୀୟ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟବକ୍ତା, ମାଣିକାଗୋଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରିଣୀ ମଧୁସ୍ମିତା ଷଡ଼ଙ୍ଗୀ ବିଶିଷ୍ଟ ଅତିଥି, ଇଞ୍ଜିନିୟର ଦିପନ କୁମାର ବେହେରା, ସମାଜସେବୀ ସଞ୍ଜୟ ମହାପାତ୍ର, ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ବିଜେଡ଼ି ସଭାପତି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଲଛମନ ପରିଡ଼ା ସଂଘର ବାର୍ଷିକ ବିବରଣୀ ପଠନ କରିଥିଲେ । କବୟତ୍ରୀ ସେବତୀ ପରିଡ଼ା, ଶରତ ଚନ୍ଦ୍ର ପଟ୍ଟନାୟକ, ଅଗାଧୁ ବେହେରା, ପ୍ରମୋଦ ଚୌଧୁରୀ, ନାରାୟଣ ମହାନ୍ତି,ବାନାମ୍ବର ରାୟଗୁରୁ, ହରିହର ମହାନ୍ତି, ଅବିନାଶ ମହାନ୍ତି, ସୋନାଲି ବେହେରାଙ୍କୁ ବିଭିନ୍ନ ପ୍ରତିଭା ପାଇଁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନାମୀ ମାଓବାଦୀର ଆତ୍ମ ସମର୍ପଣ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନରେ ଆକର୍ଷିତ ହୋଇ ୩ଲକ୍ଷ ଇନାମି ମାଓବାଦୀ ହୁରା ସୋଡି ବୀଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛି। ସୂଚନା ଅନୁଯାୟୀ ହୁରା ସୋଡି ନାମକ ଏହି ମାଓବାଦୀ ମାଓ ସଙ୍ଗଠନରେ ରହି ଅନେକ ବଡ ବଡ ହିଂସାକାଣ୍ଡରେ ଜଡିତ ଥିଲା। ମାଓ ସଙ୍ଗଠନର ପ୍ଲାଟୁନ୍ ନମ୍ବର ୧୨ର ଡେପୁଟି କମାଣ୍ଡର ଭାବେ ସେ କାର୍ଯ୍ୟ କରୁଥିବା ବେଳେ ମାଓ ସଙ୍ଗଠନ ନିଜର ନୀତି ଆଦର୍ଶକୁ ଭୁଲି ଯାଉଥିବା ସହ ଅମାନୁଷିକ, ଭିତ୍ତିହୀନ ଆଦର୍ଶ ଏବଂ ସେମାନଙ୍କର ଶୋଷଣ, ସ୍ଥାନୀୟ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର, ହିଂସା ଦେଖି ହୁରା ମାଓ ସଙ୍ଗଠନ ଛାଡି ଆତ୍ମସମର୍ପଣ ପାଇଁ ନିଷ୍ପତ୍ତି ନେଇଥିଲା। ସମାଜର ମୁଖ୍ୟ ସ୍ରୋତରେ ଯୋଗଦେବାକୁ ସ୍ଥିର କରି ହୁରା ବୀଜାପୁର ଜିଲ୍ଲାର ଦନ୍ତେୱାଡା ପୋଲିସ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛି। ସରକାରୀ ନୀତି ଅନୁଯାୟୀ ତାଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




# ଡ଼େରାବିଶ ଉଚ୍ଚ ବିଦ୍ୟାଳୟ ୧୯୯୧ ବ୍ୟାଚ୍‌ର ବନ୍ଧୁମିଳନ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଓଳାଶୁଣୀ ପାହାଡ଼ ପୂର୍ବ ପଟରେ ଥିବା ଓ.ଟି.ଡ଼ି.ସି ଡ଼ାକବଙ୍ଗଳା ଠାରେ ପୁରାତନ ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ ଜଣାଇ ଡ଼େରାବିଶ ଉଚ୍ଚ ବିଦ୍ୟାଳୟର ୧୯୯୧ ମସିହା ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସପରିବାରେ ଏକ ବନ୍ଧୁମିଳନ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ର ସୁମନ୍ତ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଅନେକ ବନ୍ଧୁ ସପରିବାରେ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ତଥା ବଲିଉଡ଼ ଚଳଚିତ୍ର ଲାଇନ ପ୍ରଡ୍ୟୁସର ଦୀଲ୍ଲିପ କୁମାର ସାହୁ ଉପସ୍ଥିତ ରହି ମହିଳା, ପୁରୁଷ ଓ ଶିଶୁ ବର୍ଗରେ ଭାଗ କରି ବିଭିନ୍ନ ପ୍ରତିଯୋଗିତାମାନ କରାଇଥିଲେ। ଦୀଲ୍ଲିପ କୁମାର ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଦିବଙ୍ଗତ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଶୋକ କୁମାର ସାମଲ ଯୋଗଦେଇ ବନ୍ଧୁ ମିଳନ ଓ ବନ୍ଧୁତ୍ୱକୁ ପରିବାର ମଧ୍ୟରେ କିପରି ଆଗକୁ ନିବିଡ଼ କରାଯାଇପାରିବ ସେଥିନେଇ ଅନେକ ଦିଗଦର୍ଶନ ଦେଇଥିଲେ। ଉକ୍ତ ବ୍ୟାଚ୍‌ର ଛାତ୍ରୀ ସବିତା ବିଶ୍ୱାଳ, କନକ ରଥ, ସତ୍ୟସ୍ୱରୂପା ରାଉତ, ନିବେଦିତା ମହାନ୍ତି, ମିନତୀ ଜେନା, ସରୋଜିନି ମଲ୍ଲିକ, ଛାତ୍ର ସର୍ବଶ୍ରୀ ସ୍ମୃତିରଞ୍ଜନ ମହ୍ଲ, ସୋଲେମାନ ଖାଁ, ସତ୍ୟ ରଞ୍ଜନ ଦାସ, ରୁଦ୍ର ମହାପାତ୍ର, ମନୋରଞ୍ଜନ ମିଶ୍ର, ବେଣୁଧର ଜେନା, ରତିକାନ୍ତ ସ୍ୱାଇଁ, ପ୍ରଭାକର ବାରିକ, ଅଶ୍ୱନି କୁମାର ରାଉତ, ପ୍ରମୋଦ କୁମାର ସିଂହ, ରବିନାରାୟଣ ସିଂହ, ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀଚରଣ ସେଠୀ ପ୍ରମୁଖ ଅନେକ ଛାତ୍ରୀଛାତ୍ର ସପରିବାରେ ଯୋଗଦେଇଥିଲେ। ଶେଷରେ ପ୍ରଭାକର ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ନବବର୍ଷରେ ରୋଗୀଙ୍କୁ ଫଳ ବଣ୍ଟନ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀ ରୋଗୀଙ୍କୁ ଡଃ ଆମ୍ବେଦକର ଦଳିତ ସେବା ସଂଘ ପକ୍ଷରୁ ନବବର୍ଷରେ ଫଳ ଓ ଶୁଖିଲା ଖାଦ୍ୟ ବିତରଣ କରାଯାଇଛି। ସଂଘର ସ୍ଥାନୀୟ ବ୍ଲକ ସଭାପତି ଉମାକାନ୍ତ ଜେନାଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ଜେନା, ଉପଦେଷ୍ଟା ଭାଗବତ ଜେନା, ଅଧ୍ୟାପକ ତରଣୀସେନ ଜେନା, ହରେକୃଷ୍ଣ ଦାସ, ଶିକ୍ଷାବିତ ଧନେଶ୍ୱର ଜେନା, ରାଧାମଣୀ ଓଝା, ନିଗମାନନ୍ଦ ଜେନା, ପର୍ଶୁରାମ ଜେନା, ସୁଜିତ କୁମାର ଜେନା ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀମାନଙ୍କୁ ନବବର୍ଷ ଶୁଭେଚ୍ଛା ଜଣାଇବା ସହ ଫଳ ଓ ଖାଦ୍ୟ ବିତରଣ କରିଥିଲେ। ଡା. ସୁଧାଂଶୁ ଶେଖର ବେହେରା, ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ରାଉତ, ଫାମାଶିଷ୍ଟ ପଙ୍କଜ କୁମାର ବେହେରା, କର୍ମଚାରୀ ପ୍ରଫୁଲ୍ଲ ଖଟୁଆ, ରଣଜିତ ଦାସ, ଭରତ ପାତ୍ର ପ୍ରମୁଖ ଏହି କାର୍ଯ୍ୟରେ ସଂଘକୁ ସହଯୋଗ କରିଥିଲେ।

# ଜିଲ୍ଲା ସଡକ ସୁରକ୍ଷା କମିଟି ସମୀକ୍ଷା ବୈଠକ



ପୁରୀ (ଭାସ୍କର ନ୍ୟୁଜ): ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ସଡକକୁ ସୁସ୍ଥ,ସୁରକ୍ଷିତ ଓ ସଠିକ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇ ପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା ସଡକ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ । ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ ଜାରି ରଖିବା,ଲୋକ ମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ପରିବହନ କାର୍ଯ୍ୟାଳୟର ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମହାପାତ୍ର, ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଡ଼ିଏମଓଙ୍କ ପ୍ରତିନିଧି ଡା ରୂପଭାନୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଡିଆଇବି ଡିଏସପି ରମେଶ ଚନ୍ଦ୍ର ଦାଶ, ସହକାରୀ ଏମଭିଆଇ ଅମିତ କୁମାର ରଣା, ଶିକ୍ଷା କାର୍ଯ୍ୟାଳୟ ର ଆଇପିଇ ମହେନ୍ଦ୍ର କୁମାର ବିଶ୍ୱାଳ, ଟୁରିଷ୍ଟ ବସ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ଦାସ, ପୁରୀ ବେସରକାରୀ ବସ ମାଲିକ ସଂଘର ରାଜବଲ୍ଲଭ ମିଶ୍ର, ଅନନ୍ତ ସିଂ, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି ବରଦାକାନ୍ତ ସାହୁ, ଅନ୍ୟାନ୍ୟ ବିଭାଗର ଅଧିକାରୀ,ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ ଥିଲେ।

# ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ପାଇଁ ନୂତନ କମିଟି

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ପଞ୍ଚାୟତ ସମିତି ଚମ୍ପାଇଲୋ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ବଘେଇ ଦେବୀଙ୍କ ୨୦୨୫ ମସିହା ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ ମଙ୍ଗଳବାର ଠାକୁରାଣୀ ପୀଠ ଠାରେ ଅନୁଷ୍ଠିତ ହେବା ସହ ନୂତନ କମିଟି ଗଠନ ହୋଇଛି। ଏହି ଅବସରରେ ଗ୍ରାମର ଦିବ୍ୟଙ୍ଗତ ଆତ୍ମାଙ୍କ ସଦଗତି ନିମିତ୍ତ ୨ମିନିଟ୍ ନୀରବ ପ୍ରାର୍ଥନା ହୋଇଥିଲା । ପରେପରେ ପୂଜା କମିଟି ସଭାପତି ଗୋବିନ୍ଦ ଚମ୍ପତିଙ୍କ ଅଧ୍ୟକ୍ଷତାରେ କୋଷାଧ୍ୟକ୍ଷ କମଳାକାନ୍ତ ବରାଡ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ସମ୍ପାଦକ ଦୀପକ କୁମାର ପାହଡସିଂହ ବିବରଣୀ ପାଠ କରିବା ସହ ଗତପୂଜା ପରେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ନୂତନ କମିଟିକୁ ଗ୍ରାମର ସମସ୍ତ କାଗଜାପ୍ରତ ପ୍ରଦାନ କରିଥିଲେ । ଆସନ୍ତା ଫେବ୍ରୁୟାରୀ ୧୬ ତାରିଖରୁ ୧୯ତାରିଖ ଯାଏଁ ଉତ୍ସବ ଅନୁଷ୍ଠିତ ହେବ ବୋଲି ନୀତି ନିର୍ଘଣ୍ଟକୁ ୱାର୍ଡସଭ୍ୟ ଆନନ୍ଦ ସାମନ୍ତରାୟ ଓ ଗୌତମ ଜେନା ପାଠ କରିଥିଲେ। ୨୦୨୫ ଉତ୍ସବ ପାଇଁ ଗ୍ରାମ ୩ଜଣ ଶିକ୍ଷାବିତଙ୍କୁ ଦାୟିତ୍ୱ କରଯାଇଥିଲା। ସଭାପତି ଭାବେ ତତ୍କାଳୀନ ଶିକ୍ଷା ନିରୀକ୍ଷକ ଗଙ୍ଗଧର ଜେନା, ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ଦଳସିଂହାର ଓ କୋଷାଧ୍ୟକ୍ଷ ବିଭୂତି ଭୂଷଣ ରଣସିଂହଙ୍କୁ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ୍ ଅଇଣ୍ଠୁ ରଣଜିତସିଂହ ,ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ଡିଲ ଦଳୀୟରସିଂହ, ସୁଧାକର ବରାଡ, ରତିକାନ୍ତ ରାଉତରାୟ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ମାନେ ରହିଥିଲେ।

# ସଡକ ସୁରକ୍ଷା ସଚେତନତା ରଥ ଉଦଘାଟିତ

କରଞ୍ଜିଆ (ଭାସ୍କର ନ୍ୟୁଜ): ସଡକ ସୁରକ୍ଷା ସଚେତନ ମାସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କ ସଡ଼କ ସୁରକ୍ଷା ଜୀବନ ରକ୍ଷା ନିମନ୍ତେ ଏକ ସଚେତନ ରଥ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପରିସରରୁ ଆରମ୍ଭ ହୋଇଛି। ଏହି ସଚେତନ ରଥକୁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପତାକା ଦେଖାଇ ଉଦଘାଟନ କରିଥିଲେ। ଗାଡି ଚାଳକ ମାନଙ୍କୁ ସଡକ ସୁରକ୍ଷା ନିମନ୍ତେ ବିଭିନ୍ନ ନିୟମ କୁ ଅବଗତ କରିବା ସହିତ ନିୟମ ଉଲ୍ଲଘଂନ କଲେ କଣ ଦଣ୍ଡ ବିଧାନ ଅଛି ତାହା ଜଣାଇବା ନିମନ୍ତେ ଏହି ରଥ ବୁଲିବ। ଟ୍ରାଫିକ ନିୟମ ନ ମାନିବା, ବେପରୁଆ ଗାଡି ଚଳାଇଲେ ଅର୍ଥଦଣ୍ଡ ର ବ୍ୟବସ୍ଥା ରହିଛି ବୋଲି ସଚେତନ ରଥ ର ସୂଚିତ କରାଯାଉଛି ଏହା ସାଙ୍ଗ କୁ ମଦ୍ୟପାନ କରି ଗାଡ଼ି ଚାଳନା, ଦୃତ ଗତି ରେ ଗାଡ଼ି ଚାଳନା, ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଇଲେ, ଟ୍ରାଫିକ ରେ ଲାଲି ବତି ଜଳୁଥିଲେ ଗାଡ଼ି ଚାଳନା କଲେ, ସିଟ ବେଲ୍ଟ ନ ବାନ୍ଧି ଗାଡି ଚଳାଇଲେ ମଧ୍ୟ ଦଣ୍ଡ ବିଧାନ ସଂପର୍କରେ ରଥରେ ସୂଚିତ କରାଯାଉଛି। ତେଣୁ ସମସ୍ତ ନିୟମ ମାନି ଗାଡ଼ି ଚଳାଇବା ନିଜ ଜୀବନ ବଞ୍ଚାଇବା ସହିତ ଅନ୍ୟ ଜୀବନ ବଞ୍ଚାଇବାକୁ ସଚେତନ କରାଯାଉଛି।

# ଗାନ୍ଧି କଥା କାର୍ଯ୍ୟକ୍ରମରେ ନିଶା ନିବାରଣ ପାଇଁ ଆହ୍ୱାନ



କେନ୍ଦୁଝର (ଭାସ୍କର ନ୍ୟୁଜ): ଓଡିଶା ଗାନ୍ଧି ବିଚାର ପରିଷଦ ଓ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ ର ମିଳିତ ସହଯୋଗରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତ ଜନଜାତି ମାନେ ବସବାସ କରୁଥିବା ଜଡିଖୁଣ୍ଟା ଠାରେ ଗାନ୍ଧୀକଥା କାର୍ଯ୍ୟକ୍ରମରେ ନିଶାନିବାରଣ ଅଭିଯାନ ପାଇଁ ଆହ୍ୱାନ ଦିଆଯାଇଛି। କେନ୍ଦୁଝର ଉନ୍ନୟନ ଟ୍ରଷ୍ଟର ଅଧକ୍ଷା ଅଧିବକ୍ତା ଜଗତ୍ ଜିତା ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପାର୍ବତୀ ମୁଣ୍ଡା ଙ୍କ ସଂଯୋଜନାରେ ଜଡିଖୁଣ୍ଟା ଗ୍ରାମର କିଶୋର କିଶୋରୀ,ଶିଶୁ ଓ ମହିଳାମାନେ ଆଲୋଚନାରେ ସାମିଲ ହୋଇଥିଲେ। ଏହି ଅବସରରେ ନିରାଡମ୍ବର ସହିତ ୨୦୨୫ ନବବର୍ଷ କୁ ସ୍ୱାଗତ କରିଥିଲେ। ଜଗତ୍ ଜିତା ଦାସ ଉପସ୍ଥିତ ୩୨ଜଣ ବରିଷ୍ଠ ନାଗରିକଙ୍କୁ ନୂତନ ବସ୍ତ୍ର ବଣ୍ଟନ କରିଥିଲେ। ବୟସ୍କ ନାଗରିକ ମାନଙ୍କୁ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡିଶା ଗାନ୍ଧୀବିଚାର ପରିଷଦ ଅଧ୍ୟକ୍ଷ ତଥା ଗାନ୍ଧୀତତ୍ତ୍ୱବିତ୍ ଭକ୍ତବତ୍ସଳ ମହାନ୍ତି ଯୋଗଦେଇ ଜଙ୍ଗଲ ସୁପରିଚାଳନା, ବର୍ଷାଜଳର ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା, ବାଲ୍ୟବିବାହ ନିଷେଧ, ନିଶା ନିବାରଣ ଓ ମଦମୁକ୍ତ ଗ୍ରାମ ଗଠନ ପାଇଁ ପରାମର୍ଶ ଦେଇଥିଲେ। ପ୍ରଗତୀ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ମନୋଜ ମହାନ୍ତ, କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ ଅଧିବକ୍ତା ସଂଜିବ ପାଇକରାୟ, ଶିକ୍ଷୟତ୍ରୀ ରଶ୍ମିତା ମୁଣ୍ଡା, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କିଶୋର ଜେନା, ଯୁବସମାଜସେବୀ ରୁଦ୍ରନାରାୟଣ ଲୋହାର, ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ଲାଳିମାରାଣୀ ଜେନା ପ୍ରମୁଖ ୨୦୨୫ ନବବର୍ଷ ଶୁଭଙ୍କର ମଙ୍ଗଳମୟ ହେବା ସହିତ ସମସ୍ତେ ସୁଖଶାନ୍ତିରେ ଜୀବନ ଯାପନ, ଅହିଂସା ମାର୍ଗରେ ଯାଇ ସ୍ୱାବଲମ୍ବୀ ଗ୍ରାମ ଗଠନ ନିମନ୍ତେ ବୁଝାଇଥିଲେ।

# ଷ୍ଟେଟବ୍ୟାଙ୍କରେ ନବବର୍ଷ ପାଳିତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଭାରତୀୟ ଷ୍ଟେଟବ୍ୟାଙ୍କ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଶାଖା ପରିସରରେ ଇଂରାଜୀ ନବ ବର୍ଷ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ସିଏସପି ପରିଚାଳକ ତଥା ଏସବିଆଇ ସିଏସପି କଟକ ଜିଲ୍ଲା ସଭାପତି ପ୍ରମୋଦ କୁମାର ସ୍ୱାଇଁ, ବଳଦେବ ସ୍ୱାଇଁ,ହେମଲତା ପୃଷ୍ଟି, ସଞ୍ଜିବ ବେହେରା ପ୍ରମୁଖ ଶାଖା ପରିଚାଳକ ପ୍ରିତୀଶ ରଞ୍ଜନ ପଟ୍ଟନାୟକ,କ୍ଷେତ୍ର ଅଧିକାରୀ ପ୍ରୀତିରଞ୍ଜନ ସାହୁ, ହିସାବ ରକ୍ଷକ ବାସ କୁସୁମ ସିର୍ଜା, ନିଶ୍ଚିନ୍ତକୋଇଲି ଶାଖା ପରିଚାଳକ ଅଶୋକ କୁମାର ନାହାକ, ଅଶୋକ କୁମାର ସେନାପତି ,ଶିବ ପ୍ରସାନ ନନ୍ଦ,ସ୍ୱାଗତିକା ରାଉଳ ,ଦୁର୍ଯ୍ୟପ୍ରତାପ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ।

# ଓଏସଆରଟିସି କର୍ମଚାରୀଙ୍କ ସଫେଇ କାର୍ଯ୍ୟକ୍ରମ

ମାଲକାନଗିରି (ଭାସ୍କର ନ୍ୟୁଜ): ନୂତନ ବର୍ଷରେ ଯୁବ ପିଢୀଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକେ ବିଭିନ୍ନ ପ୍ରକାରରେ ଏହାକୁ ଆନନ୍ଦ ଓ ଉତ୍ସାହ ସହ ପାଳନ କରୁଥିବା ବେଳେ, ମାଲକାନଗିରି ଓଏସଆରଟିସି କର୍ମଚାରୀମାନେ ଏକ ଅଲଗା ଉଦ୍ୟମ କରି ନୂଆ ବର୍ଷରେ ସମାଜକୁ ଦେଇଛନ୍ତି ସ୍ୱଚ୍ଛତାର ବାର୍ତ୍ତା। ମାଲକାନଗିରି ବସ୍ ଷ୍ଟାଣ୍ଡ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନର ଅଂଶ ହୋଇ କର୍ମଚାରୀମାନେ ଆଜି ସଫା ସୁତରା କାର୍ଯ୍ୟ ଚାଲାଇଥିଲେ। ଏହି କାର୍ଯ୍ୟର ମାଧ୍ୟମରେ ସେମାନେ ବସ୍ ଷ୍ଟାଣ୍ଡ ପରିସରକୁ କେବଳ ସ୍ୱଚ୍ଛ କରିବା ନୁହେଁ, ବରଂ ସ୍ୱଚ୍ଛତାର ମାହାତ୍ମ୍ୟ ବିଷୟରେ ସାରା ସମାଜରେ ଜନଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟ ରଖିଥିଲେ। ଏଥି ସହିତ, ବସ୍ ଷ୍ଟାଣ୍ଡ ପରିସରରେ ଥିବା ସମସ୍ତ ଦୋକାନମାନଙ୍କୁ ଡଷ୍ଟବିନ୍ ବ୍ୟବହାର କରିବାକୁ ଏବଂ ଆବର୍ଜନାକୁ ଏଣେ ତେଣେ ନପକାଇବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିବହନ ପରିଚାଳକ ଗୁରୁଦତ୍ତ ଦୋରା, ଜିଲ୍ଲା ପରିବହନ ପରିଚାଳକ (ଡିପୋ) ଅରୋଶ୍ରୀ ସାହୁ, ସହାୟକ ପରିଚାଳକ ନିଖିଲ ଓଝା, ଜିଲ୍ଲା ପରିବହନ ବିଭାଗର ଟ୍ରାଫିକ୍ ଇନ୍ସପେକ୍ଟର ଦୀପକ ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ପାଇକମରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହ୍ଲାଦ ମାନ୍ଧାତାଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ବର୍ଷ ଶିକ୍ଷକତା ପରେ ଅବସର ନେଇଥିବା ଶ୍ରୀ ମାନ୍ଧାତାଙ୍କୁ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସରକାଳିନୀ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷାଧିକାରୀ ଭବମ ପ୍ରଧାନ ଶ୍ରୀ ମାନ୍ଧାତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ତଥା ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କଣାସ ବ୍ଲକର ତୃତୀୟ ଶିକ୍ଷକ ରୂପେ ଶ୍ରୀ ମାନ୍ଧାତାଙ୍କୁ ଶିକ୍ଷାଧିକାରୀ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ବିନୋଦ ବିହାରୀ ସେଠୀ, ସିଆରସିସି ଭୂପତିଭୂଷଣ ତ୍ରିପାଠୀ, ବରିଷ୍ଠ ଓ କନିଷ୍ଠ କିରାନି ସିରିସ୍ ଚନ୍ଦ୍ର ମହାରଥା ଓ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଦେବଦର୍ଶନରୁ ନୂଆବର୍ଷ ଆରମ୍ଭ

## ମନ୍ଦିର ଓ ପିକନିକ ସ୍ପଟରେ ଅସମ୍ଭାଳ ଭିଡ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ବିଦାୟ ନେଇଛି ୨୦୨୪ । ଆରମ୍ଭ ହୋଇଛି ବର୍ଷ ୨୦୨୫ । ଏଥି ପାଇଁ ସାରା ଢେଙ୍କାନାଳ ଜିଲ୍ଲା ଉତ୍ସବ ମୁଖର ହୋଇପଡିଥିବାବେଳେ ଜିଲ୍ଲାବାସୀ ଦେବଦର୍ଶନରୁ ନୂତନ ବର୍ଷର ଆରମ୍ଭ କରିଛନ୍ତି । ଧୁମ୍‌ଧାମ୍‌ରେ ନବବର୍ଷକୁ ସ୍ୱାଗତ କରିଥିବାବେଳେ କପିଳାସ ପୀଠରେ ଅସମ୍ଭାଳ ଭିଡ ହୋଇପଡିଥିଲା । ଏପରିକି ଗଁଦିଆ ବ୍ଲକ ଉତ୍ସବ ମୁଖର ହୋଇପଡିଛି। ବ୍ଲକର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଧାର୍ମିକ କ୍ଷେତ୍ର, କ୍ଲବ୍ ଓ ବଣଭୋଜି ସ୍ଥଳୀଗୁଡିକରେ ନବବର୍ଷ ୨୦୨୫କୁ ଧୁମ୍‌ଧାମ୍‌ରେ ପାଳନ କରା ଯାଇଛି । ଅନେକ ଲୋକ ଭୋରୁ ବିଭିନ୍ନ ମନ୍ଦିର ଯାଇ ଦେବାଦେବୀଙ୍କୁ ଦର୍ଶନ କରି ସୁଖ, ସମୃଦ୍ଧି, ଶାନ୍ତି କାମନା କରିଛନ୍ତି । ଏଥିପାଇଁ ବିଭିନ୍ନ ମନ୍ଦିରରେ ବୁଧବାର ସକାଳୁ ବେଶି ଗହଳି ହୋଇଥିଲା। ବିଶେଷ କରି ପ୍ରସିଦ୍ଧ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠ, ଏବଂ ମହିମାଗାଦିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଅନୁରୂପ ଭାବେ ମଙ୍ଗଳ ବାର ମଧ୍ୟ ରାତିରେ ଲୋକେ ନାଚଗୀତ ଓ . ଭୋଜିଭାତ ଆସରରେ ପୁରୁଣା ବର୍ଷକୁ ବିଦାୟ ଦେବା ସହ ନବବର୍ଷକୁ ସ୍ୱାଗତ କରିଥିଲେ। ଏହି ଦୁଇ ଦିନ ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଛି । ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଶୁଭେଚ୍ଛା ବ୍ୟାନର ସହର ସାରା ଲାଗିଛି । ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରୀଚନ୍ଦ୍ରଶେଖର ଜୀଉ ଏବଂ ମା ପାର୍ବତୀଙ୍କୁ ଦର୍ଶନ କରିବା ପାଇ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନୂଆବର୍ଷ ଅବସରରେ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳ ୫ଟା ସୁଦ୍ଧା ଠାକୁରଙ୍କ ସମସ୍ତ ନୀତିକ୍ରାନ୍ତି ଶେଷ ହେବାପରେ ଭକ୍ତଙ୍କ ଦର୍ଶନ ପାଇଁ ସିଂହଦ୍ୱାର ଉନ୍ମୁକ୍ତ ହୋଇଥିଲା। ଦିନ ବଢ଼ିବା ସହ ପୀଠ ପରିସର ଜନସମୁଦ୍ରରେ ପରିଣତ ହୋଇଥିଲା। ପୀଠରେ ଶ୍ରଦ୍ଧାଳୁମାନେ ଦର୍ଶନ ସାରି ପାଦଦେଶରେ ଥିବା ଡିର୍ଅ ପାର୍କ ଓ ବିଜ୍ଞାନ କେନ୍ଦ୍ର ପରିସର ବୁଲି ମଜା ନେଇଥିଲେ। ସେହିପରି ବିଭିନ୍ନ . ସ୍ଥାନରୁ ଆସିଥିବା ସ୍କୁଲ ପିଲା, ଯୁବଗୋଷ୍ଠୀ ଓ ପରିବାର ସଦସ୍ୟ କପିଳାସ ପାଦଦେଶର ଅଭୟାରଣ୍ୟ ଭିତରେ ଭୋଜିଭାତରେ ମଜା ଉଠାଇଥି ଲେ। ସେହିପରି ସଦର ବ୍ଲକ ଅନ୍ତର୍ଗତ କୃଷ୍ଣ କୁମାର ପୁରସ୍ଥ ଶ୍ରୀଶ୍ରୀ ଦତ୍ତାତ୍ରୟ ସାଇଆଶ୍ରମଏବଂ ମହିମା ଗାଦି ପରିସର ଲୋକାରଣ୍ୟ ହୋଇଉଠିଥିଲା। ପୋଲିସ ପ୍ରଶାସନ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।



## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ହିନ୍ଦୋଳରେ ପୁଣି ହାତୀ ଆକ୍ରମଣରେ ଗଲା ଆଉଜଣଙ୍କର ଜୀବନ। ହିନ୍ଦୋଳ ବନାଞ୍ଚଳ ବାଲିମୀ ଥାନା ଖଜୁରିଆକଟା ସେକ୍ସନ ଅସରଡା ପଞ୍ଚାୟତ ବାର୍ଷିଙ୍ଗା ଗାଁର ନବକିଶୋର ମହାରଣା ବୟସ-୭୦ବର୍ଷ ଆଜି ସକାଳ ୭ଟା ସମୟରେ ଶୌଚ ହେବାକୁ ଯିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁ ବରଣ କରିଛନ୍ତି । ହିନ୍ଦୋଳରେ ହାତୀ ଆକ୍ରମଣରେ ଗତ ୧୫ ଦିନ ମଧ୍ୟରେ ତିନି ଜଣ ଲୋକ ମୃତ୍ୟୁ ବରଣ କରିଥିବାବେଳେ ଏକ ବର୍ଷରେ ୫୧ଜଣଲୋକ ମୃତ୍ୟୁ ବରଣ କରିସାରିଲେଣି । କିନ୍ତୁ ବନବିଭାଗ କେବଳ କ୍ଷତି ପୁରଣ ଦେଇ ଚୁପ ବସିପଡୁଛି। ଫଳରେ ଦିନକୁ ଦିନ ହାତୀ ଆକ୍ରମଣ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।ଲୋକମାନେ ଏକପ୍ରକାର ଭୟଭୀତ ଅବସ୍ଥାରେ ରହୁଛନ୍ତି। ଆଜି ସକାଳ କେମିତି ଏକ ଦନ୍ତା ଗାଁ ଭିତରେ ଚାଲୁଛି କିନ୍ତୁ ବନବିଭାଗ ହାତୀ ଘଉଡାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

## ସଡ଼କ ସୁରକ୍ଷା ସଚେତନତା ରଥ ପରିକ୍ରମା



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାରେ ମାସ ବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଏହି ଉପଲକ୍ଷେ ଆଜି ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା, ପରିବାର ରକ୍ଷା ସଂପର୍କିତ ଏକ ସଚେତନେତା ରଥକୁ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ମୋଟର ଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ରାପିଡ୍ . ରେସପନ୍‌ସ୍ ଟିମର ସଂଯୋଜକ ବିରଞ୍ଚି ନାରାୟଣ ପାଣି ପ୍ରମୂଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନବବର୍ଷର ଅଭିନନ୍ଦନ ଜଣାଇ ଜନସାଧାରଣ ସଚେତନ ହୋଇ ପଥ ସମ୍ମୋହନ ଠାରୁ ଦୂରେଇରହି ଗାଡ଼ି ଚାଳନା ବେଳେ ସଂପୂର୍ଣ୍ଣ ସଚେତନହୋଇ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଛନ୍ତି । ସଚେତନହୋଇ ଗାଡ଼ି ଚଳନା କରି ନିଜେ ସୁରକ୍ଷିତ ରହିପରିବାରକୁ ସୁରକ୍ଷିତ ରଖିବାକୁ କହିଛନ୍ତି । ଟ୍ରାଫିକ୍ ନିୟମ ମାନି ସଂପୂର୍ଣ୍ଣ ସଚେତ ହୋଇ ଗାଡ଼ି ଚଳାଇ ଦୁର୍ଘଟଣାରୁ ନିବୃତ ରହିବା ସହିତ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ସର୍ବନିମ୍ନ ହେବ,ସେଥିପାଇଁ ସମସ୍ତ ଜନସାଧାରଣଙ୍କୁ ଆଁଚଳିକ ପରିବହନ ଅଧିକାରୀ ନିବେଦନ କରିଛନ୍ତି । ଏହି ଚଳଚିତ୍ର ଧର୍ମୀ ସଚେତନତା ରଥ ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳ ଏବଂ ପ୍ରମୂଖ ଅଞ୍ଚଳରେ ବୁଲି ଜନ ସଚେତନତା ସୃଷ୍ଟି କରିବ ।

## ପୌରକାର୍ଯ୍ୟାଳୟରେ ନୂତନ ବର୍ଷ ପାଳନ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ପୌରକାର୍ଯ୍ୟାଳୟ ପରିସରରେ ନୂତନ ବର୍ଷ ଧୁମ୍ ଧାମରେ ପାଳନ ହୋଇଯାଇଛି। ଏଥିରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପୌର ଅଧିକାରୀ ସୁକାନ୍ତ କୁମାର ବେଉରା ପୌର ଅଧକ୍ଷା ଜୟନ୍ତୀ ପାତ୍ରଙ୍କୁ ଡାଇରୀ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀମତୀ ପାତ୍ର ଢେଙ୍କାନାଳର ସମସ୍ତ ଅଧିବାସୀ ଓ ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି।

## ବର୍ଷ ବର୍ଷ ଧରି ଫଇସଲା ହୋଇପାରୁନି କେଶ

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ତହସିଲ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା କେଶ ଫଇସଲା ହୋଇ ନପାରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। କାର୍ଯ୍ୟାଳୟରେ ବର୍ଷବର୍ଷ ପଡିରହିଥିବା ବିଭିନ୍ନ କେଶର ଫଇସଲା ହୋଇପାରୁନଥିବାରୁ ଲୋକମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରୁଥିବା କୁହାଯାଉଛି। କାର୍ଯ୍ୟାଳୟରୁ ମିଳୁଥିବା ପ୍ରମାଣପାତ୍ରରେ ଅନେକ ତ୍ରୁଟି ରହୁଥିବା ଅଭିଯୋଗ ହୋଇଛି। ରେକର୍ଡ ରୁମ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଣେ ଅଣକର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଫଳରେ ରେକର୍ଡ ବାହାର କରିବା ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲରେ ଅସଂଖ୍ୟ ମିସ କେଶ ଓ ବେବନ୍ଦୋବସ୍ତ କେଶ ବର୍ଷବର୍ଷ ହେଲା ଫଇସଲା ନହୋଇ ପଡ଼ିରହିଛି। ୨୦୧୭ରେ ଫଇସଲା ହୋଇଥିବା ନାମଜାରୀ କେଶ, ମିସକେଶ ପଟ୍ଟା ଦିଆଯାଉନାହିଁ। ୧୯(୧) ସିଓଏଲଆର କେଶଗୁଡିକ ପଡ଼ି ରହିଥିଲେ ମଧ ତାହାର ବିଚାର କରାଯିବା ତ ଦୂରର କଥା ନମ୍ବର କରାଯାଉନଥିବା ନିର୍ମଳ ଦଳାଇ, ତପନ କୁମାର ପଣ୍ଡା, ସତ୍ୟବ୍ରତ କୁଣ୍ଡ, ଭାଗିରଥି ସାହୁ, ଶ୍ରୀକାନ୍ତ ପଣ୍ଡା, ପୁରୁଷୋତ୍ତମ ସାହୁ, ଦୟାନିଧି ସାହୁ, ଦୀପକ କୁମାର ଜେନା ପ୍ରମୁଖ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବାପ୍‌ଟିଷ୍ଟ ଚର୍ଚ୍ଚ ପକ୍ଷରୁ ନୂତନ ବର୍ଷ ପାଳନ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଇଂରାଜୀ ନୂତନ ବର୍ଷ ଅବସରରେ ଚନ୍ଦନ ବଜାର ଠାରେ ଥିବା ଢେଙ୍କାନାଳ ବାପ୍‌ଟିଷ୍ଟ ଚର୍ଚ୍ଚରେ ଅତି ଆଡମ୍ବର ସହିତ ନୂତନ ବର୍ଷ ପାଳନ ହୋଇଯାଇଅଛି । ଏହି ଉପାସନାରେ ଅନେକ ଭାଇଭଉଣୀମାନେ ଏକତ୍ରିତ ହୋଇ ପ୍ରଭୁ ଯୀଶୁଙ୍କର ପୂଜା, ଅର୍ଚ୍ଚନା କରିଥିଲେ । ଏହି ଚର୍ଚ୍ଚଠାରେ ବରଗଡରୁ ଆଚାର୍ଯ୍ୟ ମହିପାଲ ବାଗ୍ ପ୍ରଭୁ ଯୀଶୁଙ୍କର ଶୁଭବାଣୀ ପ୍ରଚାର କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଚର୍ଚ୍ଚର କୋର୍ କମିଟିର ମୁଖ୍ୟ ପ୍ରେମାନନ୍ଦ ବିହାରୀ, ସୁଶାନ୍ତ କୁମାର ବେହେରା, କଞ୍ଚନା ମହାନ୍ତି, ଅଭୟାନନ୍ଦ ବିହାରୀ ଓ ଅମରେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ସମବାୟ ସମିତି ଓ ଆମ ବ୍ୟାଙ୍କରୁ ଚୋରି

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା କୋହ୍ଲ ବଜାର ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମଙ୍ଗଳପୁର ସେବା ସମବାୟ ସମିତି ଏବଂ ଆମ ବ୍ୟାଙ୍କରୁ ସୋମବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ୫୭୨/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚାଳଇଛନ୍ତି। ଭଦ୍ରକରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସମବାୟ ସମିତିର ସମ୍ପାଦକ ଶଙ୍କର୍ଷଣ ଜେନା ଓ ଆମ ବ୍ୟାଙ୍କ ପରିଚାଳକ ପ୍ରଶାନ୍ତ ସେଠୀଙ୍କ ଅଭିଯୋଗରୁ ପ୍ରକାଶ ଯେ, ସୋମବାର ରାତିରେ ଦୁର୍ବୃତ୍ତମାନେ ସମବାୟ ସମିତି ଗ୍ରୀଲ ଓ କବାଟ ଭାଙ୍ଗି ସମିତି କାର୍ଯ୍ୟାଳୟ ଓ ଆମ ବ୍ୟାଙ୍କ କାର୍ଯ୍ୟାଳୟ ଭିତରକୁ ପଶି ଏଲଇଡି ଟିଭି, ଟଙ୍କା, ଲାପଟପ, ଇନଭର୍ଟର, ସିସିକ୍ୟାମେରା ହାର୍ଡଡିସ୍କ ଇତ୍ୟାଦି ଚୋରି କରି ନେଇଛନ୍ତି। ଖବର ପାଇ ତିହିଡ଼ି ଥାନା ଏସଆଇ ଅରୁନ୍ଧତୀ ବେହେରା ଓ ପ୍ରବୀଣ ଗିରି, ଏଏସଆଇ ପାର୍ଥ ବେହେରା, କମଳାକାନ୍ତ ଶତପଥି ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

## ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଷୋଳମପୁର ପଞ୍ଚାୟତ ଅଧୀନ ପଣପଣ୍ଡୁଆ ଖେଳ ପଡ଼ିଆ ଠାରେ ଦୁଇ ଦିନିଆ ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ବ୍ରଜ କିଶୋର ରାଉତ ଓ ସମାଜସେବୀ ମନୋଜ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ୫ ଓଭର୍ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। କୁମ୍ଭାରିଆ ଏମଏସସିସି ଓ ବରାହନୂଆପଡ଼ା ଏମବିଜେସ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୁମ୍ଭାରିଆ ଏମଏସସିସି ଟସ୍ ଜିଣି ବୋଲିଂ କରିବାକୁ ନିଷ୍ପତି ନେଇ ବରାହନୂଆପଡ଼ା ଏମବିଜେସକୁ ବ୍ୟାଟିଂ କରିବାକୁ ଦେଇଥିଲେ । ବରାହନୂଆପଡ଼ା ଏମବିଜେସ ୫ ଓଭରରେ ୪ ୱିକେଟ ହରାଇ ୩୦ ରନ ସଂଗ୍ରହ କରିଥିଲା ବେଳେ ଜବାବରେ କୁମ୍ଭାରିଆ ଏମଏସସିସି କ୍ରିକେଟ କ୍ଲବ ୨.୨ ଓଭରରେ ୧ ୱିକେଟ ହରାଇ ସହିତ ୩୧ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଟୁର୍ଣ୍ଣାମେଣ୍ଟ ପକ୍ଷରୁ ଦେବାଶିଷ ନାୟକଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ; ସୌମ୍ୟ ରଞ୍ଜନ ନାୟକଙ୍କୁ ମ୍ୟାନ ଅଫ ଦ ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟା ମାମିଲତା ଜେନା, ସାମ୍ବାଦିକ ବିଶ୍ୱମ୍ଭର ରାଉତ, ପଣ୍ଡିତ ପରୀକ୍ଷିତ ପଣ୍ଡା , ସମାଜସେବୀ ରବୀନ୍ଦ୍ର କୁମାର ମଲ୍ଲିକ, ବ୍ରଜ କିଶୋର ରାଉତ, ଅଶୋକ କୁମାର ମଲ୍ଲିକ, ମନୋଜ କୁମାର ମଲ୍ଲିକ, କିଶୋର କୁମାର ମଲ୍ଲିକ, ରତିକାନ୍ତ ମଲ୍ଲିକ ,ସୁଶାନ୍ତ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି କୁମ୍ଭାରିଆ ଏମଏସସିସି କ୍ରିକେଟ ଟିମ୍ କୁ ଚମ୍ପିୟାନ ଟ୍ରଫି ଓ ବରାହନୂଆପଡ଼ା ଏମବିଜେସ କୁ ରନର୍ସ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଉତ୍କଳ କେଶରୀ ବରାଳ ଓ କ୍ଷୀରୋଦ ରାଉତ ଅମ୍ପାୟାର, ଭାଷ୍ୟକାର ଭାବେ ସୌମ୍ୟ ରଞ୍ଜନ ଧଳ ଓ ଶକ୍ତି, ଶୁଭମ୍ ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ରିକେଟ କ୍ଲବର ଚନ୍ଦନ, ସ୍ୱାଧୀନ, ଶମ୍ଭୁନାଥ, ଆୟୁଷ୍ମାନ, ତେଜସ୍ୱୀ, ଲକି, ସୌମ୍ୟ, ରାଜୁ, ଅନିଲି, ଶଶି , ଚିଣ୍ଟୁ,ବାବୁ, ବାଙ୍କା ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ।



## ପଦୋନ୍ନତି ପାଇଲେ ସଞ୍ଜୀବ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝରର ମାଟିର ପୁଅ ତଥା ସଫଳତାପୂର୍ବକ କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ବର୍ଷ ଦାୟିତ୍ୱ ସମ୍ପନ୍ନ କରିଥିବା ସଂଜୀବ କୁମାର ବାରିକ ଓଡ଼ିଶା ସୂଚନା ସେବା କ୍ୟାଡରରେ ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି । ସୂଚନାଯୋଗ୍ୟ ଉପନିର୍ଦ୍ଦେଶକ ଭାବେ ଶ୍ରୀ ବାରିକ ବର୍ତ୍ତମାନ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ପଦୋନ୍ନତି ପରେ ମଧ୍ୟ ଏହି ସମ୍ମାନଜନକ ପଦବୀରେ ପୂର୍ବପରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶିତ ପାଇଛନ୍ତି ।

## ନୂତନ ବର୍ଷ ଉପଲକ୍ଷେ ଭଜନ ପରିବେଷଣ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିର ପରିସରରେ ନୂଆ ବର୍ଷ ପାଇଁ ଭଜନ ମଣ୍ଡପ ଠାରେ ବଳରାମ ଜୀଉ ଭଜନ ସଂଧ୍ୟା ଦେଉଳ ସାହି ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। କଣ୍ଠ ଶିଳ୍ପୀ ଉମା ଶଙ୍କର ଜେନାମଣି, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ପ୍ରଭାକର ମିଶ୍ର , ଅଶୋକ ଦଳେଇ, ସୁଧୀର କୁମାର ଦାଶ, ସରୋଜ ପ୍ରଧାନ ପ୍ରମୁଖ ଜଗନ୍ନାଥଙ୍କ ଉପରେ ଭଜନ ପରିବେଷଣ କରିଥିଲେ।

## ବିଜେପି ରାଜ୍ୟ ସଭାପତି, ସଂଗଠନ ସମ୍ପାଦକ ଓ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର (ଭାସ୍କର ନ୍ୟୁଜ): ଇଂରାଜୀ ନୂତନ ବର୍ଷ ୨୦୨୫ ମସିହା ଅବସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ବହୁ ବରିଷ୍ଠ ନେତୃବୃନ୍ଦ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଓ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂଯୋଜିକା ସୁଶ୍ରୀ ଜୟ ଲକ୍ଷ୍ମୀ ମହାନ୍ତି, ଡକ୍ଟର ଜଗନ୍ନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପ୍ରଭାତ କୁମାର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ଶିବ ପ୍ରସାଦ ମିଶ୍ର, ସଞ୍ଜୀବ କୁମାର ରଣା, ସୁରଥ କୁମାର ସେଠୀ, ଦିପ୍ତି ରଞ୍ଜନ ଜେନା, ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।



## କବି ଅଜୟ ସେଠୀ ସମ୍ମାନିତ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଅଞ୍ଜିରା ଗ୍ରାମର କବି ଅଜୟ କୁମାର ସେଠୀଙ୍କୁ ସାହିତ୍ୟ କ୍ଷେତ୍ରରେ ସାଧାନ ନିମନ୍ତେ ବାନରସେନା ପ୍ରତିକା ପକ୍ଷରୁ ସମ୍ମାନିତ କରାଯାଇଛି । କବି ରକ୍ଷକ ନାୟକ, ସରୋଜ କୁମାର ସାମଲ, କଷ୍ଟ ନାୟକ, ଡ. ଚିତରଂଜନ ମିଶ୍ର, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ରାମକୃଷ୍ଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀଙ୍କୁ ଫଳକ, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

## ଜାନୁଆରି ୧୫ ସୁଦ୍ଧା ସରିବ ଇ-କେୱାଇସି: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ୧୫ ଜାନୁଆରି ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ସରିବ ।ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁମାନେ କାରଣରୁ ବୟସାଧିକ୍ୟ କାରଣରୁ ଇ-କେୱାଇସି କରିନାହାନ୍ତି, ସେମାନଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ ଇ-କେୱାଇସି କରାଉଛନ୍ତି। ଅନ୍ୟପଟେ ଯେଉଁମାନେ ବାହାର ରାଜ୍ୟରେ ରହୁଛନ୍ତି ସେମାନଙ୍କ ଇ-କେୱାଇସି ପାଇଁ ବାହାର ରାଜ୍ୟକୁ ସରକାରୀ ଅଧିକାରୀ ଯିବେ। ଏହି କ୍ରମରେ ନିକଟରେ ଗୋଆରେ ଥିବା କିଛି ଲୋକଙ୍କ ଇ-କେୱାଇସି କରାଯାଇଥିବା ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସମସ୍ତଙ୍କର ଇ-କେୱାଇସି କରିବେ ସରକାର। ବର୍ତ୍ତମାନ ସୁଦ୍ଧା ୫୦ଲକ୍ଷ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ବର୍ତ୍ତମାନ ସୁଦ୍ଧା ୮୫ପ୍ରତିଶତ ଇ-କେୱାଇସି ସରିଲାଣି, ବାକି ଆସନ୍ତା ୧୫ତାରିଖ ସୁଦ୍ଧା ସରିବ ବୋଲି ସେ କହିଛନ୍ତି ।

## ନେଲୁଙ୍ଗ ପଞ୍ଚାୟତ କ୍ରିକେଟ, ମହାଦେଇଯୋଡ଼ା ଚାମ୍ପିଅନ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତ ଠାରେ ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୯ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍ ମହାଦେଇଯୋଡ଼ା ଏବଂ ଶିରିଶିପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଦେଇଯୋଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଅଭରରେ ସମସ୍ତ ୱିକେଟ ହରାଇ ୯୪ ରନ୍ ସଂଗ୍ରହ କରିଥିବାବେଳେ ଶିରିଶିପାଳ ୯୫ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ୧୧.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୮୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମହାଦେଇଯୋଡ଼ା ୮ରନରେ ବିଜୟ ହୋଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଧାରଣ ସମ୍ପାଦକ ଅନୁବ୍ରତ ବେହେରା (ବାଦଲ ଭାଇ ), ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ଗୀତିକାର ସୁବ୍ରତ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରମଣି ସିଂ, ଯୁବ ବିଜେପି ନେତା ଅକ୍ଷୟ କୁମାର ମହାରଣା, ସାମ୍ବାଦିକ ହେମନ୍ତ ମହାରଣା, ସମିତି ସଭ୍ୟା ତିଳୋତ୍ତମା ସିଂ, ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଦଳ ଏବଂ ରନର୍ସଅପ ଦଳକୁ ଅର୍ଥ ରାଶି ସହିତ ଟ୍ରଫି ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ରିଙ୍କୁ ରଣା ଓ ଜଗନ୍ନାଥ ସିଂ ଖେଳ ପରିଚାଳନା କରିଥିଲେ। କମିଟିର ସଦସ୍ୟ କ୍ଷମାକର ପାତ୍ର, ଅଜୟ ପାତ୍ର, ଅଶୋକ କୁମାର ମହାନ୍ତ, ତୁଷାର ମିଶ୍ର, ତାରାପଦ ପାଲ, ସୁଶାନ୍ତ ମହାରଣା, ପିଣ୍ଟୁ ମହାନ୍ତ,ଦିଲୀପ କୁମାର ପଣ୍ଡା, ଉଦୟ ମହାନ୍ତ, ଶୁଭଙ୍କର ପଣ୍ଡା, ସନା ନାଏକ, ଅରିନ ପାତ୍ର, ଦୃତିଦିପନ୍ ମହାନ୍ତ, ଗଣେଶ ମହାନ୍ତ, ଦୀପକ ନାଏକ, ନିଳେସ କୁମାର ପଣ୍ଡା, ହରେସ ନାଏକ, ରଞ୍ଜନ ନାଏକ, ସନି ହୋତା, ଜଗନ୍ ନାଏକଙ୍କ ସମେତ ଅନ୍ୟ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବାରହା ମାଂସ ଜବତ, ୪ ଗିରଫ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୩କେଜି ବାରହା ମାଂସ ଓ ତତ ସହିତ ଉକ୍ତ କାର୍ଯ୍ୟରେ ବ୍ୟବହୃତ ଏକ ବାଇକଙ୍କୁ ଜବତ କରିବା ସହିତ ଏଥିରେ ସଂପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାର ଜଣାପଡିଛି । ଷଡ଼ଙ୍ଗୀ ରେଞ୍ଜ ଅଧୀନ ବରପାଳ ଗ୍ରାମର ଧନିଆ ମୁଣ୍ଡାଙ୍କୁ ଧନିଆନାଳି ବନ୍ଧ ଠାରେ ୬କେଜି କଟା ମାଂସ ଓ ଏକ ବାଇକ ସହିତ ଗିରଫ କରାଯାଇଛି । ସେହିପରି ବରପାଳ ଗ୍ରାମର କୁନା ମୁଣ୍ଡା ଠାରୁ ୮କେଜି କଟା ମାଂସ ସହ ବାରହା ସିଙ୍ଗ ଜବତ ହୋଇଛି । ବରପାଳ ଗ୍ରାମର କୀର୍ତନ ମୁଣ୍ଡା ଠାରୁ ୪କେଜି ବାରହା ମାଂସ ସହିତ ସିଙ୍ଗ ଜବତ ହୋଉଛି । ସେହିପରି କୁଙ୍ଗର ଗ୍ରାମର ନୀଳମଣି ନାଥ ଠାରୁ ୫କେଜି ବାରହା ମାଂସ ଜବତ କରାଯାଇଛି । ଏହି ସମସ୍ତ ଅଭିଯୁକ୍ତଙ୍କୁ ବନ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି ଜବତ ମାଂସଙ୍କୁ ବିଭାଗ ପକ୍ଷରୁ ଗାତ ଖୋଳା ଯାଇ ପୋତି ଦିଆ ଯାଇଛି ।

## ନୂଆବର୍ଷ ପାଇଁ ଲୋକାରଣ୍ୟ ସାପୁଆ ପର୍ଯ୍ୟଟନସ୍ଥଳୀ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ସାତ ପାହାଡର ମିଳନର ସ୍ୱର୍ଶ ସବୁଜ ବନାନୀରେ ପରିବେଷ୍ଟିତ ଘଞ୍ଚ ଅରଣ୍ୟ ପ୍ରକୃତିର ଶୋଭାକୁ ବିମଣ୍ଡିତ କରୁଛି ସାପୁଆ। ମନୋଲୋଭା ପରିବେଶ ଓ ପ୍ରକୃତିର ଅପରୂପ ଦୃଶ୍ୟର ମଜା ନେଉଛନ୍ତି ପର୍ଯ୍ୟଟକ। ସାପୁଆର ନୀଳ ଜଳରାଶି ସର୍ପିଳ ଆକୃତିରେ ଝରି ଆସୁଥିବା ଜଳର କୁଳୁକୁଳୁ ନାଦରେ ବିମୋହିତ ହେଉଛନ୍ତି ଛୁଆ ଠାରୁ ବୁଢ଼ା। ଶିତୁଆ ସ୍ୱର୍ଶରେ ସବୁଜ ବଳୟ ମଧ୍ୟରେ ବେଶ ଆକର୍ଷଣୀୟ ହୋଇ ଉଠିଛି ସାପୁଆ ଡ୍ୟାମ। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ପୁରୁଣା କଟକ ସମ୍ବଲପୁର ରାସ୍ତାର ରାସୋଳ ଠାରୁ ୬ କିଲୋମିଟର ଦୂର ଦଣ୍ଡିରୀ ଠାରେ ରହିଛି ପ୍ରାକୃତିକ ଶୋଭା ଘେରା ସାପୁଆ ଡ୍ୟାମ। ସାତଗୋଟି ପାହାଡର ମିଳନର ସ୍ଥଳରୁ ବହି ଆସିଛି ସାପୁଆ ନଈ। ଯାହାର ଗର୍ଭରେ ଗଢିଉଠିଛି ବେଶ୍ ମନୋଲୋଭା ସାପୁଆ ଡ୍ୟାମ। ଯାହା ପର୍ଯ୍ୟଟକ ମାନଙ୍କୁ ବେଶ୍ ଆକୃଷ୍ଟ କରୁଛି । ପ୍ରାକୃତିକ ପରିବେଶର ଉପଭୋଗ ସାଙ୍ଗକୁ ବଣଭୋଜିର ମାହୋଲ ପର୍ଯ୍ୟଟକଙ୍କ ଭିଡ଼ ଜମାଉଛି ।ପ୍ରାକୃତିକ ଶୋଭାରାଶିରେ ଭରପୁର ହୋଇଯାଇଛି ସାପୁଆ ପର୍ଯ୍ୟଟନସ୍ଥଳୀ ।ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପର୍ଯ୍ୟଟନ ସ୍ଥଳୀଟି ମାନ୍ୟତା ପାଇବାର ସହ ଉର୍ଣୟନ ମୂଳକ କାର୍ଯ୍ୟ ଜାରି ରହିଥିବା ବେଳେ ଆଉକିଛି କାର୍ଯ୍ୟ ବାକିରହିଛି। ଶୀତରୁତୁରେ ପ୍ରତିଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଓଡ଼ିଶାର କୋଣ ଅନୁକୋଣ ତଥା ରାଜ୍ୟବାହାରୁ ଆସି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ମଜା ନିଅନ୍ତି । ସ୍ୱଚ୍ଛ ମଧୁର ଓ ନିର୍ମଳ ଜଳଧାରା ଅନବରତ ପ୍ରବାହିତ ହେଉଥିବା ସର୍ପିଳ ଆକୃତିରେ ଏହି ସାପୁଆ ଡ୍ୟାମ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି ।କବିର କବିତା ଭାବୁକର ଭାବନା ପ୍ରାକୃତିକ ଶୋଭାସହ ସାପୁଆର ଜଳରାଶି ସମସ୍ତଙ୍କ ହୃଦୟ ସ୍ୱର୍ଶ କରିପାରିଛି। ଥରେ ଦେଖି ନେଲେ ଆଖି ଲାଖିଯାଏ ସାପୁଆର ସୌନ୍ଦର୍ଯ୍ୟ ଏବଂ ମନୋଲୋଭା ଦୃଶ୍ୟ ।ଏହା ବିଦେଶୀ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକୃଷ୍ଟ କରିପାରିଛି। ଡ୍ୟାମଟିର ଆକୃତି ସାପସଦୃଶ ଅଙ୍କାବଙ୍କା ହୋଇଥିବାରୁ ଏହାର ନାମକରଣ ଏପରି ହୋଇଛି ।ନୀଳ ଜଳରାଶି, ଘଂଚ ଶାଳ ଜଙ୍ଗଲ ସହ ମୃଦୁ ପବନର ସ୍ୱର୍ଶ ସମସ୍ତଙ୍କୁ ଆନନ୍ଦ ଉଲ୍ଲସିତ କରିପାରିଛି ରାଜ୍ୟ ସରକାର ଏହି ପର୍ଯ୍ୟଟନ ସ୍ଥଳୀର ଉର୍ଣ୍ଣତିକରଣ ପାଇଁ ୭କୋଟି ଟଙ୍କାପ୍ରଦାନ କରିଥିବାବେଳେ ଏହାର କାର୍ଯ୍ୟ ସରିଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନ ସ୍ଥଳୀର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଲେ ଆଗାମୀ ଦିନରେ ଓଡ଼ିଶା ସଂସ୍କୃତି ଐତିହ୍ୟ ଫର୍ଦ୍ଦରେ ଯୋଡ଼ି ହୋଇ ରହିବ ଢେଙ୍କାନାଳରେ ସାପୁଆ ଡ୍ୟାମ ।ମୁକ୍ତ ଆକାଶ ତଳେ ମୃଦୁ ପବନର ସ୍ୱର୍ଶ ପର୍ଯ୍ୟଟକ ମାନଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ବିଶେଷତଃ ଡିସେମ୍ବର ଏବଂ ଜାନୁଆରୀ ମାସରେ ପର୍ଯ୍ୟଟକ ମାନଙ୍କର ଭିଡ଼ ପରିଲିକ୍ଷିପ୍ତ ହୋଇଥାଏ ।ବର୍ଷର ପ୍ରାୟ ସବୁସମୟରେ ବଣଭୋଜି ସାଙ୍ଗକୁ ଲୋକଙ୍କ ସମାଗମ ସାପୁଆର ଶୋଭାକୁ ବିମଣ୍ଡିତ କରିଥାଏ ।ଏହି ମନୋଲୋଭା ଦୃଶ୍ୟ ଓଡ଼ିଶା ପର୍ଯ୍ୟଟନରେ ଏକ ସ୍ୱତନ୍ତ୍ରସ୍ଥାନ ସୃଷ୍ଟି କରିପାରିଛି। ଯାହା ଆପଣଙ୍କ ଆଖିରେ ନଦେଖିଲେ ବିଶ୍ୱାସ କରିପାରିବେ ନାହିଁ। ଥରୁଟିଏ ଦେଖିଲେ ସତେ ଯେପରି ଆଖି ଲାଖିଯାଉଛି। ପ୍ରକୃତିର ଅପରୂପ ସବୁଜିମା ଘେରାରେଥିବା ସାପୁଆ ଡ୍ୟାମ ସମସ୍ତଙ୍କ ମନ ଜିଣିପାରିଛି। ଯାହା ପର୍ଯ୍ୟଟକ ମାନଙ୍କପାଇଁ ବେଶ୍ ଆକୃଷ୍ଟଲାଭ ହୋଇପାରିଛି।

## 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ପୂଜ୍ୟପୂଜାଙ୍କୁ ମାଲ୍ୟାର୍ପଣ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ନୂତନ ବର୍ଷ ତଥା ଢେଙ୍କାନାଳ ଗଡଜାତ ଅଞ୍ଚଳ ସ୍ୱାଧୀନ ଭାରତ ବର୍ଷରେ ଆଜି ହିଁ ଦିନରେ ସାମିଲ୍ ହୋଇଥିବା ନେଇ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତାକୁ ସ୍ୱାଭିମାନ ଦିବସ ଭାବେ ପାଳନ କରିବା ଅବସରରେ ଆଜି ଢେଙ୍କାନାଳ ବଳରାମ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁଁନ୍ତଙ୍କ ଅଧକ୍ଷତାରେ କରାଯାଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନବକିଶୋର ସାହୁ, ବରିଷ୍ଠ ସାମ୍ବାଦିକ ସଦାଶିବ ମହାପାତ୍ର, ଆନ୍ତର୍ଜାତୀୟ କ୍ରୀଡା ଘୋଷକ ଡଃ. ଅମୀୟ ଚାନ୍ଦ, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି ଓ ଶେଖର ସେଠୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

## ଯୁବକଙ୍କୁ ହତ୍ୟା, ପୋଲିସର ତଦନ୍ତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୋଇ ଗାଁରେ ଘଟିଛି ବିଭସ୍ତ ହତ୍ୟାକାଣ୍ଡ। ଗାଁ ଦାଣ୍ଡରେ ଯୁବକଙ୍କୁ ଶହ ଶହ ଖଣ୍ଡ ହାଣି ଗାଁ ସାରା ଫିଙ୍ଗିଛି ହତ୍ୟାକାରୀ। ମୃତ ଯୁବକ ଜଣକ ହେଲେ ବସୋଇ ଗାଁର ରାକେଶ ସେଠି। ରାକେଶ ସାଇକେଲ ଯୋଗେ ଚିକେନ ପାଇଁ ଯାଇଥିବା ବେଳେ ତାକୁ ଠେଙ୍ଗାରେ ପିଟିବା ସହ ଖଣ୍ଡା ଓ ଟାଙ୍ଗିଆରେ ହାଣି ଥିଲା ଯୁବକ। ଅଭିଯୁକ୍ତ ଯୁବକ ବସୋଇ ଗାଁର ସରୋଜ ବିଶ୍ୱାଳ ଓରଫ ମକୁ। ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଅଭିଯୁକ୍ତ ପ୍ରଥମେ ଠେଙ୍ଗାରେ ଆକ୍ରମଣ କରିଥିଲା ଓ ଏକ ଖଣ୍ଡା ସାହାଯ୍ୟରେ ହାଣି ହତ୍ୟାକରିଥିଲା । ପରେ ଏକ ଟାଙ୍ଗିଆରେ ମୃତ ଶରୀରକୁ ଶହ ଶହ ଖଣ୍ଡ କରି ହାଣି ଗାଁ ଦାଣ୍ଡରେ ଏଣେ ତେଣେ ଫୋପାଡ଼ି ଥିଲା। ଏପରିକି ଶରୀରର ଅନେକ ଖଣ୍ଡ ବିଖଣ୍ଡିତ ଅଂଶ ଗାଁ ରାସ୍ତାରେ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ସ୍ପଷ୍ଟ ଦିବାଲୋକରେ ଗାଁ ଦାଣ୍ଡରେ ହାଣୁଥିଲେ ମଧ ଗ୍ରାମର କେହିବି ଜଣେ ପ୍ରତିବାଦ କରିନଥିଲେ। ଏପରିକି ହତ୍ୟା ସମ୍ପର୍କରେ ଗ୍ରାମରେ କେହି ମୁହଁ ଖୋଲୁନାହାଁନ୍ତି। ଖବର ପାଇ ପରଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହ ଅଧିକ ତଦନ୍ତ ପାଇଁ ସାଇଂଟିଫିକ ଟିମର ସହାୟତାରେ ତଦନ୍ତ ଚଳାଇଛି । ସେପଟେ ହତ୍ୟା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ହତ୍ୟାକାଣ୍ଡ ପରେ ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି । ଅଞ୍ଚଳବାସୀ ମୁହଁ ଖୋଲୁନଥିବାବେଳେ ଭୟଭିତ ହୋଇପଡିଥିବାର ଦେଖିବାକୁ ମିଳିଛି ।




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପଳାଶୋଳ ୟୁଥ ହେଲପିଙ୍ଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୨୦୨୪ମସିହାକୁ ବିଦାୟ ୨୦୨୫ନୂତନ ବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ଆଖପାଖ ଚାରିଗୋଟି ପଞ୍ଚାୟତରୁ ଶତାଧିକ ଜନସାଧାରଣ ଓ ଲୋକପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟ୍ରଷ୍ଟ ସଭାପତି ସମାଜସେବୀ, ଶିକ୍ଷାବିତ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମେନକା ଦାସ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ବିଜେପି ସଙ୍ଗଠକ କାଳିକିଙ୍କର ମହାନ୍ତି, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ପ୍ରଦ୍ୟୁମ୍ନକୁମାର ମଲ୍ଲିକ, ପଳାଶୋଳ ବିଜେପି ମଣ୍ଡଳ ସଭାପତି ଚିତ୍ତ ରଞ୍ଜନ ପଣ୍ଡା, ଟ୍ରଷ୍ଟ ଉପସଭାପତି ଋତୁରାଜ ମହାନ୍ତି, ସହ ସମ୍ପାଦକ ଯାମିନୀକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ପୁରୁଣା ବର୍ଷକୁ ବିଦାୟ ଦେଇ ୨୦୨୫ ନୂତନବର୍ଷରେ ଦଳଗତ ନିର୍ବିଶେଷରେ ପଞ୍ଚାୟତର ସର୍ବାଙ୍ଗିନ ଉନ୍ନତି ଓ ବିକାଶ ନିମନ୍ତେ ମନମିଳାଇ ବିକାଶ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ରେ ପଳାଶୋଳ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟସଭ୍ୟାଙ୍କ ସମେତ ଅନାମ ବେହୁରା, ମାନସ କାଣ୍ଡି, ଆଦିକନ୍ଦ ସ୍ୱାଇଁ, ପିଣ୍ଟୁ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।



## ନୂଆବର୍ଷ ପ୍ରାରମ୍ଭରୁ ଅଘଟଣ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ନୂଆବର୍ଷ ସକାଳୁ ଅଘଟଣ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବଳଭଦ୍ରପୁର ଗ୍ରାମରେ ଥିବା ଏକ ଘରେ ନିଆଁ ଲାଗିଯାଇଥିଲା। ଅସ୍ତରଙ୍ଗ ଅଗ୍ନିଶମ କର୍ମଚାରୀ ଏ ସମ୍ବନ୍ଧରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ନୂଆବର୍ଷ ସକାଳୁ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କ ଗୁହାଳ ଘରେ କୌଣସି କାରଣବଶତଃ ଅଗ୍ନିସଂଯୋଗ ହୋଇ ଗୁହାଳରେ ନିଆଁ ଲାଗିଯାଇଥିଲା। ଫୋନ ଯୋଗେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ଅସ୍ତରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରହଲ୍ଲାଦ ରାୟ, ଗାଡ଼ିଚାଳକ ତାପସ ରାଉତ, ଦୀପକ ବେହେରା, ଆଗ୍ନିକ ରବୀନ୍ଦ୍ର ବାଗ, ସତ୍ୟବ୍ରତ ବାରିକି, ଇନ୍ଦ୍ରଜିତି ସାହୁ, ସୁବ୍ରତ ସାମଲ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଭିତରେ ଥିବା କିଛି ଜିନିଷ ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। କିନ୍ତୁ ଗୁହାଳରେ ଥିବା ଗୃହପାଳିତ ପଶୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ସ୍ୱେଚ୍ଛାସେବୀ ଯୁବ ସଂଗଠନର ବାର୍ଷିକ କ୍ରୀଡା ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସଡ଼ ପଞ୍ଚାୟତ ଅଧୀନ ଧୂଳିପଦା ସ୍ଥିତ ମା' ବାସନ୍ତୀ ସ୍ୱେଚ୍ଛାସେବୀ ଯୁବ ସଂଗଠନର ୨୦ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ତିହିଡି ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ ଦାସ, କଂଗ୍ରେସ ନେତା ବିଜୟ ନାୟକ, ଗଣେଶ ମଲିକ, ବଳରାମ କବି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜାରକା ଜାଗୁଆର ଭୁବନେଶ୍ୱର ଏବଂ ବୋଡ଼କ ମଧ୍ୟରେ ପ୍ରଥମ କ୍ୱାଟର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବୋଡ଼କ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ୱିକେଟ ହରାଇ ୨୭୩ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଭୁବନେଶ୍ୱର ୧୯.୫ ବଲରେ ୨୭୪ ରନ ସଂଗ୍ରହ କରି ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଶାନ୍ତ କୁମାର ମହାନ୍ତି ଏବଂ ବସନ୍ତ କୁମାର ମଲିକ ଖେଳ ପରିଚାଳନା କରିଥିବାବେଳେ ଶିଶିରକୁମାର ନାୟକ, ତପନ ମହାଳିକ, ସୁଶାନ୍ତ ମଲିକ ଏବଂ ଅଶୋକ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ସ୍ୱାଗତ ରାଉତ, ପ୍ରବୋଧରଞ୍ଜନ ସାହୁ, ବିକାଶ ନାୟକ ଥିବାବେଳେ ଥାର୍ଡ଼ ଅମ୍ପାୟାର ଭାବେ ସଞ୍ଜୟ ସେଠୀ, ଲକ୍ଷ୍ମଣ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରହଲ୍ଲାଦ ନାୟକ, ଲଲାଟେନ୍ଦୁ ମଲ୍ଲିକ, ପୂର୍ବତନ ସଭାପତି କାହ୍ନୁଚରଣ ଶତପଥି, ସୌମ୍ୟରଞ୍ଜନ ନାୟକ, କାଳନ୍ଦୀ ସେଠି, ଉଜ୍ଜଳ ନାୟକ, କହ୍ନେଇ ନାୟକ, ପ୍ରଶାନ୍ତ ସାମଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ହ୍ରାସପାଉଛି ବାଉଁଶ ତିଆରି ସାମଗ୍ରୀର ବ୍ୟବହାର

## ଗାଁ'ଗହଳିରୁ ଲୋପ ପାଇବାକୁ ବସିଛି ପୁରୁଣା ବାଉଁଶ



କେନ୍ଦୁଝର,କେନ୍ଦୁଝର ଜିଲାରେ ଆଧୁନିକତା ଛାପରେ ବାଉଁଶ ତିଆରୀ ସାମଗ୍ରୀର ବ୍ୟବହାର ହ୍ରାସ ପାଇ ଏହାକୁ ନେଇ ଜିବନ ଜୀବିକା କରୁଥିବା ବାଉଁଶ କାରିଗରମାନେ ଚିନ୍ତାରେ ପଡ଼ିଛନ୍ତି। ଜିଲାରେ ନୂତନ ବାଉଁଶ ଜଙ୍ଗଲର ଅଭାବ ଏବଂ ଗାଁ'ଗହଳିମାନଙ୍କରୁ ପୁରୁଣା ବାଉଁଶ ବେଢ଼ା ଲୋପ ପାଇବା କାରିଗରମାନଙ୍କର ଚିନ୍ତାର ଅନ୍ୟତମ କାରଣ ଅଟେ। ଆବଶ୍ୟକୀୟ ବାଉଁଶର ଅଭାବ ଓ ପ୍ରଶାସନର ପ୍ରୋତ୍ସାହନର ଅଭାବ କାରଣରୁ କେନ୍ଦୁଝର ଜିଲାରେ ବାଉଁଶ ଶିଳ୍ପ ଉପରେ ନିର୍ଭର କରି ଚଳୁଥିବା ସମ୍ପ୍ରଦାୟ ଦିନକୁ ଦିନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରେ ଏଭଳି ବାଉଁଶ ତିଆରି ସାମଗ୍ରୀକୁ ବିକ୍ରୟ କରି ପରିବାର ପୋଷଣ କରିବା ଲୋକ ସଂଖ୍ୟା କମ୍ ନଥିବା ବେଳେ ଏମାନଙ୍କୁ ଆବଶ୍ୟକ ବାଉଁଶ ଯୋଗାଇବା ସହ ତାଲିମ ଦେବା, ଆର୍ଥିକ ସହାୟତା ଯୋଗାଇଦେବା ଜରୁରୀ ହୋଇପଡ଼ିଛି। ନୂତନ ବାଉଁଶ ଜଙ୍ଗଲ ସୃଷ୍ଟି କରିବାରେ ବନ ପ୍ରଶାସନର ଅବହେଳା ଯୋଗୁଁ ସୁଲଭ ମୂଲ୍ୟରେ ଉପଯୁକ୍ତ ପରିମାଣର ଏଠାରେ ବାଉଁଶ ମିଳୁନାହିଁ। ଫଳରେ ବାଉଁଶ ଶିଳ୍ପ ଉପରେ ନିର୍ଭରଶୀଳ ଶହଶହ କାରିଗର ନିଜ ପ୍ରଚେଷ୍ଟାରେ ଘରକରଣା ବ୍ୟବହାର୍ଯ୍ୟ ସାମଗ୍ରୀ କୁଲା, ଟୋକେଇ, ଡଲା, ଚାଙ୍ଗୁଡ଼ା, ଠେକା, ପାଛିଆ, ଝୁଡ଼ି ଆଦି ତିଆରି କରି ଦୁଇ ପଇସା ରୋଜଗାର କରୁଛନ୍ତି। ଏହି କାରିଗରମାନଙ୍କ ପ୍ରତି ପ୍ରଶାସନିକ ସ୍ତରରୁ ବିଶେଷ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନଥିବା ଯୋଗୁଁ ଆଗାମୀ ଦିନରେ ହାତତିଆରି ବାଉଁଶ ସାମଗ୍ରୀ ଲୋପପାଇବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ବୃକ୍ଷରୋପଣ ନାମରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା ବାଉଁଶଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଶହଶହ ଏକର ଜଙ୍ଗଲ ଜମି ଖାଲି ପଡ଼ିଥିଲେ ସୁଦ୍ଧା ଏଠାରେ ଏହି ଲାଭକାରୀ ବାଉଁଶ ରୋପଣକୁ କେଉଁ ପରିପ୍ରେକ୍ଷୀରେ ଅଗ୍ରାଧିକାର ଦିଆଯାଉ ନାହିଁ ତାହା ଚିନ୍ତାର କାରଣ ସାଜିଛି। କେନ୍ଦୁଝର ଜିଲାରେ ବାଉଁଶ କାମ ଉପରେ ନିର୍ଭର କରି ଜିଲାର ୧୩ ବ୍ଲକ୍ ଅଞ୍ଚଳର ୨ ହଜାରରୁ ଅଧିକ ପରିବାର ନିର୍ଭରଶୀଳ ଅଟନ୍ତି। ଦିନକୁଦିନ ଅନ୍ୟାନ୍ୟ ସାମଗ୍ରୀର ବ୍ୟବହାର ବଢ଼ିଥିଲେ ମଧ ବାଉଁଶରେ ତିଆରି ସାମଗ୍ରୀର ବିକ୍ରୀ କମିକମି ଚାଲିଛି। ଏହି କାରଣରୁ ଏହା ଉପରେ ନିର୍ଭରଶୀଳ ପରିବାର କାମ ହରାଇବା ଆଶଙ୍କାରେ ଥିବାବେଳେ ବଜାରରେ ବାଉଁଶରେ କାରୁକାର୍ଯ୍ୟ ଜିନିଷ ପାଇଁ କଞ୍ଚାମାଲର ଅଭାବ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଆଜିର ଅତ୍ୟାଧୁନିକ ଯୁଗରେ ଭେଳିକି ଭେଳିକି ଅତ୍ୟାଧୁନିକ ପ୍ଲାଷ୍ଟିକ ଜିନିଷର ଉତ୍ପାଦନ ବୃଦ୍ଧି ଯୋଗୁଁ ଗ୍ରାମାଞ୍ଚଳରେ ଥିବା ବାଉଁଶ କୁଟୀରଶିଳ୍ପଗୁଡ଼ିକ ଲୋପ ପାଇବାକୁ ବସିଲାଣି। ବାଉଁଶରେ ତିଆରି ଜିନିଷ ହାଟଠାରୁ ଆରମ୍ଭ କରି ଯାନିଯାତରା, ମେଳା ଏପରିକି ଗାଁ' ଗାଁ'ର ଲୋକ ଆଗ୍ରହର ସହକାରେ କିଣିଥାନ୍ତି। ପୂର୍ବ ପୁରୁଷରୁ ବାଉଁଶରେ ତିଆରୀ ସାମଗ୍ରୀକୁ ବାଉଁଶ କାରୀଗରମାନେ ଗାଁ' ଗାଁ' ବୁଲି, ଯାନିଯାତରା ତଥା ହାଟ ଗୁଡ଼ିକରେ ବିକ୍ରି କରି ସେଥିରୁ ଯାହା କିଛି ଉପାର୍ଜନ ମିଳେ ସେଥିରେ ଏମାନଙ୍କ ପରିବାର ପ୍ରତିପୋଷଣ ହୋଇଥାଏ। ବିକ୍ରି ଅର୍ଥରୁ ସମ୍ପୃକ୍ତ ଲୋକମାନେ ବାଉଁଶ



ଯୋଗାଡ଼ କରିବା ପାଇଁ କିଛି ଅର୍ଥ ସଞ୍ଚୟ ମଧ କରିଥାନ୍ତି। ଏହି କୁଟୀରଶିଳ୍ପରେ ନିଜର ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁ ନ ଥିଲେ ବି ଏମାନେ ପୂର୍ବପୁରୁଷଙ୍କ ଗତାନୁଗତିକ କାମରେ ଅନୁପ୍ରାଣିତ ହୋଇ ପୂର୍ବ ପୁରୁଷର ବୃତ୍ତିକୁ ବଜାଇ ରଖିଛନ୍ତି। କିନ୍ତୁ ଗ୍ରାମାଞ୍ଚଳରୁ ମଧ ବାଉଁଶ ଲୋପ ପାଇବାକୁ ବସିଲାଣି। ପୁରୁଣା ବାଉଁଶ ବେଢ଼ା ଆଉ ଦେଖିବାକୁ ମିଳୁନି। ଏହି କାରଣରୁ ସମସ୍ୟା ହେଉଛି। ବାଉଁଶରେ ତିଆରି ଜିନିଷ ପୂଜା ପର୍ବପର୍ବାଣୀ, ବାହାଘର, ବ୍ରତ, ଓଷା, ମନ୍ଦିର ପ୍ରତିଷ୍ଠା, ଅଷ୍ଟପ୍ରହର, ଏକାଦଶ କର୍ମ ଇତ୍ୟାଦିରେ ନିହାତି ଆବଶ୍ୟକ ଥିବାବେଳେ ଏଗୁଡ଼ିକୁ ତିଆରି କରୁଥିବା ଲୋକମାନେ କିନ୍ତୁ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏମାନଙ୍କୁ କମ୍ ମୂଲ୍ୟରେ ବାଉଁଶ ଯୋଗାଇବା ସହ ଦକ୍ଷତାବୃଦ୍ଧି ପାଇଁ ତାଲିମ, ବିକ୍ରୟର ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯାଇ ପାରିଲେ ଜିଲ୍ଲାରେ ବାଉଁଶ କାମ ଉପରେ ନିର୍ଭର କରି ଚଳୁଥିବା ଶହଶହ ପରିବାର ଉପକୃତ ହୋଇପାରନ୍ତେ। ଅପରପକ୍ଷେ ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଇ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କଟକଣା ଜାରୀ କରିଛନ୍ତି। କେତେକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ୍ ଉପକରଣର ବିକଳ୍ପ ଭାବେ ବାଉଁଶ ତିଆରି ସାମଗ୍ରୀକୁ ମାନ୍ୟତା ପ୍ରଦାନ କରାଯାଇଥାଏ। ବାଉଁଶ ପରିବେଶ ଉପଯୋଗୀ ହୋଇଥିବା ବେଳେ ପ୍ଲାଷ୍ଟିକ ଭଳି କ୍ଷତିକାରକ ନୁହେଁ। ତେଣୁ ଜିଲ୍ଲାରେ ଅଧିକରୁ ଅଧିକ ବାଉଁଶ ଜଙ୍ଗଲ ସୃଷ୍ଟି କରାଗଲେ ବାଉଁଶର ମୂଲ୍ୟ ଠିକ୍ ରହିବା ସହ ବାଉଁଶରେ ବିଭିନ୍ନ ଉପକରଣ ତିଆରି କରୁଥିବା କାରିଗରମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ପ୍ରେସକ୍ଲବ୍‌ର ବାର୍ଷିକ ଆଲୋଚନାଚକ୍ର ଓ ବନ୍ଧୁମିଳନ





ବାଲୁଗାଁ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଂଘ ବାଲୁଗାଁ ସ୍ଥିତ 'ଶାଳିଆ ପ୍ରେସ୍‌କ୍ଲବ'ର ବାର୍ଷିକ ଆଲୋଚନା ଚକ୍ର ନବବର୍ଷ ବୁଧବାର ଦିନ ବାଣପୁର ସ୍ଥିତ ମା' ଉତ୍ତରାୟଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ, ବାଣପୁର, ଚିଲିକା ଅନ୍ତର୍ଗତ ସାମ୍ବାଦିକଙ୍କୁ ନେଇ ଗଠିତ ଶାଳିଆ ପ୍ରେସ ସଂଘର ସଭାପତି ଅଜିତ କୁମାର ସାହୁଙ୍କ ସଭାପତିତ୍ୱରେ ସହ ସମ୍ପାଦକ ସୁଧୀର କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଂଘ ଦ୍ୱାରା ଚଳିତବର୍ଷ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବାଣପୁର, ବାଲୁଗାଁ ଓ ଚିଲିକା ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ଏବଂ ଅଞ୍ଚଳର ଉନ୍ନତି ପାଇଁ 'ଶାଳିଆ ପ୍ରେସ୍ କ୍ଲବ୍' ସର୍ବଦା ବଦ୍ଧପରିକର ବୋଲି ସଂଘ ସଭାପତି ସାହୁ ମତ ରଖିଥିଲେ। ସଂଘର ଉପଦେଷ୍ଟା ଅରୁଣ କୁମାର ପଣ୍ଡା, ତ୍ରିଲୋଚନ ସାହୁ, ରବିନାରାୟଣ ପଣ୍ଡା ପ୍ରମୁଖ ଅବହେଳିତ, ନିଷ୍ପେସିତ ଏବଂ ପ୍ରଶାସନିକ ଅବହେଳାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ କିପରି ନ୍ୟାୟ ପ୍ରଦାନ କରାଯାଇପାରିବ ସେ ଦିଗରେ ସଂଘ ଅହରହ ଚେଷ୍ଟିତ ବୋଲି ମତ ପ୍ରକାଶ କରିଥିଲେ। ପରିଶେଷରେ ଆଗାମୀ ବର୍ଷରେ କ୍ଲବ୍ ପକ୍ଷରୁ ବାଣପୁର-ବାଲୁଗାଁ'ରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଅନୁଷ୍ଠିତ ସଭାକୁ ଉପସଭାପତି ସିତାରାମ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସଂଘର କର୍ମକର୍ତ୍ତା ଶିବଶକ୍ତି ସାସମଲ, ଚନ୍ଦନ ସୁନ୍ଦରାୟ, ସୁଧୀର ପାତ୍ର, ଚରଣ ମୁଆଁଖିଆ ପ୍ରମୁଖ ସହଯୋଗ କରିଥିବା ବେଳେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଶୁଭେଚ୍ଛା ଜଣାଇଲେ ବିଶ୍ୱାଳ ସିଂହ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଇଂରାଜୀ ନବବର୍ଷ ୨୦୨୫ ପରିପ୍ରେକ୍ଷୀରେ ଜିଲ୍ଲାପାଳ ବିଶ୍ୱାଳ ସିଂହ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପ୍ରଭୁ ବଳଦେବଜୀଉ ଓ ମା' ତାରିଣୀଙ୍କ ନିକଟରେ ଜିଲ୍ଲାବାସୀଙ୍କ ସୁଖ ସମୃଦ୍ଧି ନିମନ୍ତେ ପ୍ରାର୍ଥନା କରିଛନ୍ତି। ସେହିପରି ଆଜି ଦରବାର ହଲଠାରେ ଆୟୋଜିତ ଏକ ନିରାଡ଼ମ୍ବର ସଭାରେ ସମ୍ମିଳିତ ଅଧିକାରୀ ଓ କର୍ମଚାରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ବିଦାୟୀ ୨୦୨୪ରେ ସାଧାରଣ ନିର୍ବାଚନ ଓ ବାତ୍ୟା ଦାନା ସମୟରେ ନିଜ ନିଜ ଦାୟିତ୍ୱର ସଠିକ ସମ୍ପାଦନ କରିଥିବାରୁ ସାଧୁବାଦ ଜଣାଇଥିଲେ। ଆହୁରି ମଧ ଚଳିତ ୨୦୨୫ ବର୍ଷରେ ଅନୁରୂପ ଭାବେ ଉତ୍ସାହ ସହକାରେ ନିଜ ଦାୟିତ୍ୱ ପ୍ରତି ସଚେତନ ରହି ଜିଲ୍ଲା ବାସୀଙ୍କ ସେବାରେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଦେହାନ୍ତ ନିମନ୍ତେ ୭ ଦିନ ବ୍ୟାପୀ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାରୁ ଜିଲ୍ଲାପାଳ ସିଂହ ନବବର୍ଷ ଅବସରରେ ପୂର୍ବରୁ ପ୍ରଚଳିତ ରହି ଆସିଥିବା ଫୁଲ ଓ କୌଣସି ଉପହାର ପ୍ରଦାନ କିମ୍ବା ଗ୍ରହଣ ନ କରିବାକୁ ଏବଂ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ କରିବାକୁ ଜିଲ୍ଲାର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ହରିଣ ଆକ୍ରମଣରେ ଯୁବକ ଗୁରୁତର



ରଘୁନାଥପୁର,(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ଼ ଜଙ୍ଗଲରେ ଦିନକୁ ଦିନ ହରିଣ ମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏପରି ଏକ ଘଟଣାରେ ଗତ ୨୫ ତାରିଖରେ ଗହ୍ଲାପୁର ଗ୍ରାମର ଜଣେ ଯୁବକ ହରିଣ ଆକ୍ରମଣରେ ଗୁରୁତର ହୋଇ ତାଙ୍କର ବାମ ଆଖି ହରେଇବା ଆଶଙ୍କା କରାଯାଉଛି। ସୂଚନାନୁସାରେ ଗହ୍ଲାପୁର ଗ୍ରାମର ତାପସ କୁମାର ଦ୍ୱିବେଦି(୩୭) ପାରାଦ୍ୱୀପ ଇଫ୍‌କୋ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଗତ ଡିସେମ୍ବର ୨୫ ତାରିଖ ଭୋର ୫ଟା ସମୟରେ ନିତିଦିନ ପରି ଧଳତଙ୍ଗଗଡ଼ ଜଙ୍ଗଲ ମଧ ଦେଇ ଯାଇଥିବା କାକୁଡ଼ିଆ ଗନେଇଲୋ ରାସ୍ତାରେ ଯାଉଥିବା ବେଳେ ଧଉଳିକୁଦ ନିକଟରେ ୧୦ରୁ ୧୨ଟି ହରିଣ ରାସ୍ତା ଅତିକ୍ରମ କରିବାକୁ ଯାଇ ତାଙ୍କୁ ଆଘାତ ଦେଇଥିଲେ। ଗୋଟିଏ ହରିଣର ଶିଙ୍ଗ ତାଙ୍କ ବାମ ଆଖିରେ ଆଘାତ ଦେବାରୁ ସେଠାରେ ସେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜଗତସିଂହପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଥିଲେ ମଧ ଆଖିଟି ସମ୍ପୂର୍ଣ୍ଣ ଭଲ ହେବା ନେଇ ଡାକ୍ତର ସନ୍ଦେହ ପ୍ରକଟ କରିଛନ୍ତି। ତେବେ ତାପସ ଏକ ଗରିବ ପରିବାରର ଏବଂ ତାଙ୍କ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାରୁ ଏହି ଘଟଣାରେ ଜଙ୍ଗଲ ବିଭାଗ ତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ କରାଯାଇଛି।

## ଆଳିରେ ନୂତନବର୍ଷକୁ ସ୍ୱାଗତ କରିଛନ୍ତି ଅଞ୍ଚଳବାସୀ

ଆଳି, (ଭାସ୍କର ନ୍ୟୁଜ୍): ସମଗ୍ର ଆଳି ସଦରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ଆନନ୍ଦଉଲ୍ଲାସ ସହକାରେ ଇଂରାଜୀ ନବବର୍ଷକୁ ସ୍ୱାଗତ ଜଣାଇ ଏକ ମହାନ ପର୍ବ ଭାବେ ପାଳନ କରିଛନ୍ତି। ଆଳି ଅଞ୍ଚଳରେ ନୂତନବର୍ଷକୁ ନେଇ ହୋଲି ଏବଂ ଇଦ୍ ଭଳି ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ପରସ୍ପର ମଧ୍ୟରେ ଆଲିଙ୍ଗନ ପୂର୍ବକ ସ୍ୱାଗତ ଜଣାଇ ନୂଆବର୍ଷ ୨୦୨୫କୁ ସ୍ୱାଗତ କରିଥିଲେ। ବନ୍ଧୁବର୍ଗ, ସାଙ୍ଗସାଥୀ ମଧ୍ୟରେ ପରସ୍ପରକୁ ସ୍ୱାଗତ-ସମ୍ବର୍ଦ୍ଧନା ଜଣାଉଥିଲେ।

# ବାଲିମେଳା ସର୍ବଦଳୀୟ ମଞ୍ଚ ପକ୍ଷରୁ ଜିରୋ ନାଇଟ ସେଲିବ୍ରେସନ

## ନାଚଗୀତ, ବାଦ୍ୟ ଆତସ ବାଜିରେ କମ୍ପିଲା ସହର






କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଠାରେ ଗତ ୨୦୨୪ ବର୍ଷକୁ ବିଦାୟ ଦେବା ସହ ଇଂରାଜୀ ନବବର୍ଷ ୨୦୨୫କୁ ଧୁମଧାମରେ ସ୍ୱାଗତ କରାଯାଇଥିଲା। ମାଲକାନଗିରି ଜିଲ୍ଲା ବାଲିମେଳା ସର୍ବଦଳୀୟ ମଞ୍ଚର ସଭାପତି ତଥା ବାଲିମେଳା ଏନଏସିର କାଉନସିଲର କୃଷ୍ଣ ବାଘ, ଉପସଭାପତି ରବି ହରିଜନ, ସମ୍ପାଦକ ସୁରେଶ ଖୋସଲା, ଚିତ୍ତରଞ୍ଜନ ଦାସ, ଇନାମ ପ୍ରଧାନ, ଯୀଶୁଦାନ ଖେମୁଡୁ, ମୁନାସୁନା, କୈଳାସ ମହାରଣାଙ୍କ ସମେତ ଉକ୍ତ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ମଙ୍ଗଳବାର ଜିରୋ ନାଇଟ ସେଲିବ୍ରେସନ କରାଯାଇଥିଲା। ମଙ୍ଗଳବାର ରାତି ୧୦ଘଟିକା ସମୟରୁ ରାତି ୨ଟା ପର୍ଯ୍ୟନ୍ତ ବାଲିମେଳା ସହରର ନୂତନ ବସଷ୍ଟାଣ୍ଡ ପରିସରରେ ଜିରୋ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରବାସୀଙ୍କ ମନୋରଞ୍ଜନ ନିମନ୍ତେ କମିଟି ପକ୍ଷରୁ ସୁଦୂର ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରୁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ରୁକମନ ସୁନାଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ଆର.କେ ରକଷ୍ଟାର ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜିରୋ ନାଇଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ଦଳର ମାଲକାନଗିରି ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର, ବରିଷ୍ଠ ନେତା ଡମ୍ବୁରୁ ବାଘ, କାଉନସିଲର ତୁଳାମଣି ଛତି, ବାଲିମେଳା ଏନଏସିର ବିଧାୟକ ପ୍ରତିନିଧି ଇସାକ ଖୋସଲା, କୋରୁକୋଣ୍ଡ ବ୍ଲକ ବିଧାୟକ ପ୍ରତିନିଧି ବିନାୟକ ପାତ୍ର ପ୍ରମୁଖ ଯୋଗଦେଇ ଜିରୋ ନାଇଟ ତଥା ମେଲୋଡ଼ି କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବିଧାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଜିରୋ ନାଇଟ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ହୋଇଥିବା ମେଲୋଡ଼ି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବାଲିମେଳା ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ପ୍ରତିଷ୍ଠିତ କଳାକାର ରୁକ ସୁନା ଓ ତାଙ୍କସହ ଆସିଥିବା କଳାକାରମାନଙ୍କ କଣ୍ଠରୁ ଲୋକଙ୍କ ହୃଦୟ ସ୍ପର୍ଶ କଲାଭଳି ସମ୍ବଲପୁରୀ ଓ ବିଭିନ୍ନ ପ୍ରକାର ସଂଗୀତ ସାଙ୍ଗକୁ ବାଦ୍ୟ ପରିବେଷଣ କରାଯାଇଥିଲା। ନାଚଗୀତ, ବାଦ୍ୟରେ ଓ ରାତି ୧୨ଟା ସମୟରେ ୨୦୨୪ ବର୍ଷକୁ ବିଦାୟ ଦେବା ସହ ଇଂରାଜୀ ନବବର୍ଷ ୨୦୨୫କୁ ସମସ୍ତେ ସ୍ୱାଗତ କରାଯାଇଥିଲା। ଠିକ୍ ରାତି ୧୨ଟା ସମୟରେ କାର୍ଯ୍ୟକ୍ରମ ସ୍ଥଳରେ ଆତଜବାଜି କରାଯାଇଥିଲା। ଆତସବାଜିର ଶବ୍ଦରେ ସହର କମ୍ପି ଉଠିଥିଲା। ସମସ୍ତେ ପରସ୍ପରକୁ ହାତ ମିଶାଇବା ସହ ଆଲିଙ୍ଗନ କରି ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଜିରୋ ନାଇଟ କାର୍ଯ୍ୟକ୍ରମରେ ହୋଇଥିବା ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମଞ୍ଚ ନିକଟ ଏବଂ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସହରର ସମସ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ନୂତନ ବର୍ଷର ଆଗମନକୁ ନେଇ ମାଲକାନଗିରି ଜିଲ୍ଲାର ବାଲିମେଳା ସହିତ ଜିଲ୍ଲାର ଅନ୍ୟ ଭାଗରେ ମଧ ବେଶ୍ ଉତ୍ସାହ ଉଦ୍ଦିପନା ଦେଖିବାକୁ ମିଳିଥିଲା। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନବର୍ଷକୁ ବେଶ୍ ଯାକଜମକରେ ପାଳନ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜିରୋ ନାଇଟ ସେଲିବ୍ରେସନକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# କମାରିଆରେ ରକ୍ତଦାନ ଶିବିର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧିନ କମାରିଆ ଠାରେ ଦୁର୍ଗା ମେଡ଼ିସିନ ଷ୍ଟୋର ଏବଂ ସମ୍ବାଦ ଆମ ଓଡ଼ିଶା ପକ୍ଷରୁ ନୂତନ ବର୍ଷ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରକୁ ଅଧ୍ୟାପକ ରବିନାରାୟଣ କରଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନୃସିଂହ ଚରଣ ମହାପାତ୍ର, ଅନାଦି ଚରଣ ବେହେରା, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଭଦ୍ରକ ବ୍ଲଡ଼ବ୍ୟାଙ୍କ ପକ୍ଷରୁ ଡା. ବିମଳା ମିଶ୍ର, ଟେକ୍ନିସିଆନ ରତିକାନ୍ତ ବଳ, ବିଶ୍ୱରଞ୍ଜନ ବଳ, ଏସକେ ବୁନ୍ଦିଆ, ମାନସ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଦୁର୍ଗା ମେଡ଼ିଶିନ ଷ୍ଟୋରର ପରିଚାଳକ ସୁବାସ ରାଉତ, ସମାଜସେବୀ ସୁନୀଲ ରାଉତ, ବିକ□ନ ମଲିକ, ଶଶିକାନ୍ତ ବେହେରା, ସରୋଜ ପରିଡ଼ା, ଅଧ୍ୟାପିକା ସ୍ୱପ୍ନାରାଣୀ ମହାପାତ୍ର, ଅଶୋକ କୁମାର ନାୟକ, ସାଇସିଦ୍ଧିକ୍ ରାଉତ, ରଶ୍ମିତା ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମ୍ବାଦ ଓ ଆମ ଓଡ଼ିଶା ତିହିଡ଼ି ଶାଖା ଆବାହକ ପ୍ରଭାତ କୁମାର ରାଉଳ ସମସ୍ତ ରକ୍ତଦାତା ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ତୁଳସୀକ୍ଷେତ୍ରରେ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍):ବିଶ୍ୱଶାନ୍ତି ପ୍ରାର୍ଥନା ଦିବସର ମୁଖ୍ୟ କେନ୍ଦ୍ର ପୁରାଣ ପ୍ରସିଦ୍ଧ ତୁଳସୀ କ୍ଷେତ୍ର। ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଜାନୁଆରୀ ୧ ତାରିଖ ଦିନ କେନ୍ଦ୍ରାପଡ଼ା ଦିବ୍ୟଜୀବନ ସଂଘ ପକ୍ଷରୁ ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ଅତି ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି। ମହାମନ୍ତ୍ର ମୃତ୍ୟୁଞ୍ଜୟ ମନ୍ତ୍ର, ନାରାୟଣ ମନ୍ତ୍ର, ଦେବୀମନ୍ତ୍ର ଜପ ସହିତ ବିଶ୍ୱ ପ୍ରାର୍ଥନା ଆବୃତ୍ତି କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଓ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ଏବଂ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ ଯୋଗଦେଇ ପ୍ରାର୍ଥନା ଦିବସର ମହତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ଶିବାନନ୍ଦ ଭଜନ ଗଙ୍ଗା ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଆଶ୍ରମର ଉପାଧକ୍ଷ ଡ. କାଳୀପ୍ରସନ୍ନ ଶତପଥୀ, ଅଧ୍ୟାପକ ଅଜୟ ସାମଲ, ନିରଞ୍ଜନ ମେକାପ, ବଳଦେବ ସେନା ମୁଖ୍ୟ ପପୁନ୍ ସ୍ୱାଇଁ, ଆଳିଜଙ୍ଗା ମାତୃ ସତ୍‌ସଙ୍ଗର ସଦସ୍ୟା ବୃନ୍ଦ ଏବଂ ବିଭିନ୍ନ ସାଂସ୍କୃତିକ ସଙ୍ଗଠନର ପ୍ରତିନିଧିଙ୍କ ସମେତ ପାଞ୍ଚଶହରୁ ଊର୍ଦ୍ଧ୍ୱ ସାଧାରଣ ଲୋକମାନେ ଉପସ୍ଥିତ ରହି ପ୍ରାର୍ଥନା କରିଥିଲେ। ବ୍ରହ୍ମଚାରୀ ନୃସିଂହ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ୍ ବଡ଼ାସ ଗ୍ରାମପଞ୍ଚାୟତର ବଡ଼ାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ବୁଧବାର ନୂତନ ବର୍ଷର ଶୁଭାରମ୍ଭରେ ବିଶ୍ୱର ମଙ୍ଗଳ ପାଇଁ ୧୭ତମ ବାର୍ଷିକ ୧୦୮ ହନୁମାନ ଚାଳିଶା ପଠନ ହେବା ସହ ରାମକଥା ଶ୍ରବଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ସାନମଠ ମହନ୍ତ ବିଶ୍ୱମ୍ବର ଦାସ ମହାରାଜ, ଚମ୍ପାଧର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ଗଡ଼ବଳଭଦ୍ରପୁର ମଠ ମହନ୍ତ ଜଗବନ୍ଧୁ ଦାସ ମହାରାଜ, ବେନୁପଡ଼ା ମଠ ଅଧିକାରୀ କାଳୁଚରଣ ଦାସ ମହାରାଜ, ପଣ୍ଡିତ ସନ୍ତୋଷ କୁମାର ବାହାନପତି, ମାନସ ରାଜହଂସ ରାମୟଣୀ ପଣ୍ଡିତ ନାରାୟଣ ଦାସ, ଦୀପକ କୁମାର ବାହିନୀପତି, ବ୍ରଜବନ୍ଧୁ ଦାସ ମହାରାଜ ଏବଂ ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ ଗ୍ରାମର ହନୁମାନ ଭକ୍ତ ମାନେ ଯୋଗଦେଇ ୧୦୮ ହନୁମାନ ଚାଳିଶା ପଠନ କରିବା ସହିତ ଦୁଇହଜାରରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ବୈଦ୍ୟନାଥ ସେବା ପରିଷଦ କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।



# ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ

## ଯମରାଜ ଓ ଚିତ୍ରଗୁପ୍ତ ଦେଲେ ସଚେତନତାର ବାର୍ତ୍ତା



ବାରିପଦା, (ଭାସ୍କର ନ୍ୟୁଜ୍):ଜାନୁୟାରୀ ୧ ରୁ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବୁଧବାର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ, ଜିଲ୍ଲା ପୁଲିସ ପ୍ରଶାସନ ଓ ଜିଲ୍ଲା ସଡ଼କସୁରକ୍ଷା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ, ନବବର୍ଷର ପ୍ରଥମ ଦିନ ସକାଳେ କଲେକ୍ଟରେଟ୍ ଠାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ସପ୍ତାହ ବ୍ୟାପୀ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ପ୍ଲାକାର୍ଡ଼ ସହିତ ସଚେତନତା ଶୋଭାଯାତ୍ରାରେ ରଥ ସହିତ ସହର ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫ୍‌ଲେଟ୍ ବଣ୍ଟନ କରାଯାଇ ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ୍‌ର ବ୍ୟବହାର, ଚାରିଚକିଆ ଯାନରେ ସିଟ୍‌ବେଲ୍‌ଟର ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚାଳନା ନ କରିବା ଏବଂ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଯମରାଜା-ଚିତ୍ରଗୁପ୍ତ ସମ୍ବାଦ। ସ୍ଥାନୀୟ କଳାକାରମାନେ ଯମରାଜ ଏବଂ ଚିତ୍ରଗୁପ୍ତ ବେଶ ଧରି ପଥପ୍ରାନ୍ତ ସଚେତନତା ନାଟକ କରିବା ସହିତ ରାସ୍ତାରେ ଯେଉଁମାନେ ହେଲମେଟ ନ ପିନ୍ଧି ଗାଡ଼ି ଚଳାଉଥିଲେ ସେମାନଙ୍କୁ ସଚେତନ କରିବା ସହିତ ପୁଲିସ ସହାୟତାରେ ଦଣ୍ଡବିଧାନ ମଧ୍ୟ କରୁଥିଲେ। ଏଥିସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନା ହେଲମେଟ ଗାଡ଼ିଚାଳନା କରୁଥିବା ଚାଳକଙ୍କୁ ମାଗଣାରେ ହେଲମେଟ ମଧ୍ୟ ପ୍ରଦାନ କରାଯାଉ ଥିଲା। ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ସହକାରୀ ପରିବହନ ଅଧିକାରୀ ସାଲକୋ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ମାସ ପାଳନ ଅବସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସବଡିଭିଜନରେ ସଚେତନତା ର୍ୟାଲି ଆୟୋଜନ କରାଯିବା ସହ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜାତୀୟ ସଡକ ସୁରକ୍ଷା ସମ୍ବନ୍ଧୀୟ ୱାଲ ପେଣ୍ଟିଂ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା, ଡ୍ରାଇଭରମାନଙ୍କ ନିମନ୍ତେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଦି ଆୟୋଜନ କରାଯିବ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା ସହିତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ। ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇ ଜିଲ୍ଲାରେ ଦୁର୍ଘଟଣା ହ୍ରାସ କରିବାରେ ସହଯୋଗ ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

## ପଲାଶୋଳ ୟୁଥ ହେଲପିଙ୍ଗ ହ୍ୟାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷର



କେନ୍ଦୁଝର, (ଭାସ୍କର ନୁଜ୍):ନୂଆ ବର୍ଷ ଅବସରରେ ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ ବନ ବିଭାଗ ପକ୍ଷରୁ ମିଳିତ ଭାବେ ସାନଘାଗରା ଏବଂ ବଡ଼ ଘାଗରାର ବଣଭୋଜି ହେଉଥିବା ସ୍ଥାନରେ ଚଢ଼ାଉ କରି ବହୁ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ ଜବତ କରାଯାଇଛି। ଚଢ଼ାଉରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବୈଜ୍ଞାନିକ ଇପ୍‌ସି ଗିରି, ସନ୍ତୋଷ କୁମାର ନାୟକ, ଶୁଭମ ବେହେର, ଶୁଆକାଟୀ ଫରେଷ୍ଟର ଜ୍ୟୋର୍ତିମୟୀ ପଟ୍ଟନାୟକ ଏବଂ ଅନ୍ୟ ବନ କର୍ମଚାରୀ ସାମିଲ ଥିଲେ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ (ସିଙ୍ଗଲ ୟୁଜ ପ୍ଲାଷ୍ଟିକ) ବିକ୍ରୀ ଏବଂ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ଥିଲେ ପର୍ଯ୍ୟଟକମାନେ ଏହାକୁ ବ୍ୟବହାର କରୁଛନ୍ତି। ବଣ ଭୋଜି ସ୍ଥାନରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବାରଣ ସତ୍ତ୍ୱେ ପର୍ଯ୍ୟଟକମାନେ ପ୍ଲାଷ୍ଟିକ ଜରି, ପ୍ଲାଷ୍ଟିକ କ୍ୟାରି ବ୍ୟାଗ, ଚାମଚ, ଗ୍ଲାସ, କପ, ଥର୍ମୋକୁଲ ପ୍ଲେଟ୍ ଆଦି ବ୍ୟବହାର କରୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ ବନବିଭାଗ ପକ୍ଷରୁ ଏହି ଦୁଇ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ପିକ୍‌ନିକ କରିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ବିଘଟନ ହେଉଥିବା ଶାଳ ଖଲିପତ୍ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଡିସେମ୍ବର ମାସଠାରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଜଳପ୍ରପାତର ଜିଲ୍ଲା କେନ୍ଦୁଝରକୁ ଲକ୍ଷାଧିକ ପର୍ଯ୍ୟଟକ ଆସୁଥିବାବେଳେ ଚଳିତ ବର୍ଷ ଜିଲ୍ଲାର ପର୍ଯ୍ୟଟନସ୍ଥଳଗୁଡ଼ିକରେ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ଶାଳପତ୍ରରେ ଖଲି, ଚଉପତି ବ୍ୟବହାର କଲେ ଆଦିବାସୀମାନେ ଜୀବିକା ଉପାର୍ଜନର ମାଧ୍ୟମ ପାଇବେ। ପର୍ଯ୍ୟଟନ ସ୍ଥଳୀରେ ନିୟମିତ ଧରପଗଡ଼ ସହିତ ଲୋକଙ୍କୁ ସଚେତନ କରାଯାଇ ଶାଳପତ୍ରରେ ଖଲି, ଚଉପତି ବ୍ୟବହାର କରିବାକୁ କୁହାଯାଉଛି।

## ବେକାରୀଙ୍କୁ ରୋଜଗାରକ୍ଷମ କରିଛି ସକ୍ଷମ




ଭାପୁର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଶିକ୍ଷିତ ବେକାରୀ ଯୁବକଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଥିବା ବେଳେ ଏହାକୁ ରୋକ୍ ଲଗେଇବା ପାଇଁ ପଦକ୍ଷେପ ନେଇଛି ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ସକ୍ଷମ ଓଡ଼ିଶା। ଭୁବନେଶ୍ୱରରେ କାର୍ଯ୍ୟ କରିଥିବା ଏହି ଅନୁଷ୍ଠାନ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ପ୍ରବେଶ କରି ବେକାରୀ ଯୁବକଙ୍କୁ ଦେଇଛି ସାହାରା। ଏହି ଅନୁଷ୍ଠାନ ପ୍ରପର୍ ଡକ୍ୟୁମେଣ୍ଟ ଦେଇ ସବସିଡିରେ ଋଣ ଆଣି ବେକାରୀ ଯୁବକଯୁବତୀଙ୍କୁ କୁଟୀର ଶିଳ୍ପ କରିବା ପାଇଁ ପ୍ରୋତ୍ସାହନ ଦେଇଛି। ଅର୍ଥାତ୍, ମେସିନ୍ ଦ୍ୱାରା ଡାଇରୀ, ନୋଟ୍ ବୁକ୍, ଖାତା, ନୁଡୁଲ, ଚାଓମିନ୍, କୁରୁକୁରି, ମିକଶ୍ଚର, ପେନ୍‌ସିଲ, ଇରେଜର ତିଆରି କରି ସେହି କମ୍ପାନୀକୁ ବିକ୍ରିକରି ଲାଭ ପାଉଛନ୍ତି ବେକାର ଯୁବକଯୁବତୀ ମାନେ। ଏହି ପରିପ୍ରେକ୍ଷୀରେ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ନୀମାଣି ଗ୍ରାମର ଅର୍ଜୁନ ବେହେରା ଖାତା ଓ ନୋଟ୍ ତିଆରି ମେସିନ୍ ବସେଇ ନୂଆବର୍ଷର ପ୍ରଥମ ଦିନରେ ନିଜର ଭବିଷ୍ୟତକୁ ଆରମ୍ଭ କରିଛନ୍ତି। ଏହି କୁଟୀରଶିଳ୍ପକୁ ରାଜ୍ୟ ସଂଯୋଜିକା ତୃପ୍ତି ପଟ୍ଟନାୟକ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ, ଭାପୁର ଅଞ୍ଚଳରେ ଏହା ପ୍ରଥମ କରି କାର୍ଯ୍ୟ କରୁଥିବାରୁ ବେକାର ଯୁବକମାନଙ୍କୁ ପ୍ରୋତ୍ସାହନ ଦେଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ନୂଆବର୍ଷରେ ବିଜୁ ପାର୍କରେ ଅସମ୍ଭବ ଭିଡ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବଦଳିଗଲା ଆଉ ଗୋଟିଏ କ୍ୟାଲେଣ୍ଡର୍ ବର୍ଷ। ନୂଆବର୍ଷର ନୂଆ ସକାଳର ପହିଲି ପରଶରେ ମସଗୁଲ୍ ହୋଇପଡ଼ିଲା ଭଞ୍ଜନଗର। ସକାଳୁ ସକାଳୁ ସହରର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଓ ଇକୋ ପାର୍କରେ ବଢ଼ିଲା ଅସମ୍ଭବ ଭିଡ଼। ନୂଆବର୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ଏହି ଦୁଇଟି ଦର୍ଶନୀୟ ସ୍ଥାନ ବେଶ ଆକର୍ଷଣୀୟ ଢଙ୍ଗରେ ସଜ୍ଜିତ ହୋଇଥିଲା। ରାଜ୍ୟର କୋଣ ଅନୁକୋଣରୁ ଏଠାକୁ ଛୁଟିଥିଲା ପର୍ଯ୍ୟଟକଙ୍କ ସୁଅ। ନୂଆବର୍ଷର ମଜା ଲୁଟିବାକୁ ଏହି ଦୁଇଟି ପାର୍କ ହିଁ ପ୍ରମୁଖ ମାଧ୍ୟମ ପାଲଟିଯାଇଥିଲା। ଅପରାହ୍ନ ୪ଟା ବେଳକୁ ପାର୍କ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇପଡ଼ିଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବେଶ କିଛିଦିନର ପାଣିପାଗ ବିଗିଡ଼ିବା ପରେ ନୂଆବର୍ଷରେ ପାଗ ବେଶ ଅନୁକୂଳ ରହିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଏଠାରେ ରେକର୍ଡ଼ ଭାଙ୍ଗିଥିଲା। ଫଳରେ ଟ୍ରାଫିକ ନିୟନ୍ତ୍ରଣ କରିବା ପୁଲିସ ପାଇଁ ଏକ ବଡ଼ ଚାଲେଞ୍ଜ ହୋଇଥିଲା। ବିଜୁ ପାର୍କରେ ନୌକା ବିହାର ଠାରୁ ଆରମ୍ଭ କରି ପିଲାଙ୍କ ମଲ୍ଟି ଗେମ୍ସରେ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଟୟ୍ ଟ୍ରେନ୍ ଓ ପାର୍କ ଭିତରେ ଥିବା ଚିଡ଼ିଆଖାନାରେ ମଧ୍ୟ ଅସମ୍ଭବ ଭିଡ଼ ରହିଥିଲା। କିଏ ଦୋଳି ଖେଳର ମଜା ଲୁଟୁଥିଲା ତ ଆଉ କିଏ ପାର୍କରେ ଫୁଲ ବଗିଚାରେ ବସିରହି କୁଲଫି ଖାଇ ନୂଆବର୍ଷକୁ ଅତି ନିକଟରୁ ପରଖୁଥିଲା। ସେହିପରି ବଡ଼ ଆକ୍ୱାରିୟମ ଓ ମ୍ୟାଜିକ୍ ଗ୍ଲାସ୍ ହାଉସ୍‌ରେ ପର୍ଯ୍ୟଟକମାନେ ନିଜକୁ ନିଜେ ଖୋଜିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଥିଲା। ଶତାଧିକ ବର୍ଷର ପୁରୁଣା ବ୍ରିଟିଶ୍ ନିର୍ମିତ ଭଞ୍ଜନଗର ଜଳଭଣ୍ଡାର (ସେତେ ବେଳର ରସଲକୁଣ୍ଡା ଜଳଭଣ୍ଡାର)ର ପାଦଦେଶରେ ଗଢ଼ି ଉଠିଥିବା ଏହି ବିଜୁ ପଟ୍ଟନାୟକ ପାର୍କ ବାସ୍ତବରେ ରାଜ୍ୟର ଏକ ଅଦ୍ୱିତୀୟ ପାର୍କ। କେବଳ ପାର୍କ ନୁହଁ ଏଥି ସଂଲଗ୍ନ ପାହାଡ଼ ଉପରେ ନିର୍ମିତ ଏସିଆ ମହାଦେଶର ଅଷ୍ଟମ ଦୀର୍ଘତମ ମହାଦେବଙ୍କ ପ୍ରତିମୂର୍ତ୍ତି ବେଲେଶ୍ୱର ମହାଦେବଙ୍କ ପୀଠରେ ମଧ୍ୟ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ଏଥିପାଇଁ ସ୍ଥାନୀୟ ଜଳସେଚନ ବିଭାଜନ ପକ୍ଷରୁ କର୍ମଚାରୀମାନଙ୍କ ସମେତ ସେଠାରେ ନିୟୋଜିତ ବହୁ ସ୍ୱେଚ୍ଛାସେବୀଙ୍କୁ ବେଶ କସରତ କରିବାକୁ ପଡ଼ିଥିଲା। କେବଳ ବିଜୁ ପାର୍କରେ ନୁହଁ ସ୍ଥାନୀୟ ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ଼ ବନାଞ୍ଚଳକୁ ଲାଗି ରହିଥିବା ଜଳଭଣ୍ଡାର ପାଦଦେଶରେ ନିର୍ମିତ ବନବିହାର ଇକୋ ପାର୍କରେ ବଣଭୋଜିର ମଜା ନେବାକୁ ସେଠାରେ ମଧ୍ୟ ଅସମ୍ଭବ ଭିଡ଼ ଲାଗି ରହିଥିଲା। ଇକୋ ପାର୍କରେ ନିର୍ମିତ କାଠବଙ୍ଗଳା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର ମାଧ୍ୟମ ପାଲଟିଥିଲା। ଏଠାରେ ବନ କର୍ମଚାରୀଙ୍କୁ ବେଶ ନାକେଦମ୍ ହେବାକୁ ପଡ଼ିଥିଲା। ନୂଆବର୍ଷକୁ ଆଖି ଆଗରେ ରଖି ପୂର୍ବରୁ ଏହି ଇକୋ ପାର୍କକୁ ବନବିଭାଗ ପକ୍ଷରୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଥିଲା। ଏଠାରେ ବଣଭୋଜି ପାଇଁ ନିର୍ମିତ ବିଭିନ୍ନ ପିଣ୍ଡି ପ୍ରାୟ ଏକମାସ ଆଗରୁ ବୁକ୍ ହୋଇସାରିଥିଲା। ଅପରପକ୍ଷରେ ସ୍ଥାନୀୟ ସାଇ ମନ୍ଦିର ପରିସରରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କେବଳ ଏହି ଦୁଇଟି ସ୍ଥାନ ନୁହଁ ଭଞ୍ଜନଗର ସୋରାଦେବୀ ମନ୍ଦିର ନିକଟରେ ଥିବା ଘଞ୍ଚବନାନୀ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ପର୍ଯ୍ୟଟକଙ୍କ ବଣଭୋଜିର ଭିଡ଼ ମଧ୍ୟ ବେଶ ଜମିଥିଲା। ସେହିପରି କୁଲାଡ଼ର ଆରାଧ୍ୟ ଦେବୀ ବ୍ୟାଘ୍ରଦେବୀଙ୍କ ପୀଠରେ ମଧ୍ୟ ଦିନସାରା ଭକ୍ତଜନଙ୍କ ଗହଳି ଚହଳି ଲାଗିରହିଥିଲା।

## ବୋଲଗଡ଼ ପର୍ଯ୍ୟଟନ ପୀଠସ୍ଥଳୀ ଚଳଚଞ୍ଚଳ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଅଞ୍ଚଳରେ ଅନେକ ପ୍ରାଚୀନ ପର୍ଯ୍ୟଟନସ୍ଥଳୀ ରହିଛି। ସେଥିମଧ୍ୟରୁ ବୋଲଗଡ଼ରେ ଥିବା ମା' ଭୂଇଁୟାଣୀ ପୀଠ, ମୁଣ୍ଡିଆପଡ଼ା, ଯୋଡ଼ାପଡ଼ା ରାମମନ୍ଦିର, ସାନପଦର ବିନ୍ଧ୍ୟଗିରି ପର୍ବତ, କୋଶଳାଶୁଣୀ ପୀଠ, ମାନିବନ୍ଧ ହନୁମାନ ମନ୍ଦିର, ଖଙ୍ଗୁରିଆ,ହନୁମାନ ମନ୍ଦିର, ଦେଉଳି ମଠ, ଆଦି ପ୍ରମୁଖ ତୀର୍ଥସ୍ଥାନ ଓ ପର୍ଯ୍ୟଟନ ସ୍ଥଳୀ ଭାବେ ବୋଲଗଡ଼କୁ ଅଞ୍ଚଳ ବାସି ଦାବୀ କରିଆସୁଛନ୍ତି। ଏହି ସ୍ଥାନଗୁଡ଼ିକରେ ଆଜି ୨୦୨୫ ନୂଆ ବର୍ଷରେ ଅଞ୍ଚଳରେ ସମସ୍ତ ପୀଠଗୁଡ଼ିକରେ ଚଳଚଞ୍ଚଳ ଦେଖିବାକୁ ମିଳିଥିଲା। ସବୁ ସ୍ଥାନରେ ୭୦୦ରୁ ଊର୍ଦ୍ଧ୍ୱ ଲୋକମାନେ ଭୋଜିଭାତ କରି ମଜା ନେଉଥିବା ବେଳେ ଅନେକ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଆସିଥିଲେ। ମୁଣ୍ଡିଆପଡ଼ା ଠାରେ ବହୁ ଶ୍ରଦ୍ଧାଳୁ ଜମିଥିବା ବେଳେ ଅନେକ ଅଞ୍ଚଳବାସୀ ସେଠାରେ ନୂଆବର୍ଷ ଭୋଜିକରି ପାଳନ କରିଥିଲେ। ମୁଣ୍ଡିଆ ପଡ଼ାରେ ବୁଧବାର ନୂଆବର୍ଷ ଉପଲକ୍ଷେ ୧୦,୦୦୦ରୁ ଊର୍ଦ୍ଧ୍ୱ ଲୋକମାନେ ଜମା ହୋଇଥିଲେ। ସେହିପରି ସାନପଦର ବିନ୍ଧ୍ୟଗିରି ପର୍ବତ ଠାରେ ଲୋକମାନେ ମଧ୍ୟ ଭୋଜିଭାତ କରି ମଜା ନେଇଥିଲେ। ସାନପଦର ବିନ୍ଧ୍ୟଗିରି ପ୍ରାଚୀନ ମନ୍ଦିର ରହିଥିବା ବେଳେ ସେଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। କିନ୍ତୁ ସେଠାରେ ଜଳର ସମସ୍ୟା ରହିଥିବାବେଳେ ଭୋଜିଭାତ ପାଇଁ ଲୋକମାନେ କିଭଳି ସମସ୍ୟାର ସମ୍ମୁଖୀନ ନହେବେ ସେଥିପାଇଁ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଏକ ପାଣି ଟ୍ୟାଙ୍କର ସୁବିଧା କରିଥିଲେ। ଯାହାଫଳରେ ସାନପଦର ପଞ୍ଚାୟତ, କୁଳାସର ପଞ୍ଚାୟତ, ଗୋପାଳପୁର ପଞ୍ଚାୟତ, ପିଚୁକୁଳି ପଞ୍ଚାୟତ ଆଦି ଗ୍ରାମରୁ ଆସିଥିବା ଲୋକମାନେ ଭୋଜିଭାତ କରିଥିଲେ। ସରପଞ୍ଚଙ୍କ ଏହି କାମ ପାଇଁ ସମସ୍ତେ ପ୍ରଶଂସା କରିଥିଲେ। ଅପରପକ୍ଷେ ମାଣିବନ୍ଧ ହନୁମାନ ମନ୍ଦିର ଠାରେ ବହୁ ଶ୍ରଦ୍ଧାଳୁ ଭଜନ, କୀର୍ତ୍ତନ କରି ନୂଆବର୍ଷରେ ଜଗତର କଲ୍ୟାଣ ନିମନ୍ତେ ଭଗବାନ ରାମ, ହନୁମାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସେହିଭଳି ଭାବରେ ସମସ୍ତ ପୀଠଗୁଡ଼ିକ ଚଳଚଞ୍ଚଳ ହୋଇଥିଲା। ବୋଲଗଡ଼ର ମା ଭୂଇଁୟାଣୀଙ୍କ ପୀଠରେ ଅନେକ ଲୋକମାନେ ଆଜି ନୂଆବର୍ଷ ପାଳନ କରିବା ସହିତ ବହୁ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରି ସାନିଧ ଲାଭ କରିଥିଲେ। ବିନ୍ଧ୍ୟଗିରି ପର୍ବତ ଏବଂ ମୁଣ୍ଡିଆପଡ଼ାକୁ ପର୍ଯ୍ୟଟନ ସ୍ଥଳରେ ମାନ୍ୟତା ଦେବାକୁ ବହୁ ଜନସାଧାରଣ ଦାବୀ କରିଛନ୍ତି।

## ସାହିତ୍ୟ ଜୀବନର ସାଥୀ ଶୀର୍ଷକ ଆଲୋଚନା ଚକ୍ର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ସ୍ଥିତ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ନେଇ ଏକ ବୌଦ୍ଧିକ ଓ ପ୍ରବନ୍ଧ ପ୍ରତିଯୋଗିତା ଏବଂ 'ସାହିତ୍ୟ ଜୀବନର ସାଥୀ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ସଭାପତି ବିଭୂତିଭୂଷଣ ସେନାପତି ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, ମୁଖବକ୍ତା ଭାବେ ପଣ୍ଡିତ ଦୈତାରି ମହାପାତ୍ର, ସମ୍ମାନିତ ବକ୍ତାଭାବେ ନିତ୍ୟାନନ୍ଦ ମଲ୍ଲିକ, ସଂଜୁକ୍ତା ଭାରତୀ, ଶିକ୍ଷାବିତ୍ ଡଃ ଅରୁଣ କୁମାର ପଣ୍ଡା, କବି ରବିକୁମାର ମହାନ୍ତି, ସୁଜାତା ଦାଶ, ପ୍ରଫୁଲ୍ଲ କୁମାର ପାଢୀ,ସୁରୁଚିପ୍ରଭା ଦାଶ, ଶୀତଳକୁମାର ବେହେରା, ମଥୁରାମୋହନ ବେହେରା, ବୈକୁଣ୍ଠ ନାଥ ଓଝା, ଆଶୁତୋଷ କରଣ, ବିଜୟ କୁମାର ବେହେରା, ନିର୍ମଳ ଚନ୍ଦ୍ର ଦଳାଇ ଓ ଶାନ୍ତିଲତା ଗିରି ପ୍ରମୁଖ ଯୋଗ ଦେଇ ସମସ୍ତ ସାହିତ୍ୟିକ ଓ କବିମାନେ ସାହିତ୍ୟରେ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛନ୍ତି ବୋଲି କହିଥିଲେ। ଏହି ଅବସରରେ ସାଇକ୍ରିଷ୍ଣା ବାରିକ, ଚନ୍ଦ୍ରଶେଖର ବାରିକ, ଅର୍ଜ୍ଜୁନ ପରିଡା, ଶ୍ରୀଭାଶିଷ ସାହୁ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ କୃତି ଛାତ୍ର ଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା।ଶେଷରେ ପରିଷଦର ସଭ୍ୟା ପ୍ରତିମା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ରଟି ବେଶ୍ ଆସର ଜମାଇଥିଲା।

## ବିପଦବନ୍ଧୁ ସେବା ସଂଗଠନ ପକ୍ଷରୁ କମ୍ବଳ ଓ ଶୁଖିଲାଖାଦ୍ୟ ବଣ୍ଟନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ କୋହ୍ଲ ପଞ୍ଚାୟତର ଅଗ୍ରଣୀ ସାମାଜିକ ସଙ୍ଗଠନ ବିପଦବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ସ୍ଥିତ ପତିତପାବନ ବୃଦ୍ଧାଶ୍ରମର ଆଶ୍ରିତମାନଙ୍କୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଙ୍ଗଠନର କୋଷାଧ୍ୟକ୍ଷ ରାଜେନ୍ଦ୍ର ବାରିକଙ୍କ ଜନ୍ମ ଦିନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପତିତପାବନ ବୃଦ୍ଧାଶ୍ରମରେ ୨୧ଜଣ ଆଶ୍ରିତ ରହୁଛନ୍ତି। ସେମାନଙ୍କୁ ବିପଦ ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ କମ୍ବଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ସଙ୍ଗଠନର ସଭାପତି କୈଳାସ ସାହୁ, ସମ୍ପାଦକ ଅଲେଖ ଜେନା, କୋଷାଧ୍ୟକ୍ଷ ରାଜେନ୍ଦ୍ର ବାରିକ, ସୁରେନ୍ଦ୍ର ପରିଡ଼ା, ଲୋକନାଥ ପରିଡ଼ା, ଅଶୋକ ନାୟକ, ତପନ ବାରିକ, ଅକ୍ଷୟ ନାୟକ, କହ୍ନେଇ ବାରିକ, ଟୁଲୁ ଜେନା ପ୍ରମୁଖ ଆଶ୍ରିତମାନଙ୍କୁ ସାକ୍ଷାତ କରି ପରସ୍ପର ମଧ୍ୟରେ ଦୁଃଖସୁଖ ଆଦାନ ପ୍ରଦାନ କରିଥିଲେ। ବଣ୍ଟନ ସମୟରେ ପତିତପାବନ ବୃଦ୍ଧାଶ୍ରମର ସଭାପତି ଦୀପକ କୁମାର ବଳ, ସମ୍ପାଦକ ଉମାକାନ୍ତ ସାହୁଙ୍କ ସମେତ ଅନ୍ୟ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ସମାଜସେବୀ ହାଡ଼ିବନ୍ଧୁ ସମ୍ବର୍ଦ୍ଧିତ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ବଡ଼ାସ ଗ୍ରାମପଞ୍ଚାୟତ ବୈଦ୍ୟନାଥପାଟଣା ଗ୍ରାମରେ ଜନ୍ମଗ୍ରହଣ କରିଥିବା ହାଡ଼ିବନ୍ଧୁ ପାଢ଼ି ଦୀର୍ଘ ୪୦ବର୍ଷ ଧରି ଅବିଭକ୍ତ ପୁରୀ ଜିଲ୍ଲାର ବିଭିନ୍ନ ଗ୍ରାମରେ ଗ୍ରାମ୍ୟବିବାଦ, ଜମିବାଡିବଣ୍ଟନ, ପାରିବାରିକ ବିବାଦ, ସ୍ୱାମୀ ସ୍ତ୍ରୀ ବିଚ୍ଛେଦ ପ୍ରଭୃତି ୭ହଜାରରୁ ଊର୍ଦ୍ଧ୍ୱ ବିବାଦ ସମାଧାନ କରିଥିବା ବୈଦ୍ୟନାଥ ଦେବ, ମା' କୁଞ୍ଜେଶ୍ୱରୀ, ନୀଳେକଣ୍ଠେଶ୍ୱର ଠାକୁରଙ୍କ ସେବା ମୁଖ୍ୟ ଭୂମିକା ଗ୍ରହଣ କରିବା ପରିବେଶ ସୁରକ୍ଷା ଦିଗରେ ନିଜେ ଗଛ ଲଗାଇବା ସହ ଅନ୍ୟକୁ ଗଛ ଲଗାଇବା ପାଇଁ ପରମାର୍ଶ ଦେଇଥିବାରୁ ଆଜି ତଳମାଳଠାରେ ଅନୁଷ୍ଠିତ ଶ୍ରୀ ଅନନ୍ତ ସେବା ପରିଷଦ ପକ୍ଷରୁ ଆୟୋଜିତ ଏକ ସଭାରେ ବାବା ଶ୍ରୀଶ୍ରୀ ଅଭିରାମ ସରସ୍ୱତୀ ଶ୍ରୀପାଢୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ସମୟରେ ଡାକ୍ତର ରଙ୍ଗନାଥ ଦାସ, ଅଧ୍ୟାପକ ଜଗବନ୍ଧୁ ପାତ୍ର, କବିକସ୍ତୁରୀ ଦିଲ୍ଲିପ ଶ୍ରୀଚନ୍ଦନ, ଏଲିନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ସାଙ୍ଗ ପାଇଁ ପିକ୍‌ନିକ୍ ପଡ଼ିଲା ମହଙ୍ଗା

## ବସ୍ ଚକା ତଳେ ଚାଲିଗଲା ଯୁବକଙ୍କ ଜୀବନ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ପିକ୍‌ନିକ୍ କରିବାକୁ ଯାଇଥିବା ଦୁଇ ସାଙ୍ଗଙ୍କ ପାଇଁ ମହଙ୍ଗା ପଡ଼ିଛି। ନିମାପଡ଼ାରେ ଟୁରିଷ୍ଟ ବସ୍ ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏଥିନେଇ ରାସ୍ତାରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ନିମାପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଆହତଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ମୃତକଙ୍କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଭୀମଟାଙ୍ଗିର ଗଣେଶ ସେଠୀ (୨୪) ଓ ତାଙ୍କ ସାଙ୍ଗ ସୁନ୍ଦରପଦାର ଆଶିଷ ସାହୁ ଓରଫ ମଙ୍ଗୁ (୨୩) ନୂଆବର୍ଷ ଉପଲକ୍ଷେ ବୁଧବାର ସକାଳୁ ଏକ ହିରୋ ଏକ୍ସିମ୍-୧୨୫ସିସି ବାଇକ୍‌ରେ କୋଣାର୍କ ବୁଲିବାକୁ ଆସିଥିଲେ । କୋଣାର୍କ ବୁଲି ସନ୍ଧ୍ୟା ୭ଟା ସମୟରେ ଭୁବନେଶ୍ୱର ଫେରିଥିବା ବେଳେ ରଟିଲୋ ଛକ ନିକଟରେ ପଛପଟୁ ଆସିଥିବା ଏକ ଟୁରିଷ୍ଟ ବସ୍ ଯୁବକ ଦ୍ୱୟଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଚଳାଉଥିବା ଆଶିଷ ସାହୁ ରାସ୍ତା କଡ଼କୁ ଛିଟିକି ପଡ଼ିଥିବା ବେଳେ ପଛରେ ବସିଥିବା ଗଣେଶ ସେଠୀ ବସ୍ ଚକା ତଳେ ପଡ଼ି ଯାଇଥିଲେ । ବସ୍ ବନେଟ୍‌ରେ ଲାଗି ୫୦ ମିଟର ଘୋଷାଡ଼ି ହୋଇଯାଇଥିବା ବେଳେ ତାଙ୍କ ବେକ ଠାରୁ ମୁଣ୍ଡ ପର୍ଯ୍ୟନ୍ତ ବସ୍ ଚକା ତଳେ ଚିପିହୋଇ ରହିଯାଇଥିଲା। ଘଟଣାସ୍ଥଳରେ ହିଁ ଗଣେଶ ସେଠୀଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ନିମାପଡ଼ା ଥାନାଧିକାରୀ ମୃତକଙ୍କ ପରିବାରକୁ ଏ ସମ୍ବନ୍ଧରେ ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଷ୍ଟାଫ କମିଟି ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଇଂରାଜୀ ନବବର୍ଷ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଆରମ୍ଭ ହୋଇଥିଲା ଏକ ନିଆରା ଓ ମାନବଧର୍ମୀ ମହତ କାର୍ଯ୍ୟ 'ରକ୍ତଦାନ ଶିବିର'। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏହାକୁ ଶୁଭ ଉଦ୍‌ଘାଟନ କରିବା ସହ ଏଭଳି ମହତ କାର୍ଯ୍ୟ ପାଇଁ ଷ୍ଟାଫ୍ କମିଟିର ସଭାପତି ତଥା ଅନ୍ୟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଏଥିରେ ମୋଟ ୫୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## କୃଷକ ସଚେତନ ମଞ୍ଚ ପକ୍ଷରୁ ତହସିଲ ଘେରାଉ



କୋକସରା, (ଭାସ୍କର ନ୍ୟୁଜ୍) : ଗତ ୨୪ ଓ ୨୫ ତାରିଖରେ ଦୁଇ ଦିନ ଧରି ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ଅନେକ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ଏହାର କ୍ଷତିପୂରଣ ଦାବିରେ କୋକସରା କୃଷକ ସଚେତନ ମଞ୍ଚ ପକ୍ଷରୁ ତହସିଲ ଅଫିସ ଘେରାଉ କରାଯାଇଛି। ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀ ଓ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଅଞ୍ଚଳର ଶତାଧିକ ଚାଷୀ ଏକଜୁଟ ହୋଇ ବିରାଟ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ କୃଷକ ସଚେତନ ମଞ୍ଚର ଉପସଭାପତି ଗରୁଡଧ୍ୱଜ ମାଝୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ଏହା ପୂର୍ବରୁ ଚାଷୀମାନେ ପୂର୍ବ ପ୍ରଧାନମନ୍ତ୍ରୀ ଡଃ. ମନମୋହନ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ପରେ ଚାଷୀମାନେ ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ଗତ ୨୪ ଓ ୨୫ ତାରିଖରେ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା କୋକସରା ବ୍ଲକରେ ୬୫ରୁ ୭୦ ମି.ମି ବର୍ଷା ହୋଇଛି। ଯାହାକି ଓଡ଼ିଶାରେ କୋକସରା ବ୍ଲକରେ ସର୍ବାଧିକ ବୃଷ୍ଟିପାତ। ଫଳରେ ବିଲରେ ଥିବା ଅମଳକ୍ଷମ ଧାନ ତଥା ଅମଳ ହୋଇ ଖଳାରେ ପଡ଼ିଥିବା ଧାନ ଗଜା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଓ କିଛି ଧାନ ପାଣିରେ ପଡି ଡିସକଲର ହୋଇପଡିଛି। ତେଣୁ ଧାନ କ୍ରୟରେ ଯେଉଁ ଏଫ୍.ଏକ୍ୟୁ ମାନ ନିର୍ଦ୍ଧାରିତ କରାଯାଇଛି ତାହାକୁ ସମ୍ପୂର୍ଣ୍ଣ କୋହଳା କରି ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବା, ଆଗାମୀ ରବି ଫସଲ ପାଇଁ ସମସ୍ତ ପ୍ରକାରର ବିହନ ଯୋଗେଇଦେବା, ମେଗା ଲିଫ୍ଟ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରିବା, ଛାତ୍ରଛାତ୍ରୀ ମାନଙ୍କୁ ପାଠପଢ଼ା ସମ୍ବନ୍ଧୀୟ ସମସ୍ତ ଫିସ୍ ଛାଡ଼, ମଣ୍ଡିରେ ଚାଷୀ ମାନଙ୍କୁ ବିଭିନ୍ନ ହଇରାଣ ହରକତ କରିବା ବନ୍ଦ କରିବା, ଆର୍.ଏମ୍.ସି କର୍ମଚାରୀ ତଥା ମିଲର୍ସ କର୍ମଚାରୀ ମାନଙ୍କ ଟାଲଟୁଲ ନିତି ପ୍ରତ୍ୟେକ ମଣ୍ଡିରେ ଚାଲିଥିବା ବେଳେ ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଧାନ ବିକ୍ରୀ ପାଇଁ ଅନଲାଇନ କରିଥିବା ଚାଷୀ ମାନଙ୍କର କେଉଁ ଆଧାରରେ ଟୋକନ ଆସିଛି ସାର୍ବଜନୀନ କରିବା ଆଦି ୧୧ ଗୋଟି ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ମୀନ କେତନ ପ୍ରଧାନୀ, ଜୟଲାଲ ନାଏକ, ଘନଶ୍ୟାମ ନାଏକ, ଧର୍ମବ୍ରତ ପଣ୍ଡା, ଚିନ୍ତାମଣି ପଟେଲ, କେଶବ ଚନ୍ଦ୍ର ନାଏକ, ଅରବିନ୍ଦ ପଟ୍ଟନାୟକ, ପ୍ରଧାନୀ ବାଗ, ନିମାଇଁ ଚରଣ ଧଙ୍ଗଡାମାଝି, ହରେକୃଷ୍ଣ ନାଏକ, ଦୁର୍ଗା ପ୍ରସାଦ ଚିନ୍ଦା, ମନିଜର ପୋଡ଼, କମଳାକାନ୍ତ ପଣ୍ଡା, ଜୟପାଲ ନାଏକ, ରାଜ କିଶୋର ସାହୁ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

## କଂସ ଦରବାରରେ ବିଧାୟକ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ବେହେରା ଦଣ୍ଡପାଟ ଧନୁଯାତ୍ରା ୪ର୍ଥ ଦିବସରେ ପହଞ୍ଚିଛି। ୭ଦିନ ଧରି ଚାଲିବାକୁ ଥିବା ଏହି ଧନୁଯାତ୍ରା ମହୋତ୍ସବ ଦିନକୁ ଦିନ ଜମିବାରେ ଲାଗିଛି। କଂସ ଦରବାରରେ ବିଭିନ୍ନ କଳାକାର ମାନଙ୍କ ନୃତ୍ୟ ଗୀତ ସମେତ ମିନାବଜାର ବେଶ ଦର୍ଶକଙ୍କୁ ବାନ୍ଧି ରଖିଛି। କଂସ ଦରବାରର ୪ର୍ଥ ଦିବସରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ଯୋଗ ଦେଇଥିଲେ। ଏହି ଅବସରରେ କଂସ ଦରବାରରେ ମହାରାଜା ନିକଟରେ ବ୍ଲକ ସ୍ଥାପନ ପ୍ରସଙ୍ଗ ଉଠିଥିଲା। ଦୀର୍ଘଦିନ ଧରି ବେହେରା ଠାରେ ବ୍ଲକ ସ୍ଥାପନ ପାଇଁ ଦାବି ଉଠିବା ପ୍ରସଙ୍ଗ ଶେଷରେ କଂସ ଦରବାର ପହଞ୍ଚି ଥିଲା। ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ତାର ଉତ୍ତରରେ ସରକାରଙ୍କ ନିୟମ

### ଉଠିଲା ବ୍ଲକ ସ୍ଥାପନ ପ୍ରସଙ୍ଗ



ଆବଦ୍ଧ ଉପରେ ବିଚାର କରି ଚୟନ କରାଯିବାକୁ କହିଥିଲେ। ତେବେ ବ୍ଲକ ସ୍ଥାପନକୁ ନେଇ ଅଞ୍ଚଳରେ ବିଭିନ୍ନ ସମୟରେ ଦାବି ହୋଇଆସିଛି। ଏହି ଦୌଡ଼ରେ ପର୍ଲା। ବେହେରା ଥିବାବେଳେ ତିକ୍ତତା ମଧ୍ୟ ଲାଗି ରହିଛି। ଉଭୟ ଗାଁ ବ୍ଲକ ପାଇଁ ପ୍ରବଳ ଦାବୀ କରି ଆସୁଥିବା ବେଳେ ସରକାରୀ ସ୍ତରରେ ଏହାର ବିଚାର ବିମର୍ଶ ସ୍ଥଗିତ ରହିଥିଲା। କିଛିଦିନ ତଳେ ବ୍ଲକ ସଂପ୍ରସାରଣ ପାଇଁ ସରକାରଙ୍କ ପକ୍ଷରୁ ବିଚାର ଚାଲିଥିବା ଜଣାପଡିଛି। ଖୁବଶୀଘ୍ର ବ୍ଲକ ସମ୍ପ୍ରସାରଣ ବ୍ୟବସ୍ଥା କରାଯିବାକୁ ଆଲୋଚନା ହେଉଛି। ତେବେ ରାଜ୍ୟ ସରକାର ବିଭିନ୍ନ ଦୃଷ୍ଟି ଉପରେ ନିରୀକ୍ଷଣ କରି ସ୍ଥାନ ନିରୂପଣ କରିବା ସୂଚନା ମିଳେ। ସରକାର ବ୍ଲକ ସଂପ୍ରସାରଣ ବ୍ୟବସ୍ଥା କରୁଥିବା ସୂଚନା ଖବର ଉଭୟ ଗାଁରେ ଏବେ ତତ୍ପରତା ଦେଖା ଦେଇଛି। ସରକାର କେବେ ଓ କେଉଁଠି ବ୍ଲକ ସ୍ଥାପନ ନେଇ ଘୋଷଣା କରିବେ ଦେଖିବାକୁ ବାକି ରହିଲା।

## ନିମ୍ନମାନର ରାସ୍ତାକାମ ନେଇ ଅସନ୍ତୋଷ ଗ୍ରାମବାସୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଡାକକୋଟା ଭାରତ ଯାତ୍ରାଠାରୁ ତୁକଗୁଡ଼ା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତାକାମ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ମାତ୍ର ଦିନ କେଇଟା ମଧ୍ୟରେ ହାତ ମାରିଲେ ରାସ୍ତାରୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି। ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ପକ୍ଷରୁ ୫ କି.ମି. ଦୀର୍ଘ ରାସ୍ତାର ଉନ୍ନତୀକରଣ ଓ ମରାମତି ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ରାସ୍ତା ଉପରେ ଆଖପାଖ ତୁନାପାରି, ଭଟାଗୁଡ଼ା, ଥୁଆମୂଳ, ଖମାରପଦର, ମଦରିଗୁଡ଼ା, ଗୁଞ୍ଜିଗୁଡ଼ା ଆଦି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ନିମ୍ନମାନର କାମ ନେଇ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପିଚୁ ପକାଇବା ପରେ ଠିକ୍ ଭାବରେ ରୋଲର ଚଲାଯାଉ ନାହିଁ। ଫଳରେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମନୋଜ ନାୟକଙ୍କୁ ପଚାରିବାରୁ ୫ କି.ମି. ରାସ୍ତାର ମରାମତି ବାବଦକୁ ୭୦ ଲକ୍ଷ ଟଙ୍କା ଆସିଛି। ତାଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ୧ ଇଞ୍ଚ ଲେଖା ପିଚୁ ପଡୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯଦି କୌଣସି ସ୍ଥାନରେ ଖରାପ କାମ ହୋଇଛି ତେବେ ପୁନର୍ବାର କାମ କରାଯିବ ବୋଲି ସେ କହିଥିଲେ।

## ଧୂଳୁଘାଟିରେ ଅଟୋ ଓଲଟି
## ଜଣେ ମୃତ,୧୨ ଆହତ



ଧର୍ମଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଧୂଳୁଘାଟିରେ ଏକ ଅଟୋ ଓଲଟି ପଡିବାରୁ ଅଟୋରେ ଥିବା ୧୨ ଜଣ ଶ୍ରମିକ ଆହତ ହୋଇଥିବା ଜଣେ ଶ୍ରମିକର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ଗ୍ରାମପଞ୍ଚାୟତ ବିରିଗୁଡ଼ା ଓ ଚଞ୍ଚରା ଗୁଡ଼ାରୁ ଢୁଳୁଘାଟି ଦେଇ ଏକ ଅଟୋ ଜରିଆରେ ୧୩ ଜଣ ଶ୍ରମିକ ଜୟପାଟଣା ବ୍ଲକ କପୁରମାଲ ଗ୍ରାମକୁ ନୀଳଗିରି ଗଛ କାଟିବାକୁ ଆସୁଥିଲେ। ହେଲେ ଢୁଳିଘାଟିରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ୧୨ ଶ୍ରମିକ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଶ୍ରମିକର ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଉଛନ୍ତି ଚଞ୍ଚରାଗୁଡା ଗାଁର ଶନୁ ଗୌଡ଼। ଅନ୍ୟ ଆହତ ମାନଙ୍କୁ ତେନ୍ତୁଳିଖୁଣ୍ଟି ଓ ପାତ୍ରପୁଟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଧନସୁଲି ନେତାଜୀ କ୍ଲବ୍‌ର ସଦସ୍ୟ ମାନେ ଡ୍ରାଇଭର ମହାସଂଘର ସଦସ୍ୟ ଓ ସ୍ଥାନୀୟ ଗ୍ରାମ ବାସୀ ମାନେ ତାଙ୍କୁ ସହଯୋଗ କରି ଚିକିତ୍ସାଳୟକୁ ପଠାଇଛନ୍ତି।

## ହଜିଯାଇଛି ଗ୍ରିଟିଂ କାର୍ଡ: ମୋବାଇଲ ସାଜିଛି ବିକଳ୍ପ




ଧର୍ମଗଡ (ଭାସ୍କର ନ୍ୟୁଜ) : ଆଉ ବାଟ ଚାହିଁବାକୁ ପଡୁନି କି ଡାକବାଲା ପାଦ ଘର ଦାଣ୍ଡରେ ପଡୁନି। ଇତସ୍ତତ ବ୍ୟାକୁଳ ମନ, ଆଖି ପିଚିକା ସରଳରେଖା ଚାହାଣି ଦେଖିବାକୁ ମିଳୁନି। ଆଧୁନିକ ଯୁଗ ଓ ବିଜ୍ଞାନର ଅଗ୍ରଗତି ସତେ ଯେମିତି ଛଡେଇ ନେଇଛି ଅତୀତର ସରଳ ନିସ୍କପଟ ମାଧୁର୍ଯ୍ୟତା ଆଦାନ ପ୍ରଦାନର ରାସ୍ତା। ଦିନ ଥିଲା ଖଣ୍ଡେ ଅଭିନନ୍ଦନ ଜଣେଇବା ମାଧ୍ୟମ ସାଜି ଥିଲା ଗ୍ରିଟିଂ କାର୍ଡ। ଏହି ପଦକ ଭିତରେ ଲୁଚି ରହିଥିଲା ଗଭୀର ଭଲ ପାଇବା, ସ୍ନେହ ଶ୍ରଦ୍ଧା। ପ୍ରେମିକା ପ୍ରେମିକ ହେଉ ଅବା ହିତାକାଂକ୍ଷି ବନ୍ଧୁ ପରିଜନ। ଦୂର କିମ୍ବା ଦୁରନ୍ତ ସଂପର୍କକୁ ନିକଟତର କରିବାରେ ଲାଗୁଥିଲା ଅପେକ୍ଷା। ସେହି ଅପେକ୍ଷା ଭିତରେ ଲୁଚିରହିଛି ଅନେକ ଉତ୍ସାହ, ଉନ୍ମାଦତା ଓ ଆକୃଷ୍ଟତା। ଖଣ୍ଡେ ଗ୍ରେଟିଂ କାର୍ଡ ପାଇଲେ ମନ ଭରି ଯାଉଥିଲା। ନୂତନ ବର୍ଷର ଅଭିନନ୍ଦନ ଲେଖା କାର୍ଡ ଖଣ୍ଡକ, ବେଶ ହୃଦୟ ସ୍ପନ୍ଦନ ଭିତରେ କେତେ ଯେ ଆନନ୍ଦ ଉଲ୍ଲାସ ଖେଳି ଯାଉଥିଲା ତାହା ବର୍ଣ୍ଣନା କରି ହେବନାହିଁ। ହେଲେ ଆଉ ସେହି କାର୍ଡ ମାଧ୍ୟମରେ ଅଭିନନ୍ଦନ ବାର୍ତ୍ତା ଜଣାଇବା ଲୋପ ପାଇ ଯାଇଛି। ଆଧୁନିକ ଓ ବିଜ୍ଞାନର ବଳିଆନ ଯୁଗରେ ନିମିଷକେ ପହଂଚି ଯାଉଛି ବାର୍ତ୍ତା। ଏବେ ମୋବାଇଲ ସାଜିଛି ବାର୍ତ୍ତାବହ। ଏସ୍.ଏମ୍.ଏସ, ମେସେଜ, ଫେସବୁକ, ଇନ୍‌ଷ୍ଟାଗ୍ରାମ ବ୍ୟବହାର କରି ଯୁବ ପିଢ଼ି ନିଜ ଆନ୍ତରିକତା ଅଭିନନ୍ଦନ ଜଣାଇ ସନ୍ତୋଷ ଲାଭ ପାଉଛନ୍ତି। ହେଲେ କାର୍ଡ ଅପେକ୍ଷା ମୋବାଇଲ ବାର୍ତ୍ତା ଭିତରେ ଫରକ ରହୁଥିବା ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରନ୍ତି। କାର୍ଡ ଅପେକ୍ଷା ମୋବାଇଲ ବାର୍ତ୍ତାରେ ସେଭଳି ଆନ୍ତରିକତା ନ ଥିବା ବହୁ ଲୋକ ମତ ରଖନ୍ତି। ସେ ଯାହା ହେଉ ଆଧୁନିକ ସମାଜ ବିଜ୍ଞାନ ବଦଳରେ ଅତୀତକୁ ମଧ୍ୟ ଜୀବିତ ରଖିବା ନିହାତି ଆବଶ୍ୟକ ଥିବା ବିଜ୍ଞ ମାନେ କହନ୍ତି। ଗ୍ରିଟିଂ କାର୍ଡ ଅନ୍ତରାଳେ ହଜି ଯାଇଥିବା କାହାଣୀକୁ ନୂତନ ବର୍ଷରେ ମନେ ପଡେ । ଓଡିଶା ଭାସ୍କର ନ୍ୟୁଜ ତରଫରୁ ଓଡିଶା ବାସୀଙ୍କୁ ନୂତନ ବର୍ଷର ଅଭିନନ୍ଦନ।

## ଗଦଗଦା ଓ ଗୋପାଳପୁରକୁ ଅନୁଦାନ ଦାବି



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର, ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୪୬ଗୋଟି ମଠ, ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀର ଉନ୍ନୟନ ପାଇଁ ୪୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ବିଜେପି ସରକାରଙ୍କ ତରଫରୁ ଜିଲ୍ଲା ପାଇଁ ଥରକେ ଏତେ ପରିମାଣର ଅନୁଦାନକୁ ନେଇ ଜିଲ୍ଲାବାସୀ ବେଶ ଖୁସି ବ୍ୟକ୍ତ କରିଛନ୍ତି। ତେବେ ଲାଞ୍ଜିଗଡ ବ୍ଲକର ଭଟାଙ୍ଗପଦର ପଞ୍ଚାୟତ ରାବଣ ଦୋରୋ ଜଳପ୍ରପାତର ଉନ୍ନୟନ ପାଇଁ ୪୯. ୨୦ ଲକ୍ଷ, ଗୁଣ୍ଡରୀ ପଞ୍ଚାୟତ ସୋସପଦର ଜଳପ୍ରପାତର ଉନ୍ନୟନ ପାଇଁ ୭୮ ଲକ୍ଷ ଓ ବିଜେପୁରସ୍ଥିତ ପ୍ରସିଦ୍ଧ କନକଦୁର୍ଗା ମନ୍ଦିର ଉନ୍ନୟନ ପାଇଁ ୧ କୋଟି ୪୭ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରାଯାଇଛି। ଏହାକୁ ନେଇ ଲାଞ୍ଜିଗଡ ବ୍ଲକ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହିତ ମୋହନ ମାଝୀଙ୍କ ସରକାରକୁ ଧନ୍ୟବାଦ ଜଣାଇଛନ୍ତି। ତେବେ ବ୍ଲକର ଚର୍ଚ୍ଚିତ ଲାଞ୍ଜି ପଞ୍ଚାୟତ ଗଦଗଦା ଜଳପ୍ରପାତର ଉନ୍ନୟନ ପାଇଁ ୧ କୋଟି ଓ ବ୍ଲକର ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରସ୍ଥିତ ପ୍ରସ୍ତାବିତ ବୁଦ୍ଧ ବିହାର ପାଇଁ ୨ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ ପାଇଁ ଦାବି ହୋଇଛି। ଆଜି ଇଂରାଜୀ ନୂଆବର୍ଷର ପ୍ରଥମ କାର୍ଯ୍ୟ ଦିବସରେ ଏନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି ଯୁବ ସମାଜସେବୀ ତଥା ସାମ୍ବାଦିକ ଓ ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ। ରାଜ୍ୟ ସରକାର, ରାଜ୍ୟ ପର୍ଯ୍ୟଟନ ବିଭାଗ ଏଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିବା ସହିତ ଏହାର ପ୍ରତିଲିପି ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେଓଙ୍କୁ ପ୍ରଦାନ କରିଛନ୍ତି।

## କଫ୍ ସିରପ ଜବତ, ଜଣେ ଗିରଫ




କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ -ଜୋଲକୋ ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ନିକଟରେ ଏକ ନକଲି କଫ ସିରପ୍ ଭର୍ତ୍ତି କାର୍ ପୋଲିସ ଜବତ କରିଥିବା ଜଣାପଡ଼ିଛି। ଆକାଶ ଅଗ୍ରୱାଲ ନାମକ ଡ୍ରାଇଭର ସହିତ ଅନ୍ୟ ଏକ ଲୋକ କେସିଙ୍ଗା ରେଳଷ୍ଟେସନରୁ ନୂଆପଡା ଜିଲ୍ଲାକୁ ଯାଉଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଉକ୍ତ ଡ୍ରାଇଭର ଘର ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଦ୍ୟାନବନ୍ଧ ବୋଲି ଜଣାପଡ଼ିଛି। ସେହି ଗାଡ଼ିରେ ସର୍ବମୋଟ ୧୭୨୮ବୋତଲ କଫ ସିରପ୍ ଥିବାବେଳେ ପ୍ରତି ବୋତଲ ୧୦୦ ଏମ୍.ଏଲ୍‌ର ଥିଲା କଫ ସିରପ ଆଟରିକା ଗାଡି ନଂ.ସିଜି୦୪ ଏଲ୍.ୟୁ ୦୩୧୬ରେ ଚାଲାଣ ହେଉଥିବା ବେଳେ କେସିଙ୍ଗା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଗାଡିଟିକୁ କେସିଙ୍ଗାରୁ ପିଛା କରିଥିଲେ। ଜୋଲକୋ ବୋରିଆ ଗ୍ରାମ ନିକଟରେ ଉକ୍ତ କଫ ସିରପ୍ ଭର୍ତ୍ତି ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ନରେଶ ଗହିର ଫେରାର ହୋଇଯାଇଥିବା ଜଣାପଡିଛି। ମାଜିଷ୍ଟ୍ରେଟ ଭାବେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚିବା ପରେ ସିରପ୍ ଗୁଡ଼ିକୁ ଗଣତି କରାଯାଇଥିଲା। ବର୍ତ୍ତମାନ ଜବତ ସିରପ୍ କେସିଙ୍ଗା ଥାନାରେ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା କେସିଙ୍ଗା ପୋଲିସ ସୂତ୍ରରୁ ପ୍ରକାଶ।

## ରାଶିଫଳ


ଗୁରୁବାର, ୦୨ ଜାନୁଆରୀ ୨୦୨୫



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ।



**ବୃଷ:** କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ୍ୟ ଅଛି। ପିଲାମାନଙ୍କ ପାଇଁ ଚିନ୍ତା ଯୋଗୁଁ, ମନରେ ଚିନ୍ତା ହେବ।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।



**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ। କଠିନ ପରିଶ୍ରମ ଅପେକ୍ଷା ସଫଳତାର ଅଭାବ ହେତୁ ଅର୍ଥନୈତିକ ସଙ୍କଟ ବିଷୟରେ ଚିନ୍ତା ହେବ।




**କନ୍ୟା:** ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ବିଶେଷକରି ଭାଇଭଉଣୀଙ୍କ ସହ ସମ୍ପର୍କ ଭଲ ରହିବ। ସ୍ୱଳ୍ପ ଖର୍ଚ୍ଚ ହେବାର ସମ୍ଭାବନା ମଧ୍ୟ ଅଛି।



**ତୁଳା:** ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ। ଧାର୍ମିକ ପରିଦର୍ଶନ କରିବାର ସମ୍ଭାବନା ଅଛି। କ୍ରୋଧରେ ସଂଯମ ରଖନ୍ତୁ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।




**ଧନୁ:** ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ। ଟଙ୍କା ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯